# [illegible]



ଡକ୍ଟର କୃଷ୍ଣଚରଣ ବେହେରା



# ମଧ୍ୟସ୍ଥ ବାଣୀ

( ଗ୍ରନ୍ଥ-ସମୀକ୍ଷାର ଏକ ସଙ୍କଳନ )

ପ୍ରଥମ ପ୍ରକାଶ : ୧୯୮୦

ଲେଖକ :
ଡକ୍ଟର କୃଷ୍ଣଚରଣ ବେହେରା

ପ୍ରକାଶକ :
ଶ୍ରୀ ଗୋବିନ୍ଦଚରଣ ପାତ୍ର
ଓଡ଼ିଶା ବୁକ୍ ଷ୍ଟୋର
ବିନୋଦ ବିହାରୀ, କଟକ-୨

ମୁଦ୍ରଣ :
ଶ୍ରୀ ରାଧାନାଥ କୋ-ଅପରେଟିଭ ପ୍ରେସ୍
ବାଲୁବଜାର, କଟକ-୨

ମୂଲ୍ୟ : ଦଶ ଟଙ୍କା

Madhystha Vani

(A collection of Book-reviews)

*By*
**Dr. K. C. Behera**

*Published by*
**Sri G. C. Patra**
Orissa Book Store
Binodbehari
Cuttack-2

*1st Edition* : 1980

*Printed at*
Sri R. N. Co-op. Press
Cuttack-2

*Price* Rs. 10-00

# ସୂଚୀପତ୍ର


| ବିଷୟ | | ପୃଷ୍ଠାଙ୍କ |
|---|---|---|
| ୧ । ମୁଖବନ୍ଧ | ... | ଡ |
| ୨ । ଆଧୁନିକ କବିତା | ... | ୧ |
| ୩ । ନୂତନ ସାହିତ୍ୟ | ... | ୯ |
| ୪ । ଓଡ଼ିଆ ସାହିତ୍ୟ ଓ ମୁସଲମାନ ଲେଖକ | ... | ୧୨ |
| ୫ । ସାହିତ୍ୟ-ଭାଷାରେ ନୂତନ ପ୍ରତିଶ୍ରୁତି | ... | ୧୫ |
| ୬ । ଆମ ପର୍ଯ୍ୟଟନ ସାହିତ୍ୟ | ... | ୨୦ |
| ୭ । ଧର୍ମ ଓ ଓଡ଼ିଆ ସାହିତ୍ୟ | ... | ୨୪ |
| ୮ । ଓଡ଼ିଆ କାବ୍ୟର ଭବିଷ୍ୟତ | ... | ୨୭ |
| ୯ । କଥା ସାହିତ୍ୟର 'ନବଜାତକ' | ... | ୩୨ |
| ୧୦ । କାବ୍ୟାନୁଶାସନ | ... | ୩୫ |
| ୧୧ । ଦୁଇଟି କାବ୍ୟ-ସଞ୍ଚୟନ | ... | ୩୯ |
| ୧୨ । ଏକ ବିଫଳ ପରୀକ୍ଷା | ... | ୪୫ |
| ୧୩ । ବିବିଧ ବିମର୍ଶ | ... | ୪୮ |
| ୧୪ । ପୁରୁଣା କଥା : ନୂଆ ଗ୍ରାହକ | ... | ୫୨ |
| ୧୫ । କଥାଟିଏ କହୁଁ ! | ... | ୫୭ |
| ୧୬ । ଦୁଇଟି ସ୍ୱଳ୍ପଜ୍ଞାତ କବି-ପ୍ରତିଭା | ... | ୬୧ |
| ୧୭ । ପୁରୁଣା ବହି : ନୂଆ ପାଠକ | ... | ୬୮ |
| ୧୮ । କବିତାର ସ୍ୱର-ଶ୍ରୀ | ... | ୧୨୭ |

# ଡକ୍ଟର ବେହେରାଙ୍କର ଅନ୍ୟାନ୍ୟ ରଚନା

**ପ୍ରବନ୍ଧ-ସମାଲୋଚନା :**

୧ । ପ୍ରଗତି ସାହିତ୍ୟ (୧୯୫୮), ୨ୟ ସଂସ୍କରଣ (୧୯୭୦)
୨ । କଥା ସାହିତ୍ୟ (୧୯୬୦), ୩ୟ ସଂସ୍କରଣ (୧୯୭୮)
୩ । ଅଶ୍ଳୀଳତା ବିପକ୍ଷରେ (୧୯୬୬)
୪ । ଓଡ଼ିଆ ଉପନ୍ୟାସ (୧୯୬୮), ୨ୟ ସଂସ୍କରଣ (୧୯୮୦)
୫ । କେତୋଟି ସାହିତ୍ୟିକ ଅଭିଭାଷଣ (୧୯୭୦), ୨ୟ ସଂସ୍କରଣ (୧୯୭୭)
୬ । ଅଧ୍ୟାପକର ବେଦନା (୧୯୭୨)
୭ । ଶ୍ରୀଜଗନ୍ନାଥ ଓ ଓଡ଼ିଆ ସାହିତ୍ୟ (୧୯୭୪)
୮ । ନାଟ୍ୟ ସାହିତ୍ୟ ପରିଚୟ (୧୯୭୮)
୯ । ଚରୁ ଓ ଚରିତ (୧୯୭୯)
୧୦ । ଏକାଙ୍କ-ବୀକ୍ଷା (୧୯୮୦)

**ଗଳ୍ପଗ୍ରନ୍ଥ :**

ସୃଷ୍ଟିର ସ୍ୱପ୍ନ, ଗୋପନ ପଥ, ଋଷି ଓ ଘୋଡ଼ା, 'ବେଶ୍ୟା' ଇତ୍ୟାଦି ଗଳ୍ପ, 'ନାରୀ' ଏକ ନଦୀର ନାମ ।

**କବିତା :**

ଟି' କପ୍‌ରେ ଝଡ଼, ଯୋଜନା-ଯଜ୍ଞ, ଭାନୁବାଇ ଲେନ୍, ପିପାସାର ପ୍ରାର୍ଥନା ।

**ଏକାଙ୍କିକା :**

ଯଥା ନଳସ୍ୟ ଦମୟନ୍ତୀ ।

**ଶିଶୁ ରଚନା :**

କଥାଟିଏ କହୁଁ ଗୀତଟିଏ ଗାଉଁ, ଗପସପ ।

**ସଂକଳିତ ଓ ସଂପାଦିତ ଗ୍ରନ୍ଥ :**

କବିଶେଖର ଚନ୍ଦ୍ରାମଣି, ମୋଗଲ ତାମସା, କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ, ଏ ଯୁଗର ଗଦ୍ୟଚୟନ, ପ୍ରୀତି ସୁଧାକର, ଫୁଲମଣି ଓ କରୁଣାର ବିବରଣ ।

●

# ମୁଖବନ୍ଧ

ଗୋଟିଏ ପାଖରେ ସାହିତ୍ୟ-ସୃଷ୍ଟି, ଅନ୍ୟ ପାଖରେ ତାହାର ରସିକ ଗ୍ରାହକ; ମଝିରେ ମଲ୍ଲିନାଥ ବା ମାଥ୍ୟୁ ଆରନୋଲ୍ଡଙ୍କ ଭୂମିକା—ମଧ୍ୟସ୍ଥ ବାଣୀର ସ୍ଥାନ । ଟୀକା, ବ୍ୟାଖ୍ୟା, ଭାଷ୍ୟ, ସମାଲୋଚନା, ଗ୍ରନ୍ଥସମୀକ୍ଷାଦି ବିଭିନ୍ନ ରୂପରେ ସେହି ମଧ୍ୟସ୍ଥ ବାଣୀର ପରିପ୍ରକାଶ । ବିଶେଷତଃ ଗ୍ରନ୍ଥ-ସମୀକ୍ଷା ବା 'ବୁକ୍ ରିଭ୍ୟୁ', ସ୍ୱରୂପ-ପ୍ରକୃତି ଦୃଷ୍ଟିରୁ 'ମଧ୍ୟସ୍ଥ ବାଣୀ' ଅଭିଧାରେ ଅଭିହିତ ହେବା ବିଧେୟ ।

ଗ୍ରନ୍ଥ ସମୀକ୍ଷା ଏବଂ ସାଧାରଣ ସମାଲୋଚନା ସମଧର୍ମୀ, ସପାଙ୍କ୍ତେୟ ହେଲେ ମଧ୍ୟ ଉଭୟ ମଧ୍ୟରେ ଥିବା ସୂକ୍ଷ୍ମ ପାର୍ଥକ୍ୟ ଅସ୍ୱୀକାର କରିହେବ ନାହିଁ । ମୂଲ୍ୟାୟନ ଉଭୟଙ୍କର ଉଦ୍ଦେଶ୍ୟ ସତ୍ୟ, ଗ୍ରନ୍ଥ-ସମୀକ୍ଷା ସାଧାରଣ ସମାଲୋଚନା ଭଳି ପ୍ରାୟ ଗଭୀର ଓ ପୁଙ୍ଖାନୁପୁଙ୍ଖ ହୋଇ ନ ଥାଏ । ଗ୍ରନ୍ଥ, ଗ୍ରନ୍ଥକାର ତଥା ତାହାର ଆନୁଷଙ୍ଗିକ ବିଷୟ ସମ୍ପର୍କରେ ବିଭିନ୍ନ ତଥ୍ୟ ଯୋଗାଣ ବା ସମ୍ବାଦ ପରିବେଷଣ ମୁଖ୍ୟତଃ ଗ୍ରନ୍ଥ-ସମୀକ୍ଷାର ଆଭିମୁଖ୍ୟ । ଏହାଦ୍ୱାରା ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ପ୍ରକାଶିତ ପ୍ରଣିଧାନଯୋଗ୍ୟ ବିଭିନ୍ନ ଗ୍ରନ୍ଥ ପ୍ରତି ପାଠକ-ସମାଜର ଦୃଷ୍ଟି ଆକର୍ଷଣ କରାଯାଇ ଥାଏ । ଦୂରବୀକ୍ଷଣ ଗ୍ରନ୍ଥ-ସମୀକ୍ଷାର ପଦ୍ଧତି ହେଲେ, ଅଣୁବୀକ୍ଷଣ ସମାଲୋଚନାର ପଦ୍ଧତି—ବୋଲାଯାଇ ପାରେ । ସାଧାରଣ ସମାଲୋଚନା ଗଭୀର ଜଳରେ ବୁଡ଼ ପକାଇଲା ବେଳେ, ଗ୍ରନ୍ଥ ସମୀକ୍ଷା ସେହି ଜଳରେ ପହଁରା ମାରେ । ପହଁରୁ ପହଁରୁ ପକ୍କା ପହଁରିବାଲା ବେଳେ ବେଳେ ଗଭୀର ଜଳରେ ଯେପରି ପ୍ରବେଶ କରିପାରେ, ଗ୍ରନ୍ଥ-ସମୀକ୍ଷା ସାଧାରଣ ସମାଲୋଚନା ସ୍ତରକୁ ସେହିପରି ଉନ୍ନୀତ ହୋଇପାରେ । ବସ୍ତୁତଃ କେତେକ ଗ୍ରନ୍ଥ-ସମୀକ୍ଷା ଉଚ୍ଚକୋଟୀର ସମାଲୋଚନା ଭାବରେ ପରିଗଣିତ ହୋଇଛି ।

ପୃଥିବୀର ବିଭିନ୍ନ ପ୍ରତିଷ୍ଠିତ ଭାଷା-ସାହିତ୍ୟରେ ଗ୍ରନ୍ଥ-ସମୀକ୍ଷା ସମ୍ପ୍ରତି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଲାଭ କରିଥିବାର ଦେଖାଯାଏ । ପତ୍ର-ପତ୍ରିକା ପୃଷ୍ଠାରେ ଏହାର ସ୍ଥାନ ତ ସୁନିର୍ଦ୍ଦିଷ୍ଟ ରହିଛି ! ପୁଣି ଏହାକୁ ନେଇ ସ୍ୱତନ୍ତ୍ର ପୁସ୍ତକମାନ ମଧ୍ୟ ପ୍ରକାଶିତ ହେଉଛି । କଲିକତାରୁ ପ୍ରକାଶିତ ଇଂରାଜୀ ସମ୍ବାଦପତ୍ର 'ଦି ଷ୍ଟେଟ୍ସମେନ୍'ର ରବିବାର ସଂଖ୍ୟା ଆମ ପାଠକ-ସମାଜ ନଜରରେ ପଡ଼ୁଥିବ । ସେହି ସଂଖ୍ୟାର ଲିଟେରେରି ସପ୍ଲିମେଣ୍ଟରେ ଏବେ ଗ୍ରନ୍ଥ ସମୀକ୍ଷାର ହିଁ ଗୁରୁତ୍ୱ । ସେହିପରି ଲଣ୍ଡନରୁ ପ୍ରକାଶିତ ସୁପରିଚିତ ସାପ୍ତାହିକ 'ଦି ଟାଇମ୍ସ ଲିଟେରେରି ସପ୍ଲିମେଣ୍ଟ'ରେ ଗ୍ରନ୍ଥ-ସମୀକ୍ଷାର ପ୍ରାଧାନ୍ୟ । ଅଙ୍ଗୁଳିମେୟ କେତେକ କବିତା, ସମ୍ପାଦକୀୟ ବା ମୁଖ୍ୟ

ପ୍ରବନ୍ଧ ଆଦି ବାଦ୍ ଦେଲେ, ଏହି ପତ୍ରିକାର ପ୍ରତି ସଂଖ୍ୟାରେ ପୃଥିବୀର ବିଭିନ୍ନ ଦେଶରେ ପ୍ରକାଶିତ ନାନା ଧରଣର ପୁସ୍ତକମାନ ଆଲୋଚିତ ହୋଇଥାଏ । ସେହି ଆଲୋଚନାମାନ ଅନେକ କ୍ଷେତ୍ରରେ ପରିଚୟାତ୍ମକ ନ ହୋଇ, ତଥ୍ୟପୂର୍ଣ୍ଣ ବିଶ୍ଳେଷଣାତ୍ମକ ସ୍ୱୟଂସମ୍ପୂର୍ଣ୍ଣ ପ୍ରବନ୍ଧରେ ପରିଣତ ହୋଇଥାଏ । ଉଦାହରଣ ସ୍ୱରୂପ —'ଦି ଟାଇମ୍ସ ଲିଟେରେରି ସପ୍ଲିମେଣ୍ଟ'ର ଗତ ୨୫ । ୧ । ୧୯୮୦ ତାରିଖ ସଂଖ୍ୟାରେ ସର୍ବପଲ୍ଲୀ ଗୋପାଲଙ୍କ ଦ୍ୱାରା ରଚିତ ଜବାହାରଲାଲ ନେହେରୁଙ୍କ ଜୀବନୀର ଦ୍ୱିତୀୟ ଖଣ୍ଡ ଶ୍ରୀ ଏରିକ୍ ଷ୍ଟୋକସଙ୍କ ଦ୍ୱାରା ଆଲୋଚିତ ହୋଇଛି । ଆଲୋଚନାଟିକୁ ଏକ ସ୍ୱୟଂସମ୍ପୂର୍ଣ୍ଣ ପ୍ରବନ୍ଧ ବୋଲିଯାଇ ପାରେ । ସପ୍ଲିମେଣ୍ଟର ସେହି ସଂଖ୍ୟାରେ ସୋଭିଏଟ୍ ୟୁନିୟନ ସମ୍ପର୍କରେ ବିଭିନ୍ନ ଲେଖକଙ୍କ ଦ୍ୱାରା ଲିଖିତ ପଚିଶ ଖଣ୍ଡ ପୁସ୍ତକ ଏକତ୍ର ଆଲୋଚିତ ହୋଇଛି । ଏହାର ଆଲୋଚକ ଶ୍ରୀ ଆର୍ଚି ବ୍ରାଉନ୍ ଆଲୋଚନାଟିକୁ ଏକ ତଥ୍ୟପୂର୍ଣ୍ଣ ପ୍ରବନ୍ଧରେ ପରିଣତ କରି ପାରିଛନ୍ତି । ଗ୍ରନ୍ଥ-ସମୀକ୍ଷା ସମ୍ପ୍ରତି ସାଂସ୍କୃତିକ କ୍ଷେତ୍ରରେ କିପରି ମର୍ଯ୍ୟାଦାବନ୍ତ ପ୍ରତିଷ୍ଠା ଲାଭ କରିଛି, ତାହା ଏହି ଉଦାହରଣରୁ ସ୍ପଷ୍ଟ ଜଣାପଡ଼େ ।

ଆମ ଦେଶରେ ପ୍ରାୟ ଦେଢ଼ଶହ ବର୍ଷ ହେଲା ହିନ୍ଦୀ, ବଙ୍ଗଳା, ମରାଠୀ, ତାମିଲ, ଇଂରାଜୀ ଆଦି ଭାଷାରେ ଗ୍ରନ୍ଥ-ସମୀକ୍ଷା ପ୍ରଚଳିତ ଅଛି । ଓଡ଼ିଆ ଗ୍ରନ୍ଥ-ସମୀକ୍ଷାର ଇତିହାସ ମୋଟାମୋଟି ଶହେ କୋଡ଼ିଏ ବର୍ଷର ଇତିହାସ । ବର୍ତ୍ତମାନ ଗ୍ରନ୍ଥ-ସମୀକ୍ଷା ବୋଇଲେ ଆମେ ସାଧାରଣତଃ ଯାହା ବୁଝୁଁ, ପ୍ରାଚୀନ କାଳରେ ସେହି ଧରଣର ରଚନା ଆମର ପ୍ରାୟ ନ ଥିଲା । ସେତେବେଳେ ଅବଶ୍ୟ ବିଭିନ୍ନ ଗ୍ରନ୍ଥର ଟୀକାକାରମାନେ ଥିଲେ; କବି-ଲେଖକମାନେ ମଧ୍ୟ ନିଜ ନିଜର ଗ୍ରନ୍ଥ ଭିତରେ ସେହି ସେହି ଗ୍ରନ୍ଥ ସମ୍ପର୍କରେ ସୂଚନାତ୍ମକ ଟିପ୍ପଣୀ ଦେଉଥିଲେ । କବି ଦୀନକୃଷ୍ଣ, ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ ସାମନ୍ତସିଂହାର ପ୍ରମୁଖ ପ୍ରଦାନ କରିଥିବା ନିଜ ନିଜର ଗ୍ରନ୍ଥ ସମ୍ପର୍କୀୟ ଟିପ୍ପଣୀ ସମସ୍ତଙ୍କୁ ଜଣା । ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀରେ ରଚିତ କବି ଜଗନ୍ନାଥ ଦାସଙ୍କ 'କେଶବ କୋଇଲି'ର ଅର୍ଥ ମଧ୍ୟ ବେଶ୍ ଜଣାଶୁଣା । ଅଷ୍ଟାଦଶ ଶତାବ୍ଦୀ ଶେଷଭାଗ ଏବଂ ଊନବିଂଶ ଶତାବ୍ଦୀ ପ୍ରଥମ ଭାଗରେ ରଚିତ ଭଞ୍ଜଙ୍କର 'ଲାବଣ୍ୟବତୀ', 'ବୈଦେହୀଶ ବିଳାସ' କାବ୍ୟାଦିର କେତେକ ଟୀକା ମିଳୁଛି; ଯଥା— 'ଲାବଣ୍ୟବତୀ'ର କୃଷ୍ଣଦାସ-ଟୀକା, 'ବୈଦେହୀଶ ବିଳାସ'ର ବୁଧମାନସୋଲ୍ଲାସିନୀ ଟୀକା ( ଶେଷୋକ୍ତ ଟୀକା ଗ୍ରନ୍ଥଟି ଉତ୍କଳ ବିଶ୍ୱବିଦ୍ୟାଳୟର ତାଳପତ୍ର ପୋଥି ବିଭାଗରେ ସଂରକ୍ଷିତ ଅଛି ) । କିନ୍ତୁ ଆଧୁନିକ ଯୁଗରେ ଅର୍ଥାତ୍ ଊନବିଂଶ ଶତାବ୍ଦୀ ଶେଷ ଭାଗରେ ହିଁ ଓଡ଼ିଆ ଗ୍ରନ୍ଥ-ସମୀକ୍ଷା ବିଧିବଦ୍ଧ ଭାବରେ ଆରମ୍ଭ ହୋଇଥିବାର ଜଣାପଡ଼େ । 'ଉତ୍କଳ ଦୀପିକା' (କଟକ—୧୮୬୬), 'ବାଲେଶ୍ୱର ସମ୍ବାଦବାହିକା' (ବାଲେଶ୍ୱର—୧୮୬୮), 'ସମ୍ବଲପୁର ହିତୈଷିଣୀ' (ବାମଣ୍ଡା—୧୮୮୯) ପ୍ରଭୃତି

ପତ୍ରିକା ଏ ଦିଗରେ ପଥିକୃତ୍ ପଦକ୍ଷେପ ଗ୍ରହଣ କରିଥିବାର ଦେଖାଯାଏ । ସେତେବେଳେ ପତ୍ରିକା ପୃଷ୍ଠାରେ, ପ୍ରକାଶିତ ପୁସ୍ତକର ବିଜ୍ଞାପନ ଦିଆଯାଉଥିଲା; ସ୍ୱୟଂ ଲେଖକ, ପ୍ରକାଶକ ବା ସଂକଳନକାରୀଙ୍କ ନାମରେ ବିଜ୍ଞାପନଗୁଡ଼ିକ ପ୍ରକାଶ ପାଉଥିଲା । 'ଉତ୍କଳ ଦୀପିକା'ର ୨୦ । ୪ । ୧୮୬୭ ତାରିଖ ସଂଖ୍ୟାରେ ନୂତନ ଓଡ଼ିଆ ପତ୍ରିକାର ବିଜ୍ଞାପନ, ୨ । ୧ । ୧୮୭୧ ତାରିଖ ସଂଖ୍ୟାରେ 'ଭ୍ରମଭଞ୍ଜନ'ର ବିଜ୍ଞାପନ ପ୍ରଭୃତି ଏହାର ଉଦାହରଣ । ଏଥିରେ ଗ୍ରନ୍ଥ ପ୍ରକାଶର ସମ୍ବାଦ, ଗ୍ରନ୍ଥର ମୂଲ୍ୟ, ପ୍ରାପ୍ତିସ୍ଥାନ ଇତ୍ୟାଦି ଜଣାଇ ଦିଆଯାଉଥିଲା । 'ପୁସ୍ତକ ପ୍ରାପ୍ତି ସ୍ୱୀକାର' ଶିରୋନାମାରେ ବେଳେ ବେଳେ କେତେକ ଗ୍ରନ୍ଥ ପ୍ରକାଶର ସମ୍ବାଦ ପ୍ରଦାନ କରାଯାଉଥିଲା, ଆଉ କେତେବେଳେ ପ୍ରାପ୍ତ ଗ୍ରନ୍ଥର ପରିଚୟାତ୍ମକ ଆଲୋଚନା କରାଯାଉଥିଲା । ଉଦାହରଣ ସ୍ୱରୂପ—'ଉତ୍କଳ ଦୀପିକା'ର ୧୦ । ୮ । ୧୮୬୭ ତାରିଖ ସଂଖ୍ୟାରେ—

"ଆମ୍ଭେମାନେ କୃତଜ୍ଞତା ପୂର୍ବକ ସ୍ୱୀକାର କରୁଅଛୁଁ ଯେ ନିମ୍ନଲିଖିତ ପୁସ୍ତକମାନ ଗ୍ରନ୍ଥକର୍ତ୍ତାଙ୍କଠାରୁ ପ୍ରାପ୍ତ ହୋଇଅଛୁଁ ।

| | |
|---|---|
| ପୁସ୍ତକ | ଗ୍ରନ୍ଥକର୍ତ୍ତା |
| ସରଳ ବ୍ୟାକରଣ | ଶ୍ରୀଯୁକ୍ତ ଫକୀରମୋହନ ସେନାପତି |
| ଜୀବନ ଚରିତ | ଏଜନ |
| ବର୍ଣ୍ଣ ବିଜ୍ଞାନ | ତାରାଭୂଷଣ ଶର୍ମା ।" |

'ଉତ୍କଳ ଦୀପିକା'ର ୧୩ । ୨ । ୧୮୭୧ ତାରିଖ ସଂଖ୍ୟାରେ 'ଭ୍ରମ ଭଞ୍ଜନ' ପୁସ୍ତକର ପରିଚୟାତ୍ମକ ଆଲୋଚନା—"ଏହି ନାମରେ ଏକଖଣ୍ଡି ଉତ୍କଳ ପୁସ୍ତକ ଆମ୍ଭେମାନେ ପ୍ରାପ୍ତ ହୋଇଅଛୁଁ । ଗ୍ରନ୍ଥ ରଚକର ନାମ ବାବୁ ଜଗନ୍ମୋହନ ଲାଲ । କଟକ ପ୍ରିଣ୍ଟିଂ କମ୍ପାନୀର ଯନ୍ତ୍ରାଳୟରେ ମୁଦ୍ରିତ ଏବଂ ସୁବିଖ୍ୟାତ ଇଂରାଜୀ କବି ପାର୍ଣ୍ଣେଲ୍ ସାହେବଙ୍କ ସନ୍ନ୍ୟାସୀ ନାମକ କବିତାରୁ ଏଥିର ବିଷୟ ଗ୍ରହଣ ହୋଇ ଉତ୍କଳ ପ୍ରଦେଶ ପ୍ରଚଳିତ ନାନା ପ୍ରକାର ଛନ୍ଦଗୀତରେ ରଚନା ହୋଇଅଛି । ଆମ୍ଭେମାନେ ଏ ଗ୍ରନ୍ଥକୁ ଅତି ସମାଦରର ସହିତ ଗ୍ରହଣ କରିଅଛୁଁ । × × × ଏ ପୁସ୍ତକର ଅନ୍ୟାନ୍ୟ ଯେକିଛି ଦୋଷ ଥାଉ ଓ ଦୋଷଶୂନ୍ୟ ଅଟଇ ବୋଲି ଆମ୍ଭେମାନେ କହୁ ନାହୁଁ ଏହାର ଗୋଟିଏ ଗୁଣ ଏହି ଯେ ଉତ୍କଳର ପୂର୍ବାପର କବିତା ରୀତିକୁ ଅନୁସରଣ କରିଅଛି । ଯଦ୍ୟପି କି ଆମ୍ଭମାନଙ୍କ ମତରେ ଉତ୍କଳର ପୂର୍ବରଚିତ କବିତା ସମସ୍ତ ରକ୍ଷା କରିବା ନୂତନ କବିତା କରିବାଠାରୁ ମହତ ଅଟଇ ଏବଂ ନୂତନ କବିତା ଅପେକ୍ଷା ପୂର୍ବତନ କବିତାମାନ ଉଦ୍ଧୃତ କରି ବାଳକମାନଙ୍କୁ ଶିକ୍ଷା ଦେବା ଉତ୍ତମ ଉପାୟ ଅଟଇ ତଥାଚ ଆମ୍ଭେମାନେ

ଏ ପୁସ୍ତକକୁ ବିଦ୍ୟାଳୟ ପାଠ୍ୟପୁସ୍ତକ କରିବାର ଅନୁରୋଧ କରୁଅଛୁଁ କାରଣ ଏପରି କବିତାମାନ ପାଠକଲେ ବାଳକମାନେ କ୍ରମେ ଉପେନ୍ଦ୍ରଭଞ୍ଜାଦିଙ୍କର କବିତାର ମର୍ମ ଗ୍ରହଣ କରିବାକୁ ସକ୍ଷମ ହେବେ ।”

କେବଳ ସାହିତ୍ୟ ଗ୍ରନ୍ଥ ନୁହେଁ, ପ୍ରକାଶିତ ବିଭିନ୍ନ ପ୍ରକାର ଗ୍ରନ୍ଥର ଆଲୋଚନା ସେତେବେଳେ ପତ୍ରିକା ପୃଷ୍ଠାରେ ସ୍ଥାନ ପାଉଥିଲା । ପୁଣି କେବଳ ଓଡ଼ିଆ ଭାଷାର ପୁସ୍ତକ ନୁହେଁ, ବଙ୍ଗଳା ଓ ଇଂରାଜୀ ପୁସ୍ତକ ମଧ୍ୟ ବେଳେ ବେଳେ ଆଲୋଚିତ ହେଉଥିଲା । ଦୃଷ୍ଟାନ୍ତ ସ୍ୱରୂପ—‘ଉତ୍କଳ ଦୀପିକା’ର ୨୭ । ୨ । ୧୮୭୦ ତାରିଖ ସଂଖ୍ୟାରେ ବଙ୍ଗଳା ପୁସ୍ତକର ଆଲୋଚନା—“ଉଡ଼ିଆ ସ୍ୱତନ୍ତ୍ର ଭାଷା ନୟ । ଏହି ନାମର ଖଣ୍ଡିଏ ପୁସ୍ତକ ଗ୍ରନ୍ଥକର୍ତ୍ତାଙ୍କଠାରୁ ପାଇଥିବାର କୃତଜ୍ଞତା ପୂର୍ବକ ସ୍ୱୀକାର କରୁଅଛୁଁ । ଗ୍ରନ୍ଥକର୍ତ୍ତାଙ୍କ ନାମ ବାବୁ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ବାଲେଶ୍ୱର ବିଦ୍ୟାଳୟର ପଣ୍ଡିତ । ଏହା ବଙ୍ଗ ଭାଷାରେ ରଚିତ । ଉତ୍କଳ ଓ ବଙ୍ଗଳା ଭାଷାର ଏକତ୍ୱ ପ୍ରମାଣ କରିବା ଏହାର ଉଦ୍ଦେଶ୍ୟ ଅଟଇ ଓ ସେ ଉଦ୍ଦେଶ୍ୟ କେ ପର୍ଯ୍ୟନ୍ତ ସଫଳ ହୋଇଅଛି ତାହା କ୍ରମେ ପ୍ରକାଶ ହେବ । ଉତ୍କଳ ଓ ବଙ୍ଗଭାଷା ଭେଦ କେତେ କାଳରୁ ଯେ ବିବାଦ ହୋଇଥିଲା ଏ ପୁସ୍ତକ ତହିଁର ଫଳ ଅଟଇ ଓ ଗ୍ରନ୍ଥକର୍ତ୍ତା କାୟିକ ଶ୍ରମ ଓ ଅର୍ଥବ୍ୟୟ ସ୍ୱୀକାର ପୂର୍ବକ ସ୍ୱଦେଶାନୁରାଗର ଯେମନ୍ତ ପରିଚୟ ଦେଇଅଛନ୍ତି ତାହା ପ୍ରଶଂସାଯୋଗ୍ୟ ସନ୍ଦେହ ନାହିଁ ।” ଇତ୍ୟାଦି । ଆଲୋଚନାଟି ଦୀର୍ଘ ଓ ପୁଙ୍ଖାନୁପୁଙ୍ଖ; ଆଲୋଚନାର ସ୍ଥଳବିଶେଷରେ ଲେଖକ ଓ ତାଙ୍କର ଜାତୀୟତା ପ୍ରତି ଆକ୍ଷେପ କରାଯାଇଛି । ‘ଉତ୍କଳ ଦୀପିକା’ର ୧ । ୮ । ୧୮୭୪ ତାରିଖ ସଂଖ୍ୟାରେ ଗୋଟିଏ ଇଂରାଜୀ ପୁସ୍ତକର ଆଲୋଚନା—“ଆମ୍ଭମାନଙ୍କର ସୁଯୋଗ୍ୟ କେନାଲ୍ ରେବିନ୍ୟୁ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ଜୀ. ଟଏନ୍‌ବୀ ସାହେବ ଓଡ଼ିଶାର ଇତିହାସ ନାମରେ ପୁସ୍ତକ ପ୍ରଚାର କରିଅଛନ୍ତି ଓ ତହିଁରୁ ଏକଖଣ୍ଡ ଆମ୍ଭମାନଙ୍କ ନିକଟକୁ ପଠାଇ ଥିବାରୁ ଆମ୍ଭେମାନେ କୃତଜ୍ଞତା ସହିତ ତାହା ସ୍ୱୀକାର କରୁଅଛୁଁ । ଏ ପୁସ୍ତକରେ ସନ ୧୮୦୩ ମସିହାଠାରୁ ସନ ୧୮୨୮ ମସିହା ପର୍ଯ୍ୟନ୍ତ ଓଡ଼ିଶାର ଯାବତ ବିବରଣ ପ୍ରକଟିତ ହୋଇଅଛି । ସନ ୧୮୦୩ ମସିହାରେ ଇଂରେଜମାନଙ୍କ ଶାସନାଧୀନରେ ଓଡ଼ିଶା ଆସିଲାରୁ ସେହିଦିନଠାରୁ ଗ୍ରନ୍ଥ ଆରମ୍ଭ ହୋଇଅଛି । ଯେ ରୂପ ଓଡ଼ିଶା ଇଂରେଜଙ୍କ ହସ୍ତଗତ ହେଲା ଓ ତହିଁ ଉତ୍ତାରୁ ଯେ ରୂପ ଖୋରଧା ରାଜା ବିଦ୍ରୋହାଚରଣ କରି ବନ୍ଦୀ ହେଲେ ଏବଂ ଜଗଦ୍‌ବନ୍ଧୁ ବିଦ୍ୟାଧରର ଗୋଳ କାହିଁକି ହେଲା ଓ ତାହା କି ରୂପେ ନିବାରଣ ହେଲା, ପାଏକମାନେ କି ରୂପେ ସାଧୁ ହେଲେ ଓ ପରିଶେଷରେ କି ରୂପେ ଶାନ୍ତି ବିସ୍ତାର ହେଲା ଇତ୍ୟାଦି ବିଷୟ ଅତି ପରିପାଟି ରୂପେ ବର୍ଣ୍ଣିତ ହୋଇଅଛି । × × × ଏ ରୂପେ ଦେଖାଯାଏ ଯେ ପୁସ୍ତକ ଖଣ୍ଡିକରେ ଯେମନ୍ତ ସୁଶୃଙ୍ଖଳାରେ ଆବଶ୍ୟକୀୟ

ସମସ୍ତ ପ୍ରଧାନ ବିଷୟମାନ ସନ୍ନିବେଶିତ ହୋଇଅଛି, ଏହା ତେମନ୍ତ ପ୍ରାଞ୍ଜଳ ଭାଷାରେ ରଚିତ ଓ ଏଥିରେ ପକ୍ଷପାତଶୂନ୍ୟ ମତମାନ ବ୍ୟକ୍ତ ହୋଇଅଛି । ତନ୍ମଧ୍ୟରେ ଉଦାହରଣ ସ୍ୱରୂପ ଇଂରେଜଙ୍କ ପ୍ରଥମାବସ୍ଥାର ଭୂମିକର ବନ୍ଦୋବସ୍ତ ଓ ତତ୍‌କାରଣରୁ ସ୍ଥାନୀୟ ପ୍ରାଚୀନ ଜମିଦାରଙ୍କର ଉଚ୍ଛିନ୍ନ ହେବା ପ୍ରଭୃତି ବିଷୟରେ ଯାହା ଲେଖାଅଛି ପାଠକମାନେ ପଢ଼ିଲେ ଜାଣିପାରିବେ । ଆମ୍ଭେମାନେ ବିବେଚନା କରୁଁ ଯେ ଏ ପୁସ୍ତକ ଓଡ଼ିଆରେ ଅନୁବାଦିତ ହୋଇ ପ୍ରକାଶ ହେଲେ ଏଠା ସର୍ବସାଧାରଣଙ୍କର ଅନେକ ଉପକାରରେ ଆସିବ ।"

ପରବର୍ତ୍ତୀ କାଳରେ 'ଉତ୍କଳ ସାହିତ୍ୟ' (କଟକ—୧୮୯୭), 'ମୁକୁର' (କଟକ—୧୯୦୫), 'ସତ୍ୟବାଦୀ' (ବ୍ରହ୍ମପୁର—୧୯୧୫), 'ସହକାର' (ବାଳକୃଷ୍ଣ କର-ସମ୍ପାଦିତ, କଟକ—୧୯୩୦), 'ନବଭାରତ' (କଟକ—୧୯୩୪), 'ଆଧୁନିକ' (କଟକ–୧୯୩୭) ପ୍ରଭୃତି ପତ୍ରିକାରେ 'ସମାଲୋଚନା', 'ନିକଷ', 'ପୁସ୍ତକ ପରିଚୟ' ଆଦି ଶିରୋନାମାରେ ଗ୍ରନ୍ଥ-ସମୀକ୍ଷା ପ୍ରକାଶ ପାଇଥିବାର ଦେଖାଯାଏ । ଏ କ୍ଷେତ୍ରରେ 'ଉତ୍କଳ ସାହିତ୍ୟ'ର ସୁଯୋଗ୍ୟ ସମ୍ପାଦକ ବିଶ୍ୱନାଥ କର ପ୍ରାୟ ପଞ୍ଚାଅଶୀ ବର୍ଷ ତଳେ ଯେଉଁ ଅନୁଶାସନ ପ୍ରଦାନ କରିଥିଲେ, ତାହା ଏଠାରେ ଉଲ୍ଲେଖଯୋଗ୍ୟ । ଆପଣା ପତ୍ରିକାର ପ୍ରଥମ ବର୍ଷ—ଷଷ୍ଠ ସଂଖ୍ୟାରେ ଗ୍ରନ୍ଥ-ସମୀକ୍ଷାର ଶୁଭ ଦେଇ ସେ ଲେଖିଥିଲେ—"ସମାଲୋଚନା ମାସିକ ପତ୍ରିକାର ବିଶିଷ୍ଟ ଅଙ୍ଗ । ସମାଲୋଚନା ବ୍ୟତୀତ ମାସିକ ପତ୍ର ଅସଂପୂର୍ଣ୍ଣ । ଆମ୍ଭେମାନେ ଏତାବତ୍ 'ଉତ୍କଳ ସାହିତ୍ୟ'ରେ କୌଣସି ପୁସ୍ତକର ସମାଲୋଚନା କରି ନାହୁଁ । ବର୍ତ୍ତମାନ ସେହି ଗୁରୁତର କାର୍ଯ୍ୟରେ ହସ୍ତକ୍ଷେପ କଲୁଁ । ଆମ୍ଭେମାନେ ସେହି ଗୁରୁତର ଓ ପବିତ୍ର କାର୍ଯ୍ୟ କେତେଦୂର ନିରପେକ୍ଷ ଭାବରେ ସାଧନ କରିପାରିବୁଁ ତାହା ପାଠକ-ମଣ୍ଡଳୀଙ୍କ ଆଲୋଚନାର ବିଷୟ ହେବ । ଆମ୍ଭେମାନେ କେଉଁ ମାର୍ଗ ଅବଲମ୍ବନ କରି ଏହି ପବିତ୍ର କାର୍ଯ୍ୟ ସାଧନ କରିବୁଁ ତାହା ଏଠାରେ କହି ରଖିବାର ଉଚିତ ବୋଧ କରୁଅଛୁଁ ।

(୧) 'ହରିଆ ତନ୍ତ୍ରୀ', 'ବୋହୂନାଟ'ଠାରୁ 'ମହାଯାତ୍ରା' ପର୍ଯ୍ୟନ୍ତ ଯେ-କୌଣସି ପୁସ୍ତକ ଆମ୍ଭମାନଙ୍କର ହସ୍ତଗତ ହେବ ସେ ସକଳ ପୁସ୍ତକର ସମାଲୋଚନା କରିବାକୁ ଯେ ଆମ୍ଭେମାନେ ବାଧ୍ୟ ହେବୁଁ ତାହା ମନେ କରିବା ଭୁଲ୍ ।

(୨) ସମାଜ, ନୀତି, ଧର୍ମ, ଶିକ୍ଷା ପ୍ରଭୃତିର ଉନ୍ନତି କଲେ ଆମ୍ଭେମାନେ କୌଣସି କୌଣସି ପୁସ୍ତକର ବିସ୍ତୃତ ସମାଲୋଚନା ମଧ୍ୟ କରିବୁଁ । ଏଥି ନିମିତ୍ତ କୌଣସି ପୁସ୍ତକ ବିଶେଷ ସମାଲୋଚନାର୍ଥେ ଆମ୍ଭମାନଙ୍କ ନିକଟକୁ ପ୍ରେରିତ ନ ହେଲେ ମଧ୍ୟ ଆମ୍ଭେମାନେ ତାହାର ସମାଲୋଚନାରେ ପ୍ରବୃତ୍ତ ହେବୁଁ ।

(ଗ) ଉତ୍କଳ ସାହିତ୍ୟର ଦୃଷ୍ଟି ଓ ଉନ୍ନତି ନିମିତ୍ତ ଆମ୍ଭେମାନେ ସମସ୍ତ ସମୟରେ ଉତ୍କୃଷ୍ଟ ବଙ୍ଗଳା, ଇଂରାଜୀ ପୁସ୍ତକମାନଙ୍କର ସମାଲୋଚନାରେ ମଧ୍ୟ ହସ୍ତକ୍ଷେପ କରିବାକୁ ପଶ୍ଚାତ୍ପଦ ହେବୁ ନାହିଁ । ଏହି ଉଦ୍ଦେଶ୍ୟରେ ଆମ୍ଭେମାନେ ଉତ୍କଳ ସାହିତ୍ୟ ଭଣ୍ଡାରର ପ୍ରାଚୀନ ରତ୍ନମାନଙ୍କୁ ମଧ୍ୟ କାର୍ଯ୍ୟକ୍ଷେତ୍ରକୁ ଟାଣି ଆଣିବାକୁ ଭୁଲିବୁ ନାହିଁ ।”

ବୋଲିବା ବାହୁଲ୍ୟ ଯେ—ଏହି ଅନୁଶାସନ, ଗ୍ରନ୍ଥ-ସମୀକ୍ଷାର ଏକ ବହୁ-ଅନୁସୃତ ସର୍ବଜନ-ସମ୍ମତ ମାନଦଣ୍ଡ । ତଦନୁଯାୟୀ ସେତେବେଳେ ଆମର ଅଧିକାଂଶ ପତ୍ରପତ୍ରିକାରେ ପୁସ୍ତକ ଆଲୋଚନା କରାଯାଉଥିଲା । ‘ଉତ୍କଳ ଦୀପିକା’ରେ କପରି ସାହିତ୍ୟ-ଗ୍ରନ୍ଥ ସମେତ ବିଭିନ୍ନ ପ୍ରକାର ଗ୍ରନ୍ଥ ଏବଂ ଓଡ଼ିଆ ସଙ୍ଗେ ଅଣଓଡ଼ିଆ ଭାଷାରେ ଲେଖା ପୁସ୍ତକ ଆଲୋଚିତ ହେଉଥିଲା, ପୂର୍ବରୁ ତାହା ସୂଚିତ ହୋଇଛି । ଏ ଦିଗରେ ଭଗବତୀ ଚରଣ ପାଣିଗ୍ରାହୀଙ୍କ ସମ୍ପାଦିତ ‘ଆଧୁନିକ’ ପତ୍ରିକା ପ୍ରଶଂସନୀୟ ଉଦ୍ୟମ କରିଥିଲା । ଅନ୍ନଦାଶଙ୍କର ରାୟଙ୍କର ବଙ୍ଗଳା ଉପନ୍ୟାସ, ପଣ୍ଡିତ ନେହେରୁଙ୍କର ଇଂରାଜୀ ଭାଷାରେ ଲେଖା ଆତ୍ମଜୀବନୀ, ବିଭିନ୍ନ ୟୁରୋପୀୟ ନାଟକ, ସୋଭିଏଟ୍ ରୁଷିଆର କେତେକ ଗ୍ରନ୍ଥ ସେତେବେଳେ ‘ଆଧୁନିକ’ ପୃଷ୍ଠାରେ ଆଲୋଚିତ ହୋଇଥିଲା । ଦୁଃଖର କଥା, ବର୍ତ୍ତମାନ ଆମର ପତ୍ରପତ୍ରିକାରେ ମୁଖ୍ୟତଃ ସାହିତ୍ୟ ଗ୍ରନ୍ଥଗୁଡ଼ିକର ଆଲୋଚନା କରାଯାଉଛି; ଧର୍ମ, ଦର୍ଶନ, ଇତିହାସ, ରାଷ୍ଟ୍ରନୀତି, ବିଜ୍ଞାନ ଆଦି ବିଭିନ୍ନ ବିଷୟକ ପୁସ୍ତକ କ୍ୱଚିତ୍ ଆଲୋଚିତ ହେଉଛି ଏବଂ ଓଡ଼ିଆ ଭାଷାର ଗ୍ରନ୍ଥ ବ୍ୟତୀତ ବଙ୍ଗଳା, ହିନ୍ଦୀ, ଇଂରାଜୀ ଆଦି ଗ୍ରନ୍ଥର ଆଲୋଚନା ପ୍ରାୟ ହେଉ ନାହିଁ । ଏହା ସାଂପ୍ରତିକ ଓଡ଼ିଆ ଗ୍ରନ୍ଥ-ସମୀକ୍ଷାର ଏକ ତ୍ରୁଟି ବା ଅଭାବ ବୋଲିବାକୁ ହେବ । ୧୯୪୭ ମସିହାରେ ସ୍ୱାଧୀନତା ପ୍ରାପ୍ତି ପରେ ଆମ ରାଜ୍ୟରେ ପତ୍ରପତ୍ରିକା ପ୍ରକାଶନ-ସଂଖ୍ୟା ବୃଦ୍ଧି ପାଇଥିଲେ ମଧ୍ୟ, ଏହି ତ୍ରୁଟି ବା ଅଭାବ ପ୍ରତି ଅନେକେ ସଚେତନ ଥିଲା ପରି ମନେ ହେଉ ନାହିଁ ।

ମାତୃଭାଷାରେ ହେଉ ବା ଅନ୍ୟାନ୍ୟ ଭାଷାରେ ହେଉ, ପ୍ରକାଶିତ ଭଲ ଭଲ ପୁସ୍ତକ ପ୍ରତି ପାଠକ-ସମାଜର ଦୃଷ୍ଟି ଆକର୍ଷଣ କରିବା ଯେତେବେଳେ ଗ୍ରନ୍ଥ-ସମୀକ୍ଷାର ଅନ୍ୟତମ ଉଦ୍ଦେଶ୍ୟ, ସେତେବେଳେ ଲେଖକ ବା ପ୍ରକାଶକ ଦ୍ୱାରା ପତ୍ରିକା-ସମ୍ପାଦକଙ୍କଠାକୁ ପ୍ରେରିତ ପୁସ୍ତକଗୁଡ଼ିକ କେବଳ ଆଲୋଚିତ ହେବା ସ୍ପୃହଣୀୟ କି ? ପତ୍ରିକା ପୃଷ୍ଠାରେ ଆଲୋଚନା ପାଇଁ ଉତ୍ତମ ପୁସ୍ତକମାନ ପ୍ରେରିତ ନ ହେବାର ସମ୍ଭାବନା ବେଶି; କାରଣ ଉତ୍ତମ ଗ୍ରନ୍ଥ ନିଜ ଗୁଣରେ ବିକ୍ରୀ ହୋଇଥାଏ ବା ପ୍ରସାରଲାଭ କରିଥାଏ । ମଧ୍ୟମ ବା ଅଧମ ଶ୍ରେଣୀର ପୁସ୍ତକ ହିଁ ବହୁ ସଂଖ୍ୟାରେ ସମ୍ପାଦକୀୟ ଦପ୍ତରକୁ ପ୍ରେରିତ ହୋଇଥାଏ । କିନ୍ତୁ ଆମ

ପତ୍ରପତ୍ରିକାର ନିୟମାବଳୀରେ ସାଧାରଣତଃ ସୂଚାଇ ଦିଆ ଯାଇଥାଏ—"ଗ୍ରନ୍ଥ-ସମୀକ୍ଷା ପାଇଁ ଉଦ୍ଦିଷ୍ଟ ଗ୍ରନ୍ଥର ଦୁଇ ଖଣ୍ଡ ପଠାଇବା ବିଧେୟ।" ଏପରି ହେଲେ, ବହୁ ଭଲ ଭଲ ପୁସ୍ତକ ଅନାଲୋଚିତ ହୋଇ ରହିଯିବ ଏବଂ ଆମର ପାଠକ-ସମାଜ, ପ୍ରକାଶିତ ଉତ୍କୃଷ୍ଟ ଗ୍ରନ୍ଥଗୁଡ଼ିକ ସମ୍ପର୍କରେ ଅନବହିତ ହୋଇ ରହିଯିବେ। ସେଥିପାଇଁ 'ଉତ୍କଳ ସାହିତ୍ୟ'ର ସମ୍ପାଦକ ଯଥାର୍ଥରେ ଏ ସମ୍ପର୍କୀୟ ଦ୍ୱିତୀୟ ଅନୁଶାସନଟି ଉଲ୍ଲେଖ କରିଥିଲେ।

ମଧ୍ୟସ୍ଥ ବାଣୀ ଉଚ୍ଚାରଣ କରିବା ସହଜ କଥା ନୁହେଁ; ଗ୍ରନ୍ଥ-ସମୀକ୍ଷା ଦୁରୂହ କାର୍ଯ୍ୟ। ଏ କ୍ଷେତ୍ରରେ ସମୀକ୍ଷକଙ୍କର ସଂଯମ ଓ ଶୃଙ୍ଖଳା-ଜ୍ଞାନ ଆଦୌ ଆବଶ୍ୟକ। ଗ୍ରନ୍ଥ-ସମୀକ୍ଷକ ଆଲୋଚନା ପାଇଁ ବାଛି ବାଛି ଗ୍ରନ୍ଥ ସ୍ଥିର କରିବେ; ଯେକୌଣସି ପୁସ୍ତକର ଆଲୋଚନା ପରିଷ୍ଠ କରି ଲାଭ ନାହିଁ ('ଉତ୍କଳ ସାହିତ୍ୟ'ର ସମ୍ପାଦକଙ୍କ ପ୍ରଥମ ଅନୁଶାସନ ଦ୍ରଷ୍ଟବ୍ୟ)। ତାହା ପରେ ସେ ପ୍ରକାଶିତ ପୁସ୍ତକର ଖଣି ଭିତରୁ ମଣି ବାହାର କରି ପାଠକମାନଙ୍କୁ ଚହ୍ଲାଇ ଦେବେ; ଯାହାକୁ ଚହ୍ଲିଲେ ପାଠକ-ସମାଜର ବୁଦ୍ଧି-ବୃତ୍ତି ଅଭିବୃଦ୍ଧି ଲାଭ କରିବ—ଜ୍ଞାନର ଦିଗ୍‌ବଳୟ ସଂପ୍ରସାରିତ ହେବ। ପକ୍ଷପାତ ମୋହରେ ପରିଚାଳିତ ହୋଇ କିମ୍ବା ଭ୍ରାନ୍ତ ଉତ୍ସାହରେ ଭାସି ଯାଇ ସେ ଭଲକୁ ଭେଲ ବା ଭେଲକୁ ଭଲ ବୋଲି କହିବେ ନାହିଁ—ତାଲକୁ ଢଲ ବା ଢଲକୁ ତାଲ କରିବେ ନାହିଁ। ମଧ୍ୟସ୍ଥ ବାଣୀ ବହୁ କ୍ଷେତ୍ରରେ ଗ୍ରହଣୀୟ ଓ କାର୍ଯ୍ୟକର ହେଲା ଭଳି, ତାଙ୍କର ଆଲୋଚନା ବେଦର ଗାର ନ ହେଉ ପଛକେ ପଥର-ଗାର ହୋଇ ରହିବ; ଫଳରେ ଜାତୀୟ ସାହିତ୍ୟ-ସଂସ୍କୃତି ସମୁନ୍ନତତର ହେବ। ୧୯୩୭ ମସିହାରେ 'ନବଭାରତ' ପତ୍ରିକାର ତୃତୀୟ ବର୍ଷ—ପ୍ରଥମ ସଂଖ୍ୟାସ୍ଥ 'ପୁସ୍ତକ ପରିଚୟ' ଶିରୋନାମାରେ ସଚ୍ଚି ରାଉତରାୟଙ୍କ 'ଚନ୍ଦ୍ରଭାଗା' କଥାଗ୍ରନ୍ଥର ଆଲୋଚନା କରାଯାଇ ଯାହା ବୋଲା ଯାଇଥିଲା, ତାହା କେତେଦୂର ଯଥାର୍ଥ ଏବଂ ଏ ପର୍ଯ୍ୟନ୍ତ ଗ୍ରହଣଯୋଗ୍ୟ ହୋଇ ରହିଛି, ଦେଖାଯାଉ—"ଶ୍ରୀ ସଚ୍ଚି ରାଉତରାୟଙ୍କ ଲିଖିତ ଚନ୍ଦ୍ରଭାଗାଟି ବଡ଼ ନୂତନ ଧରଣର ଲେଖା। ବାସ୍ତବିକ ଏପରି ଲିଖନ ଶୈଳୀ ଆଜଯାଏଁ କୌଣସି ଓଡ଼ିଆ ଲେଖକ ଆୟତ୍ତ କଲା ପରି ଜଣାଯାଏ ନାହିଁ। ଲେଖକ ଅନେକଗୁଡ଼ିଏ ବହି ପଢ଼ିଛନ୍ତି ବୋଲି ତାଙ୍କ ଲେଖାରେ ପରିଷ୍କାର ଦେଖାଇ ଦେଇଛନ୍ତି। ଲେଖକ ତରୁଣ, ତେଣୁ ଯାହା ପଢ଼ିଛନ୍ତି ତାହା ସଂପୂର୍ଣ୍ଣ ଆୟତ୍ତ କରିପାରି ନାହାନ୍ତି। ସଚ୍ଚିବାବୁଙ୍କର ଲେଖାର ଭବିଷ୍ୟତ ଭଲ ଏବଂ ଏଭଳି ଲେଖା ଓଡ଼ିଶାରେ କ୍ରମେ ଆଦର ପାଇବ ନିଶ୍ଚୟ।"

ଗ୍ରନ୍ଥ-ସମୀକ୍ଷାର ଆଉ ଗୋଟିଏ ଦୁଇଟି ରୀତି ସବୁବେଳେ ଅନୁସୃତ ହେଉଥିବାର ଦେଖାଯାଏ। ସଂକଳିତ ବା ସମ୍ପାଦିତ ହୋଇ ପ୍ରକାଶ ପାଉଥିବା ବିଭିନ୍ନ ପ୍ରାଚୀନ ଓ ଆଧୁନିକ ଗ୍ରନ୍ଥର ଭୂମିକା ବା ମୁଖବନ୍ଧରେ ସଂକଳକ-ସମ୍ପାଦକ ସେହି ସେହି

ଗ୍ରନ୍ଥ ସମ୍ପର୍କରେ ଆଲୋଚନା କରୁଛନ୍ତି । ଆମ ଭାଷାରେ ସେଭଳି ପୁସ୍ତକ-ଆଲୋଚନାର ଅଭାବ ନାହିଁ । ଊନବିଂଶ ଶତାବ୍ଦୀ ଶେଷ ଭାଗରୁ ବହୁ ସଂକଳିତ ଓ ସମ୍ପାଦିତ ଗ୍ରନ୍ଥରେ ଆଲୋଚନାତ୍ମକ କ୍ଷୁଦ୍ର-ବୃହତ୍ ପ୍ରବନ୍ଧମାନ ସନ୍ନିବେଶିତ ହୋଇ ଆସୁଥିବାର ଦେଖାଯାଏ । ୧୮୭୦ ମସିହାରେ ପଣ୍ଡିତ ପ୍ରଭାକର ବିଦ୍ୟାରତ୍ନ ପ୍ରାଚୀନ କାବ୍ୟାଂଶ ସଂକଳନ ପୂର୍ବକ 'ପଦ୍ୟ ସଂଗ୍ରହ' ଶୀର୍ଷକ ଏକ ଗ୍ରନ୍ଥ, କଟକ ପ୍ରିଣ୍ଟିଂ କମ୍ପାନୀରୁ ମୁଦ୍ରିତ କରାଇ ପ୍ରକାଶ କରିଥିଲେ । ସେହି ଗ୍ରନ୍ଥର ମୁଖବନ୍ଧରେ ପଦ୍ୟର ଭାଷା, ଛନ୍ଦ, ଅଳଙ୍କାର ଲକ୍ଷଣ ଆଦି ବିଷୟର ସଂକ୍ଷିପ୍ତ ଆଲୋଚନା କରାଯାଇଛି । ଆଲୋଚନାର କିୟଦଂଶ ଏହିପରି—"ଉତ୍କଳ ଭାଷାର ପଦ୍ୟ ମାତ୍ରେ ମିତାକ୍ଷର,' ଅର୍ଥାତ୍ ସେମାନଙ୍କ ପାଦମାନର ଅନ୍ତ୍ୟ ବର୍ଣ୍ଣର ସମତା ରହେ । ଅମିତାକ୍ଷର ଛନ୍ଦକୁ ଉତ୍କଳ କବିମାନେ ଅଶ୍ରାବ୍ୟତା ଦୋଷ ପ୍ରଯୁକ୍ତ ଅନାଦର କରିଅଛନ୍ତି ।

ଅମିତାକ୍ଷର ଛନ୍ଦ ଯଥା—

ରାମ ଗୋବିନ୍ଦ ବନମାଳୀ
ତୋ ନାମ ଭଜୁଥିବି ତୁଣ୍ଡେ
ଅକ୍ରୂର ବସି ଲତାମୂଳେ
କୃଷ୍ଣଙ୍କୁ କରନ୍ତି ବନ୍ଦନ ।

ଅନ୍ୟ ପ୍ରକାର ଯଥା—

ଆହା ମୋ ନବୀନା ବନିତା
କେଣିକି ଯାଉଛୁ ନ କହି ।
ତୋ ବିନା ହେଲି ଏତେ ସର
କରି କରୁଣା ମୋହଠାରେ ।

ଏବଂବିଧ ପଦ୍ୟମାନଙ୍କୁ କବିମାନେ ଅନାଦର କରି ଆପଣା ଆପଣା ବିରଚିତ ଗ୍ରନ୍ଥମାନଙ୍କରେ କେବଳ ମିତାକ୍ଷର ବିଶିଷ୍ଟ ପଦ୍ୟମାନ ପ୍ରକାଶ କରିଅଛନ୍ତି ।"

ପରବର୍ତ୍ତୀ କାଳରେ ବ୍ୟକ୍ତିବିଶେଷଙ୍କ ଦ୍ୱାରା ତଥା ପ୍ରାଚୀ ସମିତି (୧୯୨୯), ଓଡ଼ିଶା ଷ୍ଟେଟ୍ ମିଉଜିୟମ୍, ଓଡ଼ିଶା ସାହିତ୍ୟ ଏକାଡେମୀ, ନୂଆ ଦିଲ୍ଲୀର ନେସନାଲ୍ ବୁକ୍ ଟ୍ରଷ୍ଟ୍ ପ୍ରଭୃତି ଅନୁଷ୍ଠାନ ଦ୍ୱାରା ସଂକଳିତ ଓ ସଂପାଦିତ ବିଭିନ୍ନ ଗ୍ରନ୍ଥର ଭୂମିକା-ମୁଖବନ୍ଧରେ ଉଚ୍ଚକୋଟୀର ଗ୍ରନ୍ଥ-ସମୀକ୍ଷା ସ୍ଥାନ ଲାଭ କରିଛି । ଏବେ ପୁସ୍ତକ-ସମାଲୋଚନା, କ୍ଷେତ୍ରରେ ଆକାଶବାଣୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ଅନୁଭୂତ ହେଉଛି । ପ୍ରତି ମାସରେ ବେତାର ଯୋଗେ ବିଭିନ୍ନ ଗ୍ରନ୍ଥର ସମୀକ୍ଷା

ଶ୍ରୋତାମାନେ ଶୁଣିବାକୁ ପାଉଛନ୍ତି । କିନ୍ତୁ ଆକାଶବାଣୀର ପୁସ୍ତକ-ସମାଲୋଚନା ସାହିତ୍ୟ-ଗ୍ରନ୍ଥ ମଧ୍ୟରେ ସୀମାବଦ୍ଧ ହୋଇ ରହିଥିବାର ଜଣାଯାଉଛି ।

× × × ×

ଗ୍ରନ୍ଥ-ସମୀକ୍ଷା ଯେଉଁ ଆମ ଭାଷାରେ କୌଣସି ସ୍ୱତନ୍ତ୍ର ପୁସ୍ତକ ଏ ଯାବତ୍ ବୋଧହୁଏ ପ୍ରକାଶିତ ହୋଇ ନାହିଁ । ତେଣୁ ମୋ ଜାଣିବାରେ 'ମଧ୍ୟସ୍ଥ ବାଣୀ' ଏ ଢଙ୍ଗରେ ଏକ ପ୍ରାଥମିକ ପ୍ରଚେଷ୍ଟା । ଏଥିରେ ପୁଣି କେବଳ ମାତ୍ର ସାହିତ୍ୟ-ଗ୍ରନ୍ଥର ସମୀକ୍ଷା ପ୍ରକାଶ କରାଯାଇଛି । ଏହି ଗ୍ରନ୍ଥ-ସମୀକ୍ଷା ଗୁଡ଼ିକ, ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରକାଶିତ ବିଭିନ୍ନ ପତ୍ର-ପତ୍ରିକା ପୃଷ୍ଠାରେ—ବିଶେଷତଃ 'ଡଗର' ପତ୍ରିକା ପୃଷ୍ଠାରେ କେତେକ ମୋର ନିଜ ନାମରେ, ଆଉ କେତେକ ମୋର ଛଦ୍ମ ନାମରେ ପ୍ରକାଶ ପାଇଥିଲା । ଏଗୁଡ଼ିକ ଏକତ୍ର କରି ପୁସ୍ତକାକାରରେ ପ୍ରକାଶ କରିବା ପାଇଁ କଟକସ୍ଥ 'ଓଡ଼ିଶା ବୁକ୍ ଷ୍ଟୋର୍' କର୍ତ୍ତୃପକ୍ଷ ଏକପ୍ରକାର ଦୁଃସାହସିକ ପଦକ୍ଷେପ ନେଇଛନ୍ତି—ବୋଲିବାକୁ ହେବ । କାରଣ ଆମର ସୁଧୀ ମଣ୍ଡଳୀରେ ଏ ଧରଣର ପୁସ୍ତକ କିପରି ଭାବରେ ଗୃହୀତ ହେବ, ସେ ବିଷୟରେ ପ୍ରକାଶକ ମହୋଦୟ ଏବଂ ମୁଁ ନିଜେ କୌଣସିମତେ ଦୂରଦର୍ଶୀ ହୋଇପାରୁ ନାହୁଁ । ତଥାପି ମୋର ଆନନ୍ଦ ଯେ—ଗ୍ରନ୍ଥ-ସମୀକ୍ଷା ଆମ ସାହିତ୍ୟ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦାରେ ପ୍ରତିଷ୍ଠିତ ହେଉଛି । ତଥାସ୍ତୁ !

**—କୃଷ୍ଣଚରଣ ବେହେରା**
୩୦ । ୫ । ୮୦
କଟକ ରେଭେନ୍ସା କଲେଜ

# ମଧସ୍ଥ ବାଣୀ

# ଆଧୁନିକ କବିତା

ପୂର୍ବ କାଳରେ ସଂସ୍କୃତ ଯେତେବେଳେ ମୁଖ୍ୟ ଭାରତୀୟ ସାହିତ୍ୟ ରୂପେ ପ୍ରତିଷ୍ଠା ଲାଭ କରିଥିଲା, ସେତେବେଳେ ଭାରତର ଯେ-କୌଣସି ଅଞ୍ଚଳରେ ଭଲ ସଂସ୍କୃତ ଲେଖକ ଯଥାଶୀଘ୍ର ଭାରତୀୟ ଖ୍ୟାତି ଲାଭ କରି ପାରୁଥିଲେ । ଓଡ଼ିଶାର ବିଶ୍ୱନାଥ କବିରାଜ, ଦକ୍ଷିଣର ଶଙ୍କରାଚାର୍ଯ୍ୟ ପ୍ରମୁଖ ଏହାର ଉଦାହରଣ । କାଳକ୍ରମେ ଏ ବିରାଟ ଭୂଖଣ୍ଡରେ ବିଭିନ୍ନ ଆଞ୍ଚଳିକ ଭାଷା ସୃଷ୍ଟି ହେଲା, ତଥା ବିଭିନ୍ନ ସାହିତ୍ୟ ବିକାଶ ଲାଭ କଲା । ସଂସ୍କୃତ ପରି ସର୍ବାଦୃତ ସର୍ବଭାରତୀୟ ଗୋଟାଏ ଭାଷା ବା ସାହିତ୍ୟ ରହିଲା ନାହିଁ । ଅବଶ୍ୟ ବ୍ରିଟିଶ୍ ରାଜତ୍ୱରେ ଇଂରେଜୀ ଭାଷା କେତେକ ପରିମାଣରେ ଏପରି ମର୍ଯ୍ୟାଦା ଲାଭ କରିଥିଲା । କିନ୍ତୁ ଏହା ବିଦେଶୀୟ, ବିଜାତୀୟ ହୋଇଥିବାରୁ ଏଥିରେ ଉନ୍ନତ ଭାରତୀୟ ସାହିତ୍ୟ ସୃଷ୍ଟି ହୋଇ ପାରିଲା ନାହିଁ । ଦେଶ ସ୍ୱାଧୀନତା ପାଇଲା ପରେ ହିନ୍ଦୀ ହୋଇଛି ରାଷ୍ଟ୍ରଭାଷା । ଏହା ଆମର ପରମ୍ପରା-ଜାତ, ଆମର ପାଣି ପବନ ଜଳବାୟୁର ଫୁଲ । ତେଣୁ ଏଥିରେ ଲିଖିତ ସାହିତ୍ୟ ଆଜି ଯେ ସର୍ବଭାରତୀୟ ହୋଇ ପାରିବ, ନିଃସନ୍ଦେହ ।

ବର୍ତ୍ତମାନ ଭାରତରେ ହିନ୍ଦୀ-ଭାଷାଭାଷୀ ଲେଖକଙ୍କ ବ୍ୟତୀତ ଅନ୍ୟ ଆଞ୍ଚଳିକ ଭାଷାର ଲେଖକମାନେ ହିନ୍ଦୀରେ ସାହିତ୍ୟ ସୃଷ୍ଟି କରୁଥିବାର ପ୍ରାୟ ଦେଖାଯାଏ ନାହିଁ । କେତେକ ଦୃଷ୍ଟିରୁ ନ କରିବା ମଧ୍ୟ ଉଚିତ । କିନ୍ତୁ ସାହିତ୍ୟର ପ୍ରଚାର, ଖ୍ୟାତି ଓ ବାଣିଜ୍ୟ-ମୂଲ୍ୟ ଦୃଷ୍ଟିରୁ ଏହା କର୍ତ୍ତବ୍ୟ । ବର୍ଣ୍ଣାଡ଼ ଶ ବୋଧହୁଏ ଏଇଥିଲାଗି ଆପଣା ମାତୃଭାଷା ଆଇରିଶ୍ ଛାଡ଼ି ଇଂରାଜୀରେ ଲେଖୁଥିଲେ । ଭାରତର ବିଭିନ୍ନ ପ୍ରାନ୍ତରୁ ଲେଖକମାନେ ହିନ୍ଦୀରେ ନ ଲେଖିଲେ ମଧ୍ୟ, ନିଜ ନିଜ ଲେଖା ହିନ୍ଦୀରେ ଅନୁବାଦ କରି ପ୍ରକାଶ କରିବା ଆବଶ୍ୟକ । ଆନନ୍ଦର କଥା, ଏ ଦିଗରେ ଉଲ୍ଲେଖଯୋଗ୍ୟ ବ୍ୟକ୍ତିଗତ ଉଦ୍ୟମ ପ୍ରକାଶ ପାଇବା ପୂର୍ବରୁ ସ୍ୱୟଂ ଭାରତ ସରକାର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି । ଭାରତ ସରକାରଙ୍କ ପବ୍ଲିକେଶନ ଡିଭିଜନ

ତରଫରୁ ପ୍ରକାଶିତ 'ଆଜକଲ୍' ପତ୍ରିକାରେ ବିଭିନ୍ନ ଭାରତୀୟ ସାହିତ୍ୟରୁ ହିନ୍ଦୀ ଅନୁବାଦ ନିୟମିତ ପ୍ରକାଶ ପାଉଛି । ଗତ ବର୍ଷ ଭାରତ ସରକାରଙ୍କ ପୃଷ୍ଠପୋଷକତାରେ ଗଠିତ 'ସାହିତ୍ୟ ଏକାଡେମୀ' ଏ ଦିଗରେ ବିପୁଳ ସମ୍ଭାବନାର ପ୍ରତିଶ୍ରୁତି ଦେଇଛି । ଭାରତବର୍ଷ ବହୁ ବିଭିନ୍ନ ଭାଷା, ସଂସ୍କୃତିର ଲୀଳାଭୂମି । ତଥାପି ଏହି ବିଭିନ୍ନତା ମଧ୍ୟରେ ଅଭିନ୍ନତା—ଅନୈକ୍ୟ ମଧ୍ୟରେ ଐକ୍ୟ ଭାରତୀୟ ସାଧନାରେ ବରାବର ଫୁଟିଛି । ଏହା ହିଁ ମହାଭାରତୀୟତା । 'ସାହିତ୍ୟ ଏକାଡେମୀ' ଭାରତର ବିଭିନ୍ନ ସାହିତ୍ୟରୁ ଶ୍ରେଷ୍ଠ କୃତିଗୁଡ଼ିକ ହିନ୍ଦୀରେ ଅନୁବାଦ କରିବାକୁ ଯତ୍ନବାନ୍ ହୋଇ ଏକ ଉନ୍ନତ ମହାଭାରତୀୟ ସାହିତ୍ୟର ଭିତ୍ତି ସ୍ଥାପନ କରିଛନ୍ତି ।

ନିକଟରେ 'ସାହିତ୍ୟ ଏକାଡେମୀ' ତରଫରୁ ଏକ ମହାଭାରତୀୟ କବିତା ସଂଗ୍ରହ ପ୍ରକାଶିତ ହେଉଛି । ବିଭିନ୍ନ ଭାରତୀୟ ସାହିତ୍ୟରେ ୧୯୫୩ ସାଲ ମଧ୍ୟରେ ପ୍ରକାଶିତ ବାଛି ବାଛି କବିତାମାନ ଏଥିରେ ସନ୍ନିବେଶିତ ହୋଇଛି । ଓଡ଼ିଆ ସାହିତ୍ୟରୁ ମଧ୍ୟ ନିମ୍ନୋକ୍ତ ନଅଗୋଟି କବିତା ବିଜ୍ଞ ବିଚାରକମାନଙ୍କ ଦ୍ୱାରା ଉତ୍କୃଷ୍ଟ ବିବେଚିତ ହୋଇ ଏ ସଂଗ୍ରହରେ ସ୍ଥାନ ପାଇଛି :—

୧ । ମାୟାଧର ମାନସିଂ—ନମସ୍କାର (ଝଙ୍କାର—ପଞ୍ଚମ ବର୍ଷ—ଷଷ୍ଠ ସପ୍ତମ ଓ ଅଷ୍ଟମ ସଂଖ୍ୟା )

୨ । କାଳିନ୍ଦୀ ଚରଣ ପାଣିଗ୍ରାହୀ—ଐକ୍ୟ ଆହ୍ୱାନ ( ପ୍ରଜାତନ୍ତ୍ର—ସ୍ୱାଧୀନତା ବିଶେଷ ସଂଖ୍ୟା—୧୯୫୩ )

୩ । ବୈକୁଣ୍ଠନାଥ ପଟ୍ଟନାୟକ—ଭୁଲି କୁଟି ( କାବ୍ୟ ସଞ୍ଚୟନ—ଦ୍ୱିତୀୟ ପରିବର୍ଦ୍ଧିତ ସଂସ୍କରଣ—୧୯୫୩ )

୪ । ନିତ୍ୟାନନ୍ଦ ମହାପାତ୍ର—ଭୋକ ହେ ଭଗବାନ ( କାଳରଙ୍ଗ—୧୯୫୪ )

୫ । କୁଞ୍ଜବିହାରୀ ଦାଶ—ଝଡ଼ର ସହସ୍ର ପଦଧ୍ୱନି ( ସେ ଏକ ଲୋମଶ ନୀଳ ହାତ —୧୯୫୪ )

୬ । ବିନୋଦ ଚନ୍ଦ୍ର ନାୟକ—ଗ୍ରାମପଥ ( ଝଙ୍କାର—ପଞ୍ଚମ ବର୍ଷ ପଞ୍ଚମ ସଂଖ୍ୟା )

୭ । ଜ୍ଞାନୀନ୍ଦ୍ର ବର୍ମା—ମୂର୍ତ୍ତି ଓ ମନ୍ଦିର ( ଝଙ୍କାର—ପଞ୍ଚମ ବର୍ଷ ନବମ ସଂଖ୍ୟା )

୮ । ଅନନ୍ତ ପଟ୍ଟନାୟକ—ଆସିଚ ମୁଁ ଆସିଚ ( ଶାନ୍ତ ଶିଖା—୧୯୫୩ )

୯ । ଦୁର୍ଗାଚରଣ ପରିଡ଼ା—ହସ୍ତୀ ( ଡଗର—ସପ୍ତଦଶ ବର୍ଷ ପଞ୍ଚମ ସଂଖ୍ୟା )

କବିତାଗୁଡ଼ିକ ଓଡ଼ିଆ ସାହିତ୍ୟର ପ୍ରତିନିଧିମୂଳକ, ପ୍ରବୀଣ ତଥା ତରୁଣ କବିଙ୍କ ଲେଖନୀ-ପ୍ରସୂତ । ତେଣୁ ଏହି ନଅ ଗୋଟି କବିତାରୁ ବର୍ତ୍ତମାନ ଓଡ଼ିଆ କାବ୍ୟର ପ୍ରବୃତ୍ତି ଓ ପ୍ରକୃତି ନିରୂପଣ କରିବାରେ କୌଣସି ବାଧା ନାହିଁ । ଗତ ଦଶ ବାର ବର୍ଷ ମଧ୍ୟରେ ଜାତୀୟ ଜୀବନ ଓ ସଂସ୍କୃତିକୁ ସମୂଳେ ପ୍ରଭାବିତ କଲାଭଳି ଦୁଇଟି

ପ୍ରଧାନ ଘଟଣା ଘଟିଯାଇଛି । ଗୋଟିଏ ହେଉଛି ମହାଯୁଦ୍ଧର ଅବସାନ ଏବଂ ଅପରଟି ଭାରତର ସ୍ୱାଧୀନତା-ଲାଭ । ଜନ-ଜୀବନର ମେରୁଦଣ୍ଡ ଦୋହଲାଇ ଦେଇ ମହାଯୁଦ୍ଧ ଶେଷ ହୋଇଗଲା ସତ, କିନ୍ତୁ ଜ୍ୱର ପରେ ନୁଆର ଭଳି ଯୁଦ୍ଧ ପରବର୍ତ୍ତୀ ଅବସ୍ଥା ମଧ୍ୟ ଭୟାବହ ହୋଇପଡ଼ିଲା । ଚାରିଆଡ଼େ ହତାଶା, ଅବିଶ୍ୱାସ, ଅନ୍ୟାୟ, ପ୍ରବଞ୍ଚନାର ପରିବେଶ ବ୍ୟାପିଗଲା । ଏହି ପରିବେଶ ମଧ୍ୟରେ କେତେକ କବି ସମାଜ-ଜୀବନର ଉକ୍ତ ବିଶୃଙ୍ଖଳାକୁ ରୂପ ଦେଲେ ଏବଂ 'ସବୁ ଗଲା', 'ସବୁ ସତ୍ୟାନାଶ ହେଲା' ବୋଲି ଚିତ୍କାର କରି ବିଷାଦବାଦୀ ହୋଇ ପଡ଼ିଲେ । ପୁଣି କେତେକ ପ୍ରଚଳିତ ସମାଜ-ସ୍ଥିତିରେ ବିଦ୍ରୋହୀ ହୋଇ ନୂତନ ଜୀବନ, ନୂତନ ସମାଜର ଆହ୍ୱାନ କଲେ । ଏହି ନୂତନ ଜୀବନ-ଧାରାର ରୂପରେଖ କେହି ସ୍ପଷ୍ଟ ଭାବରେ ଉଲ୍ଲେଖ ନ କଲେ ମଧ୍ୟ ଗୋଟିଏ ସାମ୍ୟବାଦୀ ସମାଜ କଳ୍ପନା ଅନେକଙ୍କ ମନରେ ମୂର୍ତ୍ତିମନ୍ତ ହୋଇଉଠିଲା ।

ଯୁଦ୍ଧ ପରେ ପରେ ଭାରତ ଇଂରେଜ ଶାସନ କବଳରୁ ମୁକ୍ତି ଲାଭ କଲା । ଭାରତୀୟ ସମାଜ ଜୀବନରେ ଯୁଦ୍ଧର ପ୍ରତିକ୍ରିୟା ସେ-ପର୍ଯ୍ୟନ୍ତ ଲିଭି ନ ଥିବାରୁ ଏ ନବଲବ୍ଧ ସ୍ୱାଧୀନତା ଜାତୀୟ ଜୀବନ-ଧାରାରେ ବିଶେଷ କିଛି ପ୍ରଭାବ ବା ପରିବର୍ତ୍ତନ ଘଟାଇ ପାରିଲା ନାହିଁ । ଦେଶର ରାଜନୈତିକ ସ୍ୱାଧୀନତା ସଙ୍ଗେ ସଙ୍ଗେ ଅର୍ଥନୈତିକ କିମ୍ବା ସାଂସ୍କୃତିକ ସ୍ୱାଧୀନତା ହଠାତ୍ ଲାଭ ହେଲା ନାହିଁ । କବି ଏହି ରାଜନୈତିକ ସ୍ୱାଧୀନତାକୁ ସ୍ୱାଗତ କରି ଅର୍ଥନୈତିକ ଓ ସାଂସ୍କୃତିକ ସ୍ୱାଧୀନତା ହାସଲ ଲାଗି 'ଐକ୍ୟ ଆହ୍ୱାନ' ଦେଲେ ।

"ଉଠିଛି ମୁକ୍ତିର ସୂର୍ଯ୍ୟ ଘୁଞ୍ଚିଯାଏ ଦୁଃଖ ଅମାବାସ୍ୟା ।

× × ×

ଉଗ୍ରପନ୍ଥୀ ଅଗ୍ରପନ୍ଥୀ ନାମ ଧରି ପ୍ରାଚୀନ ନବୀନ<br>
ପୁରାଣ ଏ ଭୂଭାରତେ ସର୍ବେ ଆସ ଆଜି ଶୁଭ ଦିନ ।<br>
ଆସ ଧନୀ, ସର୍ବହରା, ମଜଦୁର, ଶ୍ରମିକ, ବେକାର,<br>
ଠୁଳ ହୋଇ ମୂଲ୍ୟ ତା'ର ଆଉ ଥରେ କର ହେ ସ୍ୱୀକାର ।<br>
ଧୈର୍ଯ୍ୟଶୀଳ ଶିଳ୍ପୀ ଆସ ଗଢ଼ିବାକୁ ସଂଖ୍ୟାତୀତ ବାକି<br>
ରାଜନୀତି ଦଳାଦଳି ସେ କେବଳ ଶବ୍ଦ-ଧନ୍ଦା ଫାଙ୍କି ।"

—କାଳନ୍ଦୀଚରଣ ।

କେହି ବା ସେହି ଉଦ୍ଦେଶ୍ୟରେ "ସ୍ଫୁଲିଙ୍ଗର ଚଳୋର୍ମି" ଭଳି ବିପ୍ଳବୀ ସାଜି ବାହାରିଲେ । ଆଉ କେହି "ନବଯୁଗ ଅଗ୍ରଦୂତ ଝଡ଼ର ସହସ୍ର ପଦଧ୍ୱନି" ଶୁଣିବାକୁ ଲାଗିଲେ । କବି ସଚ୍ଚିଦାନନ୍ଦ ରାଉତରାୟ ଅବଶ୍ୟ ପୂର୍ବରୁ ଏହି ଝଡ଼ର ସୂଚନା ପାଇ

ଏହା ପ୍ରତି ଅନ୍ତରର ଅଭିନନ୍ଦନ ଜଣାଇଥିଲେ । ତେଣୁ ମହାଯୁଦ୍ଧ ବା ସ୍ୱାଧୀନତା ପରେ ଓଡ଼ିଆ କବିତାରେ ଯେଉଁ ବିଦ୍ରୋହ ବା ବିପ୍ଳବର ଧ୍ୱନି ଆମେ ଶୁଣୁ, ତାହା ଆମ ସାହିତ୍ୟରେ ସଂପୂର୍ଣ୍ଣ ନୂତନ ନୁହେଁ । ସ୍ୱାଧୀନତା ପୂର୍ବରୁ ଏହା ପ୍ରଧାନତଃ ବିଦେଶୀ ଶାସନ ବିରୁଦ୍ଧରେ ଧ୍ୱନିତ ହେଉଥିଲା ଏବଂ ସ୍ୱାଧୀନତା ପରେ ଶୁଣାଗଲା ଆମର ସମାଜ ଓ ଶାସନର ଦୋଷ ଦୁର୍ବଳତା ବିରୁଦ୍ଧରେ ।

ଧନ ବଣ୍ଟନ ଓ କ୍ଷମତା ଗ୍ରହଣରେ ସାମାଜିକ ବୈଷମ୍ୟ ବା ଭେଦଭାବ ଆଜିର କବି-ଚିତ୍ତକୁ ସବୁଠାରୁ ବେଶୀ ଆଲୋଡ଼ିତ କରୁଛି । ସେଥିଲାଗି ସେ ମୁକ୍ତ କଣ୍ଠରେ ଗାଉଛି :—

"ମାଟିରେ ଫଳାଇ ସୁନା
ନିଜେ ସିଏ ହୋଇଗଲା ମାଟି
ନଡ଼ାର କୁଡ଼ିଆ ତଳେ ଶୁଇ ସମ ରହି
ତୁମ ପାଇଁ ଦେଇଗଲା ଗଢ଼ି ଇଟାଭାଟି ।"

—କୁଞ୍ଜବିହାରୀ ।

ଏହି ସାମାଜିକ ବୈଷମ୍ୟ ଓ କ୍ଷମତାର ଅପବ୍ୟବହାର ଦୂର କରିବା ଲାଗି ସ୍ଥାନେ ସ୍ଥାନେ କବି-କଣ୍ଠ ଏକାବେଳକେ ଆହ୍ୱାନ—

କବନ୍ଧର ନୃତ୍ୟ ରଚନା କର କିଏ ?—ବନ୍ଦ କର !
ବିକୃତର ବିଗ୍ରହ ରଚନା କର କିଏ ?—ତଫାତ୍ ହୁଅ !

× × ×

ବେକାର ପ୍ରତ୍ୟୁଷର ଟଙ୍କାର ଆଜି ପୋଛ,
କିରାନ ରାଶିର ପ୍ରଳାପ ଆଜି ପୋଛ ।
ଆଣବିକ ଖଡ୍‌ଗ ଧର କିଏ ?—ଦୂର ହୁଅ !
ବୈଦ୍ୟୁତିକ ବାତ୍ୟା ଆଣ କିଏ ?—ଦୂର ହୁଅ !

—ଅନନ୍ତ ।

ଅନ୍ୟ ପକ୍ଷରେ କବି-କଣ୍ଠ କେଉଁଠି କେଉଁଠି ଶାନ୍ତ, ପ୍ରୀତିପୂର୍ଣ୍ଣ । ସେ ସମାଜରେ ଅର୍ଥର ସମ ବଣ୍ଟନ ଚାହେଁ, ସାମାଜିକ ଭେଦଭାବ ଦୂର କରିବା ଲାଗି ଇଚ୍ଛା କରେ, କିନ୍ତୁ ତାହା ବଳାତ୍କାରରେ ନୁହେଁ, ଜୋର ଜବରଦସ୍ତି କରି ନୁହେଁ । ସେ ଏହି ଭୁଖା ଦରିଦ୍ର-ନାରାୟଣଙ୍କ ଲାଗି ଶ୍ରଦ୍ଧାର ଥାଳ ନେଇ ଭିକ୍ଷା ମାଗେ—

✱

ପ୍ରଥମ ପାଦେ ମୁଁ ମାଗୁଛି ହୃଦୟ ଉଠ ଯେତେ ଅପହାରୀ,
ଦ୍ୱିତୀୟ ପାଦେ ତୋ ବୁଦ୍ଧି କଲମ ଇଲମର ଇଜାହାର ।
ତୃତୀୟେ ମାଗେ ମୁଁ ଶୀର୍ଣ୍ଣ ଉଦକ ତମର ଶ୍ରମର ଝାଳ,
ଭଲି ଯିବ ମନ ମଣିଷ ପ୍ରେମରେ ଟଳିଯିବ ଜଞ୍ଜାଳ ।
'ଭୂଦାନ, ଭୂଦାନ' ଚକ୍ରାରେ ହେବ ଦୁଃଖର ଅବସାନ
ନାଭିକମଳରୁ ଶ୍ରମ ଡାକେ ଏଣେ 'ଭୁଖା ହେ ଭଗବାନ !"

—ନିତ୍ୟାନନ୍ଦ ।

ଏ ଭିକ୍ଷାର ଅସଲ ଉଦ୍ଦେଶ୍ୟ ହୃଦୟ ପରିବର୍ତ୍ତନ; ତେଣୁ ସବୁ ପ୍ରଥମେ କବି ହୃଦୟ-ଦାନ ମାଗିଛି । ତା'ପରେ ତା'ର ଲକ୍ଷ୍ୟ ପଡ଼ିଛି ଆମ ସମାଜର ବୁଦ୍ଧିଜୀବୀମାନଙ୍କ ଉପରେ । ଧନ, କ୍ଷମତା ଓ ବୁଦ୍ଧି—ଦେଶରେ ଏହି ତିନିଗୋଟି କ୍ୟାପିଟାଲ ମଧ୍ୟରୁ ବୁଦ୍ଧିର କ୍ୟାପିଟାଲ ସବୁଠାରୁ ବେଶୀ ଭୟାନକ ଓ କ୍ଷତିକର । କବି ହୃଦୟଙ୍ଗମ କରିଛି—ବୁଦ୍ଧିଆ ଲୋକ ଯେତେଦିନ ପର୍ଯ୍ୟନ୍ତ ନିର୍ବୁଦ୍ଧିଆଙ୍କ ଉପରେ ଶୋଷଣ ଚଳାଇଥିବେ, ସେ ପର୍ଯ୍ୟନ୍ତ ସାମ୍ୟବାଦୀ ସମାଜ ପ୍ରତିଷ୍ଠିତ ହେବା ଅସମ୍ଭବ । ତେଣୁ ଦ୍ୱିତୀୟରେ ସେ ଭିକ୍ଷା ମାଗିଛି "ବୁଦ୍ଧି, କଲମ, ଇଲମର ଇଜାହାର ।" ତା'ପରେ ସେ ମାଗିଛି ଶ୍ରମଦାନ । ମହାପୁରୁଷ ବିନୋବାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କବି ସାମ୍ୟବାଦୀ ସମାଜ ସ୍ଥାପନ ଲକ୍ଷ୍ୟରେ ଯେଉଁ ଉପାୟ ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛି, ତା'ର ପରୀକ୍ଷା ବର୍ତ୍ତମାନ ସୁଦ୍ଧା ଶେଷ ହୋଇ ନାହିଁ ।

ପ୍ରଚଳିତ ସାମାଜିକ ସଂସ୍କାର ଓ ଧର୍ମ ବିଶ୍ୱାସ ଉପରେ ସଂଶୟ ଓ ଅସନ୍ତୋଷ ଆଧୁନିକ କବି ମାନସରେ ସ୍ପଷ୍ଟ ହୋଇ ଉଠିଛି । ଯେଉଁ ଭଗବାନଙ୍କଠାରେ ସେ ଯୁଗ ଯୁଗ ଧରି ଆପଣା ହୃଦୟର ଭକ୍ତି ଅର୍ଘ୍ୟ ନିବେଦନ କରି ଆସିଛି, ଯେଉଁ ଧର୍ମକୁ ମୁକ୍ତିର ସୁପଥ ଭାବି ଅବଲମ୍ବନ କରିଛି, ଯେଉଁ ମନ୍ଦିରର ପ୍ରତି ଶିଳାଖଣ୍ଡକୁ ପବିତ୍ର ମନେ କରି ପୂଜା କରିଛି, ତାହା ସବୁ ଆଜି ତା' ନିକଟରେ ଅଳୀକ, ଅନ୍ଧ ବିଶ୍ୱାସ; କାରଣ—

"ଅଗଣିତ ଯୋଡ଼ହସ୍ତେ କାକୁତିରେ କରନ୍ତି ପ୍ରାର୍ଥନା
ଅଯାଚିତ ଦୟାମୟ ଈଶ୍ୱର ତୁମରେ
ତୁମ୍ଭର କେତନବାସୀ ସେହି ସେ ବର୍ବରେ ।

ତୁମ ନାମେ, ତବାଦେଶ କହି
ପାପ ହତ୍ୟା କରନ୍ତି ଯେ ଅକୁଣ୍ଠ ମର୍ମରେ ।

ଦେଖ ଦେଖ ସ୍ୱର୍ଗୁ ତବ ଦୀର୍ଘ ଏଇ ନର ଇତିହାସେ
କେତେ କୋଟି ନରନାରୀ ଭୀତ ହତ, ପଳାୟିତ ତ୍ରାସେ
କେତେ ଦେଶ ଉଜାଡ଼ିତ, କେତେ ଜାତି ଉଚ୍ଛିନ୍ନ, ବିପନ୍ନ,
ତବ ପ୍ରଚାରକ ଦଳ ଅତ୍ୟାଚାରୁ ମାନ ଓ ଜୀବନ
ରଖିବାକୁ ପଳାୟିତ ପଛେ ରଖି ଗ୍ରାମ, ଘର, ଧନ ।"

—ମାନସିଂ ।

ପୁଣି କବିଙ୍କ ମତରେ—

"ଦୁନିଆରେ ବୈଷମ୍ୟର ସ୍ଥାନ ଯଦି ଥାଏ
ତାହା ତ ମନ୍ଦିର

* * * *

ଏଠି ଯେ ମଞ୍ଜୀର ବାଜେ ପ୍ରତ୍ୟହ ପ୍ରଦୋଷେ
ବ୍ୟଭିଚାରିଣୀର ।"

—ଜ୍ଞାନୀନ୍ଦ୍ର ।

ସାଧାରଣତଃ ଆଧୁନିକ କବି ନିରୀଶ୍ୱରବାଦୀ ହୋଇ ଉଠିଛି । ଈଶ୍ୱର ବା ଭଗବତ୍ ଶକ୍ତି ଗୋଟାଏ ଛଳନା, ଭଣ୍ଡାମି ଏବଂ ଜଗତରେ ଏହି ମଣିଷ ହିଁ ଦେବତା ହୋଇପାରେ—ଏପରି ଏକ ଧାରଣା ଦିନକୁ ଦିନ ତା ଚିତ୍ତରେ ବଦ୍ଧମୂଳ ହୋଇ ଯାଉଛି । ଆଧୁନିକ କବି ଆଜି ସଂପୂର୍ଣ୍ଣ ମାନବବାଦୀ । ଈଶ୍ୱର ପରିବର୍ତ୍ତେ ସେ ଆଜି "ନରରୁଧିର ବିକାଶୀ"—ନରେଶଙ୍କ ପାଦତଳେ ନମସ୍କାର ବାଢ଼ିବାକୁ ଶ୍ରେୟ ମନେ କରେ ।

କବିପ୍ରାଣ ଅତିମାତ୍ରାରେ ସମ୍ବେଦନଶୀଳ । କେବଳ ମାନବସମାଜର ସୁଖ ଦୁଃଖ, ଆଶା ନିରାଶାରେ ତା' ହୃଦୟ ସ୍ପନ୍ଦନାୟିତ ହୁଏ ନାହିଁ; ବହିର୍ବିଭବମୟ ପ୍ରକୃତି, ପଶୁପକ୍ଷୀ, ଜୀବଜଗତ ମଧ୍ୟ ତା' ମନରେ ପ୍ରଭାବ ପକାଏ । ସେଥିଲାଗି ମ୍ୟୁନିସିପାଲିଟି କୁକୁରମରା ଦଳ ବୁଲି କୁତ୍ତାଟାଏ ଧରି ନେଇଗଲା ବେଳେ କବି ତା' କଥା ଭାବେ ଏବଂ ତା'ର ନବପ୍ରସୂତ ଛ'ଟି ସନ୍ତାନର ଭାଗ୍ୟ କଥା ଚିନ୍ତା କରେ । ଶେଷରେ ସେହି ଛ'ଟି ଜୀବଙ୍କୁ ଆପଣା ପରିବାରଭୁକ୍ତ କରିବାକୁ ମଧ୍ୟ ପଛାଏ ନାହିଁ । ଏପରି କି ଆମର ଚିର ପରିଚିତ ଗ୍ରାମପଥ ଦୃଶ୍ୟରାଜି କବି ଦୃଷ୍ଟିର ଅନ୍ତରାଳରେ ରହିପାରେ ନାହିଁ । ପ୍ରକୃତିର ଅନ୍ଦିସନ୍ଧିରେ ସେ ଭ୍ରମର ପରି ସୌନ୍ଦର୍ଯ୍ୟ-ମଧୁ ଖୋଜି ବୁଲେ ଏବଂ ମୁଗ୍ଧ ସ୍ରଷ୍ଟା ପରି ଜଗତର ଚାରିଆଡ଼େ ଶୁଣେ ଜୀବନର ଜୟଗାନ । ପ୍ରକୃତିରେ କବି ନିର୍ଲୋଚନ ।

ଉପରୋକ୍ତ ଆଲୋଚନାରୁ ବର୍ତ୍ତମାନ ଓଡ଼ିଆ କାବ୍ୟ-ଧାରା ସମ୍ପର୍କରେ ମୁଖ୍ୟତଃ ଦୁଇଟି କଥା ସ୍ପଷ୍ଟ ଜଣାପଡ଼େ । ପ୍ରଥମତଃ ଓଡ଼ିଆ କବିତାର ସମାଜ-ସଚେତନତା । ପ୍ରତିଷ୍ଠିତ ସମାଜସ୍ଥିତିରେ ଅସନ୍ତୁଷ୍ଟ ହୋଇ କବି ଆଜି ଏକ ଉନ୍ନତ ପ୍ରଗତିଶୀଳ ସମାଜ ଜୀବନର ଲକ୍ଷ୍ୟ ରଖେ । ଏ ଲକ୍ଷ୍ୟ ସାଧନଲାଗି କିଏ ଧରେ ବିଦ୍ରୋହୀ ବୈପ୍ଳବିକ ପନ୍ଥା ଏବଂ ଆଉ କିଏ ବାଛିନିଏ ଶାନ୍ତି, ମୈତ୍ରୀ, ଅହିଂସାର ପଥ । ଦ୍ୱିତୀୟତଃ ଓଡ଼ିଆ କବିତାର ଜୀବନ-ପ୍ରୀତି ବା ଜୀବୀ-ଧର୍ମ । ଜୀବନ ପ୍ରତି ଅଧିକ ଆକର୍ଷଣ, ମାନବିକତା ପ୍ରତି ଅତ୍ୟଧିକ ମୋହ ବର୍ତ୍ତମାନ କବିଙ୍କଠାରେ ଦେଖିବାକୁ ମିଳେ । ସ୍ନେହ, ପ୍ରେମ, ବାତ୍ସଲ୍ୟ ପ୍ରଭୃତି ନାନା ମାନବୀୟ ବୃତ୍ତି ଉପରେ ଲେଖା କବିତା ଏହାର ଉଦାହରଣ । ଏହି ଜୀବନ-ମୁଖୀନତା ଓ ସମାଜ-ସଚେତନତା ଆଜି ଓଡ଼ିଆ କବିତାକୁ ଗଣଧର୍ମୀ କରାଇଛି । କିନ୍ତୁ ଗଣଠାରେ ବର୍ତ୍ତମାନ ଓଡ଼ିଆ କବିତାର ବିଶେଷ ଆଦର ନାହିଁ । ତା'ର କାରଣ ଆଲୋଚନା ଏଠାରେ ଅପ୍ରାସଙ୍ଗିକ ହେବ ବୋଲି ମନେ କରୁଁ ।

ବର୍ତ୍ତମାନ ଓଡ଼ିଆ କବିତାରେ ଏହି ମୁଖ୍ୟ ପ୍ରବୃତ୍ତି ଦୁଇଟି ଟିକିଏ ପ୍ରାଚୀନ ହୋଇପାରେ । କିନ୍ତୁ ଏହାର ପ୍ରକାଶଭଙ୍ଗୀ ଅପେକ୍ଷାକୃତ ଅର୍ବାଚୀନ । ଆମ ପାଠକେ "ଆସିଛି ମୁଁ ଆସିଛି" କିମ୍ବା "ଗ୍ରାମପଥ" ପରି କବିତାର ବିଷୟବସ୍ତୁ ସଙ୍ଗେ ପୂର୍ବରୁ ପରିଚିତ ହୋଇଥାଇ ପାରନ୍ତି, କିନ୍ତୁ ଏହାର ପରିବେଷଣର ଅଭିନବତ୍ୱ ସହିତ ସେମାନଙ୍କର ବୋଧହୁଏ ଏହା ପ୍ରଥମ ପରିଚୟ । ଆମ ବିଚାରରେ—କାବ୍ୟର ବିଭିନ୍ନ ଆଙ୍ଗିକ ପରୀକ୍ଷାରେ ଆଧୁନିକ କବି ବେଶ୍ ଧୁରନ୍ଧର । ବିଶେଷତଃ ଏ କ୍ଷେତ୍ରରେ କବି ବିନୋଦଚନ୍ଦ୍ର ନାୟକ ଓ ଦୁର୍ଗାଚରଣ ପରିଡ଼ାଙ୍କ ନାମ ଉଲ୍ଲେଖଯୋଗ୍ୟ ।

"ଦୁର୍ମଦ ନଦୀର ଘୂର୍ଣ୍ଣୀ ଭିତରେ
ଝାମ୍ପି ଦିଏ ଗୋଟିଏ ଫୁଲ—
ଗୋଟିଏ ସତେଜ ଫୁଲ ।
ସେ ଫୁଲ ସାହସର ।

* * * *

ଉନ୍ମତ୍ତ ଝଡ଼ର ଓଠ
ଚୁମ୍ବନ କରେ ଗୋଟିଏ ପତ୍ର—
ଗୋଟିଏ ସବୁଜ ପତ୍ର ।
ସେ ପତ୍ର ପ୍ରତ୍ୟୟର ।

* * * *

ଅନ୍ଧକାରର ବଳ୍ମୀକ
ଧରେ ଗୋଟିଏ କଢ଼ି ।
ସେ କଢ଼ି ଆଲୋକର ।

—ଦୁର୍ଗାଚରଣ ।

ଏ ଲିଖନଭଙ୍ଗୀ ସାବଲୀଲ ତଥା ଶକ୍ତିଶାଳୀ । ଉପଯୁକ୍ତ ଶବ୍ଦ ସମାବେଶ ସହ କବିତାରେ 'ଇମେଜ୍' ସୃଷ୍ଟି କରିବା ଦୁର୍ଗାଚରଣଙ୍କର ବିଶେଷତ୍ୱ । ଗଦ୍ୟ କବିତା ରଚନାରେ କବି ଅନନ୍ତ ପଟ୍ଟନାୟକଙ୍କ କୃତିତ୍ୱ ଉଲ୍ଲେଖଯୋଗ୍ୟ । ଅନନ୍ତ ବାବୁଙ୍କ 'ଆସିଛି ମୁଁ ଆସିଛି' ସମ୍ପୂର୍ଣ୍ଣ ଗଦ୍ୟ କବିତା ହେଲେ ମଧ୍ୟ ଖାଣ୍ଟି 'ଲିରିକ୍ ଭଳି ଶ୍ରବଣ-ସୁଖଦାୟୀ । କବି ନିତ୍ୟାନନ୍ଦ ମହାପାତ୍ରଙ୍କ 'ଭୁଖା ହେ ଭଗବାନ' କବିତାର ଶୈଳୀ ଚମ୍ପୂ ରଚନା କଥା ସ୍ମରଣ କରାଇ ଦିଏ । ଏପରି ଆଙ୍ଗିକ ବ୍ୟବହାରରେ କବି ଯେ କୃତକାର୍ଯ୍ୟ ହୋଇଛନ୍ତି, ତା'ର ପ୍ରମାଣ କବିଙ୍କ 'କାଳରଙ୍ଗ' କାବ୍ୟ ଗ୍ରନ୍ଥରୁ ମିଳିବ । କବି ବୈକୁଣ୍ଠ ପଟ୍ଟନାୟକ ଏବେ ବୋଧହୁଏ ଅତୀତକୁ ଫେରିଯାଇ ଦାଣ୍ଡୀ ବୃତ୍ତରେ କବିତା ରଚନା କରିବାକୁ ପସନ୍ଦ କରୁଛନ୍ତି । ଦାଣ୍ଡୀ ବୃତ୍ତ ଆଜିକାଲି ପୁଣି ଜନ ପ୍ରିୟ ହେବ କି ?

ବର୍ତ୍ତମାନ ଓଡ଼ିଆ କବିତାର ବିଷୟବସ୍ତୁ ତେତେ ବିବିଧ ଓ ଅଭିନବ ନୁହେଁ । କିନ୍ତୁ ଏହାର ଆଙ୍ଗିକ ଅଭିନବ ଓ ବୈଚିତ୍ର୍ୟମୟ । 'ସାହିତ୍ୟ ଏକାଡ଼େମୀ'ର ମହାଭାରତୀୟ କବିତା ସଂଗ୍ରହ ଲାଗି ବଛା ହୋଇଥିବା ଉପରୋକ୍ତ ନଅଟି କବିତାରୁ ଆମର ଅନ୍ତତଃ ଏହି ଧାରଣା ଜାତ ହୁଏ । ଭାଷାନ୍ତରୀକରଣରେ କବିତାର ବିଷୟବସ୍ତୁ ଯେତେ ଅକ୍ଷତ ରହେ, ଆଙ୍ଗିକ ସେତେ ରହିପାରେ ନାହିଁ । 'ସାହିତ୍ୟ ଏକାଡେମୀ'ର କର୍ତ୍ତୃପକ୍ଷ ଏହି ନଅଟି ଓଡ଼ିଆ କବିତାର ହିନ୍ଦୀ ଅନୁବାଦ କରାଇଲାବେଳେ ଏ କଥା ପ୍ରତି ଅବହିତ ରହିବେ ବୋଲି ଆଶାକରୁଁ । ଶେଷରେ ଉକ୍ତ ଓଡ଼ିଆ କବିତାଗୁଡ଼ିକ ଅନ୍ୟାନ୍ୟ ଭାରତୀୟ ଭାଷାର କବିତା ସହିତ କେତେଦୂର ସମକକ୍ଷ ହେବ ଏବଂ ମହାଭାରତୀୟ ସାହିତ୍ୟରେ କିପରି ସ୍ଥାନ ଲଭି କରିବ, ତାହା କବିତା ସଂଗ୍ରହଟି ପ୍ରକାଶ ପାଇଲା ପରେ ବିଚାର୍ଯ୍ୟ । *

( ୧୯୫୫ )

●

---

* ୧୯୫୫ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀର କବିତା ସଂଗ୍ରହ ଲାଗି ନିର୍ବାଚିତ ନଅଟି ଓଡ଼ିଆ କବିତାର ବିଚାର ।

# ନୂତନ ସାହିତ୍ୟ

ଗୋଟିଏ ଥାନରେ ଆବଦ୍ଧ ହୋଇ ରହିଲେ ପାଣି ପଚେ ଓ ଆପଣା ଗୁଣତକ ହରାଏ । ପ୍ରବାହ ହିଁ ଜଳର ଧର୍ମ । ସାହିତ୍ୟରେ ମଧ୍ୟ ଏହି ପ୍ରବାହ-ଧର୍ମ ଲୋଡ଼ା, ଅର୍ଥାତ୍ ସାହିତ୍ୟରେ ଗତି ଆବଶ୍ୟକ । ନୋହିଲେ ସାହିତ୍ୟ ପଚି ପାଣିର ରୂପ ଧେନିବ । କହିବାକୁ ଗଲେ, ପ୍ରବାହ ବା ଗତି ହେଉଛି ସାହିତ୍ୟର ଜୀବନ । ସଂସ୍କୃତ ଓ ଗ୍ରୀକ୍ ସାହିତ୍ୟର ଅବସ୍ଥା କ'ଣ ହେଲା ? ଗତି ଯେତେବେଳେ ବନ୍ଦ ହୋଇଗଲା, ସାହିତ୍ୟ ଦୁଇଟିର ମୃତ୍ୟୁ ହେଲା ସେଇଠୁ । ଓଡ଼ିଆ ସାହିତ୍ୟ ପଞ୍ଚଦଶ ଶତାବ୍ଦୀରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଆପଣା ପ୍ରବାହ ରକ୍ଷା କରି ଚାଲିଛି । ତେଣୁ ଏହା ଜୀବନ୍ତ ।

ଓଡ଼ିଆ ସାହିତ୍ୟର ଜୀବନ-ପ୍ରବାହ ବର୍ତ୍ତମାନ ଗତିଶୀଳ କି ସ୍ଥିତିଶୀଳ, ଏ ବିଷୟ ଆଲୋଚନା ଚାଲିଛି । ପ୍ରବାହଟି ଅଗ୍ରଗାମୀ କି ପଶ୍ଚାତ୍‌ଗାମୀ, ସେକଥା ଆଲୋଚନାରେ ନିର୍ଣ୍ଣୟ କରାଯାଇ ପାରେ । ମାତ୍ର ଏହା ଯେ ଗତିଶୀଳ, ଏଥିରେ ଆଉ ସନ୍ଦେହ ଅଛି କି ? ନାଟକ ହେଉ, ଗଳ୍ପ ଉପନ୍ୟାସ ହେଉ କିବା କବିତା ପ୍ରବନ୍ଧ ହେଉ, ପ୍ରତି ମାସରେ କିଛି କିଛି ନୂଆ ବହି ପୁସ୍ତକ ଦୋକାନମାନଙ୍କରେ ଦେଖି ଅତି ବିଷାଦବାଦୀ ମଧ୍ୟ ସ୍ୱୀକାର କରିବ ଯେ ଓଡ଼ିଆ ସାହିତ୍ୟର ଗତି ଅଛି— ଜୀବନ-ପ୍ରବାହ ଅଛି ।

ଏହି ପ୍ରବାହ ମଧ୍ୟରେ ସଦ୍ୟ ପ୍ରକାଶିତ ନାରୀକବି ବିଦ୍ୟୁତ୍‌ପ୍ରଭାଙ୍କର **'ଯାହାକୁ ଯିଏ'** ( ରେଖା ପବ୍ଲିଶିଂ ହାଉସ୍ , କଟକ ) ଏକ ଅଭିନବ କାବ୍ୟସୃଷ୍ଟି । ମସ୍ତିଷ୍କଠାରୁ ହୃଦୟ ସହିତ କବିତାର ଯୋଗ ନିବିଡ଼ । ବିଦ୍ୟୁତ୍‌ପ୍ରଭାଙ୍କ କବିତାରେ ଏକ ସୁନ୍ଦର ସରଳ ହୃଦୟ ଦେଖିବାକୁ ମିଳେ । ସେ ହୃଦୟ ପୁଣି ନିଚ୍ଛକ ନାରୀ-ହୃଦୟ । ନାରୀ କବିଙ୍କ ଲେଖନୀରେ ନାରୀଧର୍ମର ପ୍ରତିଫଳନ ଅତି ସ୍ୱାଭାବିକ । ବିଦ୍ୟୁତ୍‌ପ୍ରଭାଙ୍କର ପୂର୍ବ ପ୍ରକାଶିତ କାବ୍ୟଗ୍ରନ୍ଥଗୁଡ଼ିକରେ ଏହି ନାରୀ-ଧର୍ମର ସ୍ପର୍ଶ

ପାଠକ ଅନୁଭବ କରିଥିଲେ । "ଯାହାକୁ ଯିଏ" ମଧ୍ୟ ପାଠକଙ୍କୁ ଏ ଦଗରେ ନିରାଶ କରିବ ନାହିଁ । "କଥାର କଥା", "ସଜବାଜ", "ଓଦାସଲିତା", "ଶୁଖାରୁଖା"—ପ୍ରଭୃତି କବିତାଗୁଡ଼ିକ ହିଁ ଯେପରି ଓଡ଼ିଆ ନାରୀ ସମାଜର ମର୍ମବାଣୀ । "ଆଙ୍କୁଡ଼ି ଯିଏ ବା ସିଆଣା ଏଡ଼େ, ପାଣି ପଡ଼ିଲେ ସେ ନ ହେବ କେଡ଼େ", "ଦୂରରୁ ସୁନ୍ଦର ମିଳ ପରବତ"—ପ୍ରଭୃତି କଥନିକା ଯେପରି ଏକାନ୍ତ ଭାବେ ଓଡ଼ିଆ ଭୂଆସୁଣୀମାନଙ୍କର ! ଅବଶ୍ୟ ଏପରି କାବ୍ୟ ପରମ୍ପରା ପୂର୍ବରୁ ପଲ୍ଲୀକବି ନନ୍ଦକିଶୋର ଓଡ଼ିଆ ସାହିତ୍ୟରେ ସୃଷ୍ଟି କରିଥିଲେ । ବିଦ୍ୟୁତ୍‌ପ୍ରଭା ସେହି ପରମ୍ପରାର ଉତ୍ତରସାଧିକା ରୂପେ ସଫଳତା ଅର୍ଜନ କରିଛନ୍ତି ।

ଭାବାବେଗରେ କବି-ହୃଦୟ ଉଚ୍ଛ୍ୱସିତ ହେଲେ, ବେଳେ ବେଳେ କଣ୍ଠ ଗୀତ ତା'ର ବେସୁରା ଧରେ—ତାଲ-ମାନ ହରାଏ । କିନ୍ତୁ ସେହି ବେସୁରା ହେବାରେ, ତାଲ-ମାନ ହରାଇବାରେ ସାର୍ଥକତା ଅଛି । ହୃଦୟ ସହିତ ମୁହଁର କଥା ଠିକ୍ ତାଲ ଦେଇପାରିଲେ ହିଁ ହେଲା ପ୍ରକୃତ ଛନ୍ଦ । ତେଣୁ ଯୁବକବି ପ୍ରଫୁଲ୍ଲ ପଟ୍ଟନାୟକଙ୍କର **"ହରାଇଲା ଛନ୍ଦ ଯେ ଗୀତ"** ପ୍ରକୃତରେ ଛନ୍ଦମୟୀ । ବର୍ତ୍ତମାନ ଦୋଷମୁକ୍ତ ସମାଜ ସ୍ଥିତିରେ ଅସନ୍ତୋଷ ଓ ଏକ ଭବିଷ୍ୟତ ସୁଖ-ଶାନ୍ତିମୟ ସ୍ଥିତିର ଆହ୍ୱାନ—କବିତାଗୁଡ଼ିକର ଉପଜୀବ୍ୟ । ହେଲେ, ବର୍ତ୍ତମାନ ସ୍ଥିତିର ଦୋଷଦୁର୍ବଳତା ଦେଖାଇବାରେ କବି ଯେପରି ଧୁରନ୍ଧର, ଆଗାମୀ ସୃଷ୍ଟିର ସ୍ୱରୂପ ଦେବାରେ ସେହିପରି ଧୂମାଛନ୍ନ । 'ଆଲୋକ କବିତା', 'ଜୀବନର ଜୟଗାନ' ଆଦି କବିଙ୍କର ଅପୂର୍ବ ସୃଷ୍ଟି । କିନ୍ତୁ ତା' ସଙ୍ଗେ ସଙ୍ଗେ 'ଲକ୍ଷ୍ମୀଛଡ଼ା' କବିତାଟି ବଡ଼ ଅପ୍ରୀତିକର, ଆପାତ କ୍ଳେଶ ମଧ୍ୟ । ଏଇଥିରୁ ମନେ କରୁଁ, କବି ଆପଣା ଆଭିମୁଖ୍ୟ ଠିକ୍ କରିପାରି ନାହାନ୍ତି । ଲକ୍ଷ୍ୟସ୍ଥଳ ଠିକ୍ ନ କରି ବୋଇତ ବାହିବା ଯାହା, ଆଭିମୁଖ୍ୟ ସ୍ଥିର ନ କରି ଲେଖନୀ ଧରିବା ତାହା । ତେଣୁ ଭବିଷ୍ୟତରେ ସାବଧାନ ହେବା ଲାଗି କବିଙ୍କୁ ଅନୁରୋଧ । ପ୍ରକାଶ ଭଙ୍ଗୀରେ ସଚ୍ଚି ରାଉତରାୟଙ୍କ ଦ୍ୱାରା ପ୍ରଭାବାନ୍ୱିତ ନ ହୋଇ କବିଙ୍କର ନିଜଏ ସ୍ୱାବଲମ୍ବୀ ହେବା ଶ୍ରେୟସ୍କର । ଯାହାହେଉ, "ହରାଇଲା ଛନ୍ଦ ଯେ ଗୀତ"ରେ କବି ଆମକୁ ଯେଉଁ ପ୍ରତିଶ୍ରୁତି ଦେଇଛନ୍ତି, ତା'ର ପୂର୍ତ୍ତିତା ଆମେ ତାଙ୍କଠାରୁ ଆଶା କରିପାରୁ କି ?

ଓଡ଼ିଶା ଗାଁ ଗହଳରେ ଜନସାଧାରଣଙ୍କ ମୁଖରେ ରହିଛି ଲୋକକଥାର ଅସରନ୍ତି ଭଣ୍ଡାର । ଦର୍ପଣରେ ପ୍ରତିବିମ୍ବ ଭଳି ଲୋକକଥାରେ ଜାତୀୟ ଜୀବନ ଓ ସଂସ୍କୃତିର ପ୍ରତିଛବି ଦେଖିବାକୁ ମିଳେ । ଅନେକ ଦିନ ତଳେ ସ୍ୱର୍ଗତଃ ଗୋପାଳ ଚନ୍ଦ୍ର ପ୍ରହରାଜ ଏହି ଲୋକକଥା କେତେକ ପ୍ରକାଶ କରି ଓଡ଼ିଆ କଥା-ସାହିତ୍ୟରେ ବିରାଟ ସମ୍ଭାବନାର ସନ୍ଧାନ ଦେଇଥିଲେ । ଏବେ କବି କୁଞ୍ଜବିହାରୀ ଦାସ ଓ ଶ୍ରୀମତୀ ପ୍ରେମଲତା ଦାସଙ୍କ ବାର ଗୋଟି ଲୋକକଥା ସଂଗ୍ରହ **"କଥାଟିଏ କହୁଁ"**

( କଲିକତା, ୧୯୫୫ ) ପ୍ରକାଶିତ ହୋଇଛି । କଥାଗୁଡ଼ିକ ଭାବ-ବିନ୍ୟାସରେ ଯେପରି ଜୀବନ୍ତ, ଭାଷା ସମାବେଶରେ ସେହିପରି ସରସ । ସଂଗ୍ରାହକ ଲୋକ-ମୁଖର କଥା ବରାବର ଅକ୍ଷୁଣ୍ଣ ରଖିଛନ୍ତି । ପ୍ରତ୍ୟେକ କଥା ଶେଷରେ କଥାଟି ଓଡ଼ିଶାର କେଉଁ ଅଞ୍ଚଳରୁ ସଂଗୃହୀତ, ସେକଥା ଉଲ୍ଲେଖ କରିବା ଉଚିତ୍ ଥିଲା । ତାହା ହୋଇଥିଲେ "ପିଣ୍ଡିକା", 'ବେହେ', 'ହେଉଡ଼ି' ପ୍ରଭୃତି ବହୁ ଆଞ୍ଚଳିକ ଶବ୍ଦ ବିଷୟରେ ପାଠକଙ୍କୁ ଗୋଲକଧନ୍ଦାରେ ପଡ଼ିବାକୁ ହୋଇ ନ ଥାନ୍ତା । ଓଡ଼ିଆ ଲୋକକଥାର ଖଣ୍ଡିଏ "କଥା ସରିତ୍ ସାଗର" ହୋଇ ପାରିବ ବୋଲି ସଂଗ୍ରାହକଙ୍କ ଅଭିମତ । ତେଣୁ ତାଙ୍କର ସଂଗ୍ରହ-ସାଧନାକୁ ସାଧୁବାଦ ଦେବା ସଙ୍ଗେ ସଙ୍ଗେ ଏହି ବିରାଟ ସଂକଳନ ପ୍ରକାଶ କରିବା ଲାଗି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ ଜଣାଉଛୁଁ ।

ଶ୍ରୀ ନବକିଶୋର ଦାସଙ୍କ "**ଆତ୍ମାର ଝଡ଼**" ( ଜ୍ୟୋତି ପୁସ୍ତକାଳୟ, କଟକ ) ଗୋଟିଏ ବଡ଼ ଗଳ୍ପ ହିସାବରେ ବେଶ୍ ସୁଖପାଠ୍ୟ । ଗଳ୍ପଟିର ମୁଖ୍ୟ ଚରିତ୍ର ଆନନ୍ଦଙ୍କ ଜୀବନରେ ବିଭିନ୍ନ ବିଭାବ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଦେଖାଇ ଦିଆ ହୋଇଛି । କିନ୍ତୁ ଘଟଣାଗୁଡ଼ିକର ବାସ୍ତବତା ଊଣା ହୋଇଛି । ଆନନ୍ଦ ନିଦ୍ରାଭିଭୂତ ଥିବାବେଳେ ତାଙ୍କ ଆଖି ଆଗରେ ଯେପରି ଘଟଣା ପରେ ଘଟଣା ଘଟି ଯାଉଛି, ତାହା ଅସ୍ୱାଭାବିକ ବୋଧହୁଏ । ତଥାପି ଗଳ୍ପଟି ମଧ୍ୟରେ ଯେଉଁ ଜୀବନ-ଦର୍ଶନର ଅବତାରଣା କରାଯାଇଛି, ତାହା ବାସ୍ତବ ଜଗତରେ ସମ୍ଭବ । ଭାଷା ଓ ସଂଳାପ ଯୋଜନାରେ କଳାର ବ୍ୟଞ୍ଜନା ପୂରି ରହିଛି । ମୁଦ୍ରା ରାକ୍ଷସ କବଳରେ ପଡ଼ି ପୁସ୍ତକଟି ମୂଳରୁ ଚୂଳଯାଏ ବିକଳାଙ୍ଗ ହୋଇ ପଡ଼ିଛି । ଓଡ଼ିଆ ଛପା କେବେ ନିର୍ଭୁଲ ହେବ, ଈଶ୍ୱର ଜାଣନ୍ତି ।

(୧୯୫୫)

# ଓଡ଼ିଆ ସାହିତ୍ୟ ଓ ମୁସଲମାନ ଲେଖକ

ଓଡ଼ିଆ ସାହିତ୍ୟରେ ମୁସଲମାନ ଲେଖକ ଅଙ୍ଗୁଳିମେୟ । କିନ୍ତୁ ପଡ଼ୋଶୀ ବଙ୍ଗଳା ସାହିତ୍ୟ କଥା ଦେଖାଯାଉ ! ନଜରୁଲ୍, ମୁଜତବା ଆଲି, ଗୋଲାମ କୁଦ୍ଦୁସ୍ ପ୍ରଭୃତି ବହୁ ମୁସଲମାନ କବି ଓ ଲେଖକ ବଙ୍ଗ ସାହିତ୍ୟ ସାଧନାରେ ବ୍ରତୀ । ଓଡ଼ିଶାରେ ମୁସଲମାନ ସଂଖ୍ୟା ନଗଣ୍ୟ ନୁହେଁ । ଷୋଡ଼ଶ ଶତାବ୍ଦୀଠାରୁ ଏଠାରେ ମୁସଲମାନ-ଓଡ଼ିଆ ଯୁଗ୍ମ ଜୀବନ-ଧାରା ଗୋଟିଏ ସ୍ରୋତରେ ବହି ଚାଲିଛି । ଜଗନ୍ନାଥ ଭୂମିର ସମନ୍ୱୟବାଦ ମଧ୍ୟରେ ଇସଲାମ ସଂସ୍କୃତି ଆଜି ଆଉ ଅପାଙ୍କ୍ତେୟ ହୋଇ ରହି ନାହିଁ । ତଥାପି ବର୍ତ୍ତମାନ ଓଡ଼ିଆ ସାହିତ୍ୟରେ, ପ୍ରବୀଣ ହେଉ ବା ତରୁଣ ହେଉ, କୌଣସି ଜଣେ ମୁସଲମାନ ଲେଖକ ଆଖିରେ ପଡ଼ୁ ନାହାନ୍ତି; ଏହା ଅତ୍ୟନ୍ତ ପରିତାପର ବିଷୟ ।

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ମୁସଲମାନ କବି ସାଲବେଗ ଖୁବ୍ ପ୍ରସିଦ୍ଧି ଲାଭ କରିଥିଲେ । ତାଙ୍କର "ଆହେ ନୀଳ ଶଇଳ ପ୍ରବଳ ମତ୍ତ ବାରଣ" କିମ୍ବା "ସଖି, କୁଞ୍ଜବନେ ବଂଶୀ କେ ବଜାଇଲା ଗୋ" ପ୍ରଭୃତି ଭଜନ ଓ ସଙ୍ଗୀତ ସମଗ୍ର ଓଡ଼ିଶାରେ ଅତି ଜନପ୍ରିୟ । ଏଗୁଡ଼ିକର ଭାବ ଯେପରି ସରଳ ଓ ପ୍ରାଣସ୍ପର୍ଶୀ, ଭାଷା ମଧ୍ୟ ସେହିପରି ସାବଲୀଳ ଓ ଶ୍ରବଣ-ସୁଖଦାୟୀ ।

"କହେ ସାଲବେଗ ହୀନ    ଜାତିରେ ଅଟେ ଯବନ
ରାଧାକୃଷ୍ଣ ପଦେ ଚିତ୍ତ ରହିଲା ଗୋ !"

ଆଲ୍ଲାଙ୍କ ବଦଳରେ ରାଧାକୃଷ୍ଣ ଭଜନ—ଉର୍ଦ୍ଦୁ କିମ୍ବା ପାରସୀ ବଦଳରେ ଓଡ଼ିଆ ଭାଷାରେ ଭାବ ପ୍ରକାଶ, ସେ ଯୁଗରେ ଏହି "ହୀନ" 'ଯବନ' କବି ପକ୍ଷରେ କିପରି ସମ୍ଭବ ହୋଇଥିଲା, ତାହା ଭାବିଲେ ଆଜି ଆଶ୍ଚର୍ଯ୍ୟ ଲାଗେ । ସମୁଦାୟ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ମୁସଲମାନ କବି ହିସାବରେ ସାଲବେଗ ଏକକ, ଆଧୁନିକ ସାହିତ୍ୟରେ ତାଙ୍କ ପରି କୌଣସି ଉଲ୍ଲେଖଯୋଗ୍ୟ ମୁସଲମାନ କବି ବା

ଲେଖକ ଓଡ଼ିଶାରେ କାହାନ୍ତି ? ଅବଶ୍ୟ କବି ହମିଦ୍ ବର୍ତ୍ତମାନ ଆମ ଜନସାଧାରଣଙ୍କ ଗହଣରେ ବେଶ୍ ପରିଚିତ । ତାଙ୍କର ବହୁ ଦି'ପଇସିଆ ଚ୍ୟାରିପଇସିଆ ବହି ଜନପ୍ରିୟତା ଓ ପାଠକ ସଂଖ୍ୟା ଦୃଷ୍ଟିରୁ ଗଣସାହିତ୍ୟ ଅନ୍ତର୍ଭୁକ୍ତ । ବାଲେଶ୍ୱରସ୍ଥ ଅସରଫ ଆଲ୍ଲି ମଧ୍ୟ ବର୍ତ୍ତମାନ ଓଡ଼ିଆ ସାହିତ୍ୟରେ ଅଖ୍ୟାତ ହେଲେ ବି ଜଣେ ସୁଲେଖକ । ପ୍ରକାଶିତ କେତେଗୁଡ଼ିଏ ପ୍ରବନ୍ଧ ଓ କବିତା ବହିରୁ ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ଅସୀମ ଶ୍ରଦ୍ଧା ଜଣାପଡ଼େ । କେତେଦିନ ତଳେ ପ୍ରଜାତନ୍ତ୍ର ପ୍ରେସ୍‌ରୁ ସେଖ୍ ମନସୁର୍ କୋରାନ୍‌ର ଓଡ଼ିଆ ଅନୁବାଦ ପ୍ରକାଶ କରିଛନ୍ତି । ଧର୍ମମତ୍ତ୍ୱ କଥା ବାଦ୍ ଦେଲେ, ସାହିତ୍ୟ ହିସାବରେ କୋରାନ୍ ମଧ୍ୟ ପାଠ୍ୟ । ମନ୍‌ସୁର୍‌ଙ୍କ କୋରାନ୍ ଅନୁବାଦ ଓଡ଼ିଆ ସାହିତ୍ୟର ଗୋଟିଏ ଅଭାବ ଦୂର କରିଛି ନିଶ୍ଚୟ । ଏହାଛଡ଼ା ବେଳେ ବେଳେ ମୁସଲମାନୀ ଉଦ୍ଭଟ କବିତା ବି ଦେଖାଯାଏ, ଯଥା:—ବନ୍ଧାହିକ କେଶୀ ଛୁରି ଗଳାରେ ଦେଲୁ, ହା ରମଣୀ, ରମଜାନ୍ ପରାଣ ନେଲୁ !

ଏହି ସାମାନ୍ୟ କେତେଜଣଙ୍କ ବ୍ୟତୀତ ବର୍ତ୍ତମାନ ଓଡ଼ିଆ ସାହିତ୍ୟରେ ଅନ୍ୟ କେହି ମୁସଲମାନ କବି ବା ଲେଖକ ଥିବାର ଆମକୁ ଜଣା ନାହିଁ । ଲେଖା ପ୍ରକାଶ କରିବା ତ ଦୂରର କଥା, ଓଡ଼ିଆରେ କିଛି ଲେଖିବାକୁ ମଧ୍ୟ ଆମ ମୁସଲମାନ ଭାଇମାନେ ଉଚିତ୍ ମଣୁ ନାହାନ୍ତି ବୋଧହୁଏ ।

କବି ମହମ୍ମଦ ମୁସା ଖାଁ ଏବେ ଏ ଦିଗରେ ଏକ ବ୍ୟତିକ୍ରମ ସୃଷ୍ଟି କରିଛନ୍ତି । ତାଙ୍କର ସଦ୍ୟ ପ୍ରକାଶିତ "ମିନାର" କାବ୍ୟଗ୍ରନ୍ଥ ଓଡ଼ିଆ ସାହିତ୍ୟରେ ଏକ ଅନବଦ୍ୟ କୃତି । କବି ଯେପରି ଓଡ଼ିଶାର ମୁସଲମାନ ସମାଜରୁ "ମୁକ୍ତା ଉଦ୍ଧାର" କରି ଓଡ଼ିଆ ପାଠକସମାଜ ହସ୍ତରେ ଅର୍ପଣ କରିଛନ୍ତି ! ଏହି ମୁକ୍ତାଗୁଡ଼ିକ ଉଜ୍ଜ୍ୱଳତା ଦୃଷ୍ଟିରୁ ଅଭିନବ । ମୁକ୍ତାମଣ୍ଡିତ 'ମୀନାର' ଗଢ଼ିବାରେ କବି କେବଳ କଳ୍ପନାର ଆଶ୍ରୟ ନେଇ ନାହାନ୍ତି, ବାସ୍ତବତା ପ୍ରତି ଦୃଷ୍ଟି ଦେଇଛନ୍ତି ମଧ୍ୟ । କେତେବେଳେ ବିପ୍ଳବୀ ସ୍ରଷ୍ଟା ହିସାବରେ, କେତେବେଳେ ମିଳନପ୍ରତ୍ୟାଶୀ ପ୍ରେମିକ ରୂପେ, ଆଉ କେତେବେଳେ ଏକନିଷ୍ଠ ଭକ୍ତ ଭାବରେ କବି ଅବତୀର୍ଣ୍ଣ ହୋଇଛନ୍ତି । ତଥାପି ବିପ୍ଳବୀ ସ୍ରଷ୍ଟା ହିସାବରେ ତାଙ୍କର ପ୍ରାଧାନ୍ୟ ! 'ଶ୍ମଶାନେ କୃଷକ', ବିପ୍ଳବୀ', 'ବନ୍ୟା', 'କୁଲି', 'ଜନତାର ମୀନାର ନିର୍ମାଣ', 'ପ୍ରିୟା ଓ ପ୍ରଶ୍ନ' ପ୍ରଭୃତି କବିତାରୁ ଏହାର ଦୃଷ୍ଟାନ୍ତ ମିଳେ । କବି ଗାଇଛନ୍ତି:—

ସେବା ଓ ଶାସନ ନୁହେଁ ନୁହେଁ ଏକ
　　　ଶାସକର ତୀକ୍ଷ୍ଣ ଖଡ଼୍‌ଗ ଗ୍ରେଟେ,
କେହି ଅବା ସୁଖେ କାଟୁଛି ଜୀବନ
　　　କାହାର ବା ଶିର ଧରାରେ ଲୋଟେ ।

ସେବାର ଝରଣା ଫୁଟାଉଛୁ ଫୁଲ
　　　　ମରୁଭୂମି ଶୁଷ୍କ ବାଲୁକା ପରେ
ଯେଉଁଠି ଜୀବନ ହୋଇଛୁ ଦୁଃସହ
　　　　କାନ୍ଦୁଛୁ ବେଦନା ବ୍ୟଥିତ ସୁରେ ।
ବାଛି ନିଅ ତୁମ୍ଭେ କିବା ଚାହଁ ଏବେ
　　　　ସେବା ନା ଶାସନ, ଖଡ୍‌ଗ ନା ଫୁଲ ।
ସୁବର୍ଣ୍ଣ ଖଚିତ ସିଂହାସନ ଅବା
　　　　ଦରିଦ୍ରର ଭଙ୍ଗା କୁଡ଼ିଆ ଘର ?

ଏ ବାଣୀ ପ୍ରକୃତ ବିପ୍ଳବୀର ବେଦ-ସ୍ୱରୂପ । ଏବର ରାଜନୈତିକ ଜଗତରେ ଏହି ବେଦବାଣୀ ପ୍ରତି କର୍ଣ୍ଣପାତ କରୁଛି କିଏ ?

କବିଙ୍କର ପ୍ରକାଶ-ଭଙ୍ଗୀ ମଧ୍ୟ ସରଳ ଓ ସାବଲୀଳ । ଭାଷା-ବିନ୍ୟାସରେ 'ବେହସ୍ତ', 'ଗୁଲ୍‌ବଦନୀ', 'ତଫାରତ୍', 'ଆସ୍‌ମାନ' ପ୍ରଭୃତି ଯାବନିକ ଶବ୍ଦ ଦେଖିବାକୁ ମିଳେ । ଏପରି କି—

ପିଆସୀ ଜନରେ ପ୍ରେମର ପିଆଲା
　　　　ରଙ୍ଗ ବେରଙ୍ଗର ଲାଲ ସରାବ୍
ଭରି ନେ ତୁ ତୋର ଦିଲ୍ ଦରିଆରେ
　ପିଇ ପ୍ରେମସୁରା ଖୁନ୍ ଖରାବ୍ ।—

ପ୍ରଭୃତି କେତେକ ପଦ ମୁସଲମାନୀ-ଭାବ ପ୍ରଭାବିତ । ଏହାକୁ ଆମେ ନାପସନ୍ଦ କରୁ ନାହୁଁ । ଓଡ଼ିଆ ଭାଷା ଓ ଭାବ-ଜଗତରେ ନୈରାଜ୍ୟ ନ ଆଣି ଯଦି କେହି ବିଦେଶୀ ଶବ୍ଦ ଭଣ୍ଡାରରୁ ବଛା ବଛା ରତ୍ନ ଆମକୁ ଦିଏ, ଆମେ ଗ୍ରହଣ ନ କରିବୁ କାହିଁକି ? କବି ନଜରୁଲ୍ ଏହିପରି ନାନା ଯାବନିକ ଶବ୍ଦ-ସମାବେଶରେ ବଙ୍ଗ ସାହିତ୍ୟକୁ ବଳଶାଳୀ କରାଇଛନ୍ତି । ଏହି ଦୃଷ୍ଟିରୁ କବି ମୁସା ଖାଁଙ୍କୁ ଆମେ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ସାବଧାନ ମଧ୍ୟ କରିଦେଉଁଛୁ—ଯାବନିକ ଶବ୍ଦ ବ୍ୟବହାରରେ ସେ ଯେପରି ଉଚିତ୍ ବିଚାର-କ୍ଷମତା ପ୍ରୟୋଗ କରନ୍ତି । ମୁଦ୍ରଣ ଓ ଗ୍ରନ୍ଥନ ପରିପାଟୀ ଦିଗରୁ କାବ୍ୟ ଗ୍ରନ୍ଥଟି ଚମତ୍କାର ହୋଇଛି ।

ଶେଷରେ କବି ମୁସା ଖାଁଙ୍କ ଲେଖନୀରୁ ଅଧିକ ଓଡ଼ିଆ ବହି ଆଶା କରିବା ସଙ୍ଗେ ସଙ୍ଗେ ଓଡ଼ିଆ ସାହିତ୍ୟର ସଂଗଠନ ଲାଗି ଆମେ ଓଡ଼ିଶାର ମୁସଲମାନ ଭାଇମାନଙ୍କୁ ଆହ୍ୱାନ କରୁଛୁ ।

( ୧୯୫୫ )

●

---

ମୀନାର୍—ମହମ୍ମଦ ମୁସା ଖାଁ, ବରଗଡ଼, ସମ୍ବଲପୁର (୧୯୫୫)

# ସାହିତ୍ୟ-ବୀକ୍ଷାରେ ନୂତନ ପ୍ରତିଶ୍ରୁତି

୬

ଓଡ଼ିଆ ସମାଲୋଚନା-ସାହିତ୍ୟର ଇତିହାସ ଅର୍ବାଚୀନ । ତଥାପି ଆମର ପ୍ରାଚୀନ ସାହିତ୍ୟରେ ଭିନ୍ନ ଧରଣର ସମାଲୋଚନା ପ୍ରଚଳିତ ଥିଲା । ଜଗନ୍ନାଥ ଦାସଙ୍କର 'ଅର୍ଥ କୋଇଲି', 'ବ୍ରହ୍ମାଣ୍ଡ ଭୂଗୋଳ'ରେ ବଳରାମ ଦାସଙ୍କର ଭାଗବତ-ଭେଦ ପ୍ରଭୃତି ଆଧ୍ୟାତ୍ମିକ ବ୍ୟାଖ୍ୟା ବା ଟୀକା ହୋଇପାରେ, କିନ୍ତୁ ତତ୍କାଳୀନ ଧର୍ମ-ପ୍ରଧାନ ସାହିତ୍ୟର ଏହା ଏକପ୍ରକାର ସମାଲୋଚନା । ଭଞ୍ଜ ଯୁଗର ସାହିତ୍ୟ-ବୀକ୍ଷା ସଂସ୍କୃତ ଅଲଙ୍କାରଶାସ୍ତ୍ରାନୁସାରୀ । ସେବର ରାଜସଭାମାନଙ୍କରେ ଏବଂ ପାଲା ଗୋଟିପୋ ପ୍ରଭୃତି ଗଣନାଟ୍ୟ ଅନୁଷ୍ଠାନ ଜରିଆରେ ଓଡ଼ିଆ ସାହିତ୍ୟ ଚର୍ଚ୍ଚା ରୀତିମତ କରାଯାଉଥିଲା । କିନ୍ତୁ ଆଜିକାଲି ସାଧାରଣତଃ ସାହିତ୍ୟ ସମାଲୋଚନା (**Literary Criticism**) ବୋଲିଲେ ଆମେ ଯାହା ବୁଝୁଁ, ଓଡ଼ିଆ ସାହିତ୍ୟରେ ତା'ର ପ୍ରାରମ୍ଭ ଊନବିଂଶ ଶତାବ୍ଦୀର ଶେଷ ଭାଗରେ । ଏହା ପ୍ରଧାନତଃ ପାଶ୍ଚାତ୍ୟ ସାହିତ୍ୟ ପ୍ରଭାବର ଫଳ । ଉତ୍କଳ ଦୀପିକା, ଉତ୍କଳପ୍ରଭା, ଇନ୍ଦ୍ରଧନୁ, ବିଜୁଳି, ଉତ୍କଳ ସାହିତ୍ୟ, ସତ୍ୟବାଦୀ ପ୍ରଭୃତି ସାମୟିକ ପତ୍ରପତ୍ରିକା ମଧ୍ୟରେ ଏହି ସମାଲୋଚନା ସାହିତ୍ୟ ବିକାଶ ଲାଭ କଲା । ଏ ସମ୍ପର୍କରେ ସ୍ୱର୍ଗୀୟ ଗୌରୀଶଙ୍କର ରାୟ, ଶ୍ୟାମସୁନ୍ଦର ରାଜଗୁରୁ, ପଣ୍ଡିତ ମୃତ୍ୟୁଞ୍ଜୟ ରଥ, ଲାଲା ରାମନାରାୟଣ ରାୟ, ପଣ୍ଡିତ ଗୋପୀନାଥ ନନ୍ଦ ପ୍ରମୁଖ ସମାଲୋଚକଗଣ ଆମର ଚିର ସ୍ମରଣୀୟ । ଏମାନେ ଯେଉଁ ପରମ୍ପରା ବା ଭିତ୍ତିଭୂମି ପ୍ରତିଷ୍ଠା କରିଗଲେ, ତା'ରି ଉପରେ ପଣ୍ଡିତ ନୀଳକଣ୍ଠ ଦାଶ, ପଣ୍ଡିତ ବିନାୟକ ମିଶ୍ର, ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି ପ୍ରଭୃତି ସମାଲୋଚନା-ସାହିତ୍ୟର ନୂତନ ସୌଧ ଠିଆ କରାଇଲେ । ଆଜିର ସମାଲୋଚନା-ସାହିତ୍ୟ ଏହି ପ୍ରବୀଣ ତଥା ଅନ୍ୟାନ୍ୟ ନବୀନ ସମାଲୋଚକମାନଙ୍କ ସାଧନାର ଫଳ ।

ସାହିତ୍ୟ-ବୀକ୍ଷା ପ୍ରତି ଆମ ପାଠକ ସମାଜର ଅନୀହା ଏବେ ବି ସୁସ୍ପଷ୍ଟ । ସର୍ଜନାତ୍ମକ ସାହିତ୍ୟରେ ପାଠକ ଶ୍ରଦ୍ଧାଶୀଳ ଓ ଆଗ୍ରହାନ୍ୱିତ ହେଲେ ଏ ଅନୀହା

ଆପେ ଆପେ ଦୂର ହୋଇଯିବ, ଏବଂ ସୁଖର କଥା, ଓଡ଼ିଆ ସାହିତ୍ୟରେ ସେ ସୁଦିନ ବର୍ତ୍ତମାନ ଆସିଗଲାଣି । ସ୍କୁଲ, କଲେଜ ଓ ବିଭିନ୍ନ ସାହିତ୍ୟିକ ଅନୁଷ୍ଠାନରେ ସାହିତ୍ୟ-ଚର୍ଚ୍ଚା ଧୀରେ ଧୀରେ ବୃଦ୍ଧି ପାଉଛି । ଲେଖକମାନେ ସମାଲୋଚନା ପ୍ରବନ୍ଧ ଲେଖିବାରେ ଅଧିକ ଦୃଷ୍ଟି ଦେଉଛନ୍ତି ଏବଂ ପ୍ରକାଶକମାନେ ସମାଲୋଚନା ଗ୍ରନ୍ଥ ପ୍ରକାଶ କରିବାରେ କୁଣ୍ଠାବୋଧ କରୁ ନାହାନ୍ତି । ଆଲୋଚ୍ୟ ଚାରିଖଣ୍ଡି ସମାଲୋଚନା ଗ୍ରନ୍ଥ ଦେଖି ଆମେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛୁଁ ।

ଗୁଣ ବା ମୂଲ୍ୟ ଦୃଷ୍ଟିରୁ ଦେଖିଲେ, ଉକ୍ତ ଚାରିଟି ଗ୍ରନ୍ଥ ଓଡ଼ିଆ ସାହିତ୍ୟ-ଶାଖାରେ ନୂତନ ପ୍ରତିଶ୍ରୁତି ବୋଲି ପ୍ରତୀୟମାନ ହୁଏ । ବର୍ତ୍ତମାନ ସାହିତ୍ୟ ସମାଲୋଚନା ବହୁମୁଖୀ । ପ୍ରାଚୀନ ସାହିତ୍ୟର ଅନ୍ୱେଷଣ ଓ ତାହାର ଯଥାର୍ଥ ମୂଲ୍ୟାଙ୍କନ ଲାଗି ଆଜି ଯେପରି ପ୍ରଚେଷ୍ଟା ଦେଖା ଯାଉଛି, ଅନ୍ୟାନ୍ୟ ସାହିତ୍ୟ ସହି ତୁଳନା କରି ଆଧୁନିକ ସାହିତ୍ୟର ସ୍ୱକୀୟତା ତଥା ପରକୀୟତା ନିର୍ଦ୍ଧାରଣ ପାଇଁ ସେହିପରି ଆଗ୍ରହ ପ୍ରକାଶ ପାଇଛି । ପୁଣି ଆଜିର ସାହିତ୍ୟ-ଶାଖାରେ ବିଭିନ୍ନ ଚାହାଣୀ ବା ପ୍ରତିଚକ୍ଷୁର ବ୍ୟବହାର ଖୁବ୍ ଶ୍ଳାଘ୍ୟ । ଏ ଦିଗରେ ପଣ୍ଡିତ ନୀଳକଣ୍ଠ ହିଁ ପ୍ରଧାନ ଦ୍ରଷ୍ଟା ଓ ଦିଶାରୀ । ତାଙ୍କର ସାହିତ୍ୟାଲୋଚନା ବ୍ୟକ୍ତିନିଷ୍ଠ ଏବଂ ସେହି କାରଣରୁ ତାହା ଗୋଟିଏ ଗୋଟିଏ ସ୍ୱତନ୍ତ୍ର ସୃଷ୍ଟି । ତଥାପି ଗୌଡ଼ୀୟ ବୈଷ୍ଣବ ଧର୍ମ ତଥା ବଙ୍ଗୀୟ ସଂସ୍କୃତି ପ୍ରତି ଆକ୍ଷେପ ଓ ଅସୂୟା-ଭାବ ତାଙ୍କର ସମାଲୋଚନାକୁ ସ୍ଥାନେ ସ୍ଥାନେ ହତଶ୍ରୀ କରିପକାଇଛି । ଏଠାରେ ମାକ୍ସ୍ ମୁଲାର୍‌ଙ୍କର ଚମତ୍କାର କଥା ପଦେ ମନେ ପଡ଼ୁଛି, **"It is the heart that makes the critic, not the n◌e."**—ସାହିତ୍ୟ-ସମାଲୋଚକ ସବୁବେଳେ ଅନସୂୟ ଓ ପ୍ରିୟମ୍ୱଦ ହେବା ଉଚିତ୍ । ନୋହିଲେ ତାଙ୍କଠାରୁ ନିରପେକ୍ଷ 'ରାୟ' **( judgment )** ମିଳିବା ଅସମ୍ଭବ । ଆମ ସାହିତ୍ୟରେ ଏବେ ମଧ୍ୟ "ଅଧ୍ୟାପକଙ୍କ ସାହିତ୍ୟ ଚର୍ଚ୍ଚା" ଭଳି ଅସୂୟାପୂର୍ଣ୍ଣ, ବିଦ୍ରୂପାତ୍ମକ ସମାଲୋଚନା ଲେଖି କେତେକ ବାହାସ୍ଫୋଟ ମାରନ୍ତି । ଦୋଷ ଦୁର୍ବଳତା ଦେଖାଇବାକୁ ଯାଇ ଲେଖକଙ୍କର କୁଳଶୀଳ, ମାନ-ମହତ ମାରିବା ଅତି ନିନ୍ଦନୀୟ କଥା । ସହୃଦୟତା ନ ରହିଲେ କେବେ ମହତ୍ ଓ ବଳିଷ୍ଠ ସମାଲୋଚନା ହୋଇ ପାରେନା ।

ବର୍ତ୍ତମାନ ଓଡ଼ିଆ ସାହିତ୍ୟାଲୋଚନାରେ ସେହି ସହୃଦୟତା ପ୍ରକାଶ ପାଉଥିବାର ଦେଖି ଆମେ ଆନନ୍ଦିତ । ଆଲୋଚ୍ୟ ସମାଲୋଚନା ଗ୍ରନ୍ଥଗୁଡ଼ିକରେ ଆମ ସାହିତ୍ୟ ସଂସ୍କୃତିର ବେଶ୍ ସହୃଦୟ ଓ ନିରପେକ୍ଷ ଆଲୋଚନା କରାଯାଇଛି । ଅଧ୍ୟାପକ ବଂଶୀଧର ମହାନ୍ତିଙ୍କ **"ସାହିତ୍ୟ ଓ ସଂସ୍କୃତି"** ଗ୍ରନ୍ଥଟି ତଥ୍ୟ-ସଂଗ୍ରହ ଓ ଯୁକ୍ତି-ନିଗ୍ରହ ସମବାୟରେ ସୌଷ୍ଠବାନ୍ୱିତ । 'କଳସାର କାଳ ନିରୂପଣ',

'ଓଡ଼ିଆ ପାଦ୍ରୀ ସାହିତ୍ୟ', 'ଇନ୍ଦ୍ରଧନୁ' ଓ 'ବିଜୁଳି', 'ଓଡ଼ିଶା, ବଙ୍ଗ ଓ ଆସାମର କାଷ୍ଟିକାବେଣୀ' ଆଦି ପ୍ରବନ୍ଧରୁ ପ୍ରାବନ୍ଧିକଙ୍କର ଗଭୀର ଅଧ୍ୟୟନ ଓ ଗବେଷଣା-ଦୃଷ୍ଟି ସୁସ୍ପଷ୍ଟ । 'ଶ୍ରୀଚୈତନ୍ୟ ଓ ପଞ୍ଚସଖା' ପ୍ରବନ୍ଧରେ ବଂଶୀଧରବାବୁ ଭଲ କଥାଟିଏ କହିଛନ୍ତି—"ଚୈତନ୍ୟ ଜ୍ଞାନଭକ୍ତ ଓ ପ୍ରେମଭକ୍ତ ମଧ୍ୟରେ କୌଣସି ଭେଦଭାବର ସ୍ରଷ୍ଟା ନୁହଁନ୍ତି । ସେ ଉଭୟ ଜ୍ଞାନ ଏବଂ ପ୍ରେମ-ପାଗଳ ।" କିନ୍ତୁ ଏ କଥାଟି ସେ ଯୁକ୍ତି ଓ ଆଲୋଚନା ଦ୍ୱାରା ପ୍ରମାଣ କରିବାକୁ ଭୁଲି ଯାଇଛନ୍ତି । ଚୈତନ୍ୟ ଏବଂ ଓଡ଼ିଆ ସଂସ୍କୃତି ଉପରେ ତାଙ୍କର ପ୍ରଭାବ ବିଷୟ ଦେଇ ଯୁକ୍ତି-ତର୍କ, ଆଲୋଚନା-ପ୍ରତ୍ୟାଲୋଚନାରେ ଏ ପର୍ଯ୍ୟନ୍ତ ପରସ୍ପର-ବିରୋଧୀ ଦୁଇଟି ଶିବିର ଆମ ଦେଶରେ ଗଢ଼ି ଉଠିଛି । ବଂଶୀଧରବାବୁଙ୍କ ମତଟି ପ୍ରମାଣିତ ହେଲେ, ଏ ଦୁଇଟି ଶିବିରର ପାରସ୍ପରିକ ବିରୋଧ ଦୂର ହୋଇଯିବ ନିଶ୍ଚୟ ।

ଅଧ୍ୟାପକ କାହ୍ନୁଚରଣ ମିଶ୍ରଙ୍କ **'ସାହିତ୍ୟ-ସମୀକ୍ଷା'** ପ୍ରଥମ ଭାଗରେ "ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟ" ପ୍ରବନ୍ଧଟି ବହୁ ପରିଶ୍ରମ ଓ ଅଧ୍ୟୟନର ଫଳ । ଏଥିରେ ଆଧୁନିକ ଓଡ଼ିଆ କାବ୍ୟ ଓ ଦୃଶ୍ୟ କାବ୍ୟର ପୁଙ୍ଖାନୁପୁଙ୍ଖ ଐତିହାସିକ ବିବରଣୀ ପ୍ରାଧାନ୍ୟ ଲାଭ କରିଛି; ଫଳତଃ ପ୍ରବନ୍ଧର ସମାଲୋଚନା ଦିଗଟି ହୋଇଛି ମ୍ଳାନପ୍ରଭ । କବି ରାଧାନାଥଙ୍କଠାରୁ ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ପ୍ରାରମ୍ଭ । କିନ୍ତୁ ଆଧୁନିକ ଓଡ଼ିଆ କାବ୍ୟର ଆଧୁନିକତା କେଉଁଠାରେ ? ବିଷୟବସ୍ତୁ ତଥା ଆଙ୍ଗିକରେ ଏହି ଆଧୁନିକତା କେଉଁଠି କିପରି ଫୁଟିଛି, ତାହା କାହ୍ନୁଚରଣବାବୁ ଦର୍ଶାଇ ନାହାନ୍ତି । ଓଡ଼ିଆ ରଙ୍ଗମଞ୍ଚର କ୍ରମବିକାଶ ଦର୍ଶାଇବାରେ କିନ୍ତୁ ସେ କୃତକାର୍ଯ୍ୟ ହୋଇଛନ୍ତି । ଆମର-ନାଟ୍ୟ ସାହିତ୍ୟ ଆଲୋଚକମାନଙ୍କ ପକ୍ଷରେ ଏ ବିଭାଗଟି ଖୁବ୍ ଉପାଦେୟ । "ଆଧୁନିକ ଓଡ଼ିଆ ନାଟକ" ବିଭାଗଟି ମଧ୍ୟ ତଥ୍ୟବହୁଳ । ଓଡ଼ିଆ ନାଟକର କ୍ରମବିକାଶରେ ତିନୋଟି ସ୍ତର ଉଲ୍ଲେଖଯୋଗ୍ୟ । ପ୍ରଥମ ସ୍ତରରେ ରାମଶଙ୍କର ରାୟ, ରାଜା ପଦ୍ମନାଭ ଦେବ ପ୍ରଭୃତିଙ୍କ ନାଟକ ପ୍ରଧାନତଃ ସଂସ୍କୃତ ନାଟ୍ୟଶାସ୍ତ୍ର ଦ୍ୱାରା ପ୍ରଭାବିତ ଏବଂ ଦ୍ୱିତୀୟ ସ୍ତରରେ କାଳୀଚରଣ ପଟ୍ଟନାୟକ, ଅଶ୍ୱିନୀ କୁମାର ଘୋଷ ପ୍ରମୁଖଙ୍କ ନାଟକ ବିଶେଷତଃ ପାଶ୍ଚାତ୍ୟ ନାଟ୍ୟ ପରମ୍ପରାରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ନୁହେଁ, କିମ୍ବା ପାଶ୍ଚାତ୍ୟ ନାଟ୍ୟ ସାହିତ୍ୟ ଦ୍ୱାରା ସମୂଳେ ପ୍ରଭାବିତ ହୋଇ ନାହିଁ । ଅଧ୍ୟାପକ କାହ୍ନୁଚରଣ ଏସବୁ କଥା ଜାଣନ୍ତି । କିନ୍ତୁ ଆଲୋଚନାରେ ସ୍ପଷ୍ଟ କରି ଦର୍ଶାଇ ନାହାନ୍ତି । ମୋଟାମୋଟି 'ସାହିତ୍ୟ-ସମୀକ୍ଷା' ପ୍ରଥମ ଭାଗଟି ଖାଲି କ୍ରମିକ ବିବରଣୀପୂର୍ଣ୍ଣ ବା Catalogue ହୋଇ ପଡ଼ିଛି; କିନ୍ତୁ ଏହାର ପ୍ରକାଶାସନ୍ନ ଦ୍ୱିତୀୟ ଭାଗଟି ଅଧିକ ସମାଲୋଚନା-ମୂଳକ ହେବ ବୋଲି ଆମର ଆଶା ।

ଆମ ସାହିତ୍ୟ-ରାଜ୍ୟରେ ବ୍ୟକ୍ତିବିଶେଷଙ୍କୁ ନେଇ ବର୍ତ୍ତମାନ ଯେତେ ସମାଲୋଚନା ହେଉଛି—ତନ୍ମଧ୍ୟରେ ଫକୀରମୋହନଙ୍କ ଆଲୋଚନାଟା ସର୍ବଥା, ସର୍ବାଙ୍ଗ ଓ ସାର୍ବିକ। ଇଂରେଜୀ ସାହିତ୍ୟରେ ସେକ୍ସପିଅରଙ୍କ ସମାଲୋଚନା ଏହି ଭାବେ ହୋଇଛି ଏବଂ ଏବେ ମଧ୍ୟ ହେଉଛି। ଫକୀରମୋହନ କିମ୍ବା ସେକ୍ସପିଅର ଆଜି ଆଉ ବ୍ୟକ୍ତିବିଶେଷ ହୋଇ ରହି ନାହାନ୍ତି; ନିଜ ନିଜର ସାରସ୍ୱତ ସାଧନା, ସଂସ୍କୃତି-ପ୍ରୀତି ଏବଂ ସର୍ବୋପରି ଜାତୀୟ ଉନ୍ନୟନ ଦିଗରେ ଆପଣାର ଅତୁଳ ଅନୁଶାସନ ସକାଶେ ସେମାନେ ଏବେ ଗୋଟିଏ ଗୋଟିଏ ଅନୁଷ୍ଠାନ। ତେଣୁ ଏହି ବିରାଟ ଫକୀରମୋହନ-ଅନୁଷ୍ଠାନର ସମୀକ୍ଷା ବା ପରିକ୍ରମା ଖଣ୍ଡିଏ ଦୁଇଖଣ୍ଡି ଗ୍ରନ୍ଥରେ ଶେଷ ହେବାର ନୁହେଁ, ହୋଇପାରିବନି ମଧ୍ୟ। ଆମ ଦେଖିବାରେ, ଏ ପର୍ଯ୍ୟନ୍ତ ଫକୀରମୋହନଙ୍କ ବିଷୟରେ ପାଞ୍ଚ ଖଣ୍ଡି ସମାଲୋଚନା ଗ୍ରନ୍ଥ ପ୍ରକାଶ ପାଇଛି। ଶ୍ରୀ ସୁରେନ୍ଦ୍ର ମହାନ୍ତିଙ୍କ "ଫକୀରମୋହନ" ବୋଧହୁଏ ଏ ଦିଗରେ ପ୍ରଧାନ ଓ ପ୍ରଥମ ପ୍ରଚେଷ୍ଟା। ଆଲୋଚ୍ୟ **"ଫକୀର ମୋହନ ସମୀକ୍ଷା"** "ଫକୀରମୋହନ" ଗ୍ରନ୍ଥର ପରିବର୍ଦ୍ଧିତ ସଂସ୍କରଣ ହେଲେ ମଧ୍ୟ ଏଥିରେ ଅନେକ ନୂତନ ତଥ୍ୟ ଓ ମୌଳିକ ବିଶ୍ଳେଷଣ ରହିଛି। ପ୍ରାବନ୍ଧିକ, ଫକୀରମୋହନଙ୍କ କଥା ସାହିତ୍ୟର ବିଭିନ୍ନ ଦିଗ ବିଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା କରିଛନ୍ତି। ବିଶେଷତଃ ଗ୍ରନ୍ଥଟିର ଦୀର୍ଘ ଭୂମିକା ଓ "ଫକୀରମୋହନଙ୍କ ସାହିତ୍ୟାଦର୍ଶ" ଅଧ୍ୟାୟଟି ତଥ୍ୟ-ବହୁଳ, ଗବେଷଣା-ମୂଳକ ହୋଇଛି। ଗତାନୁଗତିକ ପଥ ଭାଙ୍ଗି ସମାଲୋଚନାରେ ନୂତନ ଆଭିମୁଖ୍ୟ ଫିଟାଇବାରେ ସୁରେନ୍ଦ୍ରବାବୁ କୃତକାର୍ଯ୍ୟ ହୋଇଛନ୍ତି। ଏହି ଧରଣର ସମାଲୋଚନା ଆମେ ତାଙ୍କଠାରୁ ବେଶୀ ବେଶୀ ଆଶା କରୁଁ।

ଫକୀରମୋହନ-ଅଧ୍ୟୟନରେ ଏକ ସାଧୁ ଓ ସମବେତ ପ୍ରଚେଷ୍ଟା ହେଉଛି **"ଫକୀରମୋହନ ପରିକ୍ରମା"**। ଗ୍ରନ୍ଥଟିର ବିଷୟବସ୍ତୁ—ଜୀବନକଥା, ସାହିତ୍ୟ ସମୀକ୍ଷା, ଗୀତାଞ୍ଜଳି ଓ ପରିଶିଷ୍ଟ—ଏହି ଚାରିଟି ଭାଗରେ ବିଭକ୍ତ। ପ୍ରଥମ ଭାଗରେ ଫକୀରମୋହନଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଥିବା କେତେକ ପ୍ରବୀଣ ବ୍ୟକ୍ତି ନିଜ ନିଜର ସ୍ମୃତି ରୋମନ୍ଥନ କରିଛନ୍ତି। ଏହାଦ୍ୱାରା ଫକୀରମୋହନଙ୍କ ଜୀବନ ତଥା ସାହିତ୍ୟ-ସାଧନା ବିଷୟରେ ଅନେକ ଅଜଣା କଥା ଆଲୋକକୁ ଆସିଗଲା। ଏହି ଉଦ୍ଦେଶ୍ୟ ସାଧନ ଲାଗି ମଧ୍ୟ ପରିଶିଷ୍ଟରେ ଫକୀରମୋହନଙ୍କ ଚିଠିପତ୍ର କିଛି ପ୍ରକାଶ କରିଥିଲେ ଭଲ ହୋଇଥାନ୍ତା। କିନ୍ତୁ ବିଜ୍ଞ ସମ୍ପାଦକ ତାହା କାହିଁକି ନ କଲେ, ବୁଝା ପଡ଼ୁ ନାହିଁ। ପଦ୍ମଶ୍ରୀ ସାହୁ ଓ ସରଳା ଦେବୀଙ୍କ ସ୍ମୃତି—ରୋମନ୍ଥନ-ଧାରା ବିକ୍ଷିପ୍ତ ଏବଂ ଖାପଛଡ଼ା। ଏହା ବ୍ୟତୀତ "ପଦେ-ଅଧେ"ରେ ଅଧ୍ୟକ୍ଷ ପ୍ରହ୍ଲାଦ ବାବୁ ଦର୍ଶାଇଥିବା ଦୋଷ ମଧ୍ୟ ଯଥାର୍ଥ। ସୁସମ୍ପାଦନାରେ ଏ ସବୁ ସଜଡ଼ା ହୋଇ ପାରିଥାନ୍ତା। ବିଶିଷ୍ଟ ସମାଲୋଚକମାନଙ୍କର ବିଭିନ୍ନ ଦୃଷ୍ଟିରୁ

ଫକୀରମୋହନଙ୍କ ସୃଷ୍ଟିର ବିଚାର ଦ୍ୱାରା ସାହିତ୍ୟ ସମୀକ୍ଷା ବିଭାଗଟି ମୂଲ୍ୟବାନ୍ । ବିଶେଷତଃ ଅଧ୍ୟାପକ ମନ୍ମଥନାଥ ଦାସ ଓ ନରେନ୍ଦ୍ର ନାଥ ମିଶ୍ରଙ୍କ ବିଚାରରେ ନୂତନ ମୌଳିକ ଦୃଷ୍ଟିଭଙ୍ଗୀ ପରିସ୍ଫୁଟ, ଏ ବିଭାଗଟିକୁ ଆହୁରି ତଥ୍ୟ-ମୂଳକ, ଗବେଷଣାପୂର୍ଣ୍ଣ ପ୍ରବନ୍ଧ ଦ୍ୱାରା ମହାର୍ଘ ଓ 'ମହିମାନ୍ୱିତ କରିବା ଉଚିତ ଥିଲା— କାରଣ ପରିକ୍ରମଣ ସାମାନ୍ୟ କଥା ନୁହେଁ । ଫକୀରମୋହନ ସହସ୍ରାଂଶୁ । ପରିକ୍ରମଣରେ ତାଙ୍କର ପ୍ରତ୍ୟେକ ଅଂଶୁ ସମୀକ୍ଷା କରିବାକୁ ମାତ୍ର ଏହି ଚଉଦଟି ପ୍ରବନ୍ଧ ଯଥେଷ୍ଟ ନୁହେଁ, ଚଉଦ ଶହ ଲୋଡ଼ା । ତେଣୁ ଅଧ୍ୟକ୍ଷ ପ୍ରହ୍ଲାଦ ବାବୁଙ୍କ ସହିତ ସ୍ୱର ମିଳାଇ ଆମେ କହିବୁଁ—ଏହି ଦିଗରେ ଆହୁରି ପ୍ରଚେଷ୍ଟା ହେବା ଉଚିତ୍ ଏବଂ ଆସନ୍ତା ବର୍ଷକୁ "ପରିକ୍ରମା"ର ଦ୍ୱିତୀୟ ପର୍ଯ୍ୟାୟ, ଆମେ ପାଇବୁ ବୋଲି ଆଶା ।

ବାଲେଶ୍ୱରରେ ପ୍ରାୟ ସାତ ବର୍ଷ ପୂର୍ବେ ଡକ୍ଟର କୁଞ୍ଜବିହାରୀ ଦାଶଙ୍କ ନେତୃତ୍ୱରେ "ଫକୀର ମୋହନ ସାହିତ୍ୟ ପରିଷଦ" ପ୍ରତିଷ୍ଠିତ ହୋଇ ଏ ପର୍ଯ୍ୟନ୍ତ ଅଦମ୍ୟ ଉତ୍ସାହରେ କାର୍ଯ୍ୟ କରି ଆସୁଛି । ଫକୀରମୋହନଙ୍କର ଅତି ପ୍ରିୟ "ଶାନ୍ତିକାନନ"ଟିକୁ ଜାତୀୟ ସମ୍ପତ୍ତିରେ ପରିଣତ କରିବା ଲାଗି ଏ ପରିଷଦର ନିରବଚ୍ଛିନ୍ନ ଉଦ୍ୟମ ପ୍ରଶଂସାର୍ହ । ତଥାପି 'ଶାନ୍ତିକାନନ' ଆଜି ଜଣକର ବ୍ୟକ୍ତିଗତ ଅଧିକାରରେ ଥାଇ ଶ୍ମଶାନରେ ପରିଣତ ହେଉଛି । ଓଡ଼ିଆ ଜାତି ଓ ତାର ଗଣତାନ୍ତ୍ରିକ ସରକାର ଏହା ଖାଲି ଜଳ ଜଳ କରି ଚାହିଁ ଦେଖୁଛି ଏବଂ ଶୁଣିବାକୁ ପାଉଛି—ସେହି ଶ୍ମଶାନ ଉପରେ ଓଡ଼ିଆ ସଂସ୍କୃତି-ଗ୍ରାସୀ ପିଶାଚମାନଙ୍କର କିଳିକିଳା ରବ—"ଫକୀରମୋହନ ଏକ୍‌ଟା କବି ଛିଲ, ତାର ଆବାର ଏକ୍‌ଟା ସ୍ମୃତି !" ଉକ୍ତ ପରିଷଦ ଫକୀରମୋହନଙ୍କ ପରିକ୍ରମା କରିବା ସଙ୍ଗେ ସଙ୍ଗେ ଏହି ପିଶାଚମାନଙ୍କୁ କବଳିତ କରିବା ଲାଗି ଉପଯୁକ୍ତ ଜଡ଼ିବୁଟି ଓ ଗୁଣି ଗାରୁଡ଼ି ହାସଲ କରୁ ।

ଆଲୋଚ୍ୟ ଗ୍ରନ୍ଥ ଗୁଡ଼ିକର ମୁଦ୍ରଣ ଓ ଗ୍ରନ୍ଥନ ପରିପାଟୀ ଶୋଭନୀୟ । ବିଶେଷତଃ "ସାହିତ୍ୟ ଓ ସଂସ୍କୃତି" ଏବଂ "ଫକୀରମୋହନ ପରିକ୍ରମା"ର ଗେଟ୍-ଅପ୍ ଆକର୍ଷଣୀୟ ହୋଇଛି ।

(୧୯୫୭)

# ଆମ ପର୍ଯ୍ୟଟନ-ସାହିତ୍ୟ

ପୁରାଣ ଯୁଗରେ ଗଣେଶ ଓ କାର୍ତ୍ତିକେୟଙ୍କ ଜ୍ଞାନ-ପରୀକ୍ଷା ଲାଗି ଶିବ ସେମାନଙ୍କୁ ବିଶ୍ୱ-ପରିକ୍ରମା କରିବାକୁ ଆଦେଶ ଦେଇଥିଲେ । ସେ ବିଶ୍ୱ-ପରିକ୍ରମାର ବିବରଣୀ ଆମେ ଆଜି ନ ପାଇଲେ ମଧ୍ୟ, ତହିଁରୁ ଗୋଟିଏ କଥା ଜାଣିପାରୁଛୁ ଯେ ଜ୍ଞାନାର୍ଜନ ଲାଗି ବା ଭୂୟୋଦର୍ଶନ ପାଇଁ ବିଶ୍ୱ ଭ୍ରମଣ ଲୋଡ଼ା । ବିଭିନ୍ନ ଦେଶ ବିଦେଶ ପରିଭ୍ରମଣ ନ କରି ମଣିଷ ସାରା ଜୀବନ ଗୋଟିଏ ସ୍ଥାନରେ ସୀମାବଦ୍ଧ ହୋଇ ରହିଲେ, ସେ ହେବ କୂପମଣ୍ଡୂକ—ଯେତେ ଗ୍ରନ୍ଥ ଅଧ୍ୟୟନ କରୁ ପଛକେ । ସେଣ୍ଟ୍ ଅଗଷ୍ଟାଇନ୍‌ଙ୍କ ଭାଷାରେ—"ପୃଥିବୀ ଏକ ବିରାଟ ଗ୍ରନ୍ଥ, ଯେଉଁମାନେ ଘରୁ ଗୋଡ଼ କାଢ଼ି ପଦାକୁ ନ ଯାଆନ୍ତି, ସେମାନେ ଏ ଗ୍ରନ୍ଥରୁ ଗୋଟିଏ ମାତ୍ର ପୃଷ୍ଠା ପଢ଼ନ୍ତି ।" ସେଥିପାଇଁ ଉପଯୁକ୍ତ ପର୍ଯ୍ୟଟନ ଦ୍ୱାରା ଏ ବିଶାଳ ଗ୍ରନ୍ଥ ଅଧ୍ୟୟନ ସମ୍ଭବ । ପ୍ରାଚୀନ କାଳରେ ବିଭିନ୍ନ ଦେଶର ଦୂତ ବା ପର୍ଯ୍ୟଟକମାନେ ନିୟମିତ ଅନ୍ୟ ଦେଶ ଭ୍ରମଣରେ ଯାଉଥିଲେ । ସେମାନଙ୍କ ଭ୍ରମଣ ବୃତ୍ତାନ୍ତ ଇତିହାସ ପୃଷ୍ଠାରେ ଲିପିବଦ୍ଧ ରହିଛି । କିନ୍ତୁ ଏ ସବୁ ଭ୍ରମଣ କାହାଣୀ ଯେତେ ସାହିତ୍ୟିକ ନୁହେଁ, ସେତେ ବେଶୀ ଐତିହାସିକ । ଭ୍ରମଣ କାହାଣୀ ସାହିତ୍ୟର ଏକ ସ୍ୱତନ୍ତ୍ର ବିଭାଗ ରୂପେ ଗୃହୀତ ହେଲା ଇଉରୋପୀୟ ପୁନର୍ଜାଗୃତି (Renaissance) କାଳରେ । ଏହି ପ୍ରସିଦ୍ଧ "ଆବିଷ୍କାରର ଯୁଗ"ରେ ବହୁ ଲେଖକଙ୍କ ଦ୍ୱାରା ଲିଖିତ ଜଳ ତଥା ସ୍ଥଳପଥ ଯାତ୍ରାର ଚମକପ୍ରଦ କାହାଣୀ ସାରସ୍ୱତ ସମ୍ପଦ ହୋଇ ରହିଛି ଚିରକାଳ । ସେହିଦିନଠାରୁ ପୃଥିବୀର ବିଭିନ୍ନ ଦେଶରେ-ପର୍ଯ୍ୟଟନ ସାହିତ୍ୟ ବିକାଶ ଲାଭ କଲା । ଆଜି ପ୍ରାୟ ପ୍ରତ୍ୟେକ ଦେଶୀୟ ସାହିତ୍ୟରେ ଭ୍ରମଣ କାହାଣୀ ବହୁଳ ଭାବରେ ଲିଖିତ ଓ ଆଦୃତ ହେଉଛି ।

ଓଡ଼ିଆ ପର୍ଯ୍ୟଟନ ସାହିତ୍ୟର ଇତିହାସ ମୋଟାମୋଟି ଚଳିତ ଶତାବ୍ଦୀ ଭିତରେ ସୀମାବଦ୍ଧ । ଦ୍ୱିତୀୟ ମହାଯୁଦ୍ଧ ପୂର୍ବରୁ ଓଡ଼ିଆମାନେ ଅଧିକ ସଂଖ୍ୟାରେ ଦେଶ ବିଦେଶ ଭ୍ରମଣ କରିବାର ସୁଯୋଗ ପାଇ ନ ଥିଲେ; ଯେଉଁ କେତେ ଜଣ

ଯାଇଥିଲେ, ସେମାନଙ୍କ ମଧ୍ୟରୁ ସମସ୍ତେ ତ ଆଉ ଭ୍ରମଣ କାହାଣୀ ଲେଖି ପାରିବେ ନାହିଁ ! କାରଣ ଭ୍ରମଣ କାହାଣୀ ଲେଖାରେ ଟିକିଏ 'ଲେଖକ'ର ଦୃଷ୍ଟିଭଙ୍ଗୀ ଲୋଡ଼ା—ସାହିତ୍ୟିକ ପ୍ରେରଣା ଆବଶ୍ୟକ । ନୋହିଲେ ଭ୍ରମଣ କାହାଣୀ ଏବଂ ଖବରକାଗଜର ବିବୃତି ବା ବିବରଣୀ ମଧ୍ୟରେ କୌଣସି ପାର୍ଥକ୍ୟ ରହିବ ନାହିଁ । ସେଥିପାଇଁ ମହାଯୁଦ୍ଧ ପୂର୍ବରୁ ଓଡ଼ିଆ ଭ୍ରମଣ କାହାଣୀର ସଂଖ୍ୟା ଥିଲା ମୁଷ୍ଟିମେୟ । କବିବର ଚିନ୍ତାମଣି ମାହାନ୍ତି, ଶଶୀଭୂଷଣ ରାୟ, ନୃସିଂହ ଚରଣ ମହାନ୍ତି (ବିଲାତ କଥା), ଜଳନ୍ଧର ଦେବ (ଡାଏରିର କିୟଦଂଶ), ପଣ୍ଡିତ କୁଳମଣି ଦାଶ (ହିମାଳୟ ପଥେ) ଓ ଅନ୍ୟାନ୍ୟ କେତେକ ଲେଖକ ସେ ସମୟରେ ଯେଉଁ ଭ୍ରମଣ କାହାଣୀ ସୃଷ୍ଟି କଲେ, ତାହା ଉତ୍ତର ସାଧକମାନଙ୍କୁ ଯଥେଷ୍ଟ ପ୍ରେରଣା ଦେଇଛି । ଶ୍ରୀ ଅନ୍ନଦାଶଙ୍କର ରାୟଙ୍କର 'ପଥେ ପ୍ରବାସେ' ମଧ୍ୟ ବଙ୍ଗଳାରେ ପ୍ରକାଶ ପାଇବା ପୂର୍ବରୁ ସେତେବେଳେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ଧାରାବାହିକ ଭାବରେ ପ୍ରକାଶିତ ହୋଇ ପାଠକ ତଥା ଲେଖକମାନଙ୍କୁ ଚମତ୍କୃତ କରିଥିଲା । ମହାଯୁଦ୍ଧ ପରେ ଓଡ଼ିଆମାନେ ଯେତେବେଳେ ଅଧିକ ସଂଖ୍ୟାରେ ଦେଶ ବିଦେଶ ଭ୍ରମଣ କରିବାକୁ ଆରମ୍ଭ କଲେ, ସେତେବେଳେ ଆମ ପର୍ଯ୍ୟଟନ ସାହିତ୍ୟର ଆଶାନୁରୂପ ଅଭିବୃଦ୍ଧି ଘଟିଲା । ଅନେକେ ଭ୍ରମଣ କାହାଣୀ ଲେଖିବାକୁ ଆଗୁସାର ହୋଇ ଆସିଲେ । ବର୍ତ୍ତମାନ ଓଡ଼ିଆ ପର୍ଯ୍ୟଟନ ସାହିତ୍ୟ ସୃଷ୍ଟି ଦିଗରେ ଶ୍ରୀ ଉମେଶ ପାଣିଗ୍ରାହୀଙ୍କ ପ୍ରଚେଷ୍ଟା ଉଲ୍ଲେଖଯୋଗ୍ୟ । ଅନ୍ୟମାନଙ୍କର ଉଦ୍ୟମ ପ୍ରାୟ ସାମୟିକ । କିନ୍ତୁ ଶ୍ରୀ ପାଣିଗ୍ରାହୀ ନିୟମିତ ଭାବେ ନିଜ ପର୍ଯ୍ୟଟନର କାହାଣୀ ଲେଖିଛନ୍ତି ଏବଂ ବଙ୍ଗଳାର ଭୂ-ପର୍ଯ୍ୟଟକ ରାମନାଥ ବିଶ୍ୱାସଙ୍କର କେତେକ ଭ୍ରମଣ କାହାଣୀ ଅନୁବାଦ କରିଛନ୍ତି ।

ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶଙ୍କର ଆଲୋଚ୍ୟ **'ଇଉରୋପରେ ମୋର ଅନୁଭୂତି'** ଗ୍ରନ୍ଥଟି ସେହିପରି ସାମୟିକ ଉଦ୍ୟମର ଫଳ ହେଲେ ବି ଏକ ସାର୍ଥକ ଭ୍ରମଣ କାହାଣୀ । କାରଣ ପୂର୍ବ କଥିତ 'ଲେଖକ'ଙ୍କର ଦୃଷ୍ଟିଭଙ୍ଗୀ ବା ସାହିତ୍ୟିକ ପ୍ରେରଣା ଏହା ମୂଳରେ ବିଦ୍ୟମାନ । ସରସ ଓ ସାବଲୀଳ ଲିଖନ-ଭଙ୍ଗୀ ଦ୍ୱାରା ଲେଖକ 'ଚକ ବୁଲିଲି' ଠାରୁ 'ଅକୁହା କଥା' ପର୍ଯ୍ୟନ୍ତ ସମସ୍ତ ବକ୍ତବ୍ୟଟିକୁ ରସୋତ୍ତୀର୍ଣ୍ଣ କରି ପାରିଛନ୍ତି । ତେଣୁ ପ୍ରତ୍ୟେକ ପାଠକର ଏହା ଉପଭୋଗ୍ୟ । ସଂଶିତ ଗ୍ରନ୍ଥରେ ଲେଖକ କେବଳ ନିଜର ଜର୍ମାନ୍ ଅନୁଭୂତି ବର୍ଣ୍ଣନା କରିଛନ୍ତି । ପୃଥିବୀରେ ଜର୍ମାନ ଏକ ଉନ୍ନତ ଦେଶ । ବିଶେଷତଃ ଜ୍ଞାନ ବିଜ୍ଞାନ କ୍ଷେତ୍ରରେ ଜଗତକୁ ଜର୍ମାନର ଶୁଭଦାନ ଅବିସମ୍ବାଦିତ । ଦୁଇ ଦୁଇଟା ମହାଯୁଦ୍ଧରେ ଜର୍ମାନର ମେରୁଦଣ୍ଡ ଦୋହଲି ଯାଇଛି ଏବଂ ବର୍ତ୍ତମାନ ଏହା ଖଣ୍ଡ ବିଖଣ୍ଡ ହୋଇ ଦୁଇ ବିଜେତା ଶକ୍ତିଙ୍କ ମଧ୍ୟରେ ବଣ୍ଟା ଯାଇଛି । ଫଳରେ ଦୁର୍ଦ୍ଧର୍ଷ କେଶରୀ ଜର୍ମାନୀ ଜାତି

ଆଜି ସାମରିକ, ସାଂସ୍କୃତିକ ଓ ଅର୍ଥନୈତିକ ସଂହତି ହରାଇ ବସିଛି । ତଥାପି ଡକ୍‌ଟର ଦାଶଙ୍କର ଜର୍ମାନ-ବୀକ୍ଷା ଓ ଜର୍ମାନୀ ମାନସ-ଅଧ୍ୟୟନରୁ ସ୍ପଷ୍ଟ ଜଣାଯାଏ— ଜର୍ମାନ ଏବେ ବି ଜୀବିତ ଓ ଜାଗ୍ରତ । ସୁବିଧା ମିଳିଲେ, ପ୍ରଥମ ସୁଯୋଗରେ ହିଁ ସେ ଆପଣା ମାନସିକ ଓ ଶାରୀରିକ ଶକ୍ତି ଜଗତକୁ ଦେଖାଇ ଦେଇପାରେ ।

ଛାତ୍ର ହିସାବରେ ଲେଖକଙ୍କର ଜର୍ମାନ-ଅବସ୍ଥାନ । ତେଣୁ ଜର୍ମାନର ଶିକ୍ଷା ଜୀବନ ଓ ଏହାର ଆନୁଷଙ୍ଗିକ ବିଷୟରେ ସେ ବେଶୀ ଆଲୋକପାତ କରିଛନ୍ତି । "ବର୍ଲିନ୍ ବିଶ୍ୱବିଦ୍ୟାଳୟ", "ଜର୍ମାନୀର ଛାତ୍ର ଓ ଛାତ୍ରୀ" ପ୍ରଭୃତି ପରିଚ୍ଛେଦରୁ ଏହା ପ୍ରତୀୟମାନ ହୁଏ । ଫଳତଃ ଜର୍ମାନ ଦେଶ ଓ ଜାତୀୟ ଜୀବନର ଅନ୍ୟାନ୍ୟ କେତେକ ବିଭବ ବର୍ଣ୍ଣନାରେ ସେ ଅଧିକ ଦୃଷ୍ଟି ଦେଇ ପାରି ନାହାନ୍ତି । ଜର୍ମାନର ରାଜନୈତିକ ଓ ଅର୍ଥନୈତିକ ପରିସ୍ଥିତି କଥା କେତେକ ଉଲ୍ଲେଖ ଥିଲେ ହେଁ, ଏହାର ଗ୍ରାମ୍ୟ ଜୀବନ, ଧର୍ମ ଓ ସାମାଜିକ ଚଳଣି ସମ୍ପର୍କରେ ଆଉ ଗୋଟିଏ ଦୁଇଟି ପରିଚ୍ଛେଦ ଯୋଗ କରିଥିଲେ, ଗ୍ରନ୍ଥଟି ପୂର୍ଣ୍ଣାଙ୍ଗ ହୋଇଥାନ୍ତା । ଗ୍ରନ୍ଥର ଦ୍ୱିତୀୟ ଭାଗରେ ଲେଖକ ଏଥିପ୍ରତି ଦୃଷ୍ଟି ଦେବା ସଙ୍ଗେ ସଙ୍ଗେ ଇଉରୋପୀୟ ଅନ୍ୟାନ୍ୟ ଦେଶ ସମ୍ପର୍କରେ ନିଜର ପ୍ରତ୍ୟକ୍ଷ ଅନୁଭୂତି ବିଶଦ ଭାବରେ ବର୍ଣ୍ଣନା କରିବେ ବୋଲି ଆମର ଆଶା ।

ଜନ୍‌ସନ୍ ଥରେ କହିଥିଲେ—**Ancient travellers guessed, modern travellers measure.** ଡକ୍ଟର ଦାଶଙ୍କର ବର୍ଣ୍ଣିତ ଅନୁଭୂତିରେ ଆମେ ସେଇ ମାପି ଦେଖିବାର ପ୍ରବୃତ୍ତି ବ୍ୟବହୃତ ହୋଇଥିବାର ଦେଖୁଁ । ଆପଣା ଅନ୍ତର୍ଦୃଷ୍ଟି ଓ ଗଭୀର ଅଧ୍ୟୟନ ଶକ୍ତି ଦ୍ୱାରା ଡକ୍ଟର ଦାଶ ଜର୍ମାନ ଜାତିର ଶିକ୍ଷା ଦୀକ୍ଷା, ରୀତି ଚଳଣି ସବୁ ମାନବିକ ମୂଲ୍ୟବୋଧରେ ଓଜନ କରିଛନ୍ତି ଏବଂ କେତେକ ସ୍ଥାନରେ ତା' ସହିତ ଆମ ଶିକ୍ଷା ଦୀକ୍ଷା, ରୀତି ଚଳଣିର ତୁଳନା କରି ଭଲ ମନ୍ଦ ବାଛି ଦେଇଛନ୍ତି । ଉତ୍କୃଷ୍ଟ ଭ୍ରମଣ କାହାଣୀ ଲେଖକ ପକ୍ଷରେ ଏହା ହିଁ ଶ୍ଳାଘ୍ୟ । ମଟ୍ ସାହେବଙ୍କ **"ସମ୍ବଲପୁର ଯାତ୍ରା"** ବର୍ଣ୍ଣନାରେ ମଧ୍ୟ ସ୍ଥାନେ ସ୍ଥାନେ ଏଇ ମାପି ଦେଖିବାର ପ୍ରବୃତ୍ତି ରହିଛି । 'ବାଲେଶ୍ୱର ବାହାକ'—ମାନଙ୍କର ଅବସ୍ଥା ଓ "ବେହେରାମାନଙ୍କର ସାଧାରଣତନ୍ତ୍ର" କଥା ପ୍ରଭୃତି ବର୍ଣ୍ଣନାରେ ଏହାର ପ୍ରମାଣ ମିଳେ । ବଙ୍ଗ ଦେଶରେ ଓଡ଼ିଆ ବେହେରାମାନଙ୍କର ଐକ୍ୟବଦ୍ଧ ସଂଘ ସମିତି ଦେଖି ମଟ୍ ସେତେବେଳେ ଆକ୍ଷେପ କରିଛନ୍ତି—"ଯଦି ଏହି ଏକତା ଓ ଦୃଢ଼ତା ଦେଶରକ୍ଷା ନିମିତ୍ତ ଯୋଗ୍ୟତା ସହକାରେ ପ୍ରଯୁକ୍ତ ହୋଇଥାନ୍ତା, ତେବେ ସେମାନଙ୍କୁ ମରହଟ୍ଟାମାନେ କଦାପି ପରାଧୀନ କରିପାରି ନ ଥାନ୍ତେ ।" (ପୃ: ୧୭) ପୁଣି ଓଡ଼ିଶାର ତତ୍କାଳୀନ ରାଜ୍ୟ ଶାସନ ସମ୍ପର୍କରେ ସେ ମତ ପ୍ରକାଶ କରିଛନ୍ତି— "ପ୍ରଜାପାଳନ ନିମିତ୍ତ ରାଜା ଏକମାତ୍ର ଦାୟୀ; ମାତ୍ର ପ୍ରଜାମାନେ ଏତେ ମୂର୍ଖ ଯେ ରାଜନୀତିର ବିରୁଦ୍ଧାଚରଣ ଓ କଣ୍ଟକରୂପୀ ରାଜାକୁ କେବେହେଁ ରାଜ୍ୟଚ୍ୟୁତ

କରିବାରେ ଅଭିଳାଷୀ ହୁଅନ୍ତି ନାହିଁ ।” (ପୃ-୩୮) ଏହିପରି ଅଷ୍ଟାଦଶ ଶତାବ୍ଦୀର ଓଡ଼ିଆ ସମାଜ ଓ ଜାତୀୟ ଜୀବନ ବିଷୟରେ ମଟ୍‌ଙ୍କ ଭ୍ରମଣ ବୃତ୍ତାନ୍ତ ସ୍ଥାନ-ବିଶେଷରେ ଅତି କୌତୂହଳପ୍ରଦ ହୋଇଛି ।

ଇଂରାଜୀ ବଣିକ ଟମାସ ମଟ୍ ହୀରା ବ୍ୟବସାୟ କରିବା ଉଦ୍ଦେଶ୍ୟରେ ୧୭୬୬ ମସିହାରେ ସମ୍ବଲପୁର ଯାତ୍ରା କରିଥିଲେ । ସେ ଜଳେଶ୍ୱର, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ବୌଦ୍ଧ, ବଡ଼ମୂଳ ଘାଟି ପ୍ରଭୃତି ଅଞ୍ଚଳ ଦେଇ ଦେଢ଼ମାସ ପରେ ସମ୍ବଲପୁରରେ ପହଞ୍ଚିଥିଲେ । ଯାତ୍ରା ପଥରେ ସେ ଯାହା ଦେଖିଥିଲେ ଓ ଅନୁଭବ କରିଥିଲେ, ତାହା ସମସ୍ତ ଏହି ଭ୍ରମଣ କାହାଣୀରେ ଉଲ୍ଲେଖ କରିଛନ୍ତି । ଏଥିରୁ ତତ୍କାଳୀନ ଓଡ଼ିଶାର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ପରିସ୍ଥିତିର କେତେକ ପରିଚୟ ମିଳେ । ତେଣୁ ପୁସ୍ତକଟି ଐତିହାସିକ ଓ ଗବେଷକମାନଙ୍କ ପକ୍ଷରେ ଅତି ଉପାଦେୟ । ଶ୍ରୀଯୁକ୍ତ ପରମାନନ୍ଦ ଆଚାର୍ଯ୍ୟ ପୁସ୍ତକଟିକୁ ଇଂରାଜୀରୁ ଅନୁବାଦ କରି ଏକ ଜାତୀୟ କାର୍ଯ୍ୟ ସମ୍ପାଦନ କରିଛନ୍ତି । ସାଧୁ !

କିନ୍ତୁ ପୁସ୍ତକଟିକୁ ଭ୍ରମଣ କାହାଣୀ ଆଖ୍ୟା ଦେବାକୁ ଆମେ ଟିକିଏ କୁଣ୍ଠିତ । ଏହା ପ୍ରଧାନତଃ ଏକ ଐତିହାସିକ ବିବରଣୀ ଏବଂ ଏଥିରେ ସାହିତ୍ୟିକ ପ୍ରେରଣାର ଅଭାବ ଅନୁଭୂତ ହୁଏ । ତେଣୁ ଉପଭୋଗ ଅପେକ୍ଷା ପାଠକେ ଏହା ଅଧିକ ଉପଯୋଗ କରିପାରିବେ । ଯଥାର୍ଥରେ ଏହା ‘ଭ୍ରମଣ ବୃତ୍ତାନ୍ତ’ ।

ପୁସ୍ତକ ଦୁଇଟିର ମୁଦ୍ରଣ ଓ ଗ୍ରନ୍ଥନ ଚମତ୍କାର । ‘ଇଉରୋପରେ ମୋ ଅନୁଭୂତି’ର ପ୍ରଚ୍ଛଦପଟ୍ଟ ତାତ୍ପର୍ଯ୍ୟପୂର୍ଣ୍ଣ ଓ ଆକର୍ଷଣୀୟ । କିନ୍ତୁ ‘ସମ୍ବଲପୁର ଯାତ୍ରା’ର ପ୍ରଚ୍ଛଦ ସାଧାରଣ । ଏହାର କାରଣ, ବୋଧହୁଏ ଉତ୍କଳ ବିଶ୍ୱବିଦ୍ୟାଳୟ ଅସାଧାରଣ ନୁହନ୍ତି । ଅସାଧାରଣ ହୋଇଥିଲେ ଦୀର୍ଘ ୧୧ ବର୍ଷ ମଧ୍ୟରେ ଏହିପରି ତଥ୍ୟପୂର୍ଣ୍ଣ ଗବେଷଣାମୂଳକ ପୁସ୍ତକ ମୋଟେ ୩୪ ଖଣ୍ଡ ପ୍ରକାଶ କରି ନ ଥାନ୍ତେ ।

(୧୯୬୭)

# ଧର୍ମ ଓ ଓଡ଼ିଆ ସାହିତ୍ୟ

ପ୍ରାଚୀନ ତଥା ମଧ୍ୟ-ଯୁଗୀୟ ଓଡ଼ିଆ ସାହିତ୍ୟ ଧର୍ମ ସହିତ ଘନିଷ୍ଠ ଭାବରେ ସମ୍ପୃକ୍ତ । ଓଡ଼ିଆ ସାହିତ୍ୟର ଦୀର୍ଘ ଇତିହାସରେ ପ୍ରାୟ ଆଠଶହ ବର୍ଷକାଳ ବିଭିନ୍ନ ଭାରତୀୟ ଧର୍ମମତ—ବିଶେଷ କରି ବୌଦ୍ଧ ଓ ବୈଷ୍ଣବ ଧର୍ମମତ ପ୍ରଭାବ ବିସ୍ତାର କରି ରହିଛି । ଓଡ଼ିଶାର ବଡ଼ଠାକୁର ଜଗନ୍ନାଥଙ୍କଠାରେ ସର୍ବ ଧର୍ମର ସମନ୍ୱୟ ହୋଇଥିଲା ପରି, ଓଡ଼ିଆ ସାହିତ୍ୟରେ ବିଭିନ୍ନ ଧର୍ମମତର ସମାବେଶ ହୋଇଛି ଏବଂ ଫଳତଃ ଏହାର ପ୍ରାଣଧର୍ମୀ ଓ ଆଙ୍ଗିକ ସୌନ୍ଦର୍ଯ୍ୟରେ ବୈଚିତ୍ର୍ୟ ଦେଖାଦେଇଛି । ଆମ ସାହିତ୍ୟର ଏହି ବିରାଟ ଧାର୍ମିକ ପରମ୍ପରା ସ୍ୱତନ୍ତ୍ର ରୂପେ କୌଣସି ପଣ୍ଡିତ ସମାଲୋଚକଙ୍କ ଦ୍ୱାରା ଏପର୍ଯ୍ୟନ୍ତ ଆଲୋଚିତ ହୋଇ ନାହିଁ । ଏପରି କି ଓଡ଼ିଶାର ପ୍ରସିଦ୍ଧ ଜଗନ୍ନାଥ ଧର୍ମର ସବିଶେଷ ଆଲୋଚନା—ମହତାବଙ୍କ 'ଓଡ଼ିଶା ଇତିହାସ'ର କ୍ଷୁଦ୍ରାୟତନ ଧର୍ମ ଅଧ୍ୟାୟଟିକୁ ବାଦ୍ ଦେଲେ—କୌଣସି ଐତିହାସିକ ବା ସାହିତ୍ୟ ସମାଲୋଚକ କରି ନାହାନ୍ତି । ବରଂ ପଡ଼ୋଶୀ ବଙ୍ଗୀୟ ପଣ୍ଡିତମାନେ ଏ ଦିଗରେ ଉତ୍ସାହିତ ହୋଇ **Modern Buddhism in Orissa** ( ନଗେନ୍ଦ୍ର ନାଥ ବସୁ ), **History of Medieval Vaishnavism in Orissa** ( ପ୍ରଭାତ ମୁଖାର୍ଜି ) ପ୍ରଭୃତି କେତେଖଣ୍ଡି ଗବେଷଣାମୂଳକ ଗ୍ରନ୍ଥ ପ୍ରଣୟନ କରିଛନ୍ତି । କିନ୍ତୁ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ କୌଣସି ସଂସ୍କୃତିପ୍ରେମୀ ଓଡ଼ିଆ ପଣ୍ଡିତ ଏଦିଗରେ ଅଗ୍ରସର ନ ହେବା ଦୁଃଖ ଓ ଲଜ୍ଜାର ବିଷୟ । ନିଜ ବିଷୟରେ ଆମେ ନିଜେ କିଛି ନ କରି, ଆମ ବିଷୟରେ ଅନ୍ୟ ଯେ ଯାହାକିଛି କଲା, ତାକୁ କଟୁ ସମାଲୋଚନା କରି ନୀରବ ରହିବାର କୁ-ଅଭ୍ୟାସ ଆମର ଏବେ ସୁଦ୍ଧା ଯାଇ ନାହିଁ । ଯାହାହେଉ, ଏଦିଗରେ ଶ୍ରୀ ଚିତ୍ତରଞ୍ଜନ ଦାସଙ୍କର ସ୍ୱତନ୍ତ୍ର ଆଲୋଚନା ଗ୍ରନ୍ଥ ପରେ ଅଧ୍ୟାପକ ବଂଶୀଧର ମହାନ୍ତିଙ୍କର **'ଓଡ଼ିଶାରେ ବୌଦ୍ଧଧର୍ମ'** ଗ୍ରନ୍ଥଟି ବୋଧହୁଏ ଦ୍ୱିତୀୟ ପ୍ରଧାନ ପ୍ରଚେଷ୍ଟା ।

ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀ ଅର୍ଥାତ୍ ଅଶୋକଙ୍କ କଳିଙ୍ଗ ବିଜୟ ପରଠାରୁ ପ୍ରାୟ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଆ ସଂସ୍କୃତି ଉପରେ ବୌଦ୍ଧ ଧର୍ମର ପ୍ରଭୃତ

ପ୍ରଭାବ ସ୍ପଷ୍ଟ ଜଣାପଡ଼େ । ଏହି ପ୍ରାଚୀନ ଦେଶ କଳିଙ୍ଗ ହିଁ 'ଚଣ୍ଡାଶୋକ'ଙ୍କୁ 'ଧର୍ମାଶୋକ'ରେ ପରିଣତ କରି ବୌଦ୍ଧଧର୍ମକୁ ବିଶ୍ୱବ୍ୟାପୀ କରାଇବାରେ ଯଥେଷ୍ଟ ସାହାଯ୍ୟ କରିଥିଲା । ସେତେବେଳେ କଳିଙ୍ଗର ଆଦିମ ଅଧିବାସୀ ଶବରମାନଙ୍କ ମଧ୍ୟରେ ବୌଦ୍ଧଧର୍ମ ପ୍ରଚାରିତ ହୋଇଥିଲା—ଏହାର ପ୍ରମାଣ ଅଶୋକଙ୍କ ଅନୁଶାସନରୁ ହିଁ ମିଳିଥାଏ । ବୌଦ୍ଧଧର୍ମର ମହାଯାନ ପନ୍ଥା ପ୍ରବର୍ତ୍ତିତ ହେବା ପରେ ଯେତେବେଳେ ବୁଦ୍ଧ ଓ ବୋଧିସତ୍ତ୍ୱମାନଙ୍କ ପୂଜା ଚାଲିଲା, ସେତେବେଳେ ଶବରମାନେ ବୌଦ୍ଧ ନିରଜ୍ଞ ଚିହ୍ନ ପୂଜା କଲେ ଏବଂ ଏହି ନିରଜ୍ଞ ଧର୍ମ ଚିହ୍ନରୁ ହିଁ ଜଗନ୍ନାଥଙ୍କର ଉତ୍ପତ୍ତି ବୋଲି ଡକ୍ଟର ହରେକୃଷ୍ଣ ମହତାବଙ୍କ ମତ । ଏ ଅଭିମତ ସହିତ ବର୍ତ୍ତମାନ ଆମର ଲୋକପ୍ରଚଳିତ ବିଶ୍ୱାବସୁ କାହାଣୀଟି ମିଳାଇ ଆଲୋଚନା କରାଯାଇପାରେ । ଏଥିରୁ ଅନ୍ତତଃ ଏତିକି ପ୍ରତୀୟମାନ ହେଉଛି ଯେ ପୁରୀ ଭୂମିରେ ସେହି ସୁପ୍ରାଚୀନ କାଳରୁ ବୌଦ୍ଧ ଧର୍ମର ସୁଦୃଢ଼ ଭିତ୍ତି ସ୍ଥାପିତ ହୋଇଥିଲା । କଳିଙ୍ଗର ତତ୍କାଳୀନ ଦନ୍ତପୁର ନଗରର ଖ୍ୟାତି ଦେଶ ବିଦେଶରେ ବ୍ୟାପି ଯାଇଥିଲା । ଦନ୍ତପୁରରୁ ବୁଦ୍ଧ ଦନ୍ତ ଘେନି ପଳାଇବା ପାଇଁ ବିଭିନ୍ନ ଦେଶର ରାଜାମାନେ କିପରି ଚେଷ୍ଟା କରିଥିଲେ ଏବଂ ଶେଷରେ ଉଜ୍ଜୟିନୀ ରାଜପୁତ୍ର ଦନ୍ତକୁମାର ଓ କଳିଙ୍ଗ ରାଜକନ୍ୟା ହେମମାଳାଙ୍କ ଦ୍ୱାରା ବୁଦ୍ଧ-ଦନ୍ତ ଯାଇ କିପରି ସିଂହଳରେ ଅବସ୍ଥାପିତ ହେଲା, ତାହା ବୌଦ୍ଧ ଧର୍ମ-ଗ୍ରନ୍ଥମାନଙ୍କରେ ବର୍ଣ୍ଣିତ ହୋଇଛି । ଅଧ୍ୟାପକ ମହାନ୍ତି ଏସବୁ ସଂଗ୍ରହ କରି ଆଲୋଚିତ ଗ୍ରନ୍ଥରେ ସନ୍ନିବେଶିତ କରିଛନ୍ତି ଏବଂ ଏହି ସୂତ୍ର ଧରି କଳିଙ୍ଗର ନୌବାଣିଜ୍ୟ ଓ ସିଂହଳ ସହିତ କଳିଙ୍ଗର ରାଜନୈତିକ ତଥା ସାଂସ୍କୃତିକ ସମ୍ପର୍କ ଅନୁସନ୍ଧାନର ପନ୍ଥା ଉନ୍ମୋଚନ କରି ଦେଇଛନ୍ତି ।

ଉତ୍କଳରେ ବହୁକାଳ ମହାଯାନ ବୌଦ୍ଧଧର୍ମ ଜନପ୍ରିୟତା ଲାଭ କରିଥିଲା । ଖ୍ରୀଷ୍ଟୀୟ ସପ୍ତମ ଅଷ୍ଟମ ଶତାବ୍ଦୀ ବେଳକୁ ଏହା ସହିତ ତନ୍ତ୍ର ମନ୍ତ୍ର ମଣ୍ଡଳ ମୁଦ୍ରା ପ୍ରଭୃତି ମିଶି ଧୀରେ ଧୀରେ ତିନି ଭାଗରେ ବିଭକ୍ତ ହୋଇଗଲା, ଯଥା—ବଜ୍ରଯାନ, ସହଜଯାନ ଓ କାଳଚକ୍ରଯାନ । ଏହି ଉତ୍କଳୀୟ ରାଜା ଇନ୍ଦ୍ରଭୂତି ବଜ୍ରଯାନର ଓ ତାଙ୍କର ଭଗିନୀ ଲକ୍ଷ୍ମୀଙ୍କର ସହଜଯାନର ପ୍ରଧାନ ପ୍ରବର୍ତ୍ତିକ ଥିଲେ ବୋଲି କଥିତ ହୁଏ । ସେତେବେଳେ ଉତ୍କଳର 'ଉଡ୍ଡୀୟାନ ପୀଠ' ତନ୍ତ୍ର ମନ୍ତ୍ରାଦିର ଚର୍ଚ୍ଚା ଲାଗି ଭାରତ-ବିଖ୍ୟାତ ଥିଲା । ଯାହାହେଉ, ବଜ୍ରଯାନ, ସହଜଯାନ ଆଦି ତାନ୍ତ୍ରିକ ବୌଦ୍ଧଧର୍ମର କ୍ରମ ପରିଣତି ଭଲ ହେଲା ନାହିଁ । ପଞ୍ଚ 'ମ' କାର ସାଧନା ପ୍ରଭୃତି ନିକୃଷ୍ଟ ପନ୍ଥା ଅବଲମ୍ବନ କରି ଏହା ଲକ୍ଷ୍ୟଭ୍ରଷ୍ଟ ହେଲା । ବିଶେଷତଃ ବଙ୍ଗ ଦେଶରେ ଏହି ସହଜ ଧର୍ମ-ସାଧନାର ପରିଣତି ଅତି ଭୟାବହ ହୋଇ ଉଠିଲା । ଉତ୍କଳର ସୀମା ଡେଇଁ ତାନ୍ତ୍ରିକ ବୌଦ୍ଧଧର୍ମର ଏହି ସହଜ ସାଧନ-ପନ୍ଥା ସମଗ୍ର ଉତ୍ତର-ପୂର୍ବ

ଭାରତ ଓ ନେପାଳ, ତିବ୍ବତ ପ୍ରଭୃତି ଦେଶରେ ସେତେବେଳେ ପରିବ୍ୟାପ୍ତ ହୋଇଥିଲା । ଏହି ଧର୍ମରେ ଯେଉଁ ୮୪ ସିଦ୍ଧ ପ୍ରସିଦ୍ଧି ଲାଭ କରିଥିଲେ, ସେମାନଙ୍କ ମଧ୍ୟରୁ ହାଡ଼ିପା, ଲୁଇପା, କାହ୍ନୁପା, ତନ୍ତ୍ରିପା ପ୍ରଭୃତି କେତେଜଣ ଉତ୍କଳୀୟ ମଧ୍ୟ ଥିଲେ । 'ବୌଦ୍ଧଗାନ ଓ ଦୋହା'ର କେତେକ ପଦ ଏମାନଙ୍କ ଦ୍ୱାରା ରଚିତ । ତା'ପରେ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ସାରଳାଦାସଙ୍କଠାରୁ ଆରମ୍ଭ କରି ପଞ୍ଚସଖା ଯୁଗର ଅଚ୍ୟୁତାନନ୍ଦଙ୍କ ପର୍ଯ୍ୟନ୍ତ କବିମାନଙ୍କ ରଚନାରେ ବୌଦ୍ଧଧର୍ମର ଭାବଧାରା କେଉଁଠି କିପରି ପରିସ୍ଫୁଟ, ତାହା ଅଧ୍ୟାପକ ମହାନ୍ତି ଦର୍ଶାଇଛନ୍ତି । ଗ୍ରନ୍ଥର ଏହି ବିଭାଗଟିର ଆଲୋଚନା ଆହୁରି ପୁଙ୍ଖାନୁପୁଙ୍ଖ ଓ ତନ୍ନ ତନ୍ନ ଭାବରେ କରାଯାଇଥିଲେ, ସାହିତ୍ୟ-ଛାତ୍ର ଓ ପାଠକ ଅଧିକ ଉପକୃତ ହୋଇ ପାରିଥାନ୍ତେ ।

ମୂଳ ବୌଦ୍ଧଧର୍ମର ଶୂନ୍ୟବାଦ କାଳକ୍ରମେ ବିଭିନ୍ନ ଅବସ୍ଥାରେ ପରିବର୍ତ୍ତିତ ହୋଇ କିପରି ଓଡ଼ିଶୀ ବୈଷ୍ଣବ ଧର୍ମର ଶୂନ୍ୟ-ସାଧନାକୁ ପ୍ରଭାବିତ କରିଛି ଏବଂ ପରିଶେଷରେ ମହିମା ଧର୍ମର ଶୂନ୍ୟବାଦକୁ କିପରି ରୂପ ଦେଇଛି, ଏହା ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଭୀମଭୋଇ ପ୍ରଭୃତିଙ୍କ ରଚନାବଳୀରୁ ସ୍ପଷ୍ଟ ଜଣାପଡ଼େ । କିନ୍ତୁ ଦୁଃଖର କଥା, ଅଧ୍ୟାପକ ମହାନ୍ତି ପ୍ରସଙ୍ଗକ୍ରମେ ଏ ଆଲୋଚନାର ସୂଚନା ମାତ୍ର ଦେଇ ନୀରବ ରହିଛନ୍ତି । ଭବିଷ୍ୟତ ସଂସ୍କରଣରେ ଆଲୋଚନାର ଏହି ବଡ଼ ଅଭାବଟି ପୂରଣ ନ କଲେ, ଗ୍ରନ୍ଥଟି ନିଶ୍ଚୟ ଅପୂର୍ଣ୍ଣାଙ୍ଗ ରହିଯିବ ।

ଗ୍ରନ୍ଥରେ ସନ୍ନିବେଶିତ ଡକ୍ଟର ନବୀନ କୁମାର ସାହୁଙ୍କର ଆଲୋଚନାତ୍ମକ ଭୂମିକାଟି ମୂଳ ଆଲୋଚନାର ମୂଲ୍ୟ ବୃଦ୍ଧି କରିଛି ।

( ୧୯୫୭ )

# ଓଡ଼ିଆ କାବ୍ୟର ଭବିଷ୍ୟତ୍

ଇଂରାଜୀ କବି ସେସିଲ୍ ଡେ ଲୁଇସ୍ ଥରେ କହିଥିଲେ—ନୂତନ କବିମାନେ ବୁଝାଇବାକୁ ଚାହାନ୍ତି ନା, ବୁଝିବାକୁ ଚାହାନ୍ତି ବେଶୀ ! ସବୁ କ୍ଷେତ୍ରରେ ଏ କଥାଟା ସତ ନ ହେଲେ ବି, ମୂଳକ । ବିଶ୍ୱର ବିଭିନ୍ନ ସାହିତ୍ୟରେ କବିତାର ଦୁର୍ବୋଧତା ନେଇ ଏବେ ଯେପରି ଘନ ଘନ ଆପତ୍ତିର ସ୍ୱର ଶୁଣାଯାଏ, ତହିଁରୁ ସ୍ପଷ୍ଟ ଅନୁମିତ ହୁଏ ଯେ—ଏବର କବି, ପାଠକ-ସମାଜ ନିକଟରେ ନିଜ କଥା ଭଲ ଭାବରେ ବୁଝାଇ କହିପାରୁ ନାହିଁ । ନିଜର ଅଭୂତପୂର୍ବ ପରିପାର୍ଶ୍ୱ ଓ ସମାଜ ଭିତରେ ସେ ବିପୁଳ ବିସ୍ମୟରେ ପ୍ରଶ୍ନବାଚୀ ଚକ୍ଷୁ ମେଲି ଚାହିଁ ରହିଛି ଏ ଜଗତକୁ । ଏ ଦ୍ରୁତ ପରିବର୍ତ୍ତନଶୀଳ ଜାଗତିକ ଜୀବନ ଏବଂ ଏହାର ସମସ୍ତ ବିଭାବ ଆଜି ତା' ନିକଟରେ ଦୁର୍ବୋଧ । କାରଣ ତା'ର ସାହିତ୍ୟ-ଶିଳ୍ପ ଶମ୍ବୁକଗତି ବିବର୍ତ୍ତନ ପଥରେ; କିନ୍ତୁ ଜଗତ୍ ତେଣେ ଅଶ୍ୱଗତି ପରିବର୍ତ୍ତନ ପଥରେ ଧାଇଁଛି । ତେଣୁ ଆଜିର କବି ଅପରକୁ ନ ବୁଝାଇ ଆପେ ବୁଝିବାକୁ ଚାହୁଁଛି ବେଶୀ । ସମସାମୟିକ କବିତା ଦୁର୍ବୋଧ ହେବାର ଏହା ଏକ ପ୍ରଧାନ କାରଣ ।

ବର୍ତ୍ତମାନ ଓଡ଼ିଆ କବିତା ମଧ୍ୟ ସେହି ଦୋଷରେ ଅଭିଯୁକ୍ତ । କବିତା ଦୁର୍ବୋଧ ! କବି ହୁଏତ ନିଜ କଥା ଭଲ ଭାବରେ ବୁଝାଇ କହି ପାରୁ ନାହିଁ ! ସବୁଜ କବିତା ବିରୁଦ୍ଧରେ ଊଣା ଅଧିକେ ଏହି ଅଭିଯୋଗ ଶୁଣା ଯାଉଥିଲା । ସଚ୍ଚି ରାଉତରାୟ, ବିନୋଦ ନାୟକ ପ୍ରଭୃତି କବିମାନେ ସବୁଜ ଶୈଳୀର ପରମ୍ପରା ଭାଙ୍ଗି କାବ୍ୟ-ସୃଷ୍ଟିରେ ଯେତେବେଳେ କିଛି ଗୋଟାଏ ନୂତନତ୍ୱ ଦେଖାଇବାକୁ ଚାହିଁଲେ, ଏ ଅଭିଯୋଗର ସ୍ୱର ଅଧିକ ତୀବ୍ର ହୋଇ ଉଠିଲା । କବିତାର ନିର୍ମିତିଲାଗି ସବୁଜୋତ୍ତର କବିମାନେ ଯେଉଁ ବିଷୟବସ୍ତୁ ଓ ଆଙ୍ଗିକ ଗ୍ରହଣ କଲେ, ତାହା ଆମର ପାଠକ ସମାଜ ନିକଟରେ ହଠାତ୍ ଆଦର-ଲାଭ କରି ପାରିଲା ନାହିଁ । କିନ୍ତୁ ସୁଖର କଥା, ସେ ଅବସ୍ଥା ବର୍ତ୍ତମାନ ବଦଳି ଯାଇଛି । ସମସାମୟିକ କବିତାର ନିର୍ମିତିରେ ସମସ୍ତ ଉଲ୍ଲେଖଯୋଗ୍ୟ ପରୀକ୍ଷା-ନିରୀକ୍ଷା ଶେଷ-ପ୍ରାୟ; ତେଣୁ କବି-ମାନସ

ଓ କବି-ଚର୍ଚ୍ଚାରେ ଯେଉଁ ପ୍ରାଥମିକ ଅସ୍ଥିରତା ଦେଖା ଦେଇଥିଲା, ତାହା ଆଜି ଦୂରୀଭୂତ ହୋଇଛି । ସେଥିଲାଗି ବର୍ତ୍ତମାନ ଓଡ଼ିଆ କବିତା ଅନେକାଂଶରେ ସୁବୋଧ । ଉପରୋକ୍ତ କବିତା ସଙ୍କଳନ ଯୋଡ଼ିକରୁ ଏହି ମତ ହିଁ ସ୍ପଷ୍ଟ ପ୍ରମାଣିତ ହୁଏ । ଗ୍ରନ୍ଥ ଯୋଡ଼ିକରେ ବର୍ତ୍ତମାନ କାବ୍ୟ-ସାହିତ୍ୟକୁ ପରିପୁଷ୍ଟ କରୁଥିବା ଅଧିକାଂଶ ପ୍ରବୀଣ ତଥା ତରୁଣ କବି ଆତ୍ମପ୍ରକାଶ କରିଛନ୍ତି । ତେଣୁ ଏହି କବିତାଗୁଡ଼ିକୁ ବର୍ତ୍ତମାନ ଓଡ଼ିଆ କାବ୍ୟଧାରାର ପ୍ରତିନିଧି ରୂପେ ଗ୍ରହଣ କରାଯାଇ ପାରେ ।

'ହେ ମୃତ୍ୟୁ ବିଜୟୀ'ର କବିତାଗୁଡ଼ିକ ଓଡ଼ିଶା ଜାତୀୟ ଇତିହାସର ଏକ ବିଶିଷ୍ଟ ଘଟଣା ଉପରେ ଲିଖିତ । ତେଣୁ ଏଥିରେ ବିଷୟବସ୍ତୁର ବୈଚିତ୍ର୍ୟ ନ ମିଳିବା ସ୍ୱାଭାବିକ । କବିତାଗୁଡ଼ିକର ଗଠନ-ବୈଚିତ୍ର୍ୟ ବା ନୂତନ ପରିବେଷଣ ଶୈଳୀ ହିଁ ଏଠାରେ ଅନୁସନ୍ଧେୟ । କିନ୍ତୁ ଏହି ଅନୁସନ୍ଧାନରେ ଆମେ ନିରାଶ ହେଲୁଁ । କର୍ମବୀର (ପଣ୍ଡିତ ଗୋଦାବରୀଶ), ଜୀବନ୍ତ ବିପ୍ଳବ ତମେ (କୃଷ୍ଣଚନ୍ଦ୍ର ତ୍ରିପାଠୀ), ମୃତ୍ୟୁ [ଚିନ୍ତାମଣି ବେହେରା], ଦେଶ-ବଳି (ନିତ୍ୟାନନ୍ଦ ମହାପାତ୍ର) ପ୍ରଭୃତି ଚାରି-ପାଞ୍ଚଟି ମାତ୍ର କବିତା ବାଦ୍ ଦେଲେ, ଅନ୍ୟଗୁଡ଼ିକର ଆଙ୍ଗିକ ଗତାନୁଗତିକ ଧାରାରେ ସନ୍ନିବେଶିତ । ପ୍ରତିଷ୍ଠିତ କବି ଜ୍ଞାନୀନ୍ଦ୍ର ବର୍ମାଙ୍କ 'ଅମର ଶହୀଦ' କବିତାର ଅସଫଳତା ସବୁଠାରୁ ବଳି ଦୁଃଖଦ । ଯାହା ପଦେ ଦୁଇ ପଦ କଥାରେ କହି ହେବ ('ଜଗତର ଦୁର୍ନୀତିର ସେହି ପ୍ରାୟଶ୍ଚିତ୍ତ' କିମ୍ବା 'ଅମୃତ ଜୀବନ ଦେଇ ମୃତ୍ୟୁକୁ ସେ କଲ ଆହ୍ୱାନ୍' ଭଳି ପଙ୍କ୍ତି—ଦୃଷ୍ଟାନ୍ତ), ତାହା କହିବାକୁ ଜ୍ଞାନୀନ୍ଦ୍ର ବାବୁ ଅଯଥା ବାକ୍ୟ ବ୍ୟୟ କରିଛନ୍ତି । ନିକଟରେ 'ଝଙ୍କାର' ବିପ୍ଳବ ବିଶେଷାଙ୍କରେ ପ୍ରକାଶିତ ତାଙ୍କର 'ବୁଦ୍ଧଂ ଶରଣଂ' କବିତାଟି ଏହାର ଆଉ ଏକ ଉଦାହରଣ । କବି ସଂଯତବାକ୍ ନ ହେଲେ, ବାଗ୍‌ଜାଲର ସପାଙ୍କ୍ତେୟ ହେବାର ଭୟ ଅଛି । 'ହେ ମୃତ୍ୟୁ ବିଜୟୀ' ତଥା 'ସୀମାନ୍ତ'ର ଅଧିକାଂଶ କବି ସଂଯତବାକ୍ ନୁହଁନ୍ତି । ଏହା ହିଁ ବର୍ତ୍ତମାନ ଓଡ଼ିଆ କାବ୍ୟ-ସୃଷ୍ଟିରେ ବିଫଳତାର ଅନ୍ୟତମ କାରଣ ।

ନୂତନ ଭାବ ବା ବିଷୟବସ୍ତୁ ଦିଗରୁ ବିଚାର କଲେ, ବର୍ତ୍ତମାନ ଓଡ଼ିଆ କବିତାର ଦୈନ୍ୟ ସହଜରେ ଅନୁଭୂତ ହୁଏ । ଓଡ଼ିଶାର କବି-ମାନସ ଆଜି ଯେପରି ବନ୍ଧ୍ୟା ! ସର୍ବଶ୍ରୀ ବୈକୁଣ୍ଠନାଥ ପଟ୍ଟନାୟକ, ରାଧାମୋହନ ଗଡ଼ନାୟକ, ଅନନ୍ତ ପଟ୍ଟନାୟକ ପ୍ରଭୃତି ପ୍ରତିଷ୍ଠିତ କବିମାନେ ଲେଖନୀ ଶିଥିଳ କରିଦେଲେଣି । ଯେଉଁ କେତେଜଣଙ୍କ ଲେଖନୀ ଅପ୍ରତିହତ ରହିଛି, ସେମାନଙ୍କ ମଧ୍ୟରୁ ଅନେକଙ୍କ କବିତାର ବିଷୟବସ୍ତୁ ବା ଭାବ-ପ୍ରକାଶରେ ବର୍ତ୍ତମାନ ଉଲ୍ଲେଖଯୋଗ୍ୟ ନୂତନତ୍ୱ ପରିଦୃଷ୍ଟ ହେଉ ନାହିଁ । 'ସୀମାନ୍ତ'ରେ ପ୍ରକାଶିତ କବି ବିନୋଦ ନାୟକଙ୍କର କବିତା ଯୋଡ଼ିକ ଏହାର ଦୃଷ୍ଟାନ୍ତ ସ୍ୱରୂପ ଗ୍ରହଣ କରାଯାଇ ପାରେ । 'ମିସ୍: ଏମ୍: ହୋଲକାର ପ୍ରତି'

କବିତାରେ ଆମେ ଯେପରି ବଙ୍ଗୀୟ କବି ସ୍ୱର୍ଗତ ଜୀବନାନନ୍ଦ ଦାସଙ୍କ 'ବନଲତା ସେନ୍', କିମ୍ବା ସଚ୍ଚି ରାଉତରାୟଙ୍କ 'ପ୍ରତିମା ନାୟକ', 'ଅଲକା ସାନ୍ୟାଲ' ପ୍ରଭୃତି କବିତାର ପ୍ରତିଧ୍ୱନି ଶୁଣିବାକୁ ପାଉଁ ! ପୁଣି 'ସାତ ସାଗର ପାରେ' କବିତାର ଭାବ ଓଡ଼ିଆ ସାହିତ୍ୟରେ ଏତେ ସାଧାରଣ ଯେ କବିତାଟି ଉପରୁ ଲୁଗାର ପରିପାଟୀ ଖୋଲି ଦେଲେ, ଆଉ କିଛି ଅବଶିଷ୍ଟ ରହେ ନାହିଁ । 'ଅଷ୍ଟ୍ରେଲିଆ' 'ସେଲିମ୍‌ର ସ୍ୱପ୍ନ' ପ୍ରଭୃତି ପ୍ରଥମ ଶ୍ରେଣୀୟ କବିତାର କବି ଯେ ଏଭଳି କବିତା ଲେଖି ପାରନ୍ତି— ତାହା ସହଜେ ବିଶ୍ୱାସ କରି ହୁଏନା । ପ୍ରତିଷ୍ଠିତ କବିମାନଙ୍କ କ୍ଷେତ୍ରରେ ଏପରି କଥା, ତରୁଣତରମାନଙ୍କ ବିଷୟ କିମଧିକମ୍ ? କବି ରାମପ୍ରସାଦ ପୁରୋହିତଙ୍କ 'ମଲି ମଣିପୁର ମୁହଁ' କବିତାଟି ପଢ଼ିଲି ବେଳେ ପ୍ରଥମେ ପ୍ରଥମେ ସଚ୍ଚି ରାଉତରାୟଙ୍କର କୌଣସି କବିତା ପଢ଼ିଲି ଭଳି ମନେହୁଏ । 'ହେ ମୃତ୍ୟୁ ବିଜୟୀ'ରେ କବି ଗୋକୁଳାନନ୍ଦ ପ୍ରହରାଜଙ୍କ 'ଏ ଜାତି ମଶାଲ' କବିତାଟିର ଅବସ୍ଥା ମଧ୍ୟ ସେୟା । ପୁଣି 'ସୀମାନ୍ତ'ରେ କବି ବ୍ରଜନାଥ ରଥଙ୍କ 'ମୀନାକ୍ଷି ମହାନ୍ତି' କବିତାଟି ଜୀବନାନନ୍ଦଙ୍କ 'ବନଲତା ସେନ୍' କବିତାର ଅନୁକୃତ । ଏହିପରି ଉଦାହରଣଗୁଡ଼ିକ ବହୁଗୁଣିତ କରାଯାଇ ପାରେ ।

ଆଉ ଏକ ଉଲ୍ଲେଖଯୋଗ୍ୟ କଥା ହେଉଛି—କେତେକ ତରୁଣତର କବି କବିତାର ଛନ୍ଦ ବିଷୟରେ ଆଦୌ ସତର୍କ ବା ଯତ୍ନଶୀଳ ନୁହନ୍ତି । କାବ୍ୟ-କୃତିର ଆଙ୍ଗିକ ଗୌଣ, ବିଷୟବସ୍ତୁ ହିଁ ମୁଖ୍ୟ—ଏକଥା ଆମେ ସ୍ୱୀକାର କରୁଛୁ । ତଥାପି ଜୀବନ ମୁଖ୍ୟ ବୋଲି—ଗୌଣ ଶରୀର ପ୍ରତି ଯତ୍ନଶୀଳ ନ ହେବା ଯେପରି କଥା, କାବ୍ୟର ଆଙ୍ଗିକ ସମ୍ପର୍କରେ ଅବହେଳା ପ୍ରଦର୍ଶନ କରିବା ଠିକ୍ ସେହିପରି କଥା । 'ହେ ମୃତ୍ୟୁ ବିଜୟୀ'ରେ ଅଧ୍ୟାପକ ରବି ଭାଇଙ୍କ 'ସୀମା-ଶହୀଦ' କବିତାର ଅନୁପଯୋଗୀ ଦୁର୍ବଳ ଛନ୍ଦ ସାବଲୀଳ ଭାବ-ପ୍ରକାଶରେ କିପରି ବାଧା ସୃଷ୍ଟି କରୁଛି, ତାହା ପାଠକମାନେ ହୃଦୟଙ୍ଗମ କରି ପାରିବେ । ତରୁଣୀ କବି ବନଜ ଦାସିମାଙ୍କ 'ଅମର ଦାନ' କବିତାରେ ମଧ୍ୟ ଏହିପରି ଛନ୍ଦ-ବିଚ୍ୟୁତି ପରିଲକ୍ଷିତ ହୁଏ । 'ସୀମାନ୍ତ'ରେ କବି ଗୋପାଳଚନ୍ଦ୍ର ମିଶ୍ରଙ୍କ 'ମହାବନାୟକେ ଫୁଟିଲିଣି ଏବେ ନୂଆ ବଉଳ' କବିତା ଏବଂ କବି ଆକୁଳାନନ୍ଦ ଷଡ଼ଙ୍ଗୀଙ୍କ 'ଅମର ଜନନୀ' କବିତା ଯୋଡ଼ିକରେ ଏକା ସାଙ୍ଗରେ ଅକ୍ଷର ବୃତ୍ତ ଓ ମାତ୍ରାକ୍ଷର ବୃତ୍ତ ଛନ୍ଦ-ବିନ୍ୟାସ ଅତ୍ୟନ୍ତ ଅପ୍ରୀତିକର । ଏହାଛଡ଼ା ଗ୍ରନ୍ଥ ଯୋଡ଼ିକରେ ସନ୍ନିବେଶିତ ଗଦ୍ୟ କବିତାର ଲିଖନ-ରୀତି ସମ୍ପର୍କରେ ମୂଳରୁ କିଛି ନ କହିବା ଭଲ । ସେ ଏକ ସ୍ୱତନ୍ତ୍ର ପ୍ରବନ୍ଧର ବିଷୟବସ୍ତୁ । ତେବେ ଆଜି ଏତିକି କହିଲେ ଯଥେଷ୍ଟ ହେବ ଯେ—ଆମ ବିଚାରରେ ବର୍ତ୍ତମାନ ଓଡ଼ିଆ ଗଦ୍ୟ କବିତାର ଯେପରି ମା'-ବାପ କେହି ନାହାନ୍ତି !

ଏହି ପରିସ୍ଥିତିରେ ଓଡ଼ିଆ କାବ୍ୟର ଭବିଷ୍ୟତ ସମ୍ପର୍କରେ ଅନେକେ ନିରାଶ ହେବେ, ଏଥିରେ ସନ୍ଦେହ ନାହିଁ । ଏଠାରେ ଗୋଟିଏ ମଜା କଥା ମନେ ପଡ଼ୁଛି । ସପ୍ତଦଶ ଶତାବ୍ଦୀରେ ବିଜ୍ଞାନର ଅଭ୍ୟୁଦୟକୁ କାବ୍ୟ ସାହିତ୍ୟ ପକ୍ଷରେ ଯମଦୂତ ବୋଲି ମନେ କରି ସେବର ଇଂରାଜୀ କବି କିଟ୍‌ସ କହିଥିଲେ—

**"Confusion to the memory of Sir Issac Newton, who destroyed the poetry of the rainbow by reducing it to a prism."**

ଆମେ ଆଜି କିନ୍ତୁ କିଟ୍‌ସଙ୍କ ପରି ଖାଇବା ପୂର୍ବରୁ ଘୃତ-ଗୁଣ୍ଡା ଉପରକୁ ଟେକି କବିତାର ଯମଦୂତଙ୍କ ଲାଗି ଏପରି କଥା ମନାସି ପାରିବୁ ନାହିଁ । କାରଣ ଆତ୍ମରକ୍ଷାର ଏହା ଉପଯୁକ୍ତ ପନ୍ଥା ନୁହେଁ । ପନ୍ଥା ହେଉଛି—ନୂତନ ସୃଷ୍ଟିର ପ୍ରୟାସ । ଆମେ ବର୍ତ୍ତମାନ ସ୍ୱାଧୀନ; ଖ୍ରୀଷ୍ଟୋଫର କଡ୍‌ୱେଲଙ୍କ ମତାନୁସାରୀ ଆମେ ଉଚ୍ଚକୋଟୀର କାବ୍ୟ ସୃଷ୍ଟି କରିପାରୁଁ । ( **Great poetry can only be written by the free.—Illusion and Reality** ) ସେଥିଲାଗି ଲୋଡ଼ା— ମନୋନିଗ୍ରହ ବା ମନ ଉପରେ ସ୍ୱାମୀତ୍ୱ । ଏହି ମନୋନିଗ୍ରହ ବଳରେ ଶରୀର ଉପରେ ଉଇ ହୁଙ୍କା ମାଡ଼ି ଗଲାପରେ ଅତୀତରେ କିପରି ଆଦି କାବ୍ୟର ସ୍ଫୁରଣ ଘଟିଥିଲା, ତାହା ଆମେ ସମସ୍ତେ ଜାଣୁ । ଆଜି ଆମ କବି-ମାନସରେ ଯେଉଁ ବନ୍ଧ୍ୟାତ୍ୱ ଦେଖା ଦେଇଛି, ତାହା କେବଳ ଏହି ମନୋନିଗ୍ରହ ବଳରେ ହିଁ ଦୂରୀଭୂତ ହେବ । ତେଣୁ ଓଡ଼ିଆ କାବ୍ୟର ଭବିଷ୍ୟତ ସମ୍ପର୍କରେ ନିରାଶ ନ ହୋଇ ଆମେ ଆସ୍ଥା ସ୍ଥାପନ କରୁଛୁଁ— ପ୍ରତିଷ୍ଠିତ କବି-ମାନସ ଉପରେ । ପୁଣି କେତେକ ତରୁଣତର କବିଙ୍କଠାରୁ ଓଡ଼ିଆ କାବ୍ୟର ଭବିଷ୍ୟତ ସମ୍ଭାବନା ବିଷୟରେ ପାଉଛୁ ଦୃଢ଼ ପ୍ରତିଶ୍ରୁତି । ସର୍ବଶ୍ରୀ କୃଷ୍ଣଚନ୍ଦ୍ର ତ୍ରିପାଠୀ, ଚନ୍ଦ୍ରାମଣି ବେହେରା, ଯଦୁନାଥ ଦାଶ ମହାପାତ୍ର, ଗୋବିନ୍ଦ ମିଶ୍ର, ବିନୋଦ ରାଉତରାୟ, ମନୋଜ ଦାସ, ଉମାଶଙ୍କର ପଣ୍ଡା ଓ ରମାକାନ୍ତ ରଥ ପ୍ରଭୃତି ତରୁଣତର କବିମାନେ ଏହି ଭବିଷ୍ୟତ ସମ୍ଭାବନାକୁ କାର୍ଯ୍ୟରେ ପରିଣତ କରିବା ଲାଗି ଯେଉଁ କାବ୍ୟ-ସାଧନା ଆରମ୍ଭ କରିଛନ୍ତି, ତାହାର ସ୍ପଷ୍ଟ ସ୍ୱାକ୍ଷର 'ହେ ମୃତ୍ୟୁ ବିଜୟୀ' ତଥା 'ସୀମାନ୍ତ' ଗ୍ରନ୍ଥ ଯୋଡ଼ିକରେ ବିଦ୍ୟମାନ ।

ସଂକଳନ ଦୁଇଟି ପ୍ରତ୍ୟେକ କାବ୍ୟ-ପ୍ରେମୀ ପାଠକମାନଙ୍କର ନିକଟରେ ଆଦୃତ ହେବ, ଏଥିରେ ସନ୍ଦେହ ନାହିଁ । ପାଶ୍ଚାତ୍ୟ ସାହିତ୍ୟମାନଙ୍କରେ ପ୍ରତି ବର୍ଷ ଏହିପରି ବହୁ କାବ୍ୟ ସଂକଳନ ପ୍ରକାଶିତ ହୋଇଥାଏ । ତେଣୁ ସେସବୁ ଦେଶରେ ନୂତନତମ କାବ୍ୟଧାରା ବିଷୟରେ କୌଣସି କଥା ଅନବହିତ ରହେ ନାହିଁ ।

ଓଡ଼ିଆରେ ଏହି ସଂକଳନ ଯୋଡ଼ିକ ପ୍ରକାଶ କରି ସର୍ବସାଧାରଣଙ୍କୁ ଆମର ବର୍ତ୍ତମାନ କାବ୍ୟଧାରା ସମ୍ପର୍କରେ କେତେକ ପରିଚୟ ଦେଇଥିବାରୁ ଶ୍ରୀ ଗୋବିନ୍ଦ ମିଶ୍ର ଓ ଶ୍ରୀ ରାମପ୍ରସାଦ ପୁରୋହିତ ଧନ୍ୟବାଦାର୍ହ । ସେମାନେ ଏହିପରି କାବ୍ୟ-ସଂକଳନ ଅଧିକରୁ ଅଧିକ ପ୍ରକାଶ କରି ଓଡ଼ିଆ ସଂସ୍କୃତିକୁ ଋଦ୍ଧିମନ୍ତ କରନ୍ତୁ ! ❋

( ୧୯୫୭ )

---

❋ ହେ ମୃତ୍ୟୁ ବଜୟ୍ନୀ—( କୃଷକ ପ୍ରକାଶନ, କଟକ—୧୯୫୭ ) ମୂଲ୍ୟ ଟ ୦-୫୦
ସୀମାନ୍ତ—( ସୀମାନ୍ତ ପ୍ରକାଶନୀ, କଟକ—୧୯୫୭ ) ମୂଲ୍ୟ ଟ ୦-୭୫

# କଥା-ସାହିତ୍ୟରେ 'ନବ ଜାତକ'

ବର୍ତ୍ତମାନ କଥା ସାହିତ୍ୟର ଯୁଗ । କବିତା-ପ୍ରବନ୍ଧ-ନାଟକାଦିଠାରୁ ଗଳ୍ପ-ଉପନ୍ୟାସ ହିଁ ଆଜିର ପାଠକ-ସମାଜ ନିକଟରେ ଆଦୃତ ହେଉଛି ବେଶୀ । ସେଥିଲାଗି ବିଶ୍ୱର ବିଭିନ୍ନ ସାହିତ୍ୟରେ ଏବେ କଥା ସାହିତ୍ୟର ସୃଷ୍ଟି ଓ ପ୍ରଚାର ବହୁଳ ଭାବରେ କରାଯାଉଛି । ଓଡ଼ିଆ ସାହିତ୍ୟ-କ୍ଷେତ୍ରରେ ମଧ୍ୟ ତଦନୁରୂପ ଅବସ୍ଥା । ଫକୀରମୋହନଙ୍କ ସମୟଠାରୁ ଆଜି ପର୍ଯ୍ୟନ୍ତ—ଏହି ପ୍ରାୟ ଚାଳିଶ ବର୍ଷ ମଧ୍ୟରେ ଆମ ସାହିତ୍ୟରେ ଅଗଣିତ ଗଳ୍ପ-ଉପନ୍ୟାସ ପ୍ରକାଶିତ ହୋଇଛି, କିନ୍ତୁ ତା' ମଧ୍ୟରେ ଉନ୍ନତ କୃତି ଅତି ଅପ୍ରତୁଳ । କଲିକତାରୁ ପ୍ରକାଶ ପାଉଥିବା ଅଧୁନା-ଲୁପ୍ତ କାହାଣୀ ପତ୍ରିକା 'ଅଗ୍ରଣୀ'ର ସମ୍ପାଦକ ଥରେ ମତ ପ୍ରକାଶ କରିଥିଲେ ଯେ—'ଅଗ୍ରଣୀ' ଲାଗି ଆସୁଥିବା ଅଧିକାଂଶ ଗଳ୍ପ ଶସ୍ତା ପ୍ରେମ-ମୂଳକ ( ଅଗ୍ରଣୀ—୧୯୫୩ ଅଗଷ୍ଟ ସଂଖ୍ୟା) । ଆମର ମନେହୁଏ, ସମସ୍ତ ସାହିତ୍ୟପତ୍ରର ସମ୍ପାଦକମାନେ ପ୍ରକାଶ ଲାଗି ପ୍ରାପ୍ତ ଗଳ୍ପ ସମ୍ବନ୍ଧରେ ଏହି ମତ ହିଁ ବ୍ୟକ୍ତ କରିବେ । ବାସ୍ତବିକ, ଓଡ଼ିଆ କଥା-ସାହିତ୍ୟ ବର୍ତ୍ତମାନ ପ୍ରେମ-ପ୍ରଧାନ । କିନ୍ତୁ ପ୍ରେମ ବ୍ୟତୀତ ମଣିଷ ଜୀବନର ଅନ୍ୟାନ୍ୟ ବିଭାବ, ତଥା ପଶୁପକ୍ଷୀ, ଗଛଲତା ପ୍ରଭୃତି ବିଷୟରେ ଯେ ସରସ, ଜନପ୍ରିୟ ଗଳ୍ପ-ଉପନ୍ୟାସ ରଚନା କରାଯାଇ ପାରେ, ତାହାର ଦୃଷ୍ଟାନ୍ତ ଆମ ସାହିତ୍ୟରେ ଅଭାବ ନାହିଁ । କାହ୍ନୁଚରଣଙ୍କର 'ହା ଅନ୍ନ !', ନିତ୍ୟାନନ୍ଦଙ୍କର 'ହିଡ଼ମାଟି', କାଳିନ୍ଦୀଚରଣଙ୍କର 'ମାଂସର ବିଳାପ', ସ୍ୱର୍ଗତଃ ଗଗନବିହାରୀଙ୍କର ଛଦ୍ମ ନାମରେ ଲେଖା 'ବଉଳା' ଆଦି କେତେକ ଗଳ୍ପ-ଉପନ୍ୟାସରୁ ପାଠକେ ଏହା ହୃଦୟଙ୍ଗମ କରିପାରିବେ । ଏବେ ଆମର ହସ୍ତଗତ ହୋଇଥିବା ଗଳ୍ପ ଗ୍ରନ୍ଥଗୁଡ଼ିକ ଏହି ଦୃଷ୍ଟିରୁ ଟିକିଏ ସ୍ୱତନ୍ତ୍ର—ଗତାନୁଗତିକତାଠାରୁ ଭିନ୍ନ । ସ୍ନେହ-ପ୍ରେମ ସମେତ ମଣିଷ ଜୀବନର ଅନ୍ୟାନ୍ୟ ବହୁ ବିଭାବ ଏଥିରେ ରୂପାୟିତ ହୋଇଛି ।

ଶ୍ରୀ ସୂପକାର ମୁଖ୍ୟତଃ ଜଣେ ରାଜନୀତିଜ୍ଞ ଓ ଆଇନଜୀବୀ । କର୍ମବ୍ୟସ୍ତ ଜୀବନର ଅବସର କ୍ଷଣରେ ସେ ଯଥାଶକ୍ତି ଯେଉଁ ସାହିତ୍ୟ-ସାଧନା କରୁଛନ୍ତି,

'ଗଳ୍ପାଞ୍ଜଳି' ତାହାର ପ୍ରତିଭୂ । ଏଥିରେ ସବସୁଦ୍ଧା ଛ'ଗୋଟି ଗଳ୍ପ ସନ୍ନିବେଶିତ ହୋଇଛି ଏବଂ ପ୍ରତ୍ୟେକ ଗଳ୍ପ ସାଂପ୍ରତିକ ଜୀବନର ଆଶା ଆକାଙ୍‌କ୍ଷା, ସୁଖ ଦୁଃଖ, ପତନ ଅଭ୍ୟୁଦୟ ଆଦି ନାନା ସମସ୍ୟାର ସାକ୍ଷର ବହନ କରିଛି । ବିଶେଷତଃ 'ମୁକ୍ତିର ସ୍ୱପ୍ନ' ଓ 'ଯାତ୍ରୀ' ଗଳ୍ପରେ ବର୍ତ୍ତମାନ ସ୍ୱାଧୀନୋତ୍ତର ପୁନର୍ବସତି ସମସ୍ୟାର ଯେଉଁ ବାସ୍ତବ ଚିତ୍ର ଦିଆଯାଇଛି, ତାହା ଖୁବ୍ ହୃଦୟସ୍ପର୍ଶୀ । ଏ ଯାନ୍ତ୍ରିକ ଯୁଗରେ ପୁଞ୍ଜିପତି ମିଲ୍-ମାଲିକଙ୍କ ଦ୍ୱାରା ଅଗଣିତ ଶ୍ରମିକ-ଜୀବନ କପରି କିଣାବିକା ହେଉଛି, ତାହାର ଏକ ଉଜ୍ଜ୍ୱଳ ଚିତ୍ର 'ବଜାର ଦର' ଗଳ୍ପରେ ପରିସ୍ଫୁଟ । ପୁଣି 'ବୈଜ୍ଞାନିକ ସ୍ୱୟମ୍ବର' ଗଳ୍ପରେ ଏବର ବୈବାହିକ ରୀତିପ୍ରତି ଲେଖକଙ୍କର କଟାକ୍ଷପାତ ଅତି ସ୍ୱାଦ୍ୟ ଓ ହାସ୍ୟୋଦ୍ଦୀପକ । ମୋଟାମୋଟି ଗଳ୍ପ ରଚନା ଲାଗି ଶ୍ରୀ ସୂପକାର ଆମ ଜାତୀୟ ଜୀବନରୁ ଯୁଗୋପଯୋଗୀ ସମସ୍ୟାପୂର୍ଣ୍ଣ, ବାସ୍ତବ ଘଟଣାଗୁଡ଼ିକ ଗ୍ରହଣ କରିଛନ୍ତି । ତରୁଣ କଥାକାର ଶ୍ରୀ ପଣ୍ଡାଙ୍କର 'ସ୍ୱରାଜର ସ୍ୱପ୍ନ' ଗଳ୍ପଗୁଡ଼ିକର ଅବଲମ୍ବନ ମଧ୍ୟ ତାହା ହିଁ । ତାଙ୍କର 'ଜନ୍ମ ଜୀବନ', 'ସୈନିକ ପୁଅର କାହାଣୀ', 'ସ୍ୱରାଜର ସ୍ୱପ୍ନ' ପ୍ରଭୃତି ଗଳ୍ପରେ ବାସ୍ତବ ଜୀବନର କରୁଣ ଚିତ୍ର ସୁସ୍ପଷ୍ଟ । ସ୍ଥାନେ ସ୍ଥାନେ ତରୁଣସୁଲଭ ଉନ୍ମାଦନାରେ ତାଙ୍କର ଲେଖନୀ ହୋଇଛି ବୈପ୍ଳବିକ, ଯାହା ଫଳରେ ଗଳ୍ପର କଥନ-ଭଙ୍ଗୀ ଭ୍ରଷ୍ଟ ହୋଇ ପଡ଼ିଛି । ଦୃଷ୍ଟାନ୍ତ ସ୍ୱରୂପ :—ତାଙ୍କର 'ଶିକାର' ଗଳ୍ପଟି ସ୍ୱର୍ଗତ ଭଗବତୀଚରଣ ପାଣିଗ୍ରାହୀଙ୍କର ଉକ୍ତ ନାମଧେୟ ବିଖ୍ୟାତ ଗଳ୍ପର ଅନୁରୂପ । କିନ୍ତୁ ଘିନୁଆ ଓ ବଳିଆ ଚରିତ୍ର-ଚିତ୍ରଣରେ କି ଆକାଶ-ପାତାଳ ତଫାତ୍ ! ଶ୍ରୀ ପଣ୍ଡାଙ୍କର ଭ୍ରଷ୍ଟ କଥନ-ଭଙ୍ଗୀ ଯୋଗୁ ହିଁ ବଳିଆ ଚରିତ୍ର ଏତେ ଦୁର୍ବଳ ଓ ଅସ୍ୱାଭାବିକ ହୋଇଛି । ଶ୍ରୀ ସୂପକାର ଏବଂ ଶ୍ରୀ ପଣ୍ଡା ଉଭୟେ ସମାଜ-ସଚେତନ; ଯେଉଁ ସମାଜ-ସଚେତନତା ଏବର ଲେଖକ ପକ୍ଷରେ ଅତ୍ୟନ୍ତ କାମ୍ୟ । କିନ୍ତୁ ଶ୍ରୀ ସୂପକାର ସମାଜର ଆଲୋକ-ଅନ୍ଧକାର ଉଭୟ ଦିଗପ୍ରତି ଦୃଷ୍ଟିପାତ କରିଛନ୍ତି, ମାତ୍ର ଶ୍ରୀ ପଣ୍ଡା ମୁଖ୍ୟତଃ ଏହାର ଅନ୍ଧକାର ଦିଗରେ ନିବଦ୍ଧ କରିଛନ୍ତି ଆପଣାର ସମଗ୍ର ଦୃଷ୍ଟି ।

ଅଧ୍ୟାପକ ମିଶ୍ର ପ୍ରଧାନତଃ ଜଣେ ରମ୍ୟବାଦୀ ( **Romantic** ) କବି । ତେଣୁ ତାଙ୍କର 'ପଙ୍କ ଓ ପଙ୍କଜ' ଗଳ୍ପରେ ଜୀବନର ସେହି ରମ୍ୟବାଦୀ ବିଭାବଟି ପରିସ୍ଫୁଟ । କୃଷ୍ଣା ଓ ବିନୋଦ ପରସ୍ପରକୁ ସୁଖ ପାଇଥିଲେ ଯୌବନର ସମସ୍ତ ଆବେଗ-ଉତ୍ତେଜନା ଦେଇ । ସେହି ସୁଖ ପାଇବା ମଧ୍ୟରେ ଯେତେବେଳେ ପ୍ରେମିକ ଆଗରେ ବିବାହ ପ୍ରଶ୍ନ ଉଠାଇଲା ପ୍ରେମିକା, ଦୁହିଁଙ୍କ ଭିତରେ ଘଟିଲା ମନୋମାଳିନ୍ୟ । ଫଳରେ ଅନ୍ତରଙ୍ଗ ପ୍ରେମର ଉପସଂହାର ହେଲା ବିଚ୍ଛେଦରେ । ଏହି ବିଷୟବସ୍ତୁରେ କୌଣସି ନୂତନତ୍ୱ ନ ଥିଲେ ମଧ୍ୟ, ଗଳ୍ପଟିର କଥନ-ଭଙ୍ଗୀ ଅଭିନବ । କିନ୍ତୁ ଗଳ୍ପର ଭାଷା-ବିନ୍ୟାସ ଅତି ଦୁର୍ବଳ; କେତେକ ସ୍ଥାନରେ ବ୍ୟାକରଣଗତ ଦୋଷ ମଧ୍ୟ ଲକ୍ଷିତ

ହୁଏ । ଶ୍ରୀ ପଣ୍ଡାଙ୍କର ଭାଷା-ବିନ୍ୟାସ ମଧ୍ୟ ତଦନୁରୂପ । ନିର୍ଭୁଲ ଓ ଭାବୋପଯୋଗୀ ବଳିଷ୍ଠ ଭାଷା ନ ହେଲେ, କୌଣସି ସାହିତ୍ୟ-କୃତି ଉଚ୍ଚ କୋଠୀରେ ପହଞ୍ଚି ପାରିବ ନାହିଁ । ଅଧ୍ୟାପକ ମିଶ୍ର ଓ ଶ୍ରୀ ପଣ୍ଡା ଭବିଷ୍ୟତ୍‌ରେ ଏ କଥାପ୍ରତି ଅବହିତ ରହିବେ ବୋଲି ଆଶା କରୁଁ । ସୁଖର କଥା, ଶ୍ରୀ ସୂପକାରଙ୍କ ଭାଷା-ବିନ୍ୟାସରେ ଏପରି ଦୋଷ ପରିଲକ୍ଷିତ ହୁଏ ନାହିଁ । ବରଂ ଶ୍ରୀ ସୂପକାର ନିଜ ଭାଷାରେ 'ଖୁଲି' (ରାସ୍ତା), 'ଝାଉଁ' (ଗରମ ପବନ), 'ପୁରି' (ଓଲଆ) ପ୍ରଭୃତି ସମ୍ବଲପୁରୀ ଶବ୍ଦମାନ ବ୍ୟବହାର କରି ଓଡ଼ିଆ ଶବ୍ଦକୋଷର ଅଭିବୃଦ୍ଧି ସାଧନ କରିଛନ୍ତି ।

ଓଡ଼ିଆ କଥା ସାହିତ୍ୟ-କ୍ଷେତ୍ରରେ ଶ୍ରୀ ସୂପକାର ସୁପରିଚିତ ନୁହନ୍ତି, ଅଧ୍ୟାପକ ମିଶ୍ର ଓ ଶ୍ରୀ ପଣ୍ଡା ମଧ୍ୟ ନବାଗତ । କିନ୍ତୁ ଉକ୍ତ ତିନୋଟି ଗଳ୍ପଗ୍ରନ୍ଥରୁ ସେମାନଙ୍କ ସର୍ଜନ-ପ୍ରତିଭାର ଯେଉଁ ପ୍ରତିଶ୍ରୁତି ମିଳିଛି, ତାହାରି ଉପରେ ନିର୍ଭର କରି ଆମେ ବିଶ୍ୱାସ କରୁଛୁଁ ଯେ—ଭବିଷ୍ୟତ୍‌ରେ ସେମାନେ ଆମ କଥା ସାହିତ୍ୟକୁ ଋଦ୍ଧିମନ୍ତ କରି ପାରିବେ ।

ଗ୍ରନ୍ଥ ତିନୋଟିର ମୁଦ୍ରଣ ତଥା ଗେଟ୍-ଅପ୍ ସୁନ୍ଦର ଓ ରୁଚିପୂର୍ଣ୍ଣ । ବିଶେଷତଃ 'ଗଳ୍ପାଞ୍ଜଳି'ରେ ସୁବିଖ୍ୟାତ ଶିଳ୍ପୀ ଶ୍ରୀ ମୁରଲୀଧର ଟାଲିଙ୍କର ପ୍ରଚ୍ଛଦ-ଚିତ୍ର ଅତି ଆକର୍ଷଣୀୟ ।

( ୧୯୫୭ )

●

---

ଗଳ୍ପାଞ୍ଜଳି—ଶ୍ରୀ ଗୁଣାକର ସୂପକାର (ସମ୍ବଲପୁର—୧୯୫୭) ମୂଲ୍ୟ ଟ ୧ ଙ୍କା ।

ପଙ୍କ ଓ ପଙ୍କଜ—ଅଧ୍ୟାପକ ଶ୍ରୀ ଗୋପାଳ ଚନ୍ଦ୍ର ମିଶ୍ର ( ରାଷ୍ଟ୍ରଭାଷା ପୁସ୍ତକ ଭଣ୍ଡାର—୧୯୫୭ ) ମୂଲ୍ୟ ଟ ୦-୫୦ ।

ସ୍ୱରାଜର ସ୍ୱପ୍ନ—ଶ୍ରୀ ଅନନ୍ତ ପଣ୍ଡା (ଦାମୋଦର ପ୍ରେସ, ବାଲେଶ୍ୱର—୧୯୫୫) ମୂଲ୍ୟ ଟ ୦-୭୫ ।

# 'କାବ୍ୟାନୁଶାସନ

ମାର୍କିନ ଯୁକ୍ତରାଷ୍ଟ୍ରରେ ବିଶ୍ୱବିଦ୍ୟାଳୟର ଛାତ୍ର-ଛାତ୍ରୀ କେହି ଲେଖକ ହେବାକୁ ଚାହିଁଲେ, ପ୍ରଥମେ ଲେଖା ଆରମ୍ଭ କରନ୍ତି—ଗଳ୍ପ ଉପନ୍ୟାସରୁ । ତେଣୁ ଧନ ମାନ ଗୋପଲକ୍ଷ୍ମୀ ସେମାନଙ୍କ ପାଖରେ ଆପଣା ଛାଏଁ ଆସି ପହଞ୍ଚେ । କିନ୍ତୁ ଓଡ଼ିଶାର ଶିକ୍ଷିତ ଯୁବକ ଯୁବତୀ ଲେଖା ଆରମ୍ଭ କରନ୍ତି—କାବ୍ୟ କବିତାରୁ । ତେଣୁ ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିବା ଲାଗି ସେମାନଙ୍କୁ ଝାଳନାଳ ହେବାକୁ ପଡ଼େ । ଆଉ ଧନ-ଲାଭର ପ୍ରଶ୍ନ ତ ମୂଳରୁ ନାସ୍ତି । ତଥାପି 'ହାତରୁ ଖାଇ ଗଣ୍ଡି ଲି ବୋହିବାକୁ' ପଡ଼ିଲେ ବି ଆମର ଯୁବକ ଯୁବତୀମାନେ କବିତା ଲେଖା ଛାଡ଼ନ୍ତି ନାହିଁ । ହାୟରେ ତରୁଣ କବିର ଆଶା !

ଆଜିକାଲି ଓଡ଼ିଆ ପାଠକ କବିତାର ଆଦର କରନ୍ତି ନାହିଁ । ତଥାପି ଆମ ସାହିତ୍ୟ-ପତ୍ରମାନଙ୍କରେ ନିୟମିତ କବିତା ବାହାରେ, ପରିମାଣ ଊଣା ହେଲେ ବି ପ୍ରତିବର୍ଷ କାବ୍ୟ ଗ୍ରନ୍ଥମାନ ପ୍ରକାଶିତ ହୁଏ । ଏ କବିତା ସବୁ ପଢ଼େ କିଏ ? କବି ଅନନ୍ତ ପଟ୍ଟନାୟକଙ୍କ କବିତା ପଢ଼ନ୍ତି କବି ବିନୋଦ ନାୟକ ଏବଂ କବି ବିନୋଦ ନାୟକଙ୍କ କବିତା ପଢ଼ନ୍ତି କବି ଅନନ୍ତ ପଟ୍ଟନାୟକ । ଏହିପରି ଆମ କବି-ମାନେ ଆଜି ପରସ୍ପରକୁ ସାହାଯ୍ୟ କରୁ ନ ଥିଲେ, ଓଡ଼ିଆ କାବ୍ୟ ସାହିତ୍ୟର ଅବସ୍ଥା ସଙ୍କଟାପନ୍ନ ହୁଅନ୍ତାଣି ।

ଚଳିତ ଇଂରାଜୀ ସାଲ ମଧ୍ୟରେ ଯେଉଁ ଅଳ୍ପ କେତୋଟି କାବ୍ୟଗ୍ରନ୍ଥ ଆମ ସାହିତ୍ୟରେ ପ୍ରକାଶିତ ହୋଇଛି, ତନ୍ମଧ୍ୟରୁ ଉପରୋକ୍ତ ତିନୋଟି ଆଜିର ଆଲୋଚ୍ୟ । ଶ୍ରୀମତୀ ବସନ୍ତକୁମାରୀ ପ୍ରଥମେ ଲେଖା ଆରମ୍ଭ କରିଛନ୍ତି—ଗଳ୍ପ-ଉପନ୍ୟାସରୁ । ସେଥିପାଇଁ ସେ ସାରସ୍ୱତ ଖ୍ୟାତି ଲାଭ କରିଛନ୍ତି, ଧନଲାଭ ବି ମନ୍ଦ ହୋଇ ନ ଥିବ । କିନ୍ତୁ ଶ୍ରୀ ଲକ୍ଷ୍ମୀନାରାୟଣ ଏବଂ ଶ୍ରୀ ରମେଶଚନ୍ଦ୍ର ଉଭୟ ଲେଖା ଆରମ୍ଭ କରିଛନ୍ତି କବିତାରୁ । ସେଥିପାଇଁ ସାହିତ୍ୟ କ୍ଷେତ୍ରରେ ପ୍ରାଧାନ୍ୟ ତଥା ପ୍ରାଶନ ଲାଭ ପାଇଁ ଉଭୟେ କେତେଦୂର ସମର୍ଥ ହେବେ, ତାହା ଲକ୍ଷ୍ୟ କରିବାର ବିଷୟ ।

* * * *

'ଚିତାନଳ' ଦେହର ନୁହେଁ, ମନର । ଜୀବନ୍ତକୁ ଏହା ଦଗ୍‌ଧ କରେ; ତାପରେ ମଣିଷ ହୁଏ ବିଦଗ୍‌ଧ—ରସିକ । ଏହି ଅନ୍ତର୍ଦାହ ବା ହୃଦୟ ମନ୍ଥନର ଅନୁପାତ ଯେନ କବିତ୍ୱର ବିକାଶ । କବି ବସନ୍ତକୁମାରୀଙ୍କର କାବ୍ୟ-କୃତି ମଧ୍ୟରେ ଏହି ବିଦଗ୍‌ଧ ମନର ପରିପ୍ରକାଶ ହୋଇଛି । କବିଙ୍କର ମାନସ-ମଣ୍ଡଳରେ ବ୍ୟଥା ଓ କାରୁଣ୍ୟର ସ୍ୱର ସୁସ୍ପଷ୍ଟ । 'ଅକୁହା', 'ଝାଙ୍କି', 'ଅତୀତ', 'ଦୃଷ୍ଟିପାତ', 'କୁହେଳି', 'ବ୍ୟର୍ଥତା', 'ଲାଞ୍ଛିତା' ପ୍ରଭୃତି ଅଧିକାଂଶ କବିତାରେ ଏହି ସ୍ୱର ପାଠକ ପ୍ରାଣକୁ ଆବେଗ-କମ୍ପିତ କରି ପକାଏ । କେତୋଟି ଦୃଷ୍ଟାନ୍ତ—

"ଅକୁହା ବେଦନା ମଥା ପିଟି ମରେ
ମନର ରୁଦ୍ଧ ଦ୍ୱାରେ"

କିମ୍ବା—

"ବ୍ୟର୍ଥ ଭାବନା ଗୁମରି ଗୁମରି ଉଠେ କହି
ଆଶାର ଜୀବନ ଲଭିଲା ସମାଧି ଏଥି ସହି ।"

ଅଥବା—

"ଜୀବନର ଶତ ବ୍ୟର୍ଥ ଶୁଆସ ହିମାଳୟ ବାଧା ଚପି
ହୃଦୟକୁ ମୋର ପଙ୍ଗୁ କରଇ ହାଡ଼ ପିଞ୍ଜର ଚାପି
ଅତୀତରେ ଯେତେ ମଧୁ ମାଦକତା ସବୁ ଦେଇ ପୋଡ଼ି ଜାଳି
ବିଫଳତା ରୂପ ପାଉଁଶକୁ ଦେହେ ହୋଇଛି ମୁଁ ଆଜି ବୋଳି ।"

ତଥାପି କବିଙ୍କୁ 'ନିରାଶାବାଦୀ' କହିଲେ ଭ୍ରମ ହେବ । "ଶତ ବେଦନାର ଝଞ୍ଜା ଆଘାତେ ଦେହ ମରେ ସିନା ଥରେ, ଅନ୍ତର ମୋର ପ୍ରତିଦିନ ସଖି ମରିଯାଏ ବାରେ ବାରେ"—ଏହା ହେଲେ ମଧ୍ୟ କବି ଗାଇଛନ୍ତି—"ଆଶାର ସେ ଜ୍ୟୋତି-ଠାରୁ ଜ୍ୟୋତି ନାହିଁ ଆଉ ।" ଜୀବନର ସକଳ ବ୍ୟଥା, ବେଦନା, ବ୍ୟର୍ଥତା ମଧ୍ୟରେ ସେହି ଆଶାର ପ୍ରଦୀପ ଜାଳି, କବି ପଥ ଚାଲିବାକୁ ପ୍ରସ୍ତୁତ ହୋଇଛନ୍ତି ଏବଂ 'ଶତାବ୍ଦୀର ବିନିଦ୍ର ପ୍ରହରୀ'ର ପ୍ରତୀକ୍ଷା କରିଛନ୍ତି, ଯାହାର ଆଗମନରେ 'ଶ୍ରାନ୍ତ କ୍ଲାନ୍ତ କ୍ଷୁବ୍‌ଧ ଜନତା ପଥର ସନ୍ଧାନ' କରି ପାରିବ ।

କବି ବସନ୍ତକୁମାରୀଙ୍କର ଅନୁଭୂତି ଅଛି । "ସପନରେ ଆସେ ଯିଏ ବାସ୍ତବରେ ଯାଏ ସେ ତ ପୋଡ଼ି, ବାସ୍ତବର ପାଉଁଶରୁ କଲପନା ନୂଆ ଉଠେ ଗଢ଼ି ।" —ପ୍ରଭୃତି କେତୋଟି ଶ୍ଳୋକ ମନେ ରଖିବା ଭଲ । ତଥାପି ଜୀବନର ସକଳ ଅନୁଭୂତି, ରସବୋଧକୁ କାବ୍ୟ-ଆଙ୍ଗିକରେ ପ୍ରକାଶ କଲା ଭଳି ଦକ୍ଷତା ବସନ୍ତକୁମାରୀଙ୍କର ଆସି ନାହିଁ । ସେଥିପାଇଁ ଭାବ-ବିନ୍ୟାସ କେତେକ ସ୍ଥଳରେ ଅସ୍ପଷ୍ଟ

ବା କ୍ଲିଷ୍ଟ ହୋଇ ପଡ଼ିଛି ('ଝଡ଼ର ପାଖୁଡ଼ା' ଆଦି କବିତା ଉଦାହରଣ) । ମୋର ମନେ ହୁଏ—ବର୍ତ୍ତମାନ ଆମ ନାରୀ କବିମାନଙ୍କ ମଧ୍ୟରେ ଏକମାତ୍ର ଶ୍ରୀମତୀ ବିଦ୍ୟୁତ୍‌ପ୍ରଭାଙ୍କଠାରେ ଏପରି ଦକ୍ଷତା ରହିଛି । ଶ୍ରୀମତୀ ବସନ୍ତକୁମାରୀ ମୂଳତଃ କଥାକାର, ସେଥିପାଇଁ ବେଶି ବେଶି କବିତା ଲେଖିଲେ' କ୍ରମେ ସେ ଏପରି ଦକ୍ଷତା ହାସଲ କରି ପାରିବେ । 'ଶତାନଳ'ରୁ ଏ ପ୍ରତିଶ୍ରୁତି ମିଳୁଛି ।

*　　*　　*　　*

ଶ୍ରୀ ଲକ୍ଷ୍ମୀନାରାୟଣ ଏବଂ ଶ୍ରୀ ରମେଶଚନ୍ଦ୍ର ଉଭୟେ ସାହିତ୍ୟ କ୍ଷେତ୍ରରେ ନବାଗତ । ଉଭୟଙ୍କଠାରେ କବିତ୍ୱ ରହିଛି, କିନ୍ତୁ ସେ କବିତ୍ୱ ସୁସଂଯତ, ସୁସଙ୍ଗଠିତ ଓ ସୁନିୟନ୍ତ୍ରିତ ନୁହେଁ । ଏହାର ପ୍ରଧାନ କାରଣ ହୋଇପାରେ—ଆମର ଅଧିକାଂଶ ନବାଗତ ତରୁଣ କବିମାନେ ପ୍ରଥମେ କବିତା ଲେଖିଲା ବେଳେ କେଉଁଠି ଶିକ୍ଷା-ନବିସ୍ କରନ୍ତି ନାହିଁ, କିମ୍ବା କରିବାକୁ ଚାହାନ୍ତି ନାହିଁ । ଶିକ୍ଷାନବିସ୍ କରୁଥିଲେ, କବିତା ରଚନାରେ ଯେଉଁ କେତୋଟି ମୌଳିକ ନୀତି ନିୟମ ରହିଛି, ତାହାର ଦୁଃଖପ୍ରଦ ଅଭାବ ସେମାନଙ୍କଠାରେ ଲକ୍ଷିତ ହୁଅନ୍ତା ନାହିଁ । ଏ କ୍ଷେତ୍ରରେ ଫରାସୀ ଲେଖକମାନଙ୍କ ବିଷୟ ଉଦାହରଣ ଦିଆଯାଇପାରେ । କି ପ୍ରବୀଣ, କି ତରୁଣ—ପ୍ରତ୍ୟେକ ଫରାସୀ ଲେଖକ ନିଜ ନିଜର ସାହିତ୍ୟ-କୃତି ଗୁଡ଼ିକ ପ୍ରକାଶ କରିବା ପୂର୍ବରୁ ସମଧର୍ମୀ ବନ୍ଧୁମାନଙ୍କୁ ସେଗୁଡ଼ିକ ଦେଖାଇଥାନ୍ତି, ରଚନାର ଭଲ-ମନ୍ଦ ବିଷୟରେ ଆଲୋଚନା କରିଥାନ୍ତି । ଏହାଦ୍ୱାରା ଅନ୍ତତଃ ଏତିକି ସୁଫଳ ମିଳେ ଯେ—ନିହାତି ଅର୍ବାଚୀନ ଲେଖକର କୃତିରେ ମଧ୍ୟ ସାହିତ୍ୟ ସୃଷ୍ଟିର ମୌଳିକ ନୀତି ନିୟମ ସବୁ ଅକ୍ଷୁଣ୍ଣ ରହିଥାଏ । ସର୍ବଶ୍ରୀ ଲକ୍ଷ୍ମୀନାରାୟଣ ଓ ରମେଶଚନ୍ଦ୍ର ନିଜ ନିଜର କବିତା ପ୍ରକାଶ କରିବା ପୂର୍ବରୁ ଏପରି ଶିକ୍ଷାନବିସ୍ କିମ୍ବା ବନ୍ଧୁମାନଙ୍କ ସହିତ ନିଜ କବିତାର ଆଲୋଚନା-ପ୍ରତ୍ୟାଲୋଚନା କରି ନାହାନ୍ତି । 'ଜୀବନ ଆଉ ମୁଁ' ଏବଂ 'ତିନିଧାର' ବହି ଦୁଇଟି ପଢ଼ିଲା କ୍ଷଣି ଏ କଥା ବାରି ହୋଇପଡ଼େ ।

ତରୁଣ କବିଦ୍ୱୟଙ୍କର ଭାବବିନ୍ୟାସ ବିଷୟରେ କିଛି କହିବାର ନାହିଁ । କାରଣ ଭାବ ସାର୍ବଜନୀନ । କିନ୍ତୁ ଭାବ-ପ୍ରକାଶର ଭଙ୍ଗୀ ଓ ଭାଷା କବିର ନିଜସ୍ୱ ବିଶେଷତ୍ୱ । ସେହି ଦୃଷ୍ଟିରୁ ବିଚାର କଲେ ଉକ୍ତ ବହି ଯୋଡ଼ିକରେ ଅକ୍ଷମଣୀୟ ତ୍ରୁଟି ପରିଲକ୍ଷିତ ହୁଏ । ଗଦ୍ୟ ଛନ୍ଦର ଅସଫଳତା ଉଭୟଙ୍କ ଲକ୍ଷ୍ୟଣୀୟ । ଲକ୍ଷ୍ମୀନାରାୟଣଙ୍କର ମୁକ୍ତ ଛନ୍ଦର କବିତା କେତୋଟି ମଧ୍ୟ ଶ୍ରୁତିକଟୁ ହେଉଛି ଏବଂ ଗୋଟିଏ କବିତାରେ ('ଅବଶୋଷ') ଏକ ସମୟରେ ଅକ୍ଷରବୃତ୍ତ ଓ ମାତ୍ରାବୃତ୍ତ ଛନ୍ଦର ପ୍ରଚଳନ ଅତ୍ୟନ୍ତ ଦୋଷାବହ । ଭାଷା ବିନ୍ୟାସରେ ଉଭୟେ ସତର୍କ ଦୃଷ୍ଟି

ଦେଇ ନାହାନ୍ତି, ସେଥିପାଇଁ କବିତା ଠାଏ ଠାଏ ନିରାଟ ଗଦ୍ୟମୟ ହୋଇଛି । ଉଦାହରଣ,—

"ଏହା ଯଦି ହୋଇଥାଏ ସବୁଙ୍କର ପ୍ରଶ୍ନ,
ଶାସକର ଅମୀମାଂସିତ ବସ୍ତୁ,
ଦେଶର ଦାରିଦ୍ର୍ୟର ଜ୍ୱଳନ୍ତ ନମୁନା,
ତେବେ ଆସ ଭାଇ ସବେ
ଯେତେ ଅଛ ବାଳ ବୃଦ୍ଧ ଯୁବା
ଅନ୍ଧ, ଛୋଟା, କେମ୍ପା ।" ଇତ୍ୟାଦି (ଜୀବନ ଆଉ ମୁଁ)

ଏବଂ

"ମନରେ ନ ଥିବ ରହି ଅଦମ୍ୟ ଲାଲସା—
ଯାହା ନେଇ ଜୀବନର ବାଟେ ଘାଟେ ନଈ କୂଳେ
ବୁଲିବି ମୁଁ ନହାତି ନଗ୍ନଟେ
ଯେନ ମୋର ଫୁଙ୍ଗୁଳା ଅସ୍ତିତ୍ୱକୁ ।" (ଛିନ୍ନଧାର)

ସକଳ ତରୁଣ କବିଙ୍କ ଭଳି ଉକ୍ତ କବିତ୍ରୟ ନିଜ ନିଜର କବିତା ମଧ୍ୟରେ ଆତ୍ମରତିର ପ୍ରାଧାନ୍ୟ ଫୁଟାଇଛନ୍ତି । ସେ ଆତ୍ମରତି ଚପଳା ବାଳିକାର ଚନ୍ତା ପରି ଖଣ୍ଡିତ, ଅସଂଲଗ୍ନ । ସେଥିରେ ବୌଦ୍ଧଦର୍ଶନଠାରୁ ବିକାଶବାଦ—କାମତତ୍ତ୍ୱଠାରୁ କମ୍ୟୁନିଜ୍‌ମ୍ ସବୁ କଥା ରହିଛି । କବିତ୍ରୟଙ୍କର କୌଣସି ବିଶେଷ ଆତ୍ମଦର୍ଶନ କବିତାଗୁଡ଼ିକରୁ ମିଳେ ନାହିଁ ।

ମୁଦ୍ରାଦୋଷ ଉଭୟତ୍ର ଲକ୍ଷ୍ୟଣୀୟ ।

(୧୯୫୭)

●

---

୧ । ଚିତାନଳ—ଶ୍ରୀମତୀ ବସନ୍ତକୁମାରୀ ପଟ୍ଟନାୟକ, ଶାନ୍ତି ନିବାସ ବାଣୀ ମନ୍ଦିର, କଟକ (୧୯୫୭)—ମୂଲ୍ୟ ଟ ୧ ୨

୨ । ଜୀବନ ଆଉ ମୁଁ—ଶ୍ରୀ ଲକ୍ଷ୍ମୀନାରାୟଣ ନାୟକ, ବାଲେଶ୍ୱର (୧୯୫୭)—ମୂଲ୍ୟ ଟ ୦ ୳

୩ । ଛିନ୍ନଧାର—ଶ୍ରୀ ରମେଶଚନ୍ଦ୍ର ରଥ, କଳାଶ୍ରୀ ପ୍ରକାଶନୀ, କଟକ (୧୯୫୭)—ମୂଲ୍ୟ ଟ ୦ ।

# ଦୁଇଟି କାବ୍ୟ-ସଞ୍ଚୟନ

ଏବେ 'ଟାଇମସ୍ ଲିଟେରେରି ସପ୍ଲିମେଣ୍ଟ'ର ଏକ ବିଶେଷ ସଂଖ୍ୟାରେ (୧୭।୮।୫୭) ଆଧୁନିକ ବିଶ୍ୱସାହିତ୍ୟର ସମୀକ୍ଷା କରାଯାଇଛି । ତହିଁରେ ସମୀକ୍ଷକ ଭାରତୀୟ ସାହିତ୍ୟ ସମ୍ପର୍କରେ ଏକ ଅପ୍ରିୟ ସତ୍ୟ କଥା ପ୍ରକାଶ କରିଛନ୍ତି ।— "The first and possibly the most decisive fact about modern Indian literatures is the gulf that exists between the writer and the community." ପ୍ରକୃତରେ, ଆଧୁନିକ ଭାରତୀୟ ସାହିତ୍ୟରେ ଲେଖକ ଓ ଜନସମାଜ ମଧ୍ୟରେ ଥିବା ଦୂରତ୍ୱ ବୋଧହୁଏ ଅନ୍ୟ କୌଣସି ସାହିତ୍ୟରେ ନାହିଁ । ଏ ଗଣତନ୍ତ୍ରର ଯୁଗରେ ଆଜି ଯେତେବେଳେ ସବୁ କଥାରେ ଗଣତାନ୍ତ୍ରିକ ମୂଲ୍ୟ ଲୋଡ଼ା ପଡ଼ୁଛି, ସେତେବେଳେ ଲେଖକ ଓ ସମାଜ ମଧ୍ୟରେ ଏପରି ଦୂରତ୍ୱ ଆଦୌ ସ୍ପୃହଣୀୟ ନୁହେଁ । ଲେଖକ ବର୍ତ୍ତମାନ କୌଣସି ଏକ ରାଜସଭା ଲାଗି କମ୍ବା କୋବିଦ, ଧୀର, ସୁଜ୍ଞଜନଙ୍କ ଲାଗି କେବଳ ଲେଖୁ ନାହିଁ । ସମାଜର ଅଗଣିତ ନରନାରୀଙ୍କ ହୃଦୟ ସହିତ ସେ ଏବେ ହୃଦୟ ମିଶାଇବା ଲାଗି ବ୍ୟାକୁଳ । ତେଣୁ ସେ ଆଜି ଜନସମାଜର ନିକଟତର ହେବାକୁ ଚାହେଁ । ଦେଶରେ ବହୁଳ ଶିକ୍ଷା ସଭ୍ୟତା ବିସ୍ତାର ସଙ୍ଗେ ସଙ୍ଗେ ଭାରତୀୟ ଲେଖକ ଓ ଜନସମାଜ ମଧ୍ୟରେ ଥିବା ଦୂରତ୍ୱ ଯେ କ୍ରମେ ଊଣା ହୋଇ ଆସୁଛି, ଏ କଥା ସମସ୍ତେ ସ୍ୱୀକାର କରିବେ ।

ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ମଧ୍ୟ ଲେଖକ ଓ ଜନ ସମାଜ ମଧ୍ୟରେ ସଂପ୍ରତି ତଦନୁରୂପ ଦୂରତ୍ୱ ବିଦ୍ୟମାନ । ବିଶେଷତଃ କାବ୍ୟ ସାହିତ୍ୟ କ୍ଷେତ୍ରରେ ଏ ଦୂରତ୍ୱ ଯୋଜନ-ବ୍ୟାପୀ । ଆଧୁନିକ କବିଙ୍କୁ ତ ଆକାଶ କସୁମ ଓ ଜନତାକୁ 'ଚିଲିକା ମାଛ' ବୋଇଲେ କ୍ଷତି ହେବ ନାହିଁ ! କବି ଅମିତ୍ରାକ୍ଷର ବୃତ୍ତ, ମୁକ୍ତ ଛନ୍ଦ ଡେଇଁ ଗଦ୍ୟ କବିତାରେ ପହଞ୍ଚିଲେଣି; ଏଣେ ଜନ-ସମାଜ ଚ୍ଛାନ୍ଦ, ଚଉତିଶା ପାଖରେ ହିଁ ପଡ଼ି ରହିଛି । ଅବଶ୍ୟ ଏହାର ମଧ୍ୟରେ ବର୍ତ୍ତମାନ **ଅଙ୍ଗୁଳିମେୟ** କେତେଜଣ କବି

ଅଛନ୍ତି, ଯେଉଁମାନେ ଚକ୍ଷୁରେ ଓ ପ୍ରକାଶ ଭଙ୍ଗୀରେ ଜନସମାଜଠାରୁ ଦୂରେଇ ନ ଯାଇ ଏହାର ନିକଟତର ହେବାକୁ ଚାହାନ୍ତି । ସମାଜର ବଡ଼ଦାଣ୍ଡ ଉପରେ ଜନତା ସହିତ ଏକପ୍ରାଣ, ଏକମନ ହୋଇ ସମସ୍ୱରରେ ଜୀବନର ଜୟଗାନ କରିବା ଲାଗି ଏମାନେ ଯେପରି ଲାଳାୟିତ ! ଏମାନଙ୍କ ମଧ୍ୟରେ କବି କୁଞ୍ଜବିହାରୀ ଦାଶ ଓ ଶ୍ରୀମତୀ ବିଦ୍ୟୁତ୍‌ପ୍ରଭା ଦେବୀ ଅନ୍ୟତମ ।

କବି କୁଞ୍ଜବିହାରୀ ଉଚ୍ଚ ଶିକ୍ଷିତ—ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ଡିଗ୍ରୀ ଲାଭକରି ବର୍ତ୍ତମାନ ସାହିତ୍ୟ ଅଧ୍ୟୟନ ଓ ଅଧ୍ୟାପନାରେ ବ୍ୟାପୃତ । କିନ୍ତୁ ଆଧୁନିକ ଉଚ୍ଚ ଶିକ୍ଷିତ ବ୍ୟକ୍ତିମାନଙ୍କ ଭଳି ସେ ପଲ୍ଲୀବିମୁଖ ନୁହନ୍ତି—ଜନ-ସମାଜ ମଧ୍ୟରେ ଅପାଙ୍‌କ୍ତେୟ ନୁହନ୍ତି । ପ୍ରାକୃତିକ ଉତ୍କଳର ଦୀର୍ଘ ପ୍ରସ୍ଥ ସମଗ୍ର ଅଞ୍ଚଳ ସେ ଭ୍ରମଣ କରିଛନ୍ତି । "ଲୋକପ୍ରାଣର ଅବିନଶ୍ୱର ସମ୍ପଦ—ଲୋକ ସାହିତ୍ୟ" ତାଙ୍କର କବି-ହୃଦୟରେ ଗଭୀର ଆବେଦନ ଜଣାଇଛି । କର୍ମମୟ ଜୀବନରେ ଲୋକ-ସାହିତ୍ୟ ସଂଗ୍ରହ ଓ ଲୋକ ସଂସ୍କୃତି ଆଲୋଚନାରେ ସେ ବିଶେଷ ଆଗ୍ରହ ପ୍ରକାଶ କରିଛନ୍ତି । ସେଥିପାଇଁ କୁଞ୍ଜବିହାରୀଙ୍କ କବି-ମାନସ ସ୍ୱାଭାବିକ ଭାବରେ ଜନ-ସମାଜ ଅଭିମୁଖୀ ହୋଇ ଉଠିଛି । କିନ୍ତୁ ନାରୀ କବି ବିଦ୍ୟୁତ୍‌ପ୍ରଭା ଆଧୁନିକ ସ୍କୁଲ୍ କଲେଜରେ ଉଚ୍ଚଶିକ୍ଷା ଲାଭ କରି ନାହାନ୍ତି । କନ୍ୟାବସ୍ଥାରେ ଜନ୍ମ ମଧ୍ୟବିତ୍ତ ପିତୃପରିବାର ମଧ୍ୟରେ ସ୍ୱଳ୍ପ ପ୍ରାଥମିକ ଶିକ୍ଷା ମାତ୍ର ତାଙ୍କ ଜ୍ଞାନର ପୁଞ୍ଜି । ତା' ପରେ ବଧୂ ହିସାବରେ ପଲ୍ଲୀ ଗ୍ରାମର ଶ୍ୱଶୁରାଳୟରେ ସେ ରହି ଜଞ୍ଜାଳମୟ ଜୀବନ ଅତିବାହିତ କରୁଛନ୍ତି । ସେଥିପାଇଁ, ପଲ୍ଲୀ ଓ ତାହାର ଜନସମାଜଠାରୁ ଦୂରେଇ ଯିବା ନାରୀକବିଙ୍କ ପକ୍ଷରେ ସମ୍ଭବ ହୋଇ ନାହିଁ ।

କବି କୁଞ୍ଜବିହାରୀ ତଥା ବିଦ୍ୟୁତ୍‌ପ୍ରଭାଙ୍କର କାବ୍ୟସୃଷ୍ଟି ବିପୁଳ ଓ ବହୁମୁଖୀ । ଉଭୟେ ନିଜ ନିଜ ପ୍ରତିଭା ବଳରେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସୁପ୍ରତିଷ୍ଠା ଲାଭ କରି ସାରିଛନ୍ତି । ହେଲେ ହେଁ, ଉଭୟଙ୍କ ପ୍ରତିଭାର ପରିଣତ ଅବସ୍ଥା ଦେଖିବାକୁ ଆହୁରି ସମୟ ବାକି ଅଛି । (କୁଞ୍ଜବିହାରୀ—ଜନ୍ମ-୧୯୧୪, ବିଦ୍ୟୁତ୍‌ପ୍ରଭା—ଜନ୍ମ-୧୯୨୯) ବିଶେଷତଃ ବିଦ୍ୟୁତ୍‌ପ୍ରଭାଙ୍କୁ କବି ହିସାବରେ ଏବେ ସୁଦ୍ଧା ତରୁଣୀ ବୋଲି କହିବାକୁ ହେବ । ତାଙ୍କର କାବ୍ୟ-ଚୟନିକା ଆଉ ଟିକିଏ ପରେ ପ୍ରକାଶିତ ହୋଇଥିଲେ, ଓଡ଼ିଆ ସାହିତ୍ୟ ଅଧିକ ଗୌରବ-ମଣ୍ଡିତ ହୋଇ ପାରିଥାନ୍ତା ଏବଂ ବିଦ୍ୟୁତ୍‌ପ୍ରଭା-କବିମାନସ ବିଶ୍ଳେଷଣ ପାଇଁ ବେଶୀ ସୁବିଧା ମିଳିଥାନ୍ତା । ପ୍ରକାଶକ ଆପଣା ବକ୍ତବ୍ୟରେ ଏ ସମ୍ପର୍କରେ ଯେଉଁ କୈଫିୟତ୍ ଦେଇଛନ୍ତି, ତାହା ଅତି ଦୁର୍ବଳ ବୋଲି ମନେହୁଏ । କାରଣ କୌଣସି କବିଙ୍କର କାବ୍ୟ-ଚୟନିକା ପ୍ରକାଶ କଲେ ଯେ ସେ କବିଙ୍କର ଗୌରବ ବୃଦ୍ଧି ପାଇବ କିମ୍ବା ସେ କବିପ୍ରତିଭାର ଉପଯୁକ୍ତ

ମୂଲ୍ୟାଙ୍କନ ହୋଇ ପାରିବ—ଏହାର କୌଣସି ମାନେ ନାହିଁ । ସାଧାରଣତଃ ଯେଉଁ କବିଙ୍କର କାବ୍ୟ-ଭଣ୍ଡାର ପ୍ରାଚୁର୍ଯ୍ୟ ଓ ପ୍ରତୁଳତା-ମଣ୍ଡିତ, ସେହି କବିଙ୍କ କାବ୍ୟ-ଭଣ୍ଡାରରୁ ଉଜ୍ଜ୍ୱଳ ମଣିମାଣିକ୍ୟ ଚୟନ କରିବା ଲୋଡ଼ା ପଡ଼ିଥାଏ ।

ଗତ ଶତାବ୍ଦୀଠାରୁ ଇଂରାଜୀ ସାହିତ୍ୟରେ ଏହିପରି ବିଶିଷ୍ଟ କବିଙ୍କର କାବ୍ୟ-ଚୟନିକା ପ୍ରକାଶ ପାଉଛି । ବଙ୍ଗଳାରେ କବିଗୁରୁ ରବୀନ୍ଦ୍ରନାଥଙ୍କ 'ଚୟନିକା' ଓ 'ସଞ୍ଚୟିତା' ଗ୍ରନ୍ଥ ଦୁଇଟି ସହିତ ସମସ୍ତ ସାହିତ୍ୟ-ରସିକ ପରିଚିତ ଥିବେ । ଓଡ଼ିଆ ସାହିତ୍ୟରେ ଏପରି ଉଦ୍ୟମ ଖୁବ୍ ନିକଟରେ ପ୍ରକାଶ ପାଇଛି । 'ମାନସିଂଚୟନ', 'ଗଙ୍ଗନାସ୍ୱକ ସଞ୍ଚୟନ' ଇତିପୂର୍ବରୁ ପ୍ରକାଶିତ ହୋଇ ଯଥେଷ୍ଟ ଆଦର ଲାଭ କରିଛି । ପ୍ରସଙ୍ଗକ୍ରମେ ଏଠାରେ ସୂଚାଇ ଦେବା ଦରକାର ଯେ—ପ୍ରକାଶକମାନେ କେବଳ ଜୀବିତ କବିଙ୍କ ଚୟନିକାମାନ ପ୍ରକାଶ କରି କର୍ତ୍ତବ୍ୟ ସାଙ୍ଗ ହେଲା ବୋଲି ବୋଧହୁଏ ମନେ କରୁଛନ୍ତି । ଆମର ବହୁ ପ୍ରାଚୀନ କବିଙ୍କର ଚୟନିକା ଶୀଘ୍ର ପ୍ରକାଶ କରିବା ଲୋଡ଼ା ପଡ଼ୁଛି । ଆଧୁନିକ ଯୁଗର ଭକ୍ତ କବି ମଧୁସୂଦନଙ୍କର ଏକ କାବ୍ୟ-ଚୟନିକା ପ୍ରକାଶ କରିବା ମଧ୍ୟ ବିଶେଷ ପ୍ରୟୋଜନ ।

ଆଲୋଚ୍ୟ ଦୁଇଟିଯାକ କାବ୍ୟ-ସଞ୍ଚୟନ ସୁପରିକଳ୍ପିତ ଓ ସୁସମ୍ପାଦିତ ଏଥିରେ ସନ୍ଦେହ ନାହିଁ । "ପ୍ରକୃତି ଓ ପରମ୍ପରା, ପ୍ରେମ ଓ ଜୀବନ, ଦେଶାତ୍ମବୋଧ ଓ ସମାଜଚେତନା, ଶିଶୁ ମନୋରଞ୍ଜନ ଓ ପଲ୍ଲୀଚିତ୍ର ଆଦି ସାଂପ୍ରତିକ ଓଡ଼ିଆ କାବ୍ୟଧାରାର ସମସ୍ତ ଦିଗ"ରୁ କୁଞ୍ଜବିହାରୀ ସଞ୍ଚୟନଟି ଉପାଦେୟ । ହେଲେ ସାମାନ୍ୟ କେତୋଟି ଦୋଷତ୍ରୁଟି ମଧ୍ୟ ଦର୍ଶାଇ ଦିଆଯାଇ ପାରେ—କୁଞ୍ଜବିହାରୀ ସଞ୍ଚୟନରେ କବିତାଗୁଡ଼ିକ କବିଙ୍କ ଅନୁମୋଦନକ୍ରମେ ନିର୍ବାଚିତ ହୋଇଥିଲେ ବି 'ଧନୀ ଓ ଦରିଦ୍ର', 'ବାହାର ସାଇରେ ସନ୍ଧ୍ୟା' ପ୍ରଭୃତି କେତୋଟି କବିତା ସଞ୍ଚୟନରୁ ବାଦ୍ ଦେଇଥିଲେ ଭଲ ହୋଇଥାନ୍ତା । ବିଭାଗୀୟ ଅନ୍ୟାନ୍ୟ କବିତା ସହିତ ତୁଳନା କଲେ, ଏଗୁଡ଼ିକ ସପାଂକ୍ତେୟ ହେଉ ନାହାନ୍ତି । ବିଦ୍ୟୁତ୍‌ପ୍ରଭା ସଞ୍ଚୟନରେ ମଧ୍ୟ ଏପରି ଦୋଷ ଲକ୍ଷିତ ହୁଏ । ଗୋଟିଏ ଭାବର ରୋମନ୍ଥନ ବିଭିନ୍ନ କବିତାରେ ଦେଖିବାକୁ ମିଳେ (ପ୍ରିୟ ଓ ପ୍ରିୟା, ଶ୍ରଦ୍ଧାଞ୍ଜଳି ବିଭାଗର କବିତାଗୁଡ଼ିକ ଦ୍ରଷ୍ଟବ୍ୟ) । ନାରୀ କବିଙ୍କର ସଂକ୍ଷିପ୍ତ ଜୀବନଚରିତ ବିଦ୍ୟୁତ୍‌ପ୍ରଭା ସଞ୍ଚୟନର ଏକ ବଡ଼ ଅଭାବ । କିନ୍ତୁ ସଞ୍ଚୟନ ଯୋଡ଼ିକର ମୁଦ୍ରଣ ଓ ଗ୍ରନ୍ଥନ ପରିପାଟୀ ଅତି ସୁନ୍ଦର । ଉଭୟର ପ୍ରଚ୍ଛଦସଜ୍ଜା ସୁଦୃଶ୍ୟ ଓ ସୁରୁଚିପୂର୍ଣ୍ଣ ।

* * * *

କବି କୁଞ୍ଜବିହାରୀ ତଥା ନାରୀକବି ବିଦ୍ୟୁତ୍‌ପ୍ରଭାଙ୍କ କବିତାର ପ୍ରାଣ-କେନ୍ଦ୍ର ହେଉଛି—ଏଇ ମଣିଷ । ଉଭୟ କବି ମୁଗ୍‌ଧ-ବିହ୍ୱଳ କଣ୍ଠରେ ମଣିଷ ଜୀବନର

ଜୟଗାନ କରିଛନ୍ତି; ଏଇ ମଣିଷ ଜୀବନ ସଂହିତ ଘନିଷ୍ଠ ଭାବରେ ସଂପୃକ୍ତ ଥିବାରୁ ସମାଜ, ପ୍ରକୃତି ଓ ଈଶ୍ୱର ସେମାନଙ୍କ କାବ୍ୟ-ଭୂମିରେ ଆସି ଆପେ ଆପେ ପହଞ୍ଚି ଯାଇଛନ୍ତି । ତେଣୁ ଉଭୟ କବି ଗୁଣୀ ଅଧିକେ ସମାଜ-ସଚେତନ, ପ୍ରକୃତି-ପ୍ରେମୀ ଓ ଈଶ୍ୱର-ବିଶ୍ୱାସୀ । ଦୁଇଟି କାବ୍ୟ ସଙ୍କଳନରୁ ଏହା ସ୍ପଷ୍ଟ ଭାବରେ ପ୍ରମାଣ କରାଯାଇ ପାରେ ।

କୁଞ୍ଜବିହାରୀଙ୍କ କବିମାନସରେ ସମାଜ-ଚେତନାର ପ୍ରାଧାନ୍ୟ ଲକ୍ଷ୍ୟଣୀୟ । ଆଧୁନିକ ସମାଜର ବିଭିନ୍ନ ବିଭବ, ନାନା ସମସ୍ୟା କବି କୁଞ୍ଜବିହାରୀ ସବୁବେଳେ ମୁକ୍ତ ଚକ୍ଷୁରେ ଅବଲୋକନ କରିଛନ୍ତି । ପ୍ରକୃତି ପ୍ରେମ ତଥା ଈଶ୍ୱର ବିଶ୍ୱାସ ମଧ୍ୟରେ ବି ତାଙ୍କର ଦୃଷ୍ଟିକୋଣ ସେହି ଦିଗକୁ ପ୍ରସାରିତ । ସାଧାରଣ 'ପଲ୍ଲୀସଞ୍ଜ'ର ବର୍ଣ୍ଣନା କରୁଁ କରୁଁ କବି ଗାଇଛନ୍ତି—

ଘର ଘରକେ ପଶିଚି କଳି
ଏକତା-ଦେବୀ ଶକତି ଦଳି
ଗରିବ ଲହୁ ଲୁହର ଧାରେ ପଲ୍ଲୀ-ବୁକୁ ଧୁଆ !

ତାଙ୍କର 'ଡ଼ୁଡ଼ୁମା' ଓ 'କଙ୍କାଳର ଲୁହ' କାବ୍ୟରେ ପ୍ରକୃତି ପୀଠିକା ମାତ୍ର, ସେହି ପୀଠିକା ଉପରେ ସ୍ୱଦେଶ ପ୍ରେମ ଓ ସମାଜ ଚେତନା ମୂର୍ତ୍ତିମନ୍ତ । ଅନ୍ୟ ପକ୍ଷରେ କବିଙ୍କର ଈଶ୍ୱର-ସମ୍ବନ୍ଧୀୟ କବିତା 'ଏ କି ନୁହେଁ ତୁମର ପ୍ରାର୍ଥନା ?', 'ଲାଞ୍ଛନା', 'ଶ୍ରମିକର ଭଗବାନ', 'ଦେବତା ଓ ମଣିଷ' ପ୍ରଭୃତିରେ ସେହି ସମାଜ ଚେତନାର ପ୍ରାଧାନ୍ୟ ପରିସ୍ଫୁଟ । କବିଙ୍କର ଏ ସମାଜ ସଚେତନତା ଯୁଗାନୁସାରୀ । ଅଧୁନା ଏ ସମାଜ-ତନ୍ତ୍ରର ଯୁଗରେ କବିର ସମଗ୍ର ଦୃଷ୍ଟି ଆଉ ବ୍ୟକ୍ତି-ବିଶେଷ ଉପରେ ଆବଦ୍ଧ ହୋଇ ରହି ନାହିଁ । ବ୍ୟକ୍ତିବିଶେଷଙ୍କର ସମାହାର ସମାଜ ହିଁ ଆଜି ତା' ସମକ୍ଷରେ ବଡ଼ ହୋଇ ଉଠିଛି । ଏହି ସମାଜର ରୀତି ନୀତି, ଆଚାର ବ୍ୟବହାର, ସଂସ୍କାର ସମସ୍ୟା, ଦୋଷ ଦୁର୍ବଳତା ତାହାର କାବ୍ୟକୃତିକୁ ଅଧିକ ମଣ୍ଡନ କରିଛି । ତେଣୁ 'ରାସ୍ତାର ମଣିଷ', 'ରିକ୍ସାବାଲା', 'କୋଇଲା ଖଣିର କୁଲି' ଗୋଟିଏ ଗୋଟିଏ ସମାଜର ପ୍ରତିନିଧି ରୂପେ ପାଠକ ସମ୍ମୁଖରେ ଠିଆ ହୋଇଛନ୍ତି—କେବଳ ଠିଆ ହୋଇନାହାଁନ୍ତି, 'ଝଡ଼ର ସହସ୍ର ପଦଧ୍ୱନି' ଶୁଣାଇଛନ୍ତି ମଧ୍ୟ ।

କିନ୍ତୁ ଏ ସବୁ କବିତା ମଧ୍ୟରେ କବି କୁଞ୍ଜବିହାରୀଙ୍କର ବୈଶିଷ୍ଟ୍ୟ ନାହିଁ । କବିଙ୍କର ଅନନ୍ୟସାଧାରଣ ବିଶେଷତ୍ୱ ହେଉଛି—'ଲୋକ' ଛନ୍ଦରେ ଗାଇବା—'ଲୋକ ଭଙ୍ଗୀରେ କହିବା' ଏବଂ 'ଲୋକ' ପ୍ରାଣର କଥା କହିବା । 'ଲହୁ ଓ ଲୋହିତ' ବିଭାଗର କବିତାଗୁଡ଼ିକରେ ଏହି ଲୋକ-ପ୍ରାଣର କଥା ଲୋକ ଭଙ୍ଗୀରେ

କୁହାଯାଇଛି । ତେଣୁ ଏଗୁଡ଼ିକ ଏତେ ହୃଦୟସ୍ପର୍ଶୀ ଓ ପ୍ରଭାବଶାଳୀ । କବିଙ୍କର 'ଗାଁ ଗହଳର ଗୀତା', 'ରମା', 'ନଣ୍ଡାରି ଛଟି' ପ୍ରଭୃତି କବିତା ଓଡ଼ିଆ ସାହିତ୍ୟରେ ଗୋଟିଏ ଗୋଟିଏ ଚିରନ୍ତନ ଅନବଦ୍ୟ ସୃଷ୍ଟି । ଏହି କବିତାଗୁଡ଼ିକରେ ମଧ୍ୟ ସମାଜଚେତନା ବିଦ୍ୟମାନ—ବରଂ 'ଶ୍ୱସ୍ତାର୍ ମଣିଷ', 'କୋଇଲା ଖଣିର କୁଲି' ପ୍ରଭୃତି କବିତାରେ ଥିବା ସମାଜଚେତନାଠାରୁ ଏହା ଅଧିକ ସ୍ୱାଦ୍ୟ ଓ ହୃଦୟଗ୍ରାହୀ ।

ବିଦ୍ୟୁତ୍‌ପ୍ରଭାଙ୍କ କବିମାନସରେ ସମାଜଚେତନା ଉଚ୍ଚ ସ୍ଥାନ ଲାଭ କରିନାହିଁ, ସେଠାରେ ରହିଛି ବ୍ୟକ୍ତିଜୀବନର ପ୍ରାଧାନ୍ୟ ବା ବ୍ୟଷ୍ଟି ପ୍ରାଣର କ୍ଷୁଦ୍ର କ୍ଷୁଦ୍ର ଆଶା ଆକାଂକ୍ଷା, ଆନନ୍ଦ, ଅଶ୍ରୁ, ଅନୁଭୂତି, ଅଭିଜ୍ଞତାର ରସଘନ ପରିପ୍ରକାଶ । କବି କୁଞ୍ଜବିହାରୀଙ୍କ ଭଳି ବିଦ୍ୟୁତ୍‌ପ୍ରଭା 'ସୁନ୍ଦର ଏ ଧରା'ର ରୂପ ମାଧୁରୀରେ ମୁଗ୍ଧ ହୋଇଛନ୍ତି ଏବଂ ଈଶ୍ୱରଙ୍କଠାରେ 'ଭକ୍ତିମାଲ୍ୟ' ନିବେଦନ କରିଛନ୍ତି; କିନ୍ତୁ ତହିଁରେ ସମାଜଚେତନାର ରୁକ୍ଷ ମନୋଭଙ୍ଗୀ ନାହିଁ—ବିଦ୍ରୋହର ଭାଷା ନାହିଁ; ରହିଛି ମୁଗ୍ଧ-ବିହ୍ୱଳ ହୃଦୟର କାନ୍ତକୋମଳ ବାଣୀ । ବିଦ୍ୟୁତ୍‌ପ୍ରଭା ତଟସ୍ଥ କବି । ଏ ଜଗତରେ ଜୀବନର କଳରୋଳ ଶୁଣି ଶୁଣି ସେ ନିଜ ଜୀବନ-ବୀଣାର ତନ୍ତ୍ରୀରେ ହାତ ମାରିଛନ୍ତି । ତାହାର ଝଙ୍କାର ବିଶେଷ ଭାବୋଦ୍ଦୀପକ ଓ ଶ୍ରବଣ ସୁଖଦାୟୀ । ତାଙ୍କର 'ପ୍ରିୟ ଓ ପ୍ରିୟା' ବିଭାଗର ମଧୁର ପ୍ରେମ କବିତା, ତଥା 'ଲୋକାୟନ' ଓ 'ଯାହାକୁ ଯିଏ' ବିଭାଗର ଶ୍ରେଷ୍ଠ ଶ୍ରେଷ୍ଠ ଅନୁଭୂତିପୂର୍ଣ୍ଣ କବିତାଗୁଡ଼ିକ ଏହାର ପ୍ରକୃତ ଉଦାହରଣ । ସର୍ବୋପରି 'ଖଦ୍ୟୋତିକା'ର କବିତାଗୁଡ଼ିକ ଗୋଟିଏ ଗୋଟିଏ ଅନବଦ୍ୟ ସୃଷ୍ଟି । କବିବର ଚିନ୍ତାମଣିଙ୍କର 'ଖୁଦ୍ର ମଞ୍ଜୁଷା', କବିଗୁରୁ ରବୀନ୍ଦ୍ରନାଥଙ୍କର 'କଣିକା' ଭଳି ଏହା ପାଠକମାନଙ୍କ ନିକଟରେ ଆଦରଣୀୟ ହୋଇପାରିବ ।

କବି କୁଞ୍ଜବିହାରୀ ଓ ନାରୀକବି ବିଦ୍ୟୁତ୍‌ପ୍ରଭା ଉଭୟେ ଲିରିକ୍ କବି । ପଦ୍ୟ ଛନ୍ଦରେ ଦୁହେଁ କବିତା ରଚନା କରିବାରେ ଧୁରୀଣ । କିନ୍ତୁ ଗଦ୍ୟ କବିତା ରଚନାରେ ଦୁହିଁଙ୍କର ଅସାଫଲ୍ୟ ଅତ୍ୟନ୍ତ ଦୁଃଖଦାୟକ । ଗଦ୍ୟ କବିତା ଲିରିକ ହେଲେ ମଧ୍ୟ ସମସ୍ତ ଲିରିକ୍ କବି ଏହାକୁ ରସୋତ୍ତୀର୍ଣ୍ଣ କରିପାରନ୍ତି ନାହିଁ । ସାଧାରଣତଃ ପଦ୍ୟ କବିତାର ଧ୍ୱନି ବିନ୍ୟାସ (metre) ଓ ଧ୍ୱନି ସ୍ପନ୍ଦନ (Rhythm) ଉଭୟ ରହିଥାଏ । କିନ୍ତୁ ଗଦ୍ୟ କବିତାରେ ସୁନିର୍ଦ୍ଦିଷ୍ଟ ଧ୍ୱନିବିନ୍ୟାସ ନ ଥାଏ—ଥାଏ ମୁଖ୍ୟତଃ ଧ୍ୱନିସ୍ପନ୍ଦନ । ଆବେଗର ଘାତ ପ୍ରତିଘାତରେ ଗଦ୍ୟରେ ମଧ୍ୟ ଧ୍ୱନିର ଉତ୍‌ଥାନ ପତନ ଘଟିଥାଏ । ସେଥିପାଇଁ ବୋଧହୁଏ ରବୀନ୍ଦ୍ରନାଥ ଗଦ୍ୟ, ଛନ୍ଦକୁ 'ଭାବଛନ୍ଦ' ବୋଲି ନାମିତ କରିଛନ୍ତି । ଅର୍ଥାତ୍ କବି ହୃଦୟର ଭାବାବେଗ ହିଁ ଗଦ୍ୟ ଛନ୍ଦକୁ ନିୟନ୍ତ୍ରିତ କରିଥାଏ ।

ଏଇ କଳି
ଲୁଟିଅଛି ତୋର ଯୌବନ ଆଉ ବଳ
ଚିମ୍ନିର ଧୂଆଁ
ଓ୍ୱର୍କାଇଲର ଧୂଳି
ମଇଳା ପାଣିର ସୁଅ
ଧାନର ଧୂସ ଓ ଝୋଟର ଅଳଆ ଭିତରେ
ଘୂରୁଛି ଧୂସର ଧୂମଳ ପ୍ରେତ
ଖୋଲା ଧାନ ବିଲର ସ୍ୱାଧୀନ ମଣିଷ ନାହିଁ !

ଏହି ପଦ୍ୟାଂଶରେ ଧ୍ୱନି ସ୍ପନ୍ଦନ ଊଣା ହୋଇଥିବାରୁ ଏହା ଗଦ୍ୟ ଛନ୍ଦ ନ ହୋଇ—ହୋଇଛି କେବଳ ଗଦ୍ୟ (Prosaic) । କିନ୍ତୁ ସଂପୂର୍ଣ୍ଣ କାବ୍ୟାଲୋକ ମଧ୍ୟରେ ଏଇତକ ତ୍ରୁଟି ଅତ୍ୟନ୍ତ କ୍ଷୀଣ । ଗଦ୍ୟ କବିତାର ସାର୍ଥକତା ସର୍ବଦା ସ୍ୱୀକାର୍ଯ୍ୟ; ତଥାପି କାବ୍ୟସୁନ୍ଦରୀଙ୍କର ପ୍ରଧାନ ବାହନ ହେଉଛି ଉପଯୁକ୍ତ ଛନ୍ଦ । ଏ ଛନ୍ଦ ସ୍ୱଚ୍ଛନ୍ଦ ଓ ସ୍ୱାଭାବିକ୍ ହେବା ଆଦୌ ଆବଶ୍ୟକ । ପଦ୍ୟ କବିତାରେ ହେଉ ବା ଗଦ୍ୟ କବିତାରେ ହେଉ, ଏହି ସରସ ସ୍ୱାଭାବିକ ଛନ୍ଦ ଆମେ ବର୍ତ୍ତମାନ କବିମାନଙ୍କଠାରୁ ଆଶା କରୁଁ । *

(୧୯୫୮)

●

* ୧ । କୁଞ୍ଜବିହାରୀ ସଞ୍ଚୟନ—ଦାସ ବ୍ରଦର୍ସ, କଟକ (୧୯୫୭) ମୂଲ୍ୟ ଟ ୩-୭୫

୨ । ବିଦ୍ୟୁତ୍ପ୍ରଭା ସଞ୍ଚୟନ—ରେଖା ପବ୍ଲିଶିଂ ହାଉସ୍, କଟକ (୧୯୫୬) ମୂଲ୍ୟ ଟ ୫-୦୦

# ଏକ ବିଫଳ ପରୀକ୍ଷା

ମୁଖ୍ୟତଃ ହୃଦୟ ହେଉଛି ସାହିତ୍ୟର କ୍ଷେତ୍ର, ବୁଦ୍ଧି ନୁହେଁ । ସାହିତ୍ୟରେ ବୁଦ୍ଧିର କ୍ରୀଡ଼ା ଥାଏ ସତ୍ୟ; କିନ୍ତୁ ତାହା ସର୍ବଦା ହୃଦୟ-କ୍ରୀଡ଼ାର ତଳେ ବା ଅଭ୍ୟନ୍ତରରେ । କି ବିସ୍ମୟର କଥା, ଦିନକୁ ଦିନ ସାହିତ୍ୟ ଅତ୍ୟଧିକ ଭାବରେ ବୁଦ୍ଧି-ପ୍ରବଣ ହୋଇ ଉଠୁଛି । ହୃଦୟର ରାଜପଣ କି ସାହିତ୍ୟ-ଜଗତରୁ ଶେଷ ହୋଇ ଆସିଲାଣି ? ଏବର କାବ୍ୟ, ନାଟକ, ଉପନ୍ୟାସ ଆଦି ବିଭିନ୍ନ ଧରଣର ସର୍ଜନ-ସାହିତ୍ୟରେ ଏହି ବୁଦ୍ଧି ବିଳାସ ହିଁ ପ୍ରଧାନ ହୋଇ ଉଠିଛି । ନାଟ୍ୟ ସାହିତ୍ୟ କଥା ବିଚାର କଲେ, ଊନବିଂଶ ଶତାବ୍ଦୀ ଶେଷ ଭାଗରୁ ସମଗ୍ର ଇଉରୋପରେ ଏହି ବୁଦ୍ଧି-ଦୀପ୍ତ ସମସ୍ୟାମୂଳକ ନାଟକର ପ୍ରାଚୁର୍ଯ୍ୟ ଦେଖାଯାଇଛି । ଆଧୁନିକ ବୈଜ୍ଞାନିକ ପଦ୍ଧତି ଓ ଏହାର ସମାଧାନକୁ ଭିତ୍ତି କରି ଇଉରୋପରେ ନାଟ୍ୟକାର ଇବ୍‌ସେନ୍ ପ୍ରଥମେ କେବଳ ଏହି ଧରଣର ନାଟକ ଲେଖିବାକୁ ଆରମ୍ଭ କଲେ । ସୃଷ୍ଟି ହେଲା ନାଟ୍ୟ ସାହିତ୍ୟର ଏକ ସ୍ୱତନ୍ତ୍ର ବିଭାଗ—ବୁଦ୍ଧିଦୀପ୍ତ ବା ଭାବପ୍ରଧାନ ନାଟକ (Drama of Ideas) । ଏଥିରେ ବିଭିନ୍ନ ସମସ୍ୟାର କେବଳ ଉପସ୍ଥାପନ କରାଗଲା ନାହିଁ, ଏହି ସମସ୍ୟା ଉପରେ ନାଟ୍ୟକାରଙ୍କର ଅଭିମତ ପ୍ରକାଶ ପାଇଲା ଏବଂ ଏ ଅଭିମତକୁ ପ୍ରଚାର କରିବାର ଉଦ୍ୟମ ଦେଖାଗଲା । ଏବେ ନାଟ୍ୟକାର ବର୍ଣ୍ଣାଡ଼ ସ’-ଙ୍କର ହସ୍ତରେ ଏପରି ନାଟକର ଚରମ ବିକାଶ ସାଧିତ ହୋଇଛି । ସ’ଙ୍କର ଅନୁକରଣରେ ଭାରତୀୟ ସାହିତ୍ୟରେ ଏହିପରି ବୁଦ୍ଧିଦୀପ୍ତ ସମସ୍ୟାମୂଳକ ନାଟକ ଆଧୁନିକ ଯୁଗରେ ଲିଖିତ ହେଉଛି । ଓଡ଼ିଆରେ ଅଶ୍ୱିନୀବାବୁ ବୋଧହୁଏ ପ୍ରଥମେ ସ’ଙ୍କ ଅନୁକରଣରେ ସେହି ଧରଣର ଏକାଙ୍କ ନାଟକଟିଏ ରଚନା କଲେ ।

ବର୍ଣ୍ଣାଡ଼ ସ’ଙ୍କର ନାଟକରେ ଦୀର୍ଘ ଭୂମିକାମାନ ରହିଛି । ସେହି ଭୂମିକାରେ ନାଟକର ଆଖ୍ୟାନ ବସ୍ତୁ ଓ ତାହାର ଆନୁଷଙ୍ଗିକ ବିଷୟମାନଙ୍କର ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରାଯାଇଛି । ତେଣୁ ନାଟକାଂଶ ସହିତ ଏପରି ଭୂମିକାର ସମ୍ପର୍କ ଅବିଚ୍ଛେଦ୍ୟ । ନାଟକାଂଶର ପଠନ ସଙ୍ଗେ ସଙ୍ଗେ ଭୂମିକା-ପଠନ ମଧ୍ୟ ପ୍ରୟୋଜନ ।

କିନ୍ତୁ ବୋଲିବା ବାହୁଲ୍ୟ, ରଙ୍ଗମଞ୍ଚରେ ଅଭିନୟବେଳେ ଏପରି ନାଟକର ଏହି ଭୂମିକା ନିଷ୍ପ୍ରୟୋଜନ । ଏହାର କେବଳ ପଠନଗତ ମୂଲ୍ୟ ଲକ୍ଷ୍ୟଣୀୟ । 'ସୁନା ଭାଉଜ' ରଚନା କାଳରେ ଅଶ୍ୱିନୀବାବୁ ଏ ସବୁ ବିଷୟ ପ୍ରତି ଅବହିତ ହୋଇଥିବେ ନିଶ୍ଚୟ । ଏହାର ପ୍ରମାଣ ତାଙ୍କର ପୁସ୍ତକ ପ୍ରବନ୍ଧ 'ସୂଚନା'ରୁ ମିଳୁଛି । ତଥାପି ଏକାଙ୍କିକାଟି ଆମମାନଙ୍କର ମନୋପୂତ ହୋଇନାହିଁ, ଏକଥା ଦୁଃଖର ସହିତ ସ୍ୱୀକାର କରିବାକୁ ପଡ଼ୁଛି । ବର୍ଣ୍ଣାଡ଼ ସ'ଙ୍କର ଭୂମିକା-ସମ୍ବଳିତ ଭାବପ୍ରଧାନ ନାଟକ ରଚନାର ଅନୁକରଣରେ ଓଡ଼ିଆ ନାଟ୍ୟ ରଚନାରେ ସେ ଯେଉଁ ପରୀକ୍ଷା (Experiment) କରିଛନ୍ତି, ତାହା ସାଫଲ୍ୟମଣ୍ଡିତ ହୋଇ ପାରି ନାହିଁ ।

ନାଟ୍ୟକାର ହିସାବରେ ଅଶ୍ୱିନୀବାବୁ ସୁପରିଚିତ । ବିଭିନ୍ନ ଧରଣର ବହୁ ନାଟକ ଲେଖି ଓଡ଼ିଆ ନାଟ୍ୟ ସାହିତ୍ୟର ଅଭିବୃଦ୍ଧିରେ ସେ ଯଥେଷ୍ଟ ସାହାଯ୍ୟ କରିଛନ୍ତି । ତେଣୁ ଆଧୁନିକ ନାଟ୍ୟାଲୋଚନାରେ ତାଙ୍କର ନାମ ସର୍ବାଗ୍ରେ ସ୍ମରଣୀୟ । ଗତ କେତେବର୍ଷ ହେଲା ତାଙ୍କର ଲେଖନୀ ଶିଥିଳ ହୋଇ ପଡ଼ିଥିଲା ବୋଲି ଆମେ ଭାବୁଥିଲୁଁ । କିନ୍ତୁ ଗତ ଏପ୍ରିଲ୍ ମାସରେ 'ସୁନାଭାଉଜ'ର ପ୍ରକାଶ ପରେ ଆମର ସେ ଭାବନା ଦୂରୀଭୂତ ହୋଇଛି ।

'ସୁନା ଭାଉଜ'ର ବିଷୟବସ୍ତୁ ଚଳନ୍ତି ଯୁଗର କତିପୟ ପ୍ରବୃତ୍ତି ଘେନି ସମସାମୟିକ ସାମାଜିକ ପୃଷ୍ଠଭୂମି ଉପରେ ପ୍ରତିଷ୍ଠିତ । ଏଥିରେ ଏକାଙ୍କୀ ରଚନା ଶୈଳୀର ବିଶେଷତ୍ୱ ପ୍ରକଟିତ । ସୁନା ଭାଉଜ ମୁଖ୍ୟ ଚରିତ୍ର । ଏ ଚରିତ୍ରର ଆଦର୍ଶ-ବାଦୀ ଦିଗ ପ୍ରତି ନାଟ୍ୟକାର ବିଶେଷ ଆଲୋକପାତ କରିଛନ୍ତି । ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସୁନାଭାଉଜ ସମାଜ-ସେବା କାର୍ଯ୍ୟରେ ଆପଣାକୁ ଉତ୍ସର୍ଗ କରିଛନ୍ତି, ନୂଆ ଗାଁର ରୂପ ବଦଳାଇ ଦେଇଛନ୍ତି । ତାରି ମଧ୍ୟରେ ସୁନା ଭାଉଜଙ୍କର ଏକ ସ୍ତ୍ରୈଣିକ ଦୁର୍ବଳତା ଦର୍ଶାଇ ଦେଇ ନାଟ୍ୟକାର ଚରିତ୍ରଟିକୁ ବାସ୍ତବ, ସ୍ୱାଭାବିକ କରିପାରିଛନ୍ତି । ନବୀନକୁମାର ଓ ବ୍ରଜ ନାଟିକାଟିରେ ପ୍ରୟୋଜନୀୟ ସଂଘର୍ଷ ଓ ଉତ୍ତେଜନା ସୃଷ୍ଟି କରିଛନ୍ତି । ଫଳରେ ବିଷୟବସ୍ତୁର ନାଟକୀୟତା ପରିସ୍ଫୁଟ ହୋଇଛି । ମୋଟାମୋଟି ଅଙ୍ଗୁଳିମେୟ କେତୋଟି ଚରିତ୍ର ଓ ସୀମାବଦ୍ଧ ପରିବେଶ ମଧ୍ୟରେ ବିଷୟବସ୍ତୁର ଏକମୁଖୀନତା ଅକ୍ଷୁଣ୍ଣ ରହିଛି । ଏହି ଦୃଷ୍ଟିରୁ ଏକାଙ୍କିକା ହିସାବରେ 'ସୁନା ଭାଉଜ' ଉତ୍ତୀର୍ଣ୍ଣ ହୋଇ ପାରିଛି ।

କିନ୍ତୁ ଏକାଙ୍କିକାଟିର ଦୀର୍ଘ ଭୂମିକାର ଆବଶ୍ୟକତା ସମ୍ପର୍କରେ ବର୍ତ୍ତମାନ ପ୍ରଶ୍ନ ଉଠୁଛି । ଏହା ନିଷ୍ପ୍ରୟୋଜନ ବୋଲି ନାଟ୍ୟକାର ନିଜେ ସ୍ୱୀକାର କରିଥିଲେ ମଧ୍ୟ ଏହାର ସନ୍ନିବେଶ କାହିଁକି କରାଯାଇଛି, ବୁଝି ହୁଏନା । ଏହି ଶତାଧିକ ପୃଷ୍ଠାର ଦୀର୍ଘ ଭୂମିକାରେ 'ଚଣ୍ଡୀ ପାଠ'ଠାରୁ 'ହୋତା ସିଲେଇ' ପର୍ଯ୍ୟନ୍ତ

ବିହ୍ୱବିଧ ବିଷୟର ଅବତାରଣା କରାଯାଇଛି । ତନ୍ମଧ୍ୟରୁ ଅନେକ ବିଷୟ ପ୍ରତ୍ୟକ୍ଷରେ କିମ୍ବା ପରୋକ୍ଷରେ ନାଟକାଂଶ ସହିତ ସମ୍ପୃକ୍ତ ନୁହନ୍ତି । ବିଜ୍ଞାନ, ଅର୍ଥନୀତି, ଧର୍ମତତ୍ତ୍ୱ ସାହିତ୍ୟ ଆଦି ବିଭିନ୍ନ ବିଷୟରେ ନାଟ୍ୟକାର ଆଲୋଚନା କରିଛନ୍ତି, କିନ୍ତୁ ଆଲୋଚନା ମଧ୍ୟରେ ଭାବର ଐକ୍ୟ ବା ଯୋଗସୂତ୍ର ରକ୍ଷା କରିପାରି ନାହାନ୍ତି । ତେଣୁ ବହୁ ସ୍ଥଳରେ ଅସଙ୍ଗତି ଦେଖାଯାଇଛି । ମୋଟାମୋଟି ଆଲୋଚନାଟିରେ ନାଟ୍ୟକାରଙ୍କର ଠିକ୍ ବକ୍ତବ୍ୟ କ'ଣ ଅଥବା ନାଟ୍ୟକାର କି ଉଦ୍ଦେଶ୍ୟ ତହିଁରେ ସାଧିତ କରିବାକୁ ଚାହାଁନ୍ତି, ବୁଝାପଡ଼ୁ ନାହିଁ । ପୁଣି ଏକାଙ୍କିକାର ଭିତର ପୃଷ୍ଠାବ୍ୟାପୀ 'ପୂର୍ବ ଇତିହାସ'ର ବିଶେଷ ଆବଶ୍ୟକତା ଅଛି ବୋଲି ମନେ ହେଉ ନାହିଁ । କାରଣ ନାଟକାଂଶରେ ସେହି ପୂର୍ବ ଇତିହାସ ପାତ୍ର-ପାତ୍ରୀଙ୍କ ମୁଖରେ କଥିତ ହୋଇଛି । "ବର୍ଣ୍ଣାଡ଼ ସ' ଯାହା କରିଛନ୍ତି, ଆମେ ସେୟା କରିବା"—ଏହି ମନୋବୃତ୍ତି ଘେନି ଏକାଙ୍କିକାଟି ଲିଖିତ ବୋଲି ମନେହୁଏ । ତେଣୁ 'ଅନୁକରଣ' 'ହନୁକରଣ'ରେ ହିଁ ପରିଣତ ହୋଇଛି ।

ମୁଦ୍ରଣ-ତ୍ରୁଟି ଭୂରି ଭୂରି । ଆଳସ୍ୟ, ଗୌଣ ମନୋବୃତ୍ତି ଭଳି ଏହା ଆମର ଏକ ଜାତୀୟ ଦୋଷରେ ପରିଣତ ହେଲାଣି । ଗ୍ରନ୍ଥନ ଓ ପ୍ରଚ୍ଛଦସଜ୍ଜା ମୋଟାମୋଟି ଭଲ ହୋଇଛି । ❋

(୧୯୫୮)

---

❋ ସୁନା ଭାଉଜ—ଅଶ୍ୱିନୀ କୁମାର ଘୋଷ, ମହାଲକ୍ଷ୍ମୀ ଭଣ୍ଡାର, କଲିକତା (୧୯୫୮)
ମୂଲ୍ୟ—ଟ ୨-୨୫

# ବିବିଧ ବିମର୍ଶ

ଏବେ ଆମ ସାହିତ୍ୟରେ ବିବିଧ, ବହୁମୁଖୀ ବିମର୍ଶ ଦେଖାଯାଉଛି । ଦିନ ଥିଲା, ଯେତେବେଳେ କେବଳ ପ୍ରାଚୀନ ସାହିତ୍ୟ ସଂଗ୍ରହ, ସଙ୍କଳନ ଓ ଆଲୋଚନା ଆମ ପ୍ରାଚୀନ ସାହିତ୍ୟ ବୀକ୍ଷଣାର ଏକକ ମାନଦଣ୍ଡ ହୋଇଥିଲା । କିନ୍ତୁ ଗତ କେତେବର୍ଷ ହେଲା ପ୍ରାଚୀନ ସାହିତ୍ୟ ସଙ୍ଗେ ସଙ୍ଗେ ଆଧୁନିକ ତଥା ସମସାମୟିକ ସାହିତ୍ୟର ମଧ୍ୟ ମୁଖରିତ ମୂଲ୍ୟାଙ୍କନ ଆରମ୍ଭ ହୋଇଛି । ଏହାଛଡ଼ା ସାହିତ୍ୟ ସମ୍ପର୍କୀୟ ବହୁବିଧ ସାଧାରଣ ଆଲୋଚନା ମଧ୍ୟ ଦୃଷ୍ଟିଗୋଚର ହେଉଛି । ସାହିତ୍ୟର ସ୍ୱାସ୍ଥ୍ୟରକ୍ଷା ଓ ସାରଥ୍ୟ ଦୃଷ୍ଟିରୁ ଏହା ଅବଶ୍ୟ କର୍ତ୍ତବ୍ୟ । ସେଥିପାଇଁ ଅଧ୍ୟାପକ ପଠାଣିବାବୁ ଓ ମୁରାରିବାବୁଙ୍କ ଗ୍ରନ୍ଥଯୋଡ଼ିକ ସାମ୍ପ୍ରତିକ ସାରସ୍ୱତ ପରିବେଶ ମଧ୍ୟରେ ବିଶେଷ ଉଲ୍ଲେଖଯୋଗ୍ୟ ।

ପଠାଣି ବାବୁ କୋଇଲି ସାହିତ୍ୟ, ଚଉତିଶା ସାହିତ୍ୟ, ଗଳ୍ପ ସାହିତ୍ୟ, ପ୍ରବନ୍ଧ ସାହିତ୍ୟ ପ୍ରଭୃତି ଦଶଗୋଟି ଭିନ୍ନ ଭିନ୍ନ ବିଷୟରେ ଆଲୋଚନା କରିଛନ୍ତି । ପ୍ରଥମ ସାତଟି ପ୍ରବନ୍ଧ ପ୍ରଧାନତଃ ସମ୍ବାଦମୂଳକ (Informative), ସମାଲୋଚନାତ୍ମକ ନୁହେଁ । ଏଗୁଡ଼ିକ ମଧ୍ୟରେ ବିଭିନ୍ନ ବିଷୟବସ୍ତୁର ଯଥାଯଥ ଉପସ୍ଥାପନ କରାଯାଇଛି, କିନ୍ତୁ ଉପଯୁକ୍ତ ବିଶ୍ଳେଷଣ ସହକାରେ ସେହି ବିଷୟବସ୍ତୁ ମଧ୍ୟରୁ କୌଣସି ତଥ୍ୟାନୁସନ୍ଧାନ ବା ତଥ୍ୟ ଆହରଣ କରାଯାଇ ନାହିଁ । 'କୋଇଲି ସାହିତ୍ୟ' ପ୍ରବନ୍ଧରେ ପ୍ରଥମେ ଲିଖିତ ଅଛି—"ଅନେକଙ୍କର ଧାରଣା ଯେ ସଂସ୍କୃତ ସାହିତ୍ୟର 'ମେଘଦୂତ' ଅଥବା ରୂପ ଗୋସ୍ୱାମୀଙ୍କ 'ହଂସଦୂତ' ପରି ଆମର କୋଇଲିକୁ ସମ୍ବୋଧନ କରି କବିତା ରଚନାର ରୀତି ପ୍ରଚଳିତ ହୋଇଅଛି ।" ଏହା ପରେ ପଣ୍ଡିତ ନୀଳକଣ୍ଠଙ୍କ 'ଓଷା', 'ଲୋଳୀ' ଆଲୋଚନାର ଉଲ୍ଲେଖ କରାଯାଇ ପୁଣି କୁହାଯାଇଛି ଯେ ସଂସ୍କୃତରେ ମେଘ ଓ ହଂସକୁ ଯେପରି ଏକ ନିର୍ଦ୍ଦିଷ୍ଟ ଅର୍ଥରେ ପ୍ରୟୋଗ କରାଯାଇଛି, ଓଡ଼ିଆରେ କୋଇଲିକୁ ସେପରି ଭାବରେ ବ୍ୟବହାର କରାଯାଇ ନାହିଁ । ଲେଖକ ଏହି ଦୁଇଟି ମତ ବିଶ୍ଳେଷଣ କରି ନିଜର କୌଣସି ତଥ୍ୟ ପରିବେଷଣ କରି ନାହାନ୍ତି । ପ୍ରାଥମିକ ପ୍ରବନ୍ଧଗୁଡ଼ିକର ଏହି ଦୁଃଖଦାୟକ ଅଭାବ ପରିଲକ୍ଷିତ ହୁଏ; କିନ୍ତୁ ଶେଷ ତିନୋଟି ପ୍ରବନ୍ଧରେ ଲେଖକଙ୍କର ମୌଳିକ ଚିନ୍ତାଧାରା ଏବଂ ବିଶ୍ଳେଷଣ ଦ୍ୱାରା ତଥ୍ୟାନୁସନ୍ଧାନର ପ୍ରୟାସ ସ୍ପଷ୍ଟ ଲକ୍ଷ୍ୟଣୀୟ । ବିଭିନ୍ନ ଯୁଗର ଓଡ଼ିଆ ସାହିତ୍ୟ ଆଲୋଚନା

ଲାଗି କପରି ଉଦାର, ନିରପେକ୍ଷ ଓ ବହୁମୁଖୀ ଦୃଷ୍ଟିଭଙ୍ଗୀ ଲୋଡ଼ା, ପଠାଣିବାବୁ ତାହା ପୁଙ୍ଖାନୁପୁଙ୍ଖ ରୂପେ ଆଲୋଚନା କରିଛନ୍ତି । ଏହି ଦୃଷ୍ଟିଭଙ୍ଗୀ ସାମ୍ପ୍ରତିକ ସାହିତ୍ୟାଲୋଚନାରେ ଅନୁସୃତ ହେଲେ, ଆମେ ବହୁ ପରିମାଣରେ ବୃଥା ବିତର୍କ, ମସୀ-ଯୁଦ୍ଧରୁ ଉଦ୍ଧାର ପାଇଯା'ନ୍ତ ! 'ସାହିତ୍ୟରେ ପ୍ରେମାନୁଭୂତି' ଲେଖକଙ୍କର ଏକ ଉତ୍କୃଷ୍ଟ ସମାଲୋଚନା ପ୍ରବନ୍ଧ । ଯୁଗେ ଯୁଗେ ସାହିତ୍ୟରେ ପ୍ରେମ ଏକ ବିଶିଷ୍ଟ ସ୍ଥାନ ଲାଭ କରି ଆସିଛି । ସେହି ପ୍ରେମର ସ୍ୱରୂପ ଓ ବିଭିନ୍ନ ବିଭାବ ଲେଖକ ଭଲ ଭାବରେ ଦର୍ଶାଇଛନ୍ତି । ଏହି ପ୍ରସଙ୍ଗରେ କବି ମାନସିଂହଙ୍କର ଗୋଟିଏ ଯୁକ୍ତି ଉଦ୍ଧାର କରି ସେ ପ୍ରେମ ମଧ୍ୟସ୍ଥ ଦୈହିକ ମିଳନ ବିରୁଦ୍ଧରେ ମତପୋଷଣ କରିଛନ୍ତି । କିନ୍ତୁ ପ୍ରେମ ବ୍ୟାପାରରେ ଦେହକୁ ସମ୍ପୂର୍ଣ୍ଣରୂପେ ଅସ୍ୱୀକାର କରାଯାଇ ନ ପାରେ । ଦେବତା ନିକଟରେ ଭକ୍ତି ନିବେଦନ କରିବା ଲାଗି ଏକ ପୂଜା-ବେଦୀ ଆବଶ୍ୟକ ହୋଇଥାଏ । ଠିକ୍ ସେହିପରି ପ୍ରେମ ନିବେଦନ କରିବା ଲାଗି ବେଦୀଟିଏ ଲୋଡ଼ା; ଦେହ ହେଉଛି ସେହି ବେଦୀ । ତେଣୁ ଦେହକୁ ଛାଡ଼ି ପ୍ରେମ ପରିପୂର୍ଣ୍ଣତା ଲାଭ କରିପାରିବ ନାହିଁ । ସେଥିପାଇଁ ବୈଷ୍ଣବ ସାହିତ୍ୟର ପ୍ରେମ ବର୍ଣ୍ଣନାରେ ଦେହକୁ ଅସ୍ୱୀକାର କରାଯାଇ ନାହିଁ । ଦେହକୁ ଭିତ୍ତିକରି ପ୍ରେମ ଉଚ୍ଚସ୍ତରକୁ ଉନ୍ନୀତ ହୋଇ ଯାଇଛି ।

ମୋଟାମୋଟି ପଠାଣିବାବୁଙ୍କ ଗ୍ରନ୍ଥଟି ପଢ଼ି ମନେହେଲା—ଯେପରି ଅଧିକାଂଶ ପ୍ରବନ୍ଧ ମଧ୍ୟରେ କେଉଁଠି ଗୋଟାଏ ଅପୂର୍ଣ୍ଣତା ରହିଯାଇଛି । ପ୍ରବନ୍ଧଗୁଡ଼ିକ ପଢ଼ିସାରିଲା ପରେ ମନ ଅତୃପ୍ତ ରହିଯାଏ—ଆଉ ଅଧିକ କିଛି ଜାଣିବା ଲାଗି ମନ ବ୍ୟାକୁଳ ହୁଏ । ଏପରି ଅତୃପ୍ତି, ବ୍ୟାକୁଳତା ସର୍ଜନ-ସାହିତ୍ୟ କ୍ଷେତ୍ରରେ ଶୋଭନୀୟ ହୋଇପାରେ । କିନ୍ତୁ ସମାଲୋଚନା ସାହିତ୍ୟ ପକ୍ଷରେ ଏହା ନିଶ୍ଚିତ ରୂପେ ଏକ ଦୋଷ । ସାହିତ୍ୟ-ଅଧ୍ୟାପନା ପଠାଣିବାବୁଙ୍କର ବୃତ୍ତି । ଛାତ୍ରମାନଙ୍କର ଜାଣିବା ଲାଗି ଯେତିକି ଲୋଡ଼ା, ପଠାଣିବାବୁ ନିଜର ଅଧିକାଂଶ ପ୍ରବନ୍ଧରେ ସେତିକି ମାତ୍ର କହିଛନ୍ତି । ତହିଁରୁ ଅଧିକ ଯଥେଷ୍ଟ କହିବାର ଥିଲେ ମଧ୍ୟ କହିବାକୁ ପ୍ରୟାସ କରି ନାହାନ୍ତି । ତେଣୁ ତାଙ୍କର ଏ ଗ୍ରନ୍ଥଟି ଗବେଷଣାଗାରଠାରୁ କ୍ଲାସ୍-ରୁମ୍ ପାଇଁ ଅଧିକ ଉପଯୋଗୀ—ନିଃସନ୍ଦେହରେ ।

ଅଧ୍ୟାପକ ପଠାଣିବାବୁ ନିଜ ଗ୍ରନ୍ଥରେ ଦଶଟି ଭିନ୍ନ ଭିନ୍ନ ବିଷୟରେ ଆଲୋଚନା କରିଥିଲା ବେଳେ ମୁରାରିବାବୁ ଗୋଟିଏ ସ୍ରଷ୍ଟା-ମାନସକୁ ଦଶଟି ବିଭିନ୍ନ ଦିଗରୁ ଆଲୋଚନା କରିଛନ୍ତି । ତାଙ୍କ ଗ୍ରନ୍ଥର ବିଷୟବସ୍ତୁ—ପଲ୍ଲୀକବି ନନ୍ଦକିଶୋରଙ୍କ ସାହିତ୍ୟ-କୃତି । ନନ୍ଦକିଶୋର ଆଧୁନିକ ଯୁଗ-ସାହିତ୍ୟରେ ଏକ ବିଶିଷ୍ଟ, ସ୍ୱତନ୍ତ୍ର ପ୍ରତିଭା । ସେହି ପ୍ରତିଭାର ବିଭିନ୍ନ ବିଭାବ କବିଙ୍କର ପଲ୍ଲୀ କବିତା, ଶିଶୁ-ସଙ୍ଗୀତ, କାବ୍ୟ, ପ୍ରବନ୍ଧାଦି ମଧ୍ୟରେ କପରି ବିକଶିତ ହୋଇଛି, ଲେଖକ ତାହା ଅତି

ସଂକ୍ଷେପରେ ବର୍ଣ୍ଣାଇଛନ୍ତି । 'ଗୀତିକବି ନନ୍ଦକିଶୋର' ଓ 'ଶିଶୁରଞ୍ଜନ ନନ୍ଦକିଶୋର' ପ୍ରଭୃତି ଆଲୋଚନାର ପରିସର ପରିବର୍ଦ୍ଧିତ ହୋଇଥିଲେ, ଭଲ ହୋଇଥାନ୍ତା । ଲେଖକ କୌଣସି ବିଷୟରେ ଯଥାସମ୍ଭବ ପୂର୍ଣ୍ଣାଙ୍ଗ ଆଲୋଚନା କରି ନାହାନ୍ତି । 'ନନ୍ଦକିଶୋରଙ୍କ ବ୍ୟକ୍ତିତ୍ୱ' ବିଭାଗରେ କବିଙ୍କର ବ୍ୟକ୍ତିତ୍ୱ ସମ୍ପର୍କରେ କିଛି କୁହାଯାଇ ନାହିଁ—କହିଲେ ଚଳେ । ପୁଣି ସେହି ବିଭାଗରେ ଲେଖକଙ୍କର ଅଭିମତ—ନନ୍ଦକିଶୋର "ଅଖ୍ୟାତ ପଲ୍ଲୀକୁ ବିଖ୍ୟାତ କଟକର ସମୀପବର୍ତ୍ତୀ କରିବା ପାଇଁ ଚେଷ୍ଟା କରିଛନ୍ତି" ଆଦୌ ଯୁକ୍ତିଯୁକ୍ତ ନୁହେଁ । ନନ୍ଦକିଶୋର ପଲ୍ଲୀର ଶ୍ରୀବୃଦ୍ଧି ଲାଗି ସର୍ବଦା ବ୍ୟାକୁଳତା ପ୍ରକାଶ କରିଛନ୍ତି ସତ୍ୟ; କିନ୍ତୁ 'କୁସୁପୁର'କୁ 'କଟକ' ନଗରୀରେ ପରିଣତ କରିବାର ସ୍ୱପ୍ନ କେଉଁଠି କେବେ ଦେଖିଛନ୍ତି ବୋଲି ମନେ ହୁଏନା ।

ମୁରାରିବାବୁଙ୍କର ଏ ଆଲୋଚନାଟି ବଡ଼ ତରତରିଆ (Hasty) । 'ସବୁଜ ଯୁଗ ଓ ବୈକୁଣ୍ଠନାଥ' ଆଲୋଚନା ଗ୍ରନ୍ଥରେ ମଧ୍ୟ ଏହି ଦୋଷ ପରିଲକ୍ଷିତ ହୋଇଥିଲା । କିନ୍ତୁ ସୁଖର କଥା, ସେ ଆଲୋଚନାରେ ପୂରି ରହିଥିବା ଅସୂୟା ଭାବ ଓ ଅପ୍ରିୟ ବାଣୀ 'ନନ୍ଦକିଶୋର ସନ୍ଦେଶ'ରେ ନାହିଁ । ସମାଲୋଚକ ସର୍ବଦା ଅନସୂୟ ଓ ପ୍ରିୟମ୍ବଦ ହେଲେ, ସମାଲୋଚନା ନିରପେକ୍ଷ ଓ ଉତ୍କୃଷ୍ଟ ହୋଇ ପାରିବ—ଏହି ବିନୀତ ମତ ପୂର୍ବରୁ ମୁଁ ଏହି ସ୍ତମ୍ଭରେ ଘୋଷଣା କରିଛି । ଏହି ଦୃଷ୍ଟିରୁ 'ସବୁଜ ଯୁଗ ଓ ବୈକୁଣ୍ଠନାଥ'ଠାରୁ 'ନନ୍ଦକିଶୋର ସନ୍ଦେଶ' ଉଚ୍ଚ କୋଟୀର ହୋଇ ପାରିଛି ।

ଗ୍ରନ୍ଥ-ଶୀର୍ଷ ନିର୍ବାଚନରେ ଲେଖକ ଅସାବଧାନତା ପ୍ରକାଶ କରିଥିବାର ମନେହୁଏ । କଲିକତାର 'ଭୀମନାଗ ସନ୍ଦେଶ' ଭଳି କଟକର 'ନନ୍ଦକିଶୋର ସନ୍ଦେଶ'—ଅନୁମାନ କରିବା ଅତି ସ୍ୱାଭାବିକ । ପୁଣି ସମୁଦାୟ ଆଲୋଚନାଟି ଖଣ୍ଡିଏ କ୍ଲାସ୍ ନୋଟ୍‌ର ଧାରଣା ଆଣି ଦେଉଛି । ଏପରି ଧାରଣା ଅଯଥାର୍ଥ ବା ଅମୂଳକ ନୁହେଁ । କେତେଦିନ ତଳେ କଟକର ଏକ ବହି ଦୋକାନରେ ଜଣେ ଅଧ୍ୟାପକଙ୍କ ସହିତ ମୋର ସାକ୍ଷାତ ହେଲା । ଅଧ୍ୟାପକ ମହାଶୟ ହାତରେ ଧରିଥିବା ଖଣ୍ଡିଏ ସଦ୍ୟ ପ୍ରକାଶିତ ଇଂରାଜୀ ସମାଲୋଚନା ଗ୍ରନ୍ଥ ମୋତେ ଦେଖାଇ କହିଲେ—ଏସବୁ ହେଉଛି ରେଭେନ୍‌ସା କଲେଜରେ ପିଲାଙ୍କୁ ଡାକିଥିବା ଆମମାନଙ୍କର ନୋଟ୍‌ର ସମଷ୍ଟି । ସେହିପରି ଆଉ ଗୋଟିଏ ଦୁଇଟି ଦୃଷ୍ଟାନ୍ତ ଅଧ୍ୟାପକ ମହାଶୟ ମୋତେ ଦେଇଥିଲେ । ମୁରାରିବାବୁ ସେପରି ନ କରି ପାରିଥାନ୍ତି । କିନ୍ତୁ 'ନନ୍ଦକିଶୋର ସନ୍ଦେଶ' ପଢ଼ି ଯେ-କେହି ବ୍ୟକ୍ତି ଧାରଣା କରିପାରିବ—ଓଡ଼ିଆ ଅନର୍ସ୍ କିମ୍ବା ଏମ୍. ଏ. ପରୀକ୍ଷା ପାଇଁ ଏହା ଯେପରି ଏକ ସୁନିର୍ମିତ ନୋଟ୍ !

ମୁଦ୍ରଣ ଓ ଗ୍ରନ୍ଥନ-ପରିପାଟୀ ଦୃଷ୍ଟିରୁ 'ଓଡ଼ିଆ ସାହିତ୍ୟର ଭୂମିକା' ପ୍ରଶଂସନୀୟ । କଟକର ସ୍ୱନାମଧନ୍ୟ ପାରିଜାତ ପ୍ରେସ୍ ଏହାର ମୁଦ୍ରାକର । ଏହା ପୂର୍ବରୁ ପାରିଜାତ ପ୍ରେସ୍‌ର ଦୋଷଶୂନ୍ୟ, ସୁଷମ ମୁଦ୍ରଣ ଆମ ଆଖିରେ ପଡ଼ିଛି । ଓଡ଼ିଶାର ଅନ୍ୟାନ୍ୟ ପ୍ରେସ୍ ପାରିଜାତ ଦ୍ୱାରା ଅନୁପ୍ରାଣିତ ହେବା ଲୋଡ଼ା ପଡ଼ୁଛି । 'ନନ୍ଦକିଶୋର ସନ୍ଦେଶ'ର ମୁଦ୍ରାକର କଟକସ୍ଥ ଟାଉନ ପ୍ରେସ୍ ପାରିଜାତଠାରୁ ମଧ୍ୟ ମୁଦ୍ରଣ-ଶିଳ୍ପ ଶିକ୍ଷା କରିବା ଦରକାର । *

(୧୯୫୮)

●

---

* (୧) ଓଡ଼ିଆ ସାହିତ୍ୟର ଭୂମିକା—ପଠାଣି ପଟ୍ଟନାୟକ, ଖ୍ରୀଷ୍ଟ କଲେଜ (୧୯୫୭), ମୂଲ୍ୟ ଟ ୨/ ।

(୨) ନନ୍ଦକିଶୋର ସନ୍ଦେଶ—ମୁରାରି ମୋହନ ଜେନା, ବାଣୀ ଭଣ୍ଡାର—କଟକ, ମୂଲ୍ୟ ଟ ୧/ ।

# ପୁରୁଣା କଥା : ନୂଆ ଗ୍ରାହକ

'ହାଟ ବାହୁଡ଼ା' ଫକୀରମୋହନଙ୍କ କଥା ଓଡ଼ିଆ ସାହିତ୍ୟ-ରସିକମାନେ ହିଁ ଜାଣିଥିବେ । ପୁରୁଣା ଦେଶୀ ସାହିତ୍ୟର ବେପାର କରିବାକୁ ଯାଇ ସେ କିପରି ଆମ ସମାଜ-ହାଟରେ ଦହଗଞ୍ଜ ଭୋଗିଥିଲେ, ତାହା ବେଶି ଦିନର କଥା ନୁହଁ । ଆଜି କିନ୍ତୁ ଯୁଗ ବଦଳିଛି—ଦେଶୀ, ବିଲାତି ମଧ୍ୟରେ ଭେଦରେଖା ସୁସ୍ପଷ୍ଟ ହୋଇଛି । ଯେତେ ପୁରୁଣା ପୁଚୁରା ହେଲେ ବି ଦେଶୀୟ କଥା, ଜାତୀୟ ସଂସ୍କୃତିର ଆଦର ବଢ଼ିଛି । ବାହାରଆଡ଼ୁ ଦୃଷ୍ଟି ଫେରାଇ ଏ ଜାତି ଆଜି ଯେପରି ଆପଣା ଅନ୍ତରାତ୍ମାର ଅନୁସନ୍ଧାନ କରୁଛି !

ଓଡ଼ିଆ ଲୋକ-ସାହିତ୍ୟର ସଂଗ୍ରହ, ସଂକଳନ ଓ ଆଲୋଚନା ବହୁ ଦିନରୁ ଆରମ୍ଭ ହୋଇଥିଲେ ହେଁ ଗତ ଅଳ୍ପ କେତେବର୍ଷ ମଧ୍ୟରେ ଏହାର ଗ୍ରାହକତା ବହୁ ପରିମାଣରେ ବଢ଼ିଯାଇଛି । ଆଜି ଚାରିଆଡ଼େ ଲୋକ-ସାହିତ୍ୟ ଆଶ୍ଚର୍ଯ୍ୟ ରକମର ସମାଦର ଲାଭ କରିଛି । ଅଳ୍ପ କେତେଦିନ ତଳେ ବାଲେଶ୍ୱର ଜିଲ୍ଲାର ସୁଦୂର ମଫସଲ ଅଞ୍ଚଳର ଏକ ସଭାରେ ଏହି ଲେଖକ ଲୋକ-ସାହିତ୍ୟ ସମ୍ପର୍କରେ ଦି'ପଦ କହିଥିଲା । ଗାଉଁଲି ଲୋକେ ବିସ୍ମିତ ହୋଇ ପଚାରିଥିଲେ—"ଆମର ଏଇ ଛଗଡମାଲ ଛଟା କାନ୍ଦଣା ହଳିଆ-ଗୀତ ଭିତରେ ପୁଣି ଇମିତି ସାହିତ୍ୟ ରହିଛି !" ମଫସଲ ଅଞ୍ଚଳ ବ୍ୟତୀତ ସହରମାନଙ୍କରେ ଅନେକ ସମୟରେ ଲୋକସାହିତ୍ୟର ଚର୍ଚ୍ଚା ଚାଲିଛି; ବେତାରରେ ବେଳେ ବେଳେ ଲୋକଗୀତ ଓ ଲୋକନାଟ୍ୟ ଉପଭୋଗ କରାଯାଉଛି । ପୁରୁଣା ଦେଶୀ କଥାର ଏ ନୂଆ ଗ୍ରାହକଲାଭ ବାସ୍ତବିକ୍ ଚମକପ୍ରଦ ।

ଏଥିପାଇଁ ଏ ଦିଗରେ କାର୍ଯ୍ୟ କରିଥିବା ପୂର୍ବ ସୂରିଗଣ ସ୍ମରଣୀୟ ସତ୍ୟ, କିନ୍ତୁ ଡକ୍ଟର କୁଞ୍ଜବିହାରୀ ଦାଶ ଆମମାନଙ୍କର ବିଶେଷ ଧନ୍ୟବାଦର ପାତ୍ର । ତାଙ୍କର ବିଶାଳ ବିପୁଳ ଉଦ୍ୟମ ମଧ୍ୟ ବିରାଟ ଓ ବିଚକ୍ଷଣ । ଗୋଟିଏ ଯୁଗ—ଦୀର୍ଘ ବାରବର୍ଷ ହେଲା ସେ ଏହି ଲୋକ-ସାହିତ୍ୟ ସଂଗ୍ରହ, ସଂକଳନ ଓ ଗବେଷଣାରେ ଲାଗିଛନ୍ତି ।

ଆମ ଦେଖିବାରେ ସେ କି ଅକ୍ଳାନ୍ତ ନିରବଚ୍ଛିନ୍ନ ସାଧନା ! ସେ ସାଧନାରେ ପୁଣି କି ଅକପଟ ଶ୍ରଦ୍ଧା ଓ ଉତ୍ସାହ ! ଏପରି ଶ୍ରଦ୍ଧା ଓ ଉତ୍ସାହ ସମ୍ପ୍ରତି ଓଡ଼ିଶାର ଅନ୍ୟ ପଣ୍ଡିତ ଗବେଷକମାନଙ୍କଠାରେ କ୍ୱଚିତ୍ ଦେଖିବାକୁ ମିଳେ । ସେହି ସାଧନାର ସିଦ୍ଧି ସ୍ୱରୂପ କୁଞ୍ଜବାବୁଙ୍କର 'ପଲ୍ଲୀପୁଷ୍ପ', 'ପଲ୍ଲୀଚିତ୍ରଣା', 'ପଲ୍ଲୀଗୀତ ସଞ୍ଚୟନ', 'A Study of Orissan Folk Lore' ଓ ଆଲୋଚ୍ୟ ଗ୍ରନ୍ଥଟି ଆମ ଆଗରେ ବିଦ୍ୟମାନ୍ । ଏହା ବ୍ୟତୀତ ଶ୍ରୀମତୀ ପ୍ରେମଲତା ଦାଶଙ୍କ ସହଯୋଗରେ କେତୋଟି ଗାଉଁଲି ଗପର ସଙ୍କଳନ ମଧ୍ୟ ସେ ପ୍ରକାଶ କରିଛନ୍ତି । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ସେ ସର୍ବମୋଟ ପ୍ରାୟ ଏକ ଲକ୍ଷ ଲୋକ-ଗୀତ ଓ ଦୁଇ ଶହ ଲୋକ-କାହାଣୀ ସଂଗ୍ରହ କରିଛନ୍ତି । ଓଡ଼ିଶା କଥା ଦୂରେ ଥାଉ, ଭାରତରେ ମଧ୍ୟ ଏତେ ବେଶି ସଂଗ୍ରହ କେହି କରିଥିବାର ଜଣା ନାହିଁ ।

ଏ' ତ ଗଲା ଲୋକ-ସାହିତ୍ୟର ସଂଗ୍ରହ ଓ ସଂକଳନ କଥା । ଏହାର ପୁଣି ଧାରାବାହିକ ଚର୍ଚ୍ଚା ଓ ଗବେଷଣାରେ କୁଞ୍ଜବାବୁ କିପରି ତତ୍ପର, ତାହାର ପରିଚୟ ମିଳେ—'A Study of Orissan Folk-Lore' ଓ ଆଲୋଚ୍ୟ ଗ୍ରନ୍ଥ 'ଓଡ଼ିଆ ଲୋକଗୀତ ଓ କାହାଣୀ'ରୁ । ଭାରତ ଓ ଭାରତ ବାହାରେ ଆମ ଲୋକଗୀତ ଓ କାହାଣୀର ପରିଚୟ ଦେବା ଉଦ୍ଦେଶ୍ୟରେ, ପ୍ରଥମ ଗ୍ରନ୍ଥଟି ଇଂରାଜୀରେ ଲିଖିତ । ସେଥିପାଇଁ ଏହା ଗବେଷଣାମୂଳକ ହୋଇପାରିନାହିଁ । ଅଣଓଡ଼ିଆଙ୍କ ଉଦ୍ଦେଶ୍ୟରେ ଓଡ଼ିଆ ଲୋକ-ସାହିତ୍ୟ ବିଷୟରେ ବିଭିନ୍ନ ତଥ୍ୟ ଏଥିରେ ସୁନ୍ଦର ଭାବରେ ପରିବେଷିତ ହୋଇଛି ମାତ୍ର । କିନ୍ତୁ 'ଓଡ଼ିଆ ଲୋକଗୀତ ଓ କାହାଣୀ' ଏକ ତଥ୍ୟପୂର୍ଣ୍ଣ, ଗବେଷଣାମୂଳକ ପ୍ରବନ୍ଧ । ଏହା ହିଁ କୁଞ୍ଜବାବୁଙ୍କୁ ପି. ଏଚ୍. ଡ଼ି. ଡିଗ୍ରୀରେ ଭୂଷିତ କରିଛି । ଏହା ବାସ୍ତବିକ୍ "ଓଡ଼ିଶାରେ ଏବଂ ଓଡ଼ିଆ ଭାଷାରେ ପ୍ରଥମ ପ୍ରକାଶିତ ଥେସିସ୍ ।" ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ୟୁନିଭରସିଟି ଗ୍ରାଣ୍ଟସ୍ କମିସନ୍‌ଙ୍କ ସାହାଯ୍ୟରେ ଏହି ବିରାଟ ଗବେଷଣା ପ୍ରବନ୍ଧଟି ପ୍ରକାଶ କରି ଜାତିର ଧନ୍ୟବାଦାର୍ହ ହୋଇଛନ୍ତି । ଏହି ପ୍ରସଙ୍ଗରେ ଆମ ଉତ୍କଳ ବିଶ୍ୱବିଦ୍ୟାଳୟ କଥା ସ୍ୱତଃ ମନେ ପଡ଼ୁଛି । ପ୍ରାୟ ଗୋଟିଏ ଯୁଗ ହେଲା ଏ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ କେତେକ ପାଠ୍ୟପୁସ୍ତକ ଓ ସାହାଯ୍ୟକାରୀ ଗ୍ରନ୍ଥ ( Reference Book ) ବ୍ୟତୀତ ଏପର୍ଯ୍ୟନ୍ତ ଏହିପରି ଏକ ଗବେଷଣା ପ୍ରବନ୍ଧ ପ୍ରକାଶ କରିବାକୁ ଏହା କ୍ଷମ ହୋଇପାରି ନାହିଁ । କେତେଜଣ ପଣ୍ଡିତ ଅଧ୍ୟାପକଙ୍କୁ ଏ ବିଶ୍ୱବିଦ୍ୟାଳୟ ଡି. ଲିଟ୍. ଓ ପି. ଏଚ୍. ଡି. ଡିଗ୍ରୀ ପ୍ରଦାନ କରିଥିଲେ ମଧ୍ୟ ସେମାନଙ୍କର ଥେସିସ୍‌ରୁ ଗୋଟିଏ ସୁଦ୍ଧା ପ୍ରକାଶ କରିବାଲାଗି ଯତ୍ନବାନ୍ ହୋଇ ନାହିଁ । ଏହା ଅତିଶୟ ଦୁଃଖ ଓ ପରିତାପର ବିଷୟ ।

ଆଲୋଚ୍ୟ ଗ୍ରନ୍ଥଟି ଦୁଇ ଭାଗରେ ବିଭକ୍ତ । ପ୍ରଥମ ଭାଗରେ ଲୋକଗୀତ ଓ ଦ୍ୱିତୀୟ ଭାଗରେ ଲୋକକାହାଣୀର ଆଲୋଚନା କରାଯାଇଛି । ଦ୍ୱିତୀୟ ଭାଗର

ଆଲୋଚନାଠାରୁ ପ୍ରଥମଭାଗର ଆଲୋଚନାଟି ଅଧିକ ବିଶଦ ଓ ଗୁରୁତ୍ୱପୂର୍ଣ୍ଣ ମନେ ହେଲା । ପ୍ରଥମ ଭାଗରେ ଲୋକଗୀତର ଉପକ୍ରମ ଓ ବିକାଶଧାରା, ପ୍ରକାରଭେଦ ଓ ପରିଚୟ ଏବଂ ଏହାର ବ୍ୟାପକତାର ଅନୁଶୀଳନ ସ୍ଥାନ ଲାଭ କରିଛି । ଦ୍ୱିତୀୟ ଭାଗରେ ଲୋକକାହାଣୀ ସଙ୍କଳନର ଇତିହାସ, ଉତ୍ପତ୍ତି, କ୍ରମବିକାଶ, ଓଡ଼ିଆ-କାହାଣୀ ଉପରେ ସର୍ବଭାରତୀୟ କାହାଣୀର ପ୍ରଭାବ, ଭାରତୀୟ ବିଭିନ୍ନ ପ୍ରାଦେଶିକ ଲୋକ-କାହାଣୀ ମଧ୍ୟରେ ସୌସାଦୃଶ୍ୟ, ଲୋକକାହାଣୀର ପ୍ରକାରଭେଦ, ଆକୃତି ଓ ଅଭିପ୍ରାୟ ଏବଂ ଏହାର ସାମାଜିକ ପୃଷ୍ଠଭୂମି ଓ ଚରିତ୍ର ଚିତ୍ରଣ ଆଦି ବିଷୟ ଲିପିବଦ୍ଧ ହୋଇଛି ।

ଲୋକଗୀତର ପ୍ରକାରଭେଦ ନିର୍ଣ୍ଣୟ ପ୍ରସଙ୍ଗରେ ପାଲା, ପାଟୁଆ ନାଚ, ଦଣ୍ଡ ନାଚ, ଚଇତିଘୋଡ଼ା ନାଚ, ସଖୀ ନାଚ, ମୋଗଲ ତାମସା ପ୍ରଭୃତିକୁ ଲୋକଗୀତ ରୂପେ ଆଲୋଚନାରେ ସ୍ଥାନ ଦିଆଯାଇଛି । କିନ୍ତୁ ଏଗୁଡ଼ିକ ଆମ ମତରେ ଲୋକନାଟ୍ୟ ବା Folk Dramaର ଅନ୍ତର୍ଭୁକ୍ତ ହେବା ଉଚିତ । କାରଣ ଏହିସବୁ ସାଂସ୍କୃତିକ ଅନୁଷ୍ଠାନ ସଙ୍ଗୀତ-ସର୍ବସ୍ୱ ନୁହେଁ । ଏଗୁଡ଼ିକର ନୃତ୍ୟ ଓ ଅଭିନୟଗତ ମୂଲ୍ୟ ଯଥେଷ୍ଟ ରହିଛି । କାନ୍ଦଣା, ହଳିଆ ଗୀତ ବା ପୁଚିଖେଳ ଗୀତ ଆମେ କେବଳ କାନରେ ଶୁଣି ଉପଭୋଗ କରିପାରୁଁ । କିନ୍ତୁ ପାଟୁଆ ନାଚ, ମୋଗଲ ତାମସା ବା ଚଇତିଘୋଡ଼ା ନାଟର କେବଳ ଗୀତାଂଶ ଶୁଣି ଆମେ ପରିତୃପ୍ତ ହୋଇ ପାରୁନାହିଁ କିମ୍ବା ଏହି ଅନୁଷ୍ଠାନଗୁଡ଼ିକର ପ୍ରକୃତ ପରିଚୟ ପାଇପାରୁ ନାହିଁ । ସେଥିଲାଗି ଏଗୁଡ଼ିକ ସ୍ୱଚକ୍ଷୁରେ ଦେଖିବା ଦରକାର ପଡ଼େ ।

'ଲୋକଗୀତର ବ୍ୟାପକତର ଅନୁଶୀଳନ' ଅଧ୍ୟାୟଟି ଅତି ଉପାଦେୟ । କୁଞ୍ଜବାବୁଙ୍କର ମୌଳିକ ମନନଶୀଳତା, ତଥ୍ୟ-ବିଶ୍ଳେଷଣ-ସୌଷ୍ଠବ ଏଠାରେ ପରିସ୍ଫୁଟ ହୋଇଛି । ଲୋକଗୀତର ସୂତ୍ର ଧରି କୁଞ୍ଜବାବୁ ସମଗ୍ର ସମାଜ-ଚିତ୍ର ଓ ଲୋକ-ମାନସ ଆମ ଆଗରେ ଉଦ୍‌ଘାଟିତ କରି ଦେଇଛନ୍ତି । ଲୋକ-ଧର୍ମ, ଲୋକ-ଦର୍ଶନ ଓ ଲୋକଗୀତର ଛନ୍ଦ ପ୍ରସଙ୍ଗରେ ସେ ଅତି କମ୍ କଥା ମଧ୍ୟରେ ଏତେ ବେଶି ତଥ୍ୟର ସୂଚନା ଦେଇଛନ୍ତି ଯେ—ପ୍ରସଙ୍ଗଗୁଡ଼ିକ ପଢ଼ି ଶେଷ କଲାପରେ ଦରଖିଆ ହେଲା ଭଳି ମନଟା ଅତୃପ୍ତ ରହେ । ଏ ସଂପର୍କରେ ଆହୁରି ବିଶଦ ଓ ବ୍ୟାପକ ଆଲୋଚନା ଆମେ ତାଙ୍କଠାରୁ ଆଶା କରୁଁ ।

ପ୍ରାଚୀନ ତଥା ଆଧୁନିକ ଯୁଗରେ ଲୋକକାହାଣୀ ସଂଗ୍ରହର ପ୍ରଚେଷ୍ଟା ଲେଖକ ଉଦାହରଣ ସହି ଦର୍ଶାଇଛନ୍ତି । ଓଡ଼ିଆ କଥାସାହିତ୍ୟର ଇତିହାସ ଆଲୋଚନାରେ ଏ ଅଂଶଟି ଅପରିହାର୍ଯ୍ୟ । ଏହି ପ୍ରସଙ୍ଗରେ ବ୍ରଜନାଥ ବଡ଼ଜେନାଙ୍କ 'ଚତୁର ବିନୋଦ କଥା' ଓ କବିସୂର୍ଯ୍ୟଙ୍କ 'ହାସ୍ୟକଲ୍ଲୋଳ' ଦୁଇଟିକୁ ଲୋକକାହାଣୀ

ହିସାବରେ ଆଲୋଚନା କରିବାର ତାତ୍ପର୍ଯ୍ୟ ବୁଝିହେଲା ନାହିଁ । ପୁଣି ଧନକୃଷ୍ଣ ଦାସଙ୍କର ପଦ୍ୟ ରଚନା—'ପ୍ରସ୍ତାବସିନ୍ଧୁ' ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି । ଏଗୁଡ଼ିକ ମଧ୍ୟରେ ଲୋକକାହାଣୀର ଉପାଦାନ ଥାଇପାରେ—ଯେପରି ଶାରଳା ମହାଭାରତ ଓ ଦାଣ୍ଡୀ ରାମାୟଣରେ ରହିଛି; କିନ୍ତୁ ଏଗୁଡ଼ିକ ନିଃସନ୍ଦେହରେ ଏକ ସ୍ୱତନ୍ତ୍ର, ବିଦଗ୍ଧ ଓ ଅଭିଜାତଶ୍ରେଣୀୟ ରଚନା । ମହାଭାରତୀୟ କାହାଣୀର ପୃଷ୍ଠଭୂମିରୁ ଆମ ଲୋକକାହାଣୀର ସମୀକ୍ଷା ଏବଂ ଭାରତର ବିଭିନ୍ନ ପ୍ରାଦେଶିକ ଲୋକକାହାଣୀର ତୁଳନାମୂଳକ ସମାଲୋଚନା ଉଚ୍ଚକୋଟୀର ହୋଇଛି । ଲୋକକାହାଣୀର ଆକୃତି ଓ ଅଭିପ୍ରାୟ ଏବଂ ଏହାର ସାମାଜିକ ପୃଷ୍ଠଭୂମି ଓ ଚରିତ୍ର ଚିତ୍ରଣ ପ୍ରସଙ୍ଗ ଯୋଡ଼ିକ 'ଲୋକଗୀତର ବ୍ୟାପକତର ଅନୁଶୀଳନ' ଅଧ୍ୟାୟ ଭଳି ନାନା ଗବେଷଣାଲବ୍ଧ ତଥ୍ୟରେ ପରିପୂର୍ଣ୍ଣ । ପ୍ରତ୍ୟେକ ସାହିତ୍ୟ-ରସିକ ଓ ସଂସ୍କୃତିପ୍ରେମୀ ବ୍ୟକ୍ତିଙ୍କର ଉକ୍ତ ପ୍ରସଙ୍ଗଗୁଡ଼ିକ ଅବଶ୍ୟ ପାଠ୍ୟ । 'ମଧୁରେଣ ସମାପୟେତ୍' ଭଳି ଗ୍ରନ୍ଥର ପରିଶିଷ୍ଟରେ ଆମର ଅଶିକ୍ଷିତା ବା ଅଳ୍ପ ଶିକ୍ଷିତା ପଲ୍ଲୀନାରୀର ଭାଷା ସମ୍ପର୍କୀୟ ଆଲୋଚନାଟି ଖୁବ୍ ରସପୂର୍ଣ୍ଣ ହୋଇଛି ।

ସର୍ବୋପରି କୁଞ୍ଜବାବୁଙ୍କର ସରଳ ସୁନ୍ଦର ରଚନାରୀତି ସମୁଦାୟ ଗବେଷଣା ପ୍ରବନ୍ଧଟିକୁ ମନୋଜ୍ଞ ଓ ଆକର୍ଷଣୀୟ କରି ପାରିଛି । ଆଲୋଚନାର ଧାରା ଯେପରି ପ୍ରାଞ୍ଜଳ ଓ ଶୃଙ୍ଖଳାବଦ୍ଧ, ପ୍ରକାଶଭଙ୍ଗୀ ସେହିପରି ସରସ ଓ ସ୍ୱତଃସ୍ଫୂର୍ତ୍ତି । କୁଞ୍ଜବାବୁ ପ୍ରଥମତଃ ଜଣେ କବି ଓ ଲେଖକ । ତାଙ୍କର ସେହି କବିପ୍ରାଣର ଆବେଗମୟୀ ଭାଷା-ଶୈଳୀ ସ୍ଥାନେ ସ୍ଥାନେ ଲକ୍ଷ୍ୟଣୀୟ, ଯଥା—"ଜୀବନର ମୁଖାମୁଖି ହୋଇ ଯାହା ଅଙ୍ଗେ ନିଭାଏ, ସେ ରୂପ ଦିଏ । କଳ୍ପଲୋକ ତା'ର ବିହାର-ଭୂମି ନୁହେଁ—ଉର୍ବଶୀ ତା'ର ନାୟିକା ନୁହେଁ—ମନ୍ଦାକିନୀ ତା'ର ତୀର୍ଥ ନୁହେଁ । ମାଟିର ପୃଥିବୀରେ ତା'ର ଘର, ମାଟି ତା'ର ମାଆ, ନିତ୍ୟନୈମିତ୍ତିକ ଜୀବନ ତା'ର ଭୋଗ୍ୟ । ସେଇ ଜୀବନରୁ ସେ ପାଏ ପ୍ରେରଣା ।" ଇତ୍ୟାଦି ( ପୃଷ୍ଠା—୨୮୨ ) ।

ଆମ ଦେଶରେ ସାହିତ୍ୟର ଅନ୍ୟାନ୍ୟ ବିଭାଗଠାରୁ ଲୋକସାହିତ୍ୟର ଗବେଷଣା ଆଶାନୁରୂପ ହୋଇଛି ବୋଲି ଏବେ ଆମେ ଆତ୍ମସନ୍ତୋଷ ଲାଭ କରିପାରୁଁ । ସ୍ୱଦେଶକୁ ଚିହ୍ନିବାଲାଗି—ସ୍ୱଜାତିର ପ୍ରାଣଧର୍ମ ଆବିଷ୍କାର କରିବା ଲାଗି ବର୍ତ୍ତମାନ ଏପରି ଗବେଷଣା ବିଶେଷ ଲୋଡ଼ା ଥିଲା । କୁଞ୍ଜବାବୁ ଏ ଦିଗରେ ନିଘାଦେଇ ଏକ ଜାତୀୟ କାର୍ଯ୍ୟ ସମ୍ପାଦନ କରିଛନ୍ତି ବୋଲି କହିବାକୁ ହେବ । କିନ୍ତୁ ଲୋକସାହିତ୍ୟର ସଂଗ୍ରହ ଓ ସଂକଳନରେ କ୍ଷତି ଛଡ଼ା ଲାଭ ବିଶେଷ ନାହିଁ । କୁଞ୍ଜବାବୁ ନିଜ ପ୍ରବନ୍ଧରେ ( ପୃଷ୍ଠା—୧୫ ) ଏ କଥା ମଧ୍ୟ ସ୍ୱୀକାର କରିଛନ୍ତି । ସୁତରାଂ ଲୋକସାହିତ୍ୟ ସଂଗ୍ରହ ଓ ସଂକଳନ ଉପରେ ପ୍ରାଧାନ୍ୟ ଦେବା ଅନାବଶ୍ୟକ

ବୋଲି ଆମେ ମନେ କରୁଁ । ଅବଶ୍ୟ ଆମେ ସଂଗ୍ରହ ଓ ସଂକଳନ ନ କଲେ, ଗବେଷଣା କାର୍ଯ୍ୟ ସହଜସାଧ୍ୟ ହେବ ନାହିଁ—ଏ କଥା ସ୍ୱୀକାର୍ଯ୍ୟ । ତଥାପି ଲୋକସାହିତ୍ୟର ସଂଗ୍ରହ ଓ ସଂକଳନ କାର୍ଯ୍ୟ ଯଥାସମ୍ଭବ କମାଇ ଦେବାକୁ ହେବ । ଥରେ ସଂକଳିତ ହୋଇଗଲେ, ଲୋକସାହିତ୍ୟ ଆଉ 'ଲୋକ'ର ହୋଇ ରହେନା । ✻

( ୧୯୫୮ )

---

✻ ଓଡ଼ିଆ ଲୋକ-ଗୀତ ଓ କାହାଣୀ
ଲେଖକ—ଡଃ କୁଞ୍ଜବିହାରୀ ଦାଶ
ପ୍ରକାଶକ—ବିଶ୍ୱଭାରତୀ, ୧୯୫୮, ମୂଲ୍ୟ ପନ୍ଦର ଟଙ୍କା ।

# କଥାଟିଏ କହୁଁ !

କଥାଟିଏ କହୁଁ—କଥାଟିଏ କହୁଁ ! ବର୍ତ୍ତମାନ ଆମ ସାହିତ୍ୟରେ ଖାଲି କଥା କହିବାର ବେଳ ଆସିଛି । କି କଥା ? ବେଙ୍ଗୁଲି କଥା, ନା ବୁଢ଼ୀ ଅସୁରୁଣୀ କଥା ? ନା, ନା, ତା'ଠାରୁ ଆହୁରି ଜୀବନ୍ତ—ଆହୁରି ଚମକପ୍ରଦ । ଏ କଥା, ମଣିଷ ଜୀବନ ଓ ସମାଜର ଅସରନ୍ତି ଅଙ୍ଗେ-ନିଭେଇଲି କଥା ! ଜୀବନର ହସ କାନ୍ଦ, ଆଶା ନିରାଶା, ପ୍ରେମ ବିଦ୍ୱେଷ, ଜୟ ପରାଜୟର ବର୍ଣ୍ଣ-ବହୁଳ ଚିତ୍ର ଏଥିରେ ଅଙ୍କିତ—ପୁଣି ସମାଜର ବହୁ ପ୍ରବୃତ୍ତି, ନାନା ସମସ୍ୟା ଏଥିରେ ରୂପାୟିତ । ଆଲୋଚ୍ୟ ଗଳ୍ପ ଗ୍ରନ୍ଥଗୁଡ଼ିକ ଏ ଉକ୍ତିର ସତ୍ୟତା ପ୍ରତିପାଦନ କରୁଛନ୍ତି ।

କାବ୍ୟ-କବିତାର ସ୍ୱର୍ଣ୍ଣ ଯୁଗ ଅତୀତ ହୋଇଛି । ଏପରି କି ଉପନ୍ୟାସର ଆଦର ମଧ୍ୟ ଅନେକ ପରିମାଣରେ ଊଣା ହୋଇଯାଇଛି । ଗଳ୍ପ ହିଁ କେବଳ ସମସାମୟିକ ସାହିତ୍ୟର ଏକମାତ୍ର ଗଣତାନ୍ତ୍ରିକ କଳା । ଏ କର୍ମବ୍ୟସ୍ତ, ଜଞ୍ଜାଳ-ଜର୍ଜରିତ, ଅବସରହୀନ ସମାଜର ବିନୋଦନ ଲାଗି ଗଳ୍ପର ଆବଶ୍ୟକତା ଆଜି ସବୁଠାରୁ ବେଶି । ତେଣୁ ଲେଖକ ଏବେ ଗଳ୍ପ କହିବା ଲାଗି ଶତଜିହ୍ୱ ହୋଇ ଉଠିଛି ।

ଆମ ଗଳ୍ପ ସାହିତ୍ୟର ଏକ ପ୍ରାଚୀନ ଓ ଉନ୍ନତ ପରମ୍ପରା ନାହିଁ । ଗାଉଁଲି ଗଳ୍ପଗୁଡ଼ିକ ବାଦ୍ ଦେଲେ, ପ୍ରାଚୀନ ସାହିତ୍ୟରେ ନାନା ପ୍ରକାର ବ୍ରତ କଥା, ନାରାୟଣାନନ୍ଦ ଅବଧୂତଙ୍କର 'ରୁଦ୍ର ସୁଧାନିଧି' ( ପ୍ରାକ୍-ସାରଳା ), ବ୍ରଜନାଥ

ବଡ଼ଜେନାଙ୍କର 'ଚତୁର ବିନୋଦ' ଓ ଶିବ ଦାସଙ୍କର 'ବତିଶ ସିଂହାସନ କଥା' ( ଉଭୟେ ଅଷ୍ଟାଦଶ ଶତାବ୍ଦୀ ) ପ୍ରଭୃତି ଏହି ଅଳ୍ପ କେତୋଟି କଥାଗ୍ରନ୍ଥର ସନ୍ଧାନ ମିଳେ । ତତ୍ପରେ ଊନବିଂଶ ଶତାବ୍ଦୀ ଶେଷ ଭାଗ ବେଳକୁ ଇଂରାଜୀ ତଥା ବଙ୍ଗଳା ସାହିତ୍ୟ ପ୍ରଭାବରେ ଆଧୁନିକ ଗଳ୍ପ ସାହିତ୍ୟର ବିକାଶ ହୁଏ—ଫକୀରମୋହନଙ୍କ କଥା ସାହିତ୍ୟ-ପ୍ରତିଭାର ପ୍ରଚଣ୍ଡ ପ୍ରକାଶ ଘଟେ । ତେଣୁ ଆମ ଗଳ୍ପ ସାହିତ୍ୟର ପରମ୍ପରା କେଡ଼େ ଦୁର୍ବଳ ସହଜରେ ଅନୁମିତ ହେବ । କିନ୍ତୁ ସବୁଠାରୁ ବିସ୍ମୟର କଥା, ଏହି ଦୁର୍ବଳ ପରମ୍ପରା ଉପରେ ଦଣ୍ଡାୟମାନ ହୋଇଛି—ସମସାମୟିକ ଗଳ୍ପ ସାହିତ୍ୟର ବିରାଟ, ସମୃଦ୍ଧ ପ୍ରାସାଦ । ସେ ପ୍ରାସାଦରେ ଅନ୍ୟାନ୍ୟ ସାହିତ୍ୟ ଭଳି ଯାବତୀୟ ମଣି ମୁକ୍ତା, ଧନରତ୍ନ ପରିପୂର୍ଣ୍ଣ ହୋଇ ରହିଛି । ଦୈନ୍ୟ ଆମର ଅନେକ ପରିମାଣରେ ଦୂରୀଭୂତ ।

କାଳନ୍ଦୀ ପାଣିଗ୍ରାହୀ, ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ଗୋଦାବରୀଶ ମହାପାତ୍ର, ନିତ୍ୟାନନ୍ଦ ମହାପାତ୍ର, ରାଜକିଶୋର ରାୟ, ରାଜକିଶୋର ପଟ୍ଟନାୟକ ପ୍ରମୁଖ ପ୍ରବୀଣ କଥାକାରମାନଙ୍କ ସହିତ ସମ୍ପ୍ରତି ବହୁ ତରୁଣ ଉଦୀୟମାନ ଗଳ୍ପ ଲେଖକ ଆମ ସାରସ୍ୱତ ଅଙ୍ଗନରେ ଆସନ ଗ୍ରହଣ କଲେଣି । ପ୍ରବୀଣ ଓ ତରୁଣର ଏ ମହାମିଳନ ପ୍ରଜ୍ଞା ଓ ପ୍ରତାପର ମିଳନ ପରି ସ୍ୱର୍ଣ୍ଣପ୍ରସୂ । ଏହି ଗଳ୍ପ ଲେଖକମାନଙ୍କର ସର୍ଜନା-ଶକ୍ତି ଜୀବନ ଓ ସମାଜର ପ୍ରାୟ ସମସ୍ତ ଦିଗ—ସମସ୍ତ କୋଣରେ ପ୍ରତିଫଳିତ ହୋଇଛି । ବହୁମୁଖୀ, ବିଭିନ୍ନ ଧରଣର ଗଳ୍ପ ରଚନାରେ ଏମାନଙ୍କର କୃତିତ୍ୱ ଉଲ୍ଲେଖଯୋଗ୍ୟ । ବ୍ୟଙ୍ଗାତ୍ମକ, ରଙ୍ଗରସମୂଳକ ଗଳ୍ପ ରଚନାରେ ବର୍ତ୍ତମାନ ଫତୁରାନନ୍ଦ, ଦେବ ମହାପାତ୍ର, ମହାପାତ୍ର ନୀଳମଣି ସାହୁ, ସୁଶୀଲ ମିଶ୍ର ପ୍ରମୁଖ ବେଶ୍ ସଫଳତା ଅର୍ଜନ କରିଛନ୍ତି । ଆଲୋଚ୍ୟ 'ଜାରଜ' ଓ 'ପ୍ରତିଧ୍ୱନି' ଗଳ୍ପ-ସଞ୍ଚୟନ ଯୋଡ଼ିକ ମଧ୍ୟରେ ଅନେକତ୍ର ସେହି ବ୍ୟଙ୍ଗାତ୍ମକ ଦୃଷ୍ଟିଭଙ୍ଗୀ ପ୍ରକଟିତ ହୋଇଛି ।

ବ୍ରହ୍ମାନନ୍ଦ ପଣ୍ଡା, ବାମାଚରଣ ମିତ୍ର, ଦୁର୍ଗାମାଧବ ମିଶ୍ର, ଉମେଶ ପାଣିଗ୍ରାହୀ, ମନୋଜ ଦାସ, ଅଚ୍ୟୁତାନନ୍ଦ ପତି, ସଦାନନ୍ଦ ଦାସ, ଜେନାମଣି ନରେନ୍ଦ୍ର କୁମାର, ଅବନୀକୁମାର ବରାଳ, ଦାଶରଥି ପ୍ରସାଦ ଦାସ, ଦଶରଥ ସାମଲ, ରବୀନ୍ଦ୍ରନାଥ ସିଂହ ପ୍ରଭୃତି ବହୁ ଗଳ୍ପ ଲେଖକଙ୍କ ଦୃଷ୍ଟିଭଙ୍ଗୀ ବର୍ତ୍ତମାନ ଜୀବନମୁଖୀ, ସମାଜାନୁଗ । ଏମାନଙ୍କଠାରୁ ବିଶେଷତଃ ଚରିତ୍ରପ୍ରଧାନ ଗଳ୍ପ ଓ ତତ୍ତ୍ୱପ୍ରଧାନ (thematic) ଗଳ୍ପ ଆମେ ଆଜି ପାଇପାରୁଛୁଁ । ଏହା ଭିତରେ ପୁଣି ମନସ୍ତାତ୍ତ୍ୱିକ ଚିତ୍ର ଅତ୍ୟଧିକ । ଫ୍ରଏଡ୍ ଓ ମାର୍କସ୍ ଏ ପର୍ଯ୍ୟନ୍ତ ଆମ ଗଳ୍ପ-ସାହିତ୍ୟର ଆଭିମୁଖ୍ୟ ନିୟନ୍ତ୍ରିତ କରୁଛନ୍ତି । ଏ ଜୀବନଧର୍ମୀ, ସମାଜ-ସଚେତନ ଯୁଗରେ ଘଟଣା-ପ୍ରଧାନ ଗଳ୍ପ ଊଣା

ହୋଇପଡ଼ୁଛି । ଆଉ ପରିବେଶ-ପ୍ରଧାନ ( atmosphere story ) ଗଳ୍ପ ତ ଆଦୌ ନାହିଁ କହିଲେ ଚଳେ ।

ଏହି ପ୍ରସଙ୍ଗରେ ଆମର ଗଳ୍ପ-ଲେଖିକାଙ୍କ ସମ୍ପର୍କରେ ସ୍ୱତନ୍ତ୍ର ଭାବରେ କିଛି କହିବା କଥା । କାରଣ ସେମାନଙ୍କର ସଂଖ୍ୟା 'ଗହମ ଗୋଟି ଗଣିତା' । ଅତ୍ୟଳ୍ପ ହେଲେ ହେଁ, ସେମାନଙ୍କ ସର୍ଜନ-କ୍ଷମତାରେ ବିକଳ୍ପ ଥାଇ ନ ପାରେ । ଅବଶ୍ୟ ଶୋପେନ୍‌ହାଓ୍ୱାରଙ୍କ ଭଳି ଦାର୍ଶନିକ କହିଛନ୍ତି—କୌଣସି ଆର୍ଟ ପ୍ରତି ନାରୀମାନଙ୍କର ପ୍ରକୃତ ଆକର୍ଷଣ ନାହିଁ । କିନ୍ତୁ ଆମର ଲେଖିକାମାନେ ଏ ଉକ୍ତିର ଅସାରତା ପ୍ରମାଣ କରିଦେଇଛନ୍ତି । ଶ୍ରୀମତୀ ହେମଲତା ମାନସିଂ, ପ୍ରେମଲତା ଦାଶ, ବସନ୍ତ କୁମାରୀ ପଟ୍ଟନାୟକ, ତ୍ରିବେଣୀ ମୋହନ, ରାଜେଶ୍ୱରୀ ଦଳବେହେରା ଓ କଳ୍ପନାକୁମାରୀ ଦେବୀ ପ୍ରଭୃତି ସମସ୍ତେ ଜଣେ ଜଣେ ଉନ୍ନତ ଧରଣର ଲେଖିକା । ଏମାନେ ଆମର ଗଳ୍ପ-ସାହିତ୍ୟକୁ ସମସ୍ତ ନାରୀ-ସୁଲଭ ଉପାଦାନରେ ସମୃଦ୍ଧ କରିଛନ୍ତି । ଶ୍ରୀମତୀ ଦଳବେହେରାଙ୍କର 'ଶ୍ୱେତ ଚଇତାଳି' ଏହାର ପ୍ରମାଣ । କଣ୍ଠସ୍ୱର ଗଦ୍ ଗଦ ହେଲେ ବେଳେ ବେଳେ କହିବା କଥାଟା ଅସ୍ପଷ୍ଟ ହୋଇପଡ଼େ । ଦଳବେହେରାଙ୍କ ଗଳ୍ପଗୁଡ଼ିକରେ ଅନେକତ୍ର ଏହି ଭାବାବେଶ-ଜନିତ ଅସ୍ପଷ୍ଟତା ଦେଖିବାକୁ ମିଳେ ।

କଥନ-ଭଙ୍ଗୀର ବୈଶିଷ୍ଟ୍ୟ ସାମ୍ପ୍ରତିକ କଥା ସାହିତ୍ୟରେ ଉଲ୍ଲେଖଯୋଗ୍ୟ । ପୂର୍ବେ କଥା ସାଧାରଣତଃ କୁହାଯାଉଥିଲା ଓ ଶୁଣାଯାଉଥିଲା । ଆଜିକାଲି କଥା ଲେଖାଯାଉଛି ଓ ପଢ଼ାଯାଉଛି । ତେଣୁ ଗଳ୍ପର ଆଙ୍ଗିକରେ ପରିବର୍ତ୍ତନ ଆସିଛି । ସଂକ୍ଷିପ୍ତି ଆଧୁନିକ ଗଳ୍ପର ଆଙ୍ଗିକରେ ସବୁଠାରୁ ବଡ଼କଥା । ସୂଚନା ଓ ଇଙ୍ଗିତ ମଧ୍ୟରେ ଗଳ୍ପର ଭାବ ପ୍ରକାଶ ପାଉଛି । ବିବୃତି ଓ ବହୁଳ ବର୍ଣ୍ଣନାର ସ୍ଥାନ ଏଥିରେ ନାହିଁ । ସୁରେନ୍ଦ୍ର ମହାନ୍ତି, ଗୋଦାବରୀଶ ମହାପାତ୍ର ଓ ରାଜକିଶୋର ପଟ୍ଟନାୟକଙ୍କର ଗଳ୍ପର କଥନ-ଭଙ୍ଗୀ ଏହି ଦୃଷ୍ଟିରୁ ସାର୍ଥକ । ଏ କ୍ଷେତ୍ରରେ ନିତ୍ୟାନନ୍ଦ ମହାପାତ୍ର ପରୀକ୍ଷାବାଦୀ ( experimentalist ) । ଗଳ୍ପ କଥନ-ଭଙ୍ଗୀର ବହୁ ପରୀକ୍ଷା-ନିରୀକ୍ଷା ସେ ସଫଳତାର ସହିତ କରିଛନ୍ତି । ଗୋପୀନାଥ ମହାନ୍ତିଙ୍କର ଗଳ୍ପ-କଥନ-ଭଙ୍ଗୀ ବିବୃତିମୂଳକ ଓ ବର୍ଣ୍ଣନାମୁଖର । ଉପନ୍ୟାସ ରଚନା ଶୈଳୀ ଓ ଏହା ମଧ୍ୟରେ ବିଶେଷ ପାର୍ଥକ୍ୟ ନାହିଁ । ଆଲୋଚ୍ୟ ଲେଖକମାନଙ୍କ ମଧ୍ୟରେ ଦାଶରଥି ଦାସଙ୍କର ଗଳ୍ପ କଥନ-ଭଙ୍ଗୀ ସବୁଠାରୁ ଉତ୍କୃଷ୍ଟ । 'ଚଳନ୍ତିକା'ର ଲେଖକ ନିଜ ଲେଖନୀ ଆହୁରି ସଂଯତ ଓ ନିୟନ୍ତ୍ରିତ କରିବା ଆବଶ୍ୟକ ।

ଆଲୋଚ୍ୟ ଗ୍ରନ୍ଥଗୁଡ଼ିକର ପ୍ରଚ୍ଛଦ-ସଜ୍ଜା ଓ ଗ୍ରନ୍ଥନ ଆକର୍ଷଣୀୟ । 'ଜାରଜ'କୁ ଛାଡ଼ିଦେଲେ ଅନ୍ୟ ସବୁର ମୁଦ୍ରଣ ମନ୍ଦ ନୁହେଁ । କିନ୍ତୁ 'ଜାରଜ'ର ମୁଦ୍ରଣ ଅତି କଦର୍ଯ୍ୟ । * (୧୯୫୯)

---

* ୧ । ଆଗ୍ରମିକା—ଶ୍ରୀ ଉମେଶ ପାଣିଗ୍ରାହୀ, ନିଉ ଷ୍ଟୁଡେ଼ଣ୍ଟସ୍ ଷ୍ଟୋର—କଟକ (୧୯୫୭)—ମୂଲ୍ୟ ଟ ୧-୫୦

୨ । ଗ୍ରେଟ୍ ଚଇତାଳି—ଶ୍ରୀମତୀ ରାଜେଶ୍ୱରୀ ଦଲବେହେରା, କଟକ (୧୯୫୮)—ମୂଲ୍ୟ ଟ ୧-୫୦

୩ । ଜାରଜ—ଶ୍ରୀ ଅବନୀକୁମାର ବରାଳ, ଆଧୁନିକ ପ୍ରକାଶନୀ, କଟକ (୧୯୫୮)—ମୂଲ୍ୟ ଟ ୦-୯୪

୪ । ଚଳନ୍ତିକା—ଶ୍ରୀ ରବୀନ୍ଦ୍ରନାଥ ସିଂହ, ଓଡ଼ିଶା ଏଡ଼ୁକେସନାଲ୍ ପବ୍ଲିଶର, କଟକ (୧୯୫୮)—ମୂଲ୍ୟ ଟ ୨-୦୦

୫ । ପ୍ରତିଧ୍ୱନି—ଶ୍ରୀ ଦାଶରଥିପ୍ରସାଦ ଦାସ, ଜୟନ୍ତୀ ସାହିତ୍ୟ ସମିତି, କଟକ, (୧୯୫୮)—ମୂଲ୍ୟ ଟ ୨-୦୦

# ଦୁଇଟି ସ୍ୱଳ୍ପ-ଜ୍ଞାତ କବି-ପ୍ରତିଭା

ଉତ୍କୃଷ୍ଟ କଳାର ଦେଶ ଉତ୍କଳ । ଗୁରୁକଳା ତଥା କାରୁକଳା ଉଭୟ କ୍ଷେତ୍ରରେ ଏ ଦେଶରେ ବହୁ ପ୍ରତିଭାର ମହନୀୟ ବିକାଶ ଘଟିଛି । ଏ ବିକାଶ-ଧାରା ପୁଣି ବହୁ ଯୁଗ-ବ୍ୟାପୀ । ଯୁଗ ଯୁଗ ବ୍ୟାପୀ ପ୍ରତିଭାର ଏହି ପଟୁଆର ମଧ୍ୟରେ—ଦୁଃଖର କଥା—ଆମେ କ୍ଷୁଦ୍ର-ବୃହତ୍ ସକଳ ପ୍ରତିଭା ସହିତ ପରିଚିତ ହୋଇ ପାରି ନାହୁଁ । କେତେକ ଆମର ଅତି ପ୍ରିୟ—ସୁପରିଚିତ, କେତେକ ଏକାବେଳେ ଅପରିଚିତ ଏବଂ ଆଉ କେତେକ ସ୍ୱଳ୍ପ-ପରିଚିତ ।

ତେଣୁ ଅନେକେ ମନେକଲ ଭଳି—ସଂସ୍କୃତି କ୍ଷେତ୍ରରେ ଆମେ ପ୍ରକୃତରେ ଦରିଦ୍ର ନୋହୁଁ । ଆମର ଧନ—ଉଣା ଯେତେ, ପୋତା ସେତେ ।

ଉପେନ୍ଦ୍ର ପ୍ରସାଦ ଓ ସୁଧାଂଶୁ ଶେଖରଙ୍କର କବି-ପ୍ରତିଭା ଉନ୍ନତ ଶ୍ରେଣୀୟ ହେଲେ ମଧ୍ୟ ଏ ଦେଶରେ ସ୍ୱଳ୍ପ-ଜ୍ଞାତ ।- ତାହାର ପ୍ରଧାନ କାରଣ—ଦୁଇଟିଯାକ ପ୍ରତିଭା ନୀରବ ସାଧକ । ନୀରବରେ ନିରବଚ୍ଛିନ୍ନ ଭାବେ କାବ୍ୟ-ସାଧନା କରିଯିବା ହିଁ ଦୁଇଜଣଙ୍କର ପ୍ରକୃତି । ଅବଶ୍ୟ ଉପେନ୍ଦ୍ରବାବୁଙ୍କର 'ମଧୁପର୍କ', 'ପ୍ରଣୟ-ପୀୟୂଷ', 'କଥା କବିତା' ପ୍ରଭୃତି ୪।୫ ଖଣ୍ଡି କାବ୍ୟଗ୍ରନ୍ଥ ପୂର୍ବରୁ ପ୍ରକାଶିତ ହୋଇଥିଲା, କିନ୍ତୁ ସୁଧାଂଶୁବାବୁଙ୍କର 'ଲୁହର ଫସଲ' ସର୍ବପ୍ରଥମ କାବ୍ୟ ଗ୍ରନ୍ଥ । ସହକାର, ଶଙ୍ଖ ପ୍ରଭୃତି ପତ୍ରିକାରେ ଇତିପୂର୍ବରୁ ସୁଧାଂଶୁବାବୁ ଅଙ୍ଗୁଳିମେୟ କେତେକ କବିତା ପ୍ରକାଶ କରାଇ ନିଜର ଉଜ୍ଜ୍ୱଳ ଭବିଷ୍ୟତର ସମ୍ଭାବନା ଜଣାଇ ଦେଇଥିଲେ । ଉପେନ୍ଦ୍ରବାବୁ ମଧ୍ୟ 'ମଧୁପର୍କ'ର କବି ହିସାବରେ ପ୍ରତିଷ୍ଠା ଅର୍ଜନ କରି ସାରିଥିଲେ । ମଝିରେ ବହୁଦିନ ନୀରବ ସାଧନା କଲା ପରେ ଦୁଇଜଣଯାକ ପୁଣି ଆତ୍ମପ୍ରକାଶ କରିବା ଅତି ଆନନ୍ଦର କଥା ।

ଏ ଦେଶ-କାଳ-ଜୟୀ ଆନ୍ତର୍ଜାତିକତାର ଯୁଗ ହୁଏତ ନୀରବ ସାଧନାର ଯୁଗ ନୁହେଁ । ଆଜି ପୃଥିବୀର ଗୋଟିଏ କୋଣରେ ଜରିଟିଏ ଫୁଟିଲେ, ନିମିଷକ ମଧ୍ୟରେ

ଅପର କୋଣରେ ତାହାର ଶବ୍ଦ ବାଜି ଯାଉଛି । କୌଣସି ଜ୍ଞାନ, ତତ୍ତ୍ୱ ବା ଚିନ୍ତାଧାରା ବର୍ତ୍ତମାନ ଗୋଟିଏ ଦେଶରେ ବା ବ୍ୟକ୍ତିବିଶେଷଠାରେ ସୀମାବଦ୍ଧ ହୋଇ ରହିବା ଅସମ୍ଭବ ଏବଂ ଏ ଲେଖକ ମତରେ ଅନୁଚିତ ମଧ୍ୟ । ତା'ଛଡ଼ା ଅପର ନିକଟରେ ପ୍ରକାଶ କରିବା ହିଁ କବିର ହୃଦୟାବେଗର ଚରମ ସାର୍ଥକତା । କାବ୍ୟ-ସୃଷ୍ଟିର ଆନନ୍ଦ କବି ଏକା ଉପଭୋଗ କରେନା—ଅପରକୁ ସେ ଆନନ୍ଦ ଉପଭୋଗ କରିବାକୁ ଦେବାରେ ମଧ୍ୟ ତାହାର ବିଶେଷ ଆନନ୍ଦ । ସେଥିଲାଗି ଆମର ସଂସ୍କୃତ ଆଲଙ୍କାରିକମାନେ ଏହି ଆନନ୍ଦ ଉପଲବ୍‌ଧିକୁ "ବ୍ରହ୍ମାସ୍ୱାଦ-ସହୋଦର" ନାମ ଦେଇ ଗୌରବାନ୍ୱିତ କରିଛନ୍ତି । ଏହିସବୁ କାରଣରୁ ଆଜିର କବି ନୀରବ ସାଧକ ହେବି କିପରି ? ତେଣୁ ଉପେନ୍ଦ୍ରପ୍ରସାଦ ଓ ସୁଧାଂଶୁଶେଖର ଶେଷେ ସାଧନାର ନୀରବତା ଭଙ୍ଗ କରିଛନ୍ତି ଏବଂ ଉପେନ୍ଦ୍ରପ୍ରସାଦଙ୍କ ଭାଷାରେ—'ଏ ଜଡ଼ ଦୁନିଆଁ ଶୁଣୁ ବା ନ ଶୁଣୁ ନିଜ ନିଜର ଅସରା ଗୀତ ଗାଇବାକୁ ଆରମ୍ଭ କରିଛନ୍ତି' । ଏ ଗୀତ କବିର ସ୍ୱଗତ ବାଣୀ ହୋଇପାରେ, କିନ୍ତୁ ପାଠକ ପ୍ରାଣରେ ଏହା ଉପଯୁକ୍ତ ଆବେଦନ ଜଣାଇ ପାରିଛି ।

ସମସାମୟିକ କବି ହିସାବରେ ଆଉ ଆଉ କବିଙ୍କ ଭଳି ଉପେନ୍ଦ୍ର ପ୍ରସାଦ ଓ ସୁଧାଂଶୁଶେଖର ଦୁର୍ବୋଧ ବା ଅବୋଧ ନୁହନ୍ତି । ସାମ୍ପ୍ରତିକ ଅଧିକାଂଶ ଓଡ଼ିଆ କବିତାରେ ମିଳୁଥିବା ବିପର୍ଯ୍ୟସ୍ତ ଚିନ୍ତା, ନୀରସ ବୁଦ୍ଧିବାଦ ଓ ଅସୁନ୍ଦର ଶବ୍ଦ-ମୈଥୁନ ଏମାନଙ୍କ କବିତାରେ ଦେଖିବାକୁ ମିଳେନା । ସାଧାରଣ ଛନ୍ଦ-ବନ୍ଧ ବାଣୀ ମଧ୍ୟରେ ନୂଆ ନୂଆ ଭାବଭଙ୍ଗୀର ସରସ ସୁନ୍ଦର ପ୍ରକାଶ ଉଭୟ କବିଙ୍କର ବୈଶିଷ୍ଟ୍ୟ ।

ଆଲୋଚ୍ୟ କାବ୍ୟଗ୍ରନ୍ଥଗୁଡ଼ିକ ମଧ୍ୟରୁ 'ଦିଲୀପ' ଏକ କଥା-କାବ୍ୟ । କାଳିଦାସଙ୍କ ରଘୁବଂଶ କାବ୍ୟର ସୁପରିଚିତ ଦିଲୀପ ଉପାଖ୍ୟାନ ଏହାର କଥାବସ୍ତୁ । ସାମ୍ପ୍ରତିକ ଚରିତ୍ରହୀନ ସମାଜରେ ରାଜା ଦିଲୀପଙ୍କର ଗୃହନିକ ମହତ୍ତ୍ୱ ପ୍ରଚାର କରି ଜାତିର ନୈତିକତା ଉନ୍ନତ କରିବା ଉଦ୍ଦେଶ୍ୟରେ କବି ବୋଧହୁଏ ଏହି ପ୍ରାଚୀନ କଥାବସ୍ତୁର ଅବତାରଣା କରିଛନ୍ତି । ବିଭିନ୍ନ ଛନ୍ଦ-ବିନ୍ୟାସ ଓ ଶୁଦ୍ଧ ସରସ ଭାଷା-ସମାବେଶ ମଧ୍ୟରେ ସେହି ପ୍ରାଚୀନ କଥାବସ୍ତୁର ନବୀକରଣ କବିଙ୍କର ପ୍ରଧାନ ବିଶେଷତ୍ୱ । କାବ୍ୟଟିରୁ ପାଠକମାନେ ପ୍ରଚୁର ପରିମାଣରେ କ୍ଲାସିକ୍ ରସ ଉପଭୋଗ କରିପାରିବେ ।

'ଝରାଶେଫାଳିର ମାଳା' ଅଠତିରିଶ ଗୋଟି ଗୀତି କବିତାର ସମାହାର । ଅଧିକାଂଶ କବିତା ନୂତନ ଭାବସମ୍ପଦ, ଅଭିନବ କଳ୍ପନା ଓ ଭାବୋପଯୋଗୀ, ଶ୍ରବଣସୁଖଦାୟୀ ଛନ୍ଦଦ୍ୱାରା ଭାସ୍ୱର । କବିର ଆମନ୍ତ୍ରଣ, ବିପୁଳ ବିଭବ, ମନ ହୁଏ

ଆଜି, ପ୍ରିୟତମେ, ଭେଦାଭେଦ, ସାଳନ୍ଦୀପ୍ରତି, ଶେଷ ତିଥି, ସ୍ୱଗତ ପ୍ରଭୃତି ନିଃସନ୍ଦେହରେ ପ୍ରଥମ ଶ୍ରେଣୀୟ କବିତା ଏବଂ ଓଡ଼ିଆ କାବ୍ୟ ସାହିତ୍ୟରେ ସଫଳ ସଂଯୋଜନ । ଏଗୁଡ଼ିକ କବିଙ୍କର ତରୁଣ ତଥା ପରିଣତ ବୟସର ରଚନା । ଅଧିକାଂଶ କବିତାରୁ କବିଙ୍କର ବିଶୁଦ୍ଧ ରୋମାଣ୍ଟିକ୍ ମନର ସ୍ପଷ୍ଟ ପରିଚୟ ମିଳେ । ନିଜ ବିଷୟରେ କବି କହିଛନ୍ତି—

କୋଇଲି ପରିସ୍ୱେ କୁହୁ କୁହୁ ତାନ
ଡାଳି ବୁଲେ ଖାଲି ଏ ମୋର ପରାଣ
ଯାଚି ବୁଲେ ନିତି ନିଖିଳ ଜଗତେ
ଗୀତଭରା ଉପହାର ।

ପୁଣି—

କଳାକର ସମ ସୁଧାର ଆକର
ମୁଁ ଯେ ଏ ଧରଣୀ ପରେ,
ଯେତେ ଝରେ ସୁଧା ତେତେ ପୂରିଯାଏଁ
ଯେତେ ପୂରିଯାଏ ତେତେ ସରିଯାଏ
ସରିବା ପୂରିବା ବେଦନ ଲୀଳା ସଦା
ଲାଗିଛି ଏ ଜୀବନରେ ।

—କବିର ଆମନ୍ତ୍ରଣ ।

ବିପୁଳ ବିଭବ, ତରୁଣର ଅଭିଳାଷ, ଜନ୍ମାନ୍ତରେ, ମନ ହୁଏ ଆଜି, ପ୍ରିୟତମେ, ଏକାକିନୀ ବିରହିଣୀ ଏବଂ ବିଭିନ୍ନ ଋତୁ-କାଳ ବିଷୟକ କବିତାଗୁଡ଼ିକ କବିଙ୍କ ରୋମାଣ୍ଟିକ୍ ମନର ସ୍ୱାକ୍ଷର ବହନ କରିଛନ୍ତି । ସମୁଦାୟ ସଙ୍କଳନ ମଧ୍ୟରେ କେବଳ ଗୋଟିଏ ସ୍ଥାନରେ କବିଙ୍କର ସେହି, ରୋମାଣ୍ଟିକ୍ ମନର ସମାଧି ସ୍ତମ୍ଭ ଦେଖିବାକୁ ମିଳେ ।—

ଜୀବନର ସେ ବସନ୍ତ ତ
ଯାଇଛି ଉଡ଼ି ପକ୍ଷୀବତ
ତରୁଣ-ପ୍ରାଣ ସ୍ୱପ୍ନପୁରୀ ଯାଇଛି ଆଜି ଭାଜି ।
ଭୁଲ୍ କଲୁରେ ଚଇତ ବାଆ ଅଙ୍ଗେ ମୋର ବାଜି ।

ଏହି 'ଭୁଲ୍ କଲୁ !' କବିତାଟି ନିଃସନ୍ଦେହରେ କବିଙ୍କର ବର୍ତ୍ତମାନ ପରିଣତ ବୟସର ରଚନା—ଯେଉଁ ବୟସରେ 'ଅଛି କି ଆଉ ଯୌବନର ପ୍ରଣୟ-ବୀଚି ଉଭରିଲି ?' ତେଣୁ ଏହା ଏକ ବ୍ୟତିକ୍ରମ ବୋଲି ଧରାଯାଇପାରେ । ପ୍ରକୃତିତଃ କବି ରମ୍ୟବାଦୀ, ଏପରି କି ମୃତ୍ୟୁରେ ସେ ରୋମାଣ୍ଟିକତା ଲକ୍ଷ୍ୟ କରିପାରିଛନ୍ତି—

ଯେ ଧନ ଜୀବନ ଶେଷେ ଅନନ୍ୟ ସହାୟ
ଏ ସୁନ୍ଦର ସୃଷ୍ଟି କୋଳୁ ଘେନିବ ବିଦାୟ
ସେ ଧନ ଧରଣୀ, ତୋରେ କରୁଛି ମିନତି
ଲୁଚାଇବୁ ନାହିଁ ତୋର ଏ ସୌମ୍ୟ ମୂରତି ।

× × × ×

ମୋ ଶେଷ ଉତ୍ସବ-ନିଶା ନ ହେବ ମଳିନ
ନ ହେବ ମୋ ଯାତ୍ରା-ତିଥି ବୈଚିତ୍ର୍ୟ-ବିହୀନ ।

—ଶେଷ ତିଥି ।

କବି-କଳ୍ପନାର ଅଭିନବତ୍ୱ ଅନେକ ସ୍ଥଳରେ ପାଠକକୁ ମୁଗ୍ଧ କରେ । କବି ନିଃସ୍ୱ ବା ସମ୍ବଳହୀନ ନୁହନ୍ତି । ଏ ପୃଥିବୀର ଚାରିଆଡ଼େ ତାଙ୍କର ବିପୁଳ ବିଭବ ପୂରି ରହିଛି—ଏ କଥାଟି ଅତି ଜୀବନ୍ତ ଭାବରେ 'ବିପୁଳ ବିଭବ' କବିତା ମଧ୍ୟରେ ପ୍ରକାଶିତ । ଭେଦାଭେଦ, ପ୍ରିୟତମେ ଆଦି କବିତାରେ ମଧ୍ୟ ଅନୁରୂପ ଅଭିନବତ୍ୱ ଲକ୍ଷଣୀୟ ।

ଉପେନ୍ଦ୍ରପ୍ରସାଦଙ୍କର ପ୍ରକାଶଭଙ୍ଗୀ ଓ ଛନ୍ଦ ବିନ୍ୟାସ ଉଚ୍ଚକୋଟୀର । ଯେଉଁ ଭାବକୁ ଯେପରି ଛନ୍ଦ ଓ ଭାଷା ଆବଶ୍ୟକ, କବି ତାହାହିଁ ଗ୍ରହଣ କରିଛନ୍ତି । ଇତରତା ବା ଗାମ୍ଭୀର୍ଯ୍ୟହୀନ ଭାଷା ସମାବେଶରେ ପ୍ରକାଶ ପାଇ ନାହିଁ । କେବଳ ଦୁଇଟି ସ୍ଥାନରେ କଣ୍ଠସ୍ୱର ବ୍ୟଙ୍ଗାତ୍ମକ କରିବାକୁ ଯାଇ କବି ଇତର ଭାଷା ବ୍ୟବହାରରେ କବିତାର କବିତ୍ୱ ହାନି ଘଟାଇଛନ୍ତି ।

ମୁହୂର୍ତ୍ତିକେ ହୋଇଯାନ୍ତୁ **ସଫା** ସେ କେବଳ
ସରିଯାଉ ଧୂର୍ଜଟିର ତାଣ୍ଡବ ପ୍ରବଳ ।

—କିଏ ଅଛ ?

ପୃଥ୍ୱୀ ଉପରେ ଧୂମକେତୁ ଭଳି
ଖସି ଆସେ **ଧମାଧମ୍** ।

—ଦୋଳ ପ୍ରଭାତେ ।

ଉପର ପଦରେ 'ହୋଇଯାନ୍ତୁ ସଫା' ଏବଂ ଦ୍ୱିତୀୟ ପଦରେ 'ଖସିଆସେ ଧମାଧମ୍'ର ବ୍ୟବହାର ଅସୁନ୍ଦର ।

ସୁଧାଂଶୁଶେଖରଙ୍କର 'ନୂଆର ଫସଲ' ସତୁରି ଗୋଟି ସନେଟ୍‌ର ସମାବେଶ । ଓଡ଼ିଆ ସାହିତ୍ୟରେ ସନେଟ୍ ରଚନାର ଏକ ଉନ୍ନତ ପରମ୍ପରା

ନ ଥିଲେ ମଧ୍ୟ ମାୟାଧର ମାନସିଂହଙ୍କର 'ଧୂପ' ଭଳି ଉତ୍କୃଷ୍ଟ ସନେଟ୍‌ମାଳା ସୃଷ୍ଟି ହୋଇଛି ଏବଂ ଫଳତଃ ଓଡ଼ିଆ ସନେଟ୍ ସୃଷ୍ଟିର ବିରାଟ ସମ୍ଭାବନା ବିଷୟରେ ଆମ କବିମାନଙ୍କୁ ସଚେତନ କରି ଦେଇଛି । ସୁଧାଂଶୁ ବାବୁଙ୍କ କବିତାରେ ଖୁବ୍ ସମ୍ଭବ ସେହି ସଚେତନତା ବିଦ୍ୟମାନ । କିନ୍ତୁ 'ଲୁହର ଫସଲ' ଅନ୍ତର୍ଭୁକ୍ତ ସମସ୍ତ କବିତା ସନେଟ୍-ପଦବାଚ୍ୟ ହୋଇ ନ ପାରନ୍ତି । କବିତା କେବଳ ଚତୁର୍ଦ୍ଦଶପଦୀ ହେଲେ ଏବଂ ପ୍ରତ୍ୟେକ ପଦ ଚଉଦ ଅକ୍ଷର ବା ଅଠର ଅକ୍ଷର ହେଲେ, ତାହା ସାର୍ଥକ ସନେଟ୍ ହୋଇ ପାରିବ, ଏହାର କୌଣସି ମାନେ ନାହିଁ । ସନେଟ୍‌ର ପ୍ରଧାନ ମୌଳିକ ଉପାଦାନ ଭାବକଳ୍ପର ଘନ ସନ୍ନିବଦ୍ଧତା—ତାହା ପୁଣି ଅତି ସୀମିତ ପରିବେଶ ମଧ୍ୟରେ । ଏହି ଦୃଷ୍ଟିରୁ ବିଚାର କଲେ, 'ଲୁହର ଫସଲ'ର ଆଦି ଛନ୍ଦ, ରକ୍ତ ଦ୍ୱିପ୍ରହର, ଫୁଲ ଫୁଟେ, ସଭ୍ୟତାର ଅଭିଶାପ ପ୍ରଭୃତି ଗୀତି-କବିତା ମାତ୍ର, ସାର୍ଥକ ସନେଟ୍ ନୁହନ୍ତି ।

ବେଦନା ଓ କାରୁଣ୍ୟ 'ଲୁହର ଫସଲ'ରେ ଥିବା କବିତାଗୁଡ଼ିକର ମୂଳ ଉପଜୀବ୍ୟ । ଆମେ ସାଧାରଣତଃ ସୁଖର ମୂଲ୍ୟ ବା ମହତ୍ତ୍ୱ ଉପଲବ୍ଧି କରିଥାଉଁ । ଦୁଃଖବୋଧର ଯେ ଏକ ମୂଲ୍ୟ ରହିଛି, ତାହା ଜାଣିବାକୁ ପ୍ରସ୍ତୁତ ନୋହୁଁ । କବି ସୁଧାଂଶୁ ଶେଖର ମାନବ ପ୍ରାଣର ସେହି ବେଦନା ଓ କାରୁଣ୍ୟକୁ ଉଚିତ ମୂଲ୍ୟଦାନ କରି ଅତି ମହତ୍ତ୍ୱପୂର୍ଣ୍ଣ କରି ଦେଇଛନ୍ତି ।

ଆଘାତେ ଆଘାତେ ତୁମେ ମୋ ଜୀବନ କରିଛ ସୁନ୍ଦର
ଶିଳ୍ପୀ ପରି କାଟି କାଟି ହେ ପ୍ରବୀଣ କୌଶଳୀ ଭାସ୍କର,
ଜୀବନକୁ କରିଛ ମୋ ଅପରୂପ କଳାର ସମ୍ପଦ
ଯେପରି ଫୁଟିବ ତହିଁ ଗମ୍ଭୀର କୋମଳ ସବୁ ଛନ୍ଦ ।

× × × ×

ଦୁଃଖ-ହୋମାନଳେ ଡାଳି ହେ ଋତ୍ୱିକ, ମୋର ପ୍ରାଣ-ହବି
ମନ୍ତ୍ର ପଢ଼ି ସୃଜିଅଛ ବସନ୍ତର ନୂତନ ସୁରଭି ।

—ଶିଳ୍ପୀ

ଏହି ମହନୀୟ ଦୁଃଖର ଦାନ କବି ନିଜ ଦେବତାଙ୍କୁ ମାଗିଛନ୍ତି । ସେହି ଦୁଃଖର ଅଗ୍ନିଦାହ ମଧ୍ୟରେ ମଳିନ-ପ୍ରାଣ ଶୁଦ୍ଧ ସୁବର୍ଣ୍ଣ ପରି ଜାଜ୍ୱଲ୍ୟମାନ ହେବ ।' ତେଣୁ ଏ ଦୁଃଖ ବାସ୍ତବିକ ଦୁଃଖ ନୁହେଁ—

> ପ୍ରେମ ଯୃହେଁ ମହା ଦୁଃଖ ଲଭିବାକୁ ପ୍ରକାଶ ପୁଣ୍ଣିତା
> ଦୁଃଖ କାହିଁ ? ଏ ଦୁଃଖ ଯେ ଆନନ୍ଦର ଉତ୍‌ଫୁଲ୍ଲ ବାରତା !
>
> —ପ୍ରେମ ଯୃହେଁ ମହା ଦୁଃଖ

ସେଥିପାଇଁ କବି ପ୍ରକୃତରେ ଆନନ୍ଦବାଦୀ । ଈଶ୍ୱର-ପ୍ରୀତି ଓ ମାନବ ପ୍ରୀତିରୁ ଜାତ ସେ ଆନନ୍ଦ । ସେ ଆନନ୍ଦର ମନ୍ଦ୍ର ମଧୁର ସ୍ୱର ବେଦନା ଓ କାରୁଣ୍ୟର ଊର୍ଦ୍ଧ୍ୱକୁ ଉଠି କବିଙ୍କର ଆତ୍ମରତି ମଧ୍ୟରେ ଅତି ସ୍ପଷ୍ଟ ହୋଇ ଉଠିଛି —

> ହେ ପ୍ରେମିକ-ଶିରୋମଣି, ସର୍ବ ସୁଖୁ କରିଣ ବଞ୍ଚିତ
> ତୁମ ପ୍ରେମ-ସୁଖଧାର ଛନ୍ଦେ ମୋର କର ପ୍ରବାହିତ ।
> ପ୍ରତି ଅଙ୍ଗେ ବ୍ୟଥା ଦେଇ ପ୍ରତି ଅଙ୍ଗେ ତୁମ ପ୍ରେମ-କ୍ଷୁଧା
> କରିଣ ସଫଳ ବନ୍ଧୁ, ବରଷିଛ ସ୍ନିଗ୍ଧ ପ୍ରେମ-ସୁଧା ।
> କୁଟୀର ଅଙ୍ଗିଣ ମୋର ବିଶ୍ୱମୟ ତୁମର ପ୍ରାସାଦେ
> ଡାକି ନେଇଅଛ ମୋତେ ।      ×      ×      ×
>
> —ତୁମେ ସର୍ବମୟ

'ଲୁହର ଫସଲ'ର କବି କେତେକ ପରିମାଣରେ ଦାର୍ଶନିକ ମଧ୍ୟ । ତାଙ୍କର ବହୁ କବିତାରେ—ବିଶେଷତଃ ମିଥ୍ୟାର ଶ୍ରେଷ୍ଠତ୍ୱ, ସତ୍ୟକୁ ହିଁ ସନ୍ଦେହ ଯେ ବେଶି, ସତ୍ୟବାଦୀ ହୁଏ ଆଗୁଁ ସାର ଆଦି କବିତାରେ ଦର୍ଶନର ଗନ୍ଧ ମିଳେ । କେତେକ ଦାର୍ଶନିକ ତତ୍ତ୍ୱକୁ କବି କଞ୍ଚାମାଲ ହିସାବରେ ଗ୍ରହଣ କରି ସେଇ କଞ୍ଚାମାଲ କରି ଥୋଇ ଦେଇଛନ୍ତି, କବିତ୍ୱର କାଉଁରିକାଠି ଛୁଆଁଇ ତାକୁ ପକ୍‌କା ମାଲ—କବିତାରେ ପରିଣତ କରିପାରି ନାହାନ୍ତି ।

ଉପେନ୍ଦ୍ର ପ୍ରସାଦଙ୍କ ଭଳି ସୁଧାଂଶୁଶେଖର କବି ହିସାବରେ ମୁଖ୍ୟତଃ ରୋମାଣ୍ଟିକ୍ ନୁହନ୍ତି । ସେ ଯେତିକି ପରିମାଣରେ ରମ୍ୟବାଦୀ, ସେତିକି ପରିମାଣରେ ମଧ୍ୟ ବାସ୍ତବବାଦୀ । 'ଖେଳ' ଓ 'ମନ ତାର ମରି ନାହିଁ'—କବିତା ଦୁଇଟି ବିଚାର କଲେ; ଏହା ସ୍ପଷ୍ଟ ଜଣାପଡ଼େ । ସର୍ବୋପରି ସୁଧାଂଶୁ ବାବୁଙ୍କର ନୈସର୍ଗିକ କବିତ୍ୱ 'ଲୁହର ଫସଲ'ର ଛନ୍ଦେ ଛନ୍ଦେ ପରିସ୍ଫୁଟ । ଗୋଟିଏ ଦୁଇଟି ଉଦାହରଣ ଦେବାର ଲୋଭ ସମ୍ବରଣ କରି ହେଉ ନାହିଁ—

> ବୀଣାରେ ଆଘାତ କରି ପାଇଅଛୁ ସ୍ନିଗ୍ଧ ସୁର ମୂର୍ଚ୍ଛି,
> ବେଣୁ ପରି ଛିଦ୍ର କଲି ଯେ ଜୀବନ ତହୁଁ ପଡ଼େ ବହି

କୋମଳ ସଙ୍ଗୀତ ସ୍ରୋତ, ଶ୍ରଦ୍ଧାର ଉଦାର ମନ୍ଦ୍ର ସ୍ୱନ,
ଯାକୁ ଦେଲି ଅପମାନ ସେ ଯେ ଦେଲା ମୋତେ ଆଲିଙ୍ଗନ ।

—ଲେଖୁଛି ଚିଙ୍ଗି ପାଇଛି ମୁଁ ଫୁଲ

ପ୍ରତି ସନ୍ଧ୍ୟା ଢାଳିଅଛି ସ୍ମୃତିରେ ତା' ନକ୍ଷତ୍ର-ଆଲୋକ,
ପ୍ରତି ଊଷା ସୁନା ଗାରେ ଛନ୍ଦେ ତାର ଦେଇଛି ପୁଲକ,
ଋତୁ ଚକ୍ରେ ବାରମ୍ବାର ଫେରି ଫେରି ମଧୁର ବସନ୍ତ
ସେ ସ୍ମୃତିର ଗୌରବକୁ ପୁଷ୍ପ ଶ୍ୱାସେ କରିଛି ଅନନ୍ତ ।

—ବନ୍ଧୁ ସ୍ମରଣେ (୨)

'ଲୁହର ଫସଲ'ର ଭାଷା ବିନ୍ୟାସ ମାର୍ଜିତ ଓ ଭାବୋପଯୋଗୀ । ତଥାପି, ଅନନ୍ତ ପ୍ରଭୃତି କେତେକ ଶବ୍ଦ ବାରମ୍ବାର ବ୍ୟବହୃତ ହୋଇଥିବା ଫଳରେ ଶ୍ରୁତିକଟୁ ହେଉଛି । ୫୪ ପୃଷ୍ଠାରେ କବି ଯେଉଁ 'ଢୁ ବୁରି' ଶବ୍ଦ ବ୍ୟବହାର କରିଛନ୍ତି, ଖୁବ୍ ସମ୍ଭବ ତାହା ଏକ ଆଞ୍ଚଳିକ ଶବ୍ଦ ଏବଂ ସେ ସ୍ଥଳରେ ତାହା କେତେଦୂର ବ୍ୟବହାର୍ଯ୍ୟ—ବିଚାରିବାର କଥା ।

ସୁଧାଂଶୁ ବାବୁଙ୍କର ଛନ୍ଦ ବିନ୍ୟାସ ରୀତିରେ ସାବଲୀଳତା ବିଦ୍ୟମାନ୍ । ତେବେ ଗୋଟିଏ ଦୋଷ ଛନ୍ଦର ମହତ୍ତ୍ୱକୁ ଅନେକ ସ୍ଥଳରେ ନଷ୍ଟ କରିଦେଉଛି । 'ବାରଣ / ଶିରେ ପ / ଦଦେଇ / ଆସୁ'—ପ୍ରାଚୀନ କବିତାରେ ଚଳି ଯାଉଥିଲା । କିନ୍ତୁ ଆମର ସମସାମୟିକ ଆବୃତ୍ତି-ସର୍ବସ୍ୱ କବିତାରେ ଏହା ନିଶ୍ଚିତ ରୂପେ ଏକ ଦୋଷ । ଶବ୍ଦବିନ୍ୟାସର ଏହି ଦୋଷଟି 'ଲୁହର ଫସଲ'ର ଅଧିକାଂଶ କବିତାରେ ଲକ୍ଷ୍ୟଣୀୟ । ମନେହୁଏ, ସୁଧାଂଶୁବାବୁ ଏ ବିଷୟରେ ଆଦୌ ସଚେତନ ନୁହନ୍ତି । ଉଦାହରଣ—

ଏ ତୁମ ପ୍ରା/ଣର ବାଣୀ/ଏହା କହି/ପଡିଲି ସେ ଶୋଇ
ସୁ ସ୍ତ୍ର ସୁକୋ/ମଳ ତାର/ରୂପର ଜୁ/ଆର ଗଲା ବହି ।

ଉକ୍ତ ଦୁଇଟିଯାକ କାବ୍ୟ ଗ୍ରନ୍ଥର ମୁଦ୍ରଣ ସୁନ୍ଦର ଓ ଦୋଷଶୂନ୍ୟ । 'ଝରା ଶେଫାଳିର ମାଳା' ଓ 'ଲୁହର ଫସଲ'ର ପ୍ରଚ୍ଛଦ-ସଜ୍ଜା ମଧ୍ୟ ଅତି ମନୋରମ ଓ ଭାବୋଦ୍ଦୀପକ । ସେଥିପାଇଁ ପ୍ରଚ୍ଛଦପଟରେ, ଶିଳ୍ପୀ ଶ୍ରୀ ବିଭୂତି କାନୁନ୍‌ଗୋ ଓ ଶିଳ୍ପୀ ଶ୍ରୀ ଗୋପାଳ କାନୁନ୍‌ଗୋ ବିଶେଷ ଧନ୍ୟବାଦର ପାତ୍ର ।

( ୧୯୬୦ )

# କଳାବତୀ (୧୯୦୨)

ଚକ୍ ଚକ୍ ଝଟକୁଥିବା ସବୁ ଜିନିଷ ସୁନା ନୁହେଁ; 'ଉପନ୍ୟାସ' ଛବାଲି କଥିତ ସବୁ ବହି ଉପନ୍ୟାସ ନୁହେଁ । ଆମ ସାହିତ୍ୟରେ କେତେକ କାହାଣୀ ବା ବଡ଼ଗଳ୍ପକୁ 'ଉପନ୍ୟାସ' ନାମରେ ଚଳାଇ ଦିଆଯାଇ ଥିବାର ପରିଲକ୍ଷିତ ହୁଏ । ଉଭୟେ ଲେଖକ ତଥା ସମାଲୋଚକ ଏହି କାର୍ଯ୍ୟ କରିଥିବାର ଜଣାପଡ଼େ । ଅନବଧାନ ବଶତଃ ବା ଆପଣା ଅଜ୍ଞାତସାରରେ ଲେଖକ ଏହା କରି ଥାଇପାରନ୍ତି । କିନ୍ତୁ ସମାଲୋଚକ ପରୀକ୍ଷା କରି ଦେଖିବାର କଥା—କେଉଁଟି ପ୍ରକୃତରେ ଉପନ୍ୟାସ କିମ୍ବା କାହାଣୀ ! ପ୍ରଚଳିତ ମାନଦଣ୍ଡରେ କେଉଁ ରଚନାଟି କି ଧରଣର ସାହିତ୍ୟ-କୃତି, ତାହା ସାଧାରଣତଃ ସମାଲୋଚକ ଏବଂ ସାହିତ୍ୟ-ପତ୍ରିକାର ସମ୍ପାଦକମାନେ ବିଚାର କରି ଦେଖିଥାଆନ୍ତି । ଏହା ସତ୍ତ୍ୱେ ଆମ ସାହିତ୍ୟର କେତେକ କାହାଣୀକୁ ଉପନ୍ୟାସ ବୋଲି ପ୍ରଚାର କରାଯାଇଥିବା ବିସ୍ମୟକର କଥା । ଉଦାହରଣ ସ୍ୱରୂପ— 'ମୁକୁର' ପତ୍ରିକାର ପ୍ରଥମ ଭାଗ ଦଶମ/ଏକାଦଶ ସଂଖ୍ୟାରୁ ଧାରାବାହିକ ପ୍ରକାଶ ପାଇଥିବା 'କବିତ୍ୱ ବିସର୍ଜନ' ଉପନ୍ୟାସ ନାମରେ ଚିହ୍ନିତ ହୋଇଥିଲେହେଁ, ତାହା ପ୍ରକୃତରେ ଏକ ବଡ଼ ଗଳ୍ପ ବା କାହାଣୀ । କୁନ୍ତଳା କୁମାରୀଙ୍କର ପରଶମଣି, ଭ୍ରାନ୍ତି, କାଳୀବୋହୂ, ନଅରୁ ଶ୍ରୀ ଗୋଟିଏ ଗୋଟିଏ କାହାଣୀ ହୋଇଥିଲେ ମଧ୍ୟ ଉପନ୍ୟାସ ଅଭିଧାରେ ଚିହ୍ନିତ ତଥା ଆଲୋଚିତ ହୋଇଛି । ସେହିପରି ଅପର୍ଣ୍ଣା ପଣ୍ଡାଙ୍କ 'କଳାବତୀ' ଏକ ବଡ଼ ଗଳ୍ପ, କିନ୍ତୁ ସମାଲୋଚକ-ଦୃଷ୍ଟିରେ ରଚନାଟିର ଜାତି ଧାର୍ଯ୍ୟପତ୍ର ନାହିଁ; ତେଣୁ ଉପନ୍ୟାସ ପର୍ଯ୍ୟାୟରେ ତାହାକୁ ଅବସ୍ଥାପିତ କରାଯାଇଛି ।

କାହାଣୀ ବା ବଡ଼ ଗଳ୍ପ ଉପନ୍ୟାସର ସମଗୋତ୍ରୀୟ ହୋଇପାରେ । ତଥାପି ସମଗୋତ୍ରୀ ମଣିଷଙ୍କ ମଧ୍ୟରେ ପାର୍ଥକ୍ୟ ଥିବାପରି ଏମାନଙ୍କ ମଧ୍ୟରେ କେତେକ ପାର୍ଥକ୍ୟ ରହିଛି । ଆଖ୍ୟାନ-ଭାଗର ଦୈର୍ଘ୍ୟ ଦୃଷ୍ଟିରୁ କାହାଣୀଠାରୁ ଉପନ୍ୟାସ ବଡ଼ ହେବ ! ତାହା ବ୍ୟତୀତ ଏଥିରେ ଶାଖା ପ୍ରଶାଖାଯୁକ୍ତ ପ୍ଲଟ୍ ବା କଥାନକ, ଜଟିଳ ଘଟଣା-ବିନ୍ୟାସ, ସମାଜ-ଜୀବନର ବ୍ୟାପକ ବିସ୍ତୃତ ପଟ୍ଟଭୂମି, ପୁଙ୍ଖାନୁପୁଙ୍ଖ ବର୍ଣ୍ଣନାର ବୈଚିତ୍ର୍ୟ ଆଦି ସ୍ଥାନଲାଭ କରିଥାଏ । ସାଧାରଣତଃ ଏହି ପ୍ରଚଳିତ ମାନଦଣ୍ଡରୁ ସବୁବେଳେ କାହାଣୀ ଓ ଉପନ୍ୟାସ ମଧ୍ୟରେ ପାର୍ଥକ୍ୟ ନିରୂପିତ ହୋଇଥାଏ । ମାର୍କିନ୍ କଥାକାର ହେମିଂୱେଙ୍କର The Old Man and the Sea (୧୯୫୨) ସେହି ଦୃଷ୍ଟିରୁ ସମାଲୋଚକଙ୍କ ଦ୍ୱାରା କାହାଣୀ ବା ବଡ଼ ଗଳ୍ପରୂପେ ଚର୍ଚ୍ଚିତ ହୋଇଛି । କିନ୍ତୁ ତାଙ୍କର For whom the Bell tolls (୧୯୪୦) ଉପନ୍ୟାସ । ଆମ ସାହିତ୍ୟରେ 'ଉପନ୍ୟାସ' ନାମରେ ଚର୍ଚ୍ଚିତ ସେହିପରି ଏକ ଉଲ୍ଲେଖଯୋଗ୍ୟ ଉଚ୍ଚକୋଟୀର କାହାଣୀ ବିଷୟରେ ବର୍ତ୍ତମାନ କିଞ୍ଚିତ୍ ଆଲୋଚନା କରାଯାଉଛି ।

ପ୍ରାୟ ପଞ୍ଚସ୍ତରୀ ବର୍ଷ ତଳେ ପ୍ରକାଶିତ ଏହି ପୁରୁଣା ବହିଟିକୁ ସ୍ୱୟଂ ଲେଖକ କେଉଁଠି 'ଉପନ୍ୟାସ' ବୋଲି କହିଥିବାର ଜଣା ନାହିଁ । * ବରଂ ଭୂମିକାରେ ଶ୍ରୀ ପଣ୍ଡା ଏହାକୁ ଖାଲି 'ଗଦ୍ୟ' ବୋଲି ନାମିତ କରି ଲେଖିଛନ୍ତି—"ସଙ୍ଗୀତ ଓ ପଦ୍ୟ ଲେଖିବାର ଅଭ୍ୟାସ ଅଛି, ମାତ୍ର ଗଦ୍ୟ ଲେଖିବାର ଅଭ୍ୟାସ ନ ଥିଲା । ଗଦ୍ୟ ଲେଖିବାରେ ଏହା ମୋହର ପ୍ରଥମ ଉଦ୍ୟମ; ଏଥିରେ ଭାଷାଗତ ଦୋଷ ଅନେକ ଥାଇ

---

* **କଳାବତୀ**—ଶ୍ରୀ ଅପର୍ଣ୍ଣା ପଣ୍ଡା, ପାରଳାକିମେଡ଼ୀ ଗଜପତି ପ୍ରେସରେ ବିଦ୍ୟାନିଧି ପଟ୍ଟନାୟକଙ୍କ ଦ୍ୱାରା ମୁଦ୍ରିତ (୧୯୦୬ ମସିହା), କ୍ଷୁଦ୍ରତମ (ଫୁଲସ୍କେପ ୧/୮) ଆକୃତି ବହିର ମୋଟ ପୃଷ୍ଠା ସଂଖ୍ୟା ୯୪ । ବହିର ମୂଲ୍ୟ ଦିଆଯାଇ ନାହିଁ ।

ବହିଟିର 'ଉତ୍ସର୍ଗ ପତ୍ର' ଏହିପରି :—"ଯେ ଉତ୍କଳ ହିତାକାଂକ୍ଷୀ, ସ୍ୱଦେଶପ୍ରିୟ, ଉତ୍କଳଙ୍କ ମଙ୍ଗଳ ସାଧନ ନିମନ୍ତେ ପ୍ରାଣପଣରେ କାର୍ଯ୍ୟକଳାପ ସାଧନ କରିବାକୁ ସଂକଳ୍ପ କରିଅଛନ୍ତି, ଯେ ଉତ୍କଳ ସାହିତ୍ୟର ଅଭାବ ମୋଚନାର୍ଥେ ସଙ୍ଗୀତ ଓ ନାଟକମାନ ରଚନା କରି କଳ୍ପନା ରାଜ୍ୟରେ ନିଜେ ଲେଖନୀ ଦଣ୍ଡ ପରିଚାଳନ କରୁଅଛନ୍ତି, ଯେ ଉତ୍କଳ ସାହିତ୍ୟ ସେବକମାନଙ୍କୁ ଉତ୍ସାହ ପ୍ରଦାନ କରିବାରେ ତ୍ରୁଟି କରନ୍ତି ନାହିଁ ଏବଂ ଯେ ନ୍ୟାୟର ପକ୍ଷପାତୀ, ସେହି ଗଙ୍ଗ ବଂଶାବତଂସ ମହାରାଜ ଶ୍ରୀ ପଦ୍ମନାଭ ନାରାୟଣ ଦେବଙ୍କ କରକମଳରେ ଏହି ପୁସ୍ତକଟି ବିନୀତ ଭାବରେ ଅର୍ପଣ କଲି ।"

ପାରେ । ମହାଜନମାନେ ଦୟାପୂର୍ବକ ଦୋଷ ଦେଖାଇଦେଲେ, ଦ୍ୱିତୀୟ ସଂସ୍କରଣରେ ପରିମାର୍ଜନା କରିଦେବି ।" ବହିଟିର ବୋଧହୁଏ ଦ୍ୱିତୀୟ ସଂସ୍କରଣ ହୋଇ ପାରି ନାହିଁ । ପ୍ରଥମ ସଂସ୍କରଣର ବହି ବର୍ତ୍ତମାନ ଦୁଷ୍ପ୍ରାପ୍ୟ । କାହାଣୀଟି ମଧ୍ୟରେ ଗତ ଶତାବ୍ଦୀର ଶେଷଭାଗ ଓ ଚଳିତ ଶତାବ୍ଦୀର ପ୍ରାରମ୍ଭ ଭାଗର ସାମାଜିକ ତଥା ଜାତୀୟ ଜୀବନର ଆଲେଖ୍ୟ ଅଙ୍କିତ ହୋଇଥିବାରୁ ଏବଂ ଆମର ଆଧୁନିକ କଥା-ସାହିତ୍ୟର ଏହା ଅନ୍ୟତମ ପାଥମିକ ରଚନା ହୋଇ ଥିବାରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ; ସେହି ଦୃଷ୍ଟିରୁ ବର୍ତ୍ତମାନ ପାଠକ-ସମାଜ ପାଇଁ ଅବିଳମ୍ବେ ଏହାର ଦ୍ୱିତୀୟ ସଂସ୍କରଣ କରିହେବା ଆବଶ୍ୟକ ।

ପ୍ରକୃତରେ 'କଳାବତୀ' ଉପନ୍ୟାସ ନୁହେଁ, ଚଉଦଗୋଟି ପରିଚ୍ଛେଦ-ବିଶିଷ୍ଟ ଏକ କାହାଣୀ ବା ବଡ଼ ଗଳ୍ପ । ବହିଟି ପଢ଼ିସାରିଲା ପରେ ଏହାର ବିଂଶାଧିକ ବିଭିନ୍ନ ଚରିତ୍ର ମଧ୍ୟରେ ଏକମାତ୍ର କଳାବତୀ ଚରିତ୍ରଟି ପାଠକ ମନରେ ରେଖାପାତ କରିଥାଏ । ମଧ୍ୟପ୍ରଦେଶ ରାୟପୁରର ଜନୈକା ରୂପସୀ, ଗୁଣବତୀ ଝିଅ କଳାବତୀର ରୋମାଞ୍ଚକର ଦୁଃସାହସିକ ଭାରତ-ପର୍ଯ୍ୟଟନହିଁ ରଚନାଟିର କଥାବସ୍ତୁ । ସେହି ଦୃଷ୍ଟିରୁ ଏହା ମଧ୍ୟ ଏକ ପ୍ରକାର ଭ୍ରମଣ-କାହାଣୀ ବୋଲି ଭ୍ରମ ହୋଇପାରେ ।

ଶ୍ରୀ ଅପନ୍ନା ପଣ୍ଡା ଆମ ସାହିତ୍ୟ-ଇତିହାସରେ ଏକ ସୁପରିଚିତ ନାମ । ରାଜ୍ୟର ଅନ୍ୟତମ ସାଂସ୍କୃତିକ ପୀଠ ପାରଳାଖେମୁଣ୍ଡିରେ ଗତ ଶତାବ୍ଦୀର ଷଷ୍ଠ କିମ୍ବା ସପ୍ତମ ଦଶକରେ ତାଙ୍କର ଆବିର୍ଭାବ ହୋଇଥିଲା । କିଛିକାଳ ଶିକ୍ଷକ ଭାବରେ ସେ କର୍ମ ଜୀବନ ଅତିବାହିତ କରିଥିଲେ । ସେ ଥିଲେ ସ୍ୱଦେଶପ୍ରେମୀ, ସଂସ୍କୃତିବିତ୍ ଏବଂ ବହୁ ଶାସ୍ତ୍ରଜ୍ଞ, ପଣ୍ଡିତ ବ୍ୟକ୍ତି । ଶ୍ରୀ ପଦ୍ମନାଭ ନାରାୟଣ ଦେବ ଓ ଶ୍ୟାମସୁନ୍ଦର ରାଜଗୁରୁଙ୍କ ସହିତ ସେ ପୁନା ଜାତୀୟ କଂଗ୍ରେସ ଅଧିବେଶନ (୧୮୯୫ ମସିହା) ଓଡ଼ିଶାର ପ୍ରତିନିଧି ଭାବରେ ଯୋଗ ଦେଇଥିଲେ । 'କଳାବତୀ' ବ୍ୟତୀତ ସେ 'ଛନ୍ଦ ଚନ୍ଦ୍ରିକା' (୧୯୨୧) 'ରାଗମାଳିକା ତତ୍ତ୍ୱବୋଧିନୀ' (୧୯୩୧) ପ୍ରଭୃତି ଗ୍ରନ୍ଥ ରଚନା କରିଛନ୍ତି । 'ଛନ୍ଦ ଚନ୍ଦ୍ରିକା' ଓଡ଼ିଆ ଛନ୍ଦ ସମ୍ପର୍କୀୟ ଆଲୋଚନାର ଏକ ପ୍ରାଥମିକ ଗ୍ରନ୍ଥ । ଦକ୍ଷିଣ ଓଡ଼ିଶାରେ ସେତେବେଳେ ଓଡ଼ିଆ ଭାଷା, ଛନ୍ଦ ବା ରାଗ ରାଗିଣୀ ସମ୍ପର୍କରେ ଯେ ପ୍ରଚୁର ଆଲୋଚନା-ଚର୍ଚ୍ଚା ଚାଲିଥିଲା, ରଘୁନାଥ ପରିଚ୍ଛା, ଗୋପୀନାଥ ନନ୍ଦ, ଶ୍ୟାମସୁନ୍ଦର ରାଜଗୁରୁ, ଅପନ୍ନା ପଣ୍ଡା ପ୍ରମୁଖଙ୍କର ରଚନା ଗୁଡ଼ିକରୁ ତାହାର ପ୍ରମାଣ ମିଳେ । ଶ୍ରୀ ପଣ୍ଡାଙ୍କର 'ରାଗମାଳିକା ତତ୍ତ୍ୱବୋଧିନୀ' ମଧ୍ୟ ଓଡ଼ିଆ ରାଗରତ୍ନମାଳୀ, ପ୍ରବଚନାଦି ସଂଗ୍ରହ ଓ ସଂକଳନ କ୍ଷେତ୍ରରେ ଏକ ପ୍ରାଥମିକ ଉଦ୍ୟମ । ଏଥିରେ ପ୍ରତ୍ୟେକ ରାଗକୁ ସାନ ସାନ ଗଳ୍ପ ବା ଉପାଖ୍ୟାନ ସାହାଯ୍ୟରେ ବ୍ୟାଖ୍ୟା

କରା ଯାଇଛି । ୧୯୦୫ ମସିହା ସୁଦ୍ଧା ଶ୍ରୀ ପଣ୍ଡା ଡଗଗୁଡ଼ିକର ସଂଗ୍ରହ ଓ ସଙ୍କଳନ କାର୍ଯ୍ୟ ଶେଷ କରିଥିଲେ ମଧ୍ୟ, ଅସୁବିଧା ବଶତଃ ୧୯୩୦ ମସିହା ପର୍ଯ୍ୟନ୍ତ ଗ୍ରନ୍ଥଟି ପ୍ରକାଶ ପାଇ ପାରି ନ ଥିଲା । ମୋ ଜାଣିବାରେ—ଏହା ପୂର୍ବରୁ ଏ କ୍ଷେତ୍ରରେ ଏକମାତ୍ର ଉଲ୍ଲେଖଯୋଗ୍ୟ ଗ୍ରନ୍ଥ ଥିଲା ୧୮୭୬ ମସିହାରେ ପ୍ରକାଶିତ ପଣ୍ଡିତ କପିଳେଶ୍ୱର ନନ୍ଦ ବିଦ୍ୟାଭୂଷଣଙ୍କ ଦ୍ୱାରା ସଂକଳିତ 'ବୃହତ୍ ଡଗମାଳା' ।

ଏହା ବ୍ୟତୀତ କେତେଗୁଡ଼ିଏ ସଙ୍ଗୀତ, କବିତା ଏବଂ କବି ଜୀବନୀ (୧୯୧୭) ଶ୍ରୀ ପଣ୍ଡାଙ୍କ ଦ୍ୱାରା ରଚିତ ହୋଇଥିବାର ଜଣାପଡ଼ୁଛି । ମାତ୍ର ସେଗୁଡ଼ିକ ଏପର୍ଯ୍ୟନ୍ତ ଏହି ଆଲୋଚକ ଦେଖିବାର ସୁଯୋଗ ପାଇ ନାହିଁ । ୧୯୩୪ରେ ପଣ୍ଡାଙ୍କର ପରଲୋକ ହୋଇଥିଲା ।

'କଳାବତୀ'ର ଗଳ୍ପ-ଗୁମ୍ଫନ ବା ଘଟଣା-ବିନ୍ୟାସ ଅତି ଋଜୁ ଓ ସରଳ । କଳାବତୀ ଆପଣା ସଖୀ ଇନ୍ଦୁମତୀ ସହିତ ଦେଶ ପର୍ଯ୍ୟଟନରେ ବାହାରି ପ୍ରଥମେ ବଙ୍ଗଳାର ନଦିଆରେ ପହଞ୍ଚିଲେ । ସେଠାରେ ଗଙ୍ଗା ସ୍ନାନ କଲେ ଏବଂ ନଦିଆବାସୀଙ୍କ ଭକ୍ତି ଭାବ, ବିଦ୍ୟାଭ୍ୟାସ ଆଦି ଲକ୍ଷ୍ୟ କଲେ । ସେଠାରେ ସେ ଜାଣିଲେ ଯେ ବଙ୍ଗବାସୀମାନେ "ସାଧାରଣତଃ ସମସ୍ତେ ବିଦ୍ୟାଭ୍ୟାସ କରି ଧର୍ମ-କର୍ମଲୁପ୍ତ ହୋଇ ସର୍ବଦା ଧନାର୍ଜନରେ ରତ ହୋଇଅଛନ୍ତି । ଏମାନେ କେବଳ ସ୍ୱାର୍ଥପର ଅଟନ୍ତି । ଏହି ନଦିଆବାସୀମାନଙ୍କରୁ କେତେକ ନାମକୁ ମାତ୍ର ହରି-ଭକ୍ତି ଚିହ୍ନ ଧାରଣ କରି ଅଛନ୍ତି । X X X ଏମାନେ ଆମ୍ଭର ପୂର୍ବ ପ୍ରଥା ହରାଇ ପାଶ୍ଚାତ୍ୟ ବିଦ୍ୟାରେ ପାରଗ ହୋଇ ସର୍ବ ପ୍ରଥମତଃ ଭାରତରେ ପାଶ୍ଚାତ୍ୟ ରୀତ୍ୟନୁସାରେ ସଭ୍ୟ ବୋଲି ପରିଚୟ ଦେଇ ଅଛନ୍ତି ।" ବଙ୍ଗୀୟମାନଙ୍କର ଧର୍ମ କର୍ମ ବିଷୟରେ ସବୁ କଥା ଜାଣିବା ପାଇଁ ତା'ପରେ କଳାବତୀ କଲିକତା ଗଲେ । କଲିକତାରେ ବାବୁମାନଙ୍କର ଇଂରାଜୀ ରୀତି ନୀତି ଅନୁସରଣ, ବଙ୍ଗଳା ତଥା ଇଂରାଜୀ ନାଟ୍ୟଶାଳା, କାଳୀଙ୍କଠାରେ ପଶୁବଳି, ବ୍ରାହ୍ମଧର୍ମର ଗତି ଇତ୍ୟାଦି ଦେଖିଲେ । କଲିକତା ଟାଉନ ହଲ୍‌ରେ ଦିନେ ସେ ଏକ ହିନ୍ଦୁ ଧର୍ମ ସମ୍ବନ୍ଧରେ ବକ୍ତୃତା ଦେଇ ସୁଧୀମଣ୍ଡଳୀରେ ପରିଚିତା ହେଲେ । ଖ୍ରୀଷ୍ଟଧର୍ମର ସ୍ୱରୂପ-ପ୍ରକୃତି ଜାଣିବା ଉଦ୍ଦେଶ୍ୟରେ ଇଂରାଜୀ ବିଦ୍ୟା-ଶିକ୍ଷା ପାଇଁ କଲିକତାରେ ସେ ଛଅ ବର୍ଷ ରହିଲେ ଏବଂ ବି. ଏ. ପାଶ୍ ପରେ ବୃନ୍ଦାବନ ଯାତ୍ରା କଲେ । ବୃନ୍ଦାବନରେ ରହି ମଠାଧିକାରୀ ବୈଷ୍ଣବ ବାବାଜୀମାନଙ୍କର ଭଣ୍ଡାମି ଓ ଭ୍ରଷ୍ଟାଚାର ଲକ୍ଷ୍ୟ କଲେ ଏବଂ ନିଜେ ସେହିପରି ଜଣେ 'ତୁଳସୀ-ବଣିଆ ବାଘ' କବଳରେ ପଡ଼ି ଅଳ୍ପକେ ରକ୍ଷା ପାଇଗଲେ । ତତ୍ପରେ ଇନ୍ଦୁମତୀଙ୍କୁ ସଙ୍ଗରେ ଘେନି କଳାବତୀ ହରିଦ୍ୱାର ଯାଇ କୁମ୍ଭମେଳା ଦେଖିଲେ । ସେଠାରୁ କଲିକତା ବାହୁଡ଼ି ଜାହାଜ ଯୋଗେ ଓଡ଼ିଶା ଆସିଲେ । ଜାହାଜ-ଯାତ୍ରା ସମୟରେ ଓଡ଼ିଶା କମିଶନର୍‌ଙ୍କ ସହିତ କଳାବତୀ

ପରିଚିତା ହୋଇଥିଲେ । କଟକର ସୁଧୀମଣ୍ଡଳୀରେ ପରିଚିତ ହେବା ସଙ୍ଗେ ସଙ୍ଗେ ଘରପୋଡ଼ିରେ ସାହାଯ୍ୟ, ରେଭେନ୍‌ସା କଲେଜ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ ଆଦି ଲୋକହିତକର କାର୍ଯ୍ୟ କରିଥିଲେ । ତତ୍କାଳୀନ ଇନ୍ଦ୍ରଧନୁ-ବିଜୁଳି କଳିରେ କଳାବତୀ ମଧ୍ୟ ସମ୍ପୃକ୍ତ ହୋଇଥିଲେ ଏବଂ ସେହି ସମ୍ପର୍କରେ ଅନୁଷ୍ଠିତ ଏକ ଆଲୋଚନା ସଭାରେ ଭାଷଣ ଦେଇ କବି ଉପେନ୍ଦ୍ର ଭଞ୍ଜଙ୍କ ସପକ୍ଷରେ ଯୁକ୍ତି ବାଢ଼ିଥିଲେ । ଲେଖକଙ୍କର ବର୍ଣ୍ଣନା ଅନୁଯାୟୀ—"କଳାବତୀଙ୍କ ବାକ୍ୟରେ ସମସ୍ତେ ପ୍ରମୋଦିତ ହେଲେ । ତଦବଧି ବିଜୁଳି ଓ ଇନ୍ଦ୍ରଧନୁ ଉତ୍କଳ ସାହିତ୍ୟାକାଶରେ ଦେଖିବାକୁ ବିରଳ ।"

ତା'ପରେ କଟକ ପରିତ୍ୟାଗ କରି କଳାବତୀ ଭୁବନେଶ୍ୱର, କୋଣାର୍କ ଓ ଖଣ୍ଡଗିରି ବୁଲି ଦେଖିଲେ ଏବଂ "ପୁରାକାଳୀନ ଓଡ଼ିଆମାନେ ଶିଳ୍ପ କାର୍ଯ୍ୟରେ ପାରଦର୍ଶିତା ଲାଭ କରିଥିଲେ ବୋଲି ମନେ ମନେ ସନ୍ତୁଷ୍ଟ ହେଲେ; ମାତ୍ର ଓଡ଼ିଆମାନଙ୍କର ଆଜିକାଲି ଅବନତ ଅବସ୍ଥା ଦେଖି ବହୁ ବିଳାପ କଲେ ।" ପୁରୀରେ ସେ ଚନ୍ଦନ ଯାତ୍ରା ଦେଖି ମୁକ୍ତିମଣ୍ଡପ ସଭାରେ ପଣ୍ଡିତମାନଙ୍କ ସହିତ ଶାସ୍ତ୍ର ଚର୍ଚ୍ଚା କଲେ । ଓଡ଼ିଶାର ପୂର୍ବତନ ରାଜାମାନଙ୍କ କୀର୍ତ୍ତିକଳାପ ବିଷୟରେ ଅବହିତ ହୋଇ ପୁରୀଠାରୁ ଦକ୍ଷିଣ ଦେଶ ଯାତ୍ରା କଲେ । ଦାକ୍ଷିଣାତ୍ୟ ଭ୍ରମଣରେ ପ୍ରଥମେ ସିଂହାଚଳରେ ନୃସିଂହ ଦର୍ଶନ କରି ସେ ଗଲେ ରାଜମହେନ୍ଦ୍ରୀ । ସେଠାରେ ବିଧବା-ବିବାହ ଆନ୍ଦୋଳନରେ ସେ ନିଜକୁ ସମ୍ପୃକ୍ତ କରାଇଥିଲେ । ତା'ପରେ କଳାବତୀ ମାନ୍ଦ୍ରାଜ ଯାତ୍ରା କଲେ । ସେଠି ସେତେବେଳେ ମହାଜାତୀୟ ସମିତିର ଅଧିବେଶନ ବସିଥିଲା । ତାହାର ସଂକ୍ଷିପ୍ତ ପରିଚୟ ଦେବା ସଙ୍ଗେ ସଙ୍ଗେ କଥାକାର ଶ୍ରୀ ପଣ୍ଡା ମାନ୍ଦ୍ରାଜର ସାମାଜିକ ଜୀବନ ବର୍ଣ୍ଣନା କରିଛନ୍ତି । କଂଗ୍ରେସ ଅଧିବେଶନ ଉପଲକ୍ଷେ ସେଠାରେ ଭାରତର ବିଭିନ୍ନ ଅଞ୍ଚଳରୁ ଆସି ସମବେତ ହୋଇଥିବା ପ୍ରତିନିଧିମାନଙ୍କର—ବିଶେଷତଃ ଉତ୍କଳୀୟ ରାଜାମାନଙ୍କର କଥା ଉଲ୍ଲେଖ କରାଯାଇଛି ।

ତତ୍ପରେ କଳାବତୀ ରାମେଶ୍ୱର ତୀର୍ଥ ଦର୍ଶନ କଲେ । ସେଠାରେ ତାଙ୍କର ପ୍ରିୟ ସଖୀ ଇନ୍ଦୁମତୀଙ୍କର ମୃତ୍ୟୁ ହୋଇଗଲା । ଏକାକିନୀ କଳାବତୀ ବମ୍ବେ ଯାଇ ସେଠାରେ ଡାକ୍ତର ବାହାଦୁରଜୀଙ୍କ ଅତିଥି ହୋଇ ରହିଲେ । ବମ୍ବେ ନଗରୀ କଳାବତୀଙ୍କ ପକ୍ଷରେ ପ୍ରୀତିପ୍ରଦ ହେଲା ଏବଂ ହାଇକୋର୍ଟ୍‌ର ବାରିଷ୍ଟର—ରାଜପୁତ୍ର ବଳଭଦ୍ର ସିଂହଙ୍କ ସହିତ ଏହିଠାରେ ତାଙ୍କର ବିବାହ ହୋଇଗଲା । ସ୍ୱାମୀଙ୍କ ସହ ସୁଖରେ ସେ କିଛିକାଳ ଦାମ୍ପତ୍ୟ ଜୀବନ କଟାଇଲା ପରେ ପ୍ଲେଗ୍ ମହାମାରୀରେ ସ୍ୱାମୀଙ୍କୁ ହରାଇଲେ । ତହୁଁ ନିଜର ସମସ୍ତ ସମ୍ପତ୍ତି ନାରୀ-ଶିକ୍ଷା ଓ ଦୁର୍ଭିକ୍ଷପୀଡ଼ିତ

ବ୍ୟକ୍ତିମାନଙ୍କର ସେବା ପାଇଁ ଦାନ କରି ସେ ହିମାଳୟକୁ ଯାଇ ଯୋଗାଭ୍ୟାସରେ କାଳାତିପାତ କଲେ । ପ୍ରସଙ୍ଗକ୍ରମେ ଲେଖକ ଏଠାରେ ବମ୍ବେର ରାଜନୈତିକ ଜୀବନ ଓ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମର କିଞ୍ଚିତ୍ ପରିଚୟ ପ୍ରଦାନ କରିଛନ୍ତି ।

ଏହି କାହାଣୀଟି ଲେଖିବା ମୂଳରେ ନିହିତ ଉଦ୍ଦେଶ୍ୟ ଶ୍ରୀ ପଣ୍ଡା ଭୂମିକାରେ ସୂଚାଇଛନ୍ତି—"ଭାରତୀୟମାନଙ୍କରେ ବିଶେଷତଃ ଓଡ଼ିଆମାନେ ଅଧୁନା ସଂସ୍କୃତ ହିନ୍ଦୁ ମତାବଲମ୍ବନ ପୂର୍ବକ କାଳଯାପନ କଲେ, ସଭ୍ୟ ଜଗତରେ ଉଚ୍ଚ ସ୍ଥାନ ପ୍ରାପ୍ତ ହେବେ ।" କଳାବତୀ ଭାରତର ଭିନ୍ନ ଭିନ୍ନ ସ୍ଥାନ ଭ୍ରମଣ କଲାବେଳେ ସର୍ବତ୍ର ଏହି ସଂସ୍କୃତ ହିନ୍ଦୁ ମତର ମହତ୍ତ୍ୱ ପ୍ରତିପାଦନ କରାଯାଇଛି । ସ୍ଥଳ ବିଶେଷରେ ଉକ୍ତ ପ୍ରାଚୀନ ମତର ଦୋଷ ତ୍ରୁଟି ଦର୍ଶାଇବାକୁ ମଧ୍ୟ ଲେଖକ ପଶ୍ଚାତ୍‌ପଦ ହୋଇ ନାହାନ୍ତି । ଧର୍ମ ଓ ରାଜନୀତି ସମ୍ପର୍କରେ ସେ ଯେ ଅତ୍ୟନ୍ତ ସଚେତନ ଥିଲେ, ତାହାର ବହୁ ପ୍ରମାଣ ପୁସ୍ତିକାଟି ମଧ୍ୟରୁ ମିଳିଥାଏ ।

କୌଣସି ରକ୍ଷକ ବା ପଥପ୍ରଦର୍ଶକ ବିନା ଜଣେ ରୂପସୀ ଯୁବତୀର ଦେଶ ପର୍ଯ୍ୟଟନର ବର୍ଣ୍ଣନା ବେଶ୍ ରୋମାଞ୍ଚକର ଏଡ୍‌ଭେଞ୍ଚର ଭଳି ଲାଗୁଛି । ତେଣୁ ସ୍ଥାନେ ସ୍ଥାନେ ଆଖ୍ୟାନର ବାସ୍ତବତା କ୍ଷୁଣ୍ଣ ହୋଇଥିବାର ଦେଖାଯାଏ । ତଥାପି ଘଟଣା-ବିନ୍ୟାସର ଅଭିନବତ୍ୱ ଏବଂ ବର୍ଣ୍ଣନାର ଚମତ୍କାରିତା ଦୃଷ୍ଟିରୁ କାହାଣୀଟି ସୁଖପାଠ୍ୟ ହୋଇଛି । କଳାବତୀଙ୍କର ବିଭିନ୍ନ ସ୍ଥାନ ଭ୍ରମଣ ବେଳେ ଅନଙ୍ଗ ରଙ୍ଗିଣୀ, ଆନନ୍ଦ ମୋହନ ବୋଷଙ୍କଠାରୁ ଶଶିକଳା, ଡାକ୍ତର ବାହାଦୁରଜୀଙ୍କ ପର୍ଯ୍ୟନ୍ତ ବହୁ ଚରିତ୍ରର ଅବତାରଣା କରାଯାଇଛି । କିନ୍ତୁ କୌଣସି ଚରିତ୍ର—ଏପରି କି କଳାବତୀ ଚରିତ୍ର ମଧ୍ୟ ସୁପରିସ୍ଫୁଟ ହୋଇ ପାରି ନାହିଁ । ଉଦାହରଣ ସ୍ୱରୂପ—ବିବାହ ପରେ କିମ୍ବା ସ୍ୱାମୀ-ବିୟୋଗ ପରେ କଳାବତୀଙ୍କର ମାନସିକ କ୍ରିୟା ପ୍ରତିକ୍ରିୟା ଦେଖାଇବା ପାଇଁ ଯଥେଷ୍ଟ ଅବକାଶ ଥିଲେ ମଧ୍ୟ ଲେଖକ ତାହା ଦେଖାଇ ନାହାନ୍ତି । ତେଣୁ କାହାଣୀଟି ଘଟଣା-ପ୍ରଧାନ ହୋଇପଡ଼ିଛି ।

ପରମ୍ପରା ଅନୁସରଣରେ ଲେଖକ କାହାଣୀର ନାମ ନିର୍ବାଚନ କରିଛନ୍ତି । 'ବତୀ' ପ୍ରତ୍ୟୟାନ୍ତ ନାମ ଧରି ଇଚ୍ଛାବତୀ, ଲୀଳାବତୀ, ଶୋଭାବତୀ, ଲାବଣ୍ୟବତୀ ପ୍ରଭୃତି ଗୁଡ଼ିଏ କାବ୍ୟ ଆମ ପ୍ରାଚୀନ ସାହିତ୍ୟରେ ରଚିତ ହୋଇଛି । ଷୋଡ଼ଶ ଶତାବ୍ଦୀ ଶେଷ ଭାଗରେ କବି ବିଷ୍ଣୁଦାସ 'କଳାବତୀ' ନାମରେ ମଧ୍ୟ କ୍ଷୁଦ୍ର କାବ୍ୟଟିଏ ଲେଖିଛନ୍ତି । ଶ୍ରୀ ପଣ୍ଡା ଆମ ପ୍ରାଚୀନ ସାହିତ୍ୟରେ ଅବଗାହନ କରିଥିଲେ । କାହାଣୀର ନାମକରଣ ଓ କଳାବତୀଙ୍କ ରୂପ ବର୍ଣ୍ଣନାରୁ ତାହାର ପ୍ରମାଣ ମିଳେ । "କଳାବତୀ ! ତୁମ୍ଭେ କୁସୁମ କୋମଳାଙ୍ଗୀ । ଭ୍ରମରମାନେ ତୁମ୍ଭ ଚତୁର୍ଦ୍ଦିଗରେ ପରିଭ୍ରମଣ କରିବାରୁ ଏବଂ ଦିବାରାତ୍ରି ଆନନ୍ଦିତ ଥିବାରୁ ଅନୁମିତ ହୁଏ ତୁମ୍ଭ

ତନୁଲତାରେ ସୁରଭିତ ମୁଖ-ନେତ୍ର-ପାଣି-ପାଦ-କମଳମାନେ ପ୍ରସ୍ଫୁଟିତ ହୋଇ ଅଛନ୍ତି; ତୁମ୍ଭ ମୁଖ ବାସନାରେ ପଦ୍ମକୁ, ଶୀତଳ ଓ ଦୀପ୍ତିରେ ଶଶଧରଙ୍କୁ ନିନ୍ଦା କରୁଅଛୁ; ତୁମ୍ଭ ହାସ କୁମୁଦକୁ ଜିଣିଅଛୁ; ତୁମ୍ଭ ଅଧର-ରକ୍ତିମା ଅବଲୋକନରେ ପଲ୍ଲବ, ବିଦ୍ରୁମ ଓ ଜବା ଏମାନେ ଲଜ୍ଜିତ ହୋଇଅଛନ୍ତି; ତୁମ୍ଭ ନେତ୍ରର ଚଞ୍ଚଳତା ଦେଖି ମୀନଗଣ ଲଜ୍ଜିତ ହୋଇ ଜଳରେ, ମୃଗମାନେ ବନରେ ! ସଦା ବାସ କରି ରହିଅଛନ୍ତି, ଭ୍ରୂଲତାର ଠାଣି ଦେଖି ରତିପତି ଆପଣାର ଧନୁ ପରିତ୍ୟାଗ ପୂର୍ବକ ତୁମ୍ଭ ଆଜ୍ଞାନୁଗାମୀ ହୋଇଅଛନ୍ତି; ତୁମ୍ଭ ସୁଗନ୍ଧରୁ କୁନ୍ତଳ ଦେଖି ମେଘମାଳା ଲଜ୍ଜାଭୟରେ ଆକାଶ ଓ ପର୍ବତମାନଙ୍କ ଆଶ୍ରୟ ନେଇ ଅଛନ୍ତି ।” ଇତ୍ୟାଦି

ବୃନ୍ଦାବନରେ ଭଣ୍ଡ ମଠାଧିକାରୀ ଓ ତାଙ୍କର ସେବିକା ମଞ୍ଜୁବାଣୀଙ୍କ ମଧ୍ୟରେ କଳାବତୀଙ୍କର ମନ୍ତ୍ରଦୀକ୍ଷା ଗ୍ରହଣ ସମ୍ପର୍କରେ ଯେଉଁ କଥୋପକଥନ ହୋଇଛି, ତାହା ବେଶ୍ ରସୋତ୍ତୀର୍ଣ୍ଣ ! ଉଦାହରଣ—

“ମଞ୍ଜୁ—ଆଜ୍ଞା, ସବୁ ଠିକ୍ କଲି । ସେ ତୁମ୍ଭଠାରୁ ମନ୍ତ୍ର ଗ୍ରହଣ କରିବାକୁ ଇଚ୍ଛୁକ ହୋଇଅଛନ୍ତି । ତୁମ୍ଭ ମନ୍ତ୍ର ପ୍ରଭାବରେ ଅବଶ୍ୟ ସେ ତୁମ୍ଭ ବଶ ହେବେ । ଆମ୍ଭମାନଙ୍କୁ ଆଉ ତୁମ୍ଭେ କାହିଁକି ପଚାରିବ ?

ଅଧି—କାହିଁକି ସେପରି କହୁଅଛୁ, ରସବତୀ ? ତୁ ମୋ ଗଳାମାଳା । ତୋତେ ଛାଡ଼ିଲେ ବୁଡ଼ିବ ମୋ ଭେଳା । ଆଉ ଏପରି କହନା ।

ମଞ୍ଜୁ—ନା, ନା, କଥାଟି ଅଛି ଶୁଣ । ନୂଆଁ ନୂଆଁ ଆଦର । ନୂଆଁ ମିଳିଲେ ପୁରୁଣା ଦୂର ।

ଅଧି—କେତେ ଅକଲ ଜାଣୁ, ତୁନି ହୁଅ । ଏବେ ଥିବା ସ୍ତ୍ରୀ ଜଣ ଭିତରେ କିଏ ଆଗ ଆସିଥିଲା ? କଥାଟା କପରି ଘଟିଲା ? ସବୁ ଜାଣି ଜାଣି ଏପରି କହୁଛୁ !

ମଞ୍ଜୁ—ନାହିଁ ଆଜ୍ଞା, ସବୁବେଳେ ଏକାପରି ହେବ କି ? ମନ ତ ଚଞ୍ଚଳ । ଯା’ ରସ ଅଧିକ ତା’ଠାରେ ଖେଳ ।” ଇତ୍ୟାଦି

କାହାଣୀର ଭାଷାବିନ୍ୟାସରେ ଲେଖକ ଯଥେଷ୍ଟ ସତର୍କତା ଅବଲମ୍ବନ କରି ନ ଥିଲା ପରି ମନେ ହୁଏ । ତତ୍ସନ୍ଧୁଶ, ଧୂମ ଶକଟ, ଦେରି କରିବା, ପର୍ଯ୍ୟନ୍ତ, ଭଦ୍‌ବାଦ, ଭାଗ୍ୟଥିଲେ ଏହି ଯୁବରତ୍ନଙ୍କ ମୁଖରୁ ପଦେ ଅଧେ ଶୁଣି ଚରିତାର୍ଥ ହୁଅନ୍ତାଇଁ (ପୃଷ୍ଠା—୧୫), ଆପଣ ବସାକୁ ନ ଯାଇ ଏତେ ଦେରି କପାଁ କରି ? (ପୃଷ୍ଠା—୭୭), ମୁଁ ଏକାକିନୀ ବମ୍ବେ ଯିବାକୁ ହେଉଥିଲି (ପୃଷ୍ଠା—୮୨) ଇତ୍ୟାଦି ବହୁ ବିଭିନ୍ନ ପ୍ରୟୋଗ ଶ୍ରୁତିକଟୁ ହେଉଛି । ବହିର ଭୂମିକାରେ ଶ୍ରୀ ପଣ୍ଡା

ଲେଖିଛନ୍ତି—"ଏହି ପୁସ୍ତକ ମୁଦ୍ରାଙ୍କନ କରିବା ପୂର୍ବେ ପୂଜାସ୍ପଦ ଶ୍ରୀ ମଧୁସୂଦନ ରାଓଙ୍କ ନିକଟକୁ ପ୍ରଥମେ ପ୍ରେରଣ କରିଥିଲି । ସେ ପୁସ୍ତକଟି ଆମୂଳାନ୍ତ ପାଠ କରି ଭିତରେ କେତେ କେତେ ଦୋଷ ଦେଖାଇ ଦେଇଥିଲେ; ଉକ୍ତ ଦୋଷଗୁଡ଼ିକ ସ୍ୱଦେଶବତ୍ସଳ ଶ୍ରୀ ଫକୀରମୋହନ ସେନାପତି ପରିଶ୍ରମ ସ୍ୱୀକାର ପୂର୍ବକ ସଂଶୋଧନ କଲା ବାଦ ଭକ୍ତିଭାଜନ ଶ୍ରୀ ଗୋବିନ୍ଦ ପଣ୍ଡା ଫେରେ ପରିମାର୍ଜନ କରି ଦେଇଅଛନ୍ତି; ଏବଂ ପରିଶେଷରେ ଯେଉଁ ଦୋଷମାନ ଥିଲା, ମୁଦ୍ରାଙ୍କନ ସମୟରେ ପ୍ରିୟ ମିତ୍ର ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ ମାର୍ଜନ କରି ଦେଇଅଛନ୍ତି ।" ଏହା ସତ୍ତ୍ୱେ କାହାଣୀଟିର ଛାପାବିନ୍ୟାସରେ ଏହି ଦୋଷତ୍ରୁଟିମାନ କପରି ରହିଗଲା, ବୁଝି ହେଉ ନାହିଁ ।

'କଳାବତୀ' ଆମର ଆଧୁନିକ କଥା ସାହିତ୍ୟର ଏକ ପ୍ରାଥମିକ ସୃଷ୍ଟି; ଏବଂ ଆଖ୍ୟାନ ବସ୍ତୁ, ବର୍ଣ୍ଣନା ବୈଚିତ୍ର୍ୟ, ମର୍ମବାଣୀ ଆଦି ଦୃଷ୍ଟିରୁ ଏକ ଉଚ୍ଚ-କୋଟୀର ଉଲ୍ଲେଖଯୋଗ୍ୟ କୃତି ମଧ୍ୟ । ବର୍ତ୍ତମାନ ପାଠକସମାଜ ପାଇଁ ଏହି ପୁରୁଣା ବହିଟିର ଯଥେଷ୍ଟ ଗୁରୁତ୍ୱ ଓ ତାତ୍ପର୍ଯ୍ୟ ରହିଛି ।

# ଅପୂର୍ବ ସ୍ୱପ୍ନ (୧୯୧୬)

ଗୋଟିଏ ଜାତିର ଅଧୋଗତିର କାରଣ କଣ ? ମନୀଷୀମାନେ ଭିନ୍ନ ଭିନ୍ନ କାରଣ ଦର୍ଶାଇ ପାରନ୍ତି । କିନ୍ତୁ ଉଣା/ଅଧିକେ ତନ୍ମଧ୍ୟରୁ ଗୋଟିଏ କାରଣ ଯେ ସର୍ବବାଦୀସମ୍ମତ ଏବଂ ସମସ୍ତ ଜାତି 'ସକଳ ସଭ୍ୟତାର ଅଧୋଗତି ମୂଳରେ ଯେ ବିଦ୍ୟମାନ, ତାହା ଅସ୍ୱୀକାର କରି ହେବ ନାହିଁ । ସେଇ କାରଣଟି ହେଉଛି—ଜନସମାଜର ଆଳସ୍ୟ, ଜଡ଼ତା, ନିଶ୍ଚେଷ୍ଟତା ଓ କର୍ମକୁଣ୍ଠତା । ଐତିହ୍ୟବାହୀ ପ୍ରାଚୀନ ଗ୍ରୀକ୍ ଜାତିର ଅଧୋଗତି ମୂଳରେ ବିଭିନ୍ନ କାରଣ ମଧ୍ୟରେ ଏହି କାରଣଟି ବିଦ୍ୟମାନ ଥିଲା । ବିଖ୍ୟାତ ରୋମାନ୍ ସଭ୍ୟତା ମଧ୍ୟ ମୁଖ୍ୟତଃ ଏହି କାରଣରୁ ଧ୍ୱଂସ ପାଇଥିଲା; ଐତିହାସିକ ଗିବନ୍ ସାହେବ ଏହା ବିଶ୍ଳେଷଣ କରି ଦେଖାଇଛନ୍ତି । ଆମ ଦେଶରେ ପୌରାଣିକ ଯଦୁବଂଶ ଏହି କାରଣରୁ ହିଁ ଧ୍ୱଂସ ହୋଇଥିଲା ବୋଲି ଭାଗବତକାର ଉଲ୍ଲେଖ କରିଛନ୍ତି । ଗୋଟିଏ ଜାତି ବା ଗୋଟିଏ ଜନସମାଜ ମଧ୍ୟରେ ଏହି ଆଳସ୍ୟ, ଜଡ଼ତାଦି ପ୍ରବେଶ କରେ କିପରି ? ପ୍ରବେଶ କରିବାର ବିଭିନ୍ନ ବାଟ ତ ରହିଛି । ତନ୍ମଧ୍ୟରୁ ଗୋଟିଏ ବାଟ ହେଲା—ଉନ୍ନତିର କେତୋଟି ସୋପାନରେ ଅଧିରୂଢ଼ ହୋଇଗଲା ପରେ ଜାତି ମନରେ ଆସି ସାଧାରଣତଃ ଦେଖାଦିଏ ନିଶ୍ଚିନ୍ତତା, ଏକ ପ୍ରକାର ସ୍ୱସ୍ତିଭାବ । ତା'ପରେ ଜାତି ଭିତରେ ବିଳାସବ୍ୟସନ, ଟିକିଏ ଆରାମ କରିବାର ଇଚ୍ଛା ପ୍ରକାଶ ପାଏ । ଏଇଥିରୁ ଜନ୍ମନିଏ ଆଳସ୍ୟ, ଜଡ଼ତା, କର୍ମକୁଣ୍ଠତା ଆଦି ଆତ୍ମଘାତୀ ମନୋବୃତ୍ତି । ଆମ ଦେଶ ପକ୍ଷରେ ଏଇ କଥାଟି ବେଶ୍ ପ୍ରଯୋଜ୍ୟ ହୋଇପାରେ । ଆମେ ଯେତେବେଳେ ଉନ୍ନତିର ଉଚ୍ଚ ସୋପାନରେ ପହଞ୍ଚିଗଲୁଁ, ନିଜ ଦେଶକୁ ପୃଥିବୀ ବୋଲି ମନେ କଲୁଁ—ନିଜକୁ ସର୍ବଶ୍ରେଷ୍ଠ ବୋଲି ଭାବି ଅପରଠାରୁ ଯେ କିଛି ଶିକ୍ଷା କରାଯାଇପାରେ, ଗ୍ରହଣ କରାଯାଇପାରେ; ତାହା ପାସୋରି ଦେଲୁଁ — ଏକ ପ୍ରକାର କର୍ମହୀନ, ଉଦ୍ୟୋଗହୀନ ସ୍ୱସ୍ତି ଭାବ ଆମ ମଧ୍ୟରେ ଜାଗରିତ ହେଲା । ଅଥଚ ସେତେବେଳେକୁ ପୃଥିବୀର କେତୋଟି ମହାଦେଶ—ଯେଉଁମାନେ କି ବର୍ତ୍ତମାନ ଉନ୍ନତିର ଶୀର୍ଷ ଦେଶରେ—ସଭ୍ୟ ଜଗତ୍ ଦ୍ୱାରା ଆବିଷ୍କୃତ ହୋଇ ନ ଥିଲା । ପଞ୍ଚଦଶ ଶତାବ୍ଦୀ ଶେଷଭାଗରେ ଆମେରିକା ଏବଂ

ଅଷ୍ଟାଦଶ ଶତାବ୍ଦୀ ମଧ୍ୟଭାଗରେ ଅଷ୍ଟ୍ରେଲିଆ ମହାଦେଶମାନ ଆବିଷ୍କୃତ ହେଉଥିବେଳକୁ ଆମେ ଉନ୍ନତିର ଉଚ୍ଚ ସୋପାନରେ ପହଞ୍ଚି ସାରି ଅଧୋଗାମୀ ହେବାରେ ଲାଗିଥିଲୁଁ । ଇତିହାସର କି ବିଚିତ୍ର ପରିହାସ !

ପ୍ରାୟ ପାଞ୍ଚଶହ ବର୍ଷ ତଳେ ସେଥିପାଇଁ ଭାଗବତଟିକାର ଜଗନ୍ନାଥ ଦାସ ଲେଖିଥିଲେ—"ଜୀବନ୍ତେ ଯେତେକାଳ ଥିବ, ଉଦ୍‌ଯୋଗ କର୍ମ ନ ଛାଡ଼ିବ ।" ବୋଲିବା ବାହୁଲ୍ୟ ଯେ ଏ କଥାଟି ବ୍ୟକ୍ତିବିଶେଷ ତଥା ଜାତିବିଶେଷ ଉଭୟ ପକ୍ଷରେ ପ୍ରଯୋଜ୍ୟ । ଉଦ୍‌ଯୋଗ କର୍ମ ବଳରେ ଗୋଟିଏ ଜାତି ଯେପରି ଉନ୍ନତି କରିପାରେ; ଏହା ଅଭାବରେ ସେହିପରି ଗୋଟିଏ ଉନ୍ନତ ଜାତି ଅଧୋଗାମୀ ହୋଇପାରେ । ତେଣୁ ପୃଥିବୀର ପ୍ରତ୍ୟେକ ପ୍ରଗତିଶୀଳ ଜାତି ଆଳସ୍ୟ, ଜଡ଼ତାଦିରେ ବଶୀଭୂତ ନ ହୋଇ ବରାବର ଉଦ୍‌ଯୋଗ କର୍ମରେ ମାତି ରହିଥିବାର ଦେଖାଯାଆନ୍ତି । ଏହି ପ୍ରସଙ୍ଗରେ ପୃଥିବୀର ଏକ କ୍ଷୁଦ୍ର ଭୂଖଣ୍ଡ ଆମ ଓଡ଼ିଶା କଥା ମନକୁ ଆସେ । ଏହାର ଅଶୋକ, ଖାରବେଳ, ଅନଙ୍ଗଭୀମ, କପିଳେଶ୍ୱରଦେବ—ଏହାର ସମୃଦ୍ଧ ନୌବାଣିଜ୍ୟ—ଏହାର ବିଶ୍ୱବିଖ୍ୟାତ ଭୁବନେଶ୍ୱର, କୋଣାର୍କ ମନ୍ଦିର—ଏହାର ଶ୍ରୀଜଗନ୍ନାଥ—ଏହାର ଶାରଳା ମହାଭାରତ, ଦାଣ୍ଡୀ ରାମାୟଣ ପ୍ରଭୃତି ବିଭିନ୍ନ କ୍ଷେତ୍ରର ସର୍ବାଙ୍ଗୀନ ଉନ୍ନତି ଷୋଡ଼ଶ ଶତାବ୍ଦୀ ମଧ୍ୟରେ ସମ୍ପନ୍ନ ହୋଇଥିଲା । ତତ୍ପରେ ଏକ ପ୍ରକାର ଅଧୋଗତିର କାଳ—ବୋଲି ଯାଇପାରେ । ଜାତୀୟ ଜୀବନର ବିଭିନ୍ନ କ୍ଷେତ୍ରରେ ଦୀର୍ଘଦିନ ଏହି ଅଧୋଗତି ଚାଲିଲା ପରେ ୧୯୩୬ ମସିହାରେ ସ୍ୱତନ୍ତ୍ର ପ୍ରଦେଶ ହେବାରୁ ଉନ୍ନତିର କ୍ଷୀଣ ଆଶା ମନରେ ସଞ୍ଚାରିତ ହେଲା । ତଦୁତ୍ତାରୁ ସ୍ୱାଧୀନତା ଲାଭ ପରେ ଗତ ପ୍ରାୟ ତିରିଶ ବର୍ଷ ମଧ୍ୟରେ ବାସ୍ତବିକ୍ ଆମ ଉନ୍ନତିର ଜୟଯାତ୍ରା ଆରମ୍ଭ ହୋଇଛି । କିନ୍ତୁ ପଡ଼ୋଶୀ ରାଜ୍ୟମାନଙ୍କ ସହିତ ତୁଳନା କଲେ—ଆନ୍ତର୍ଜାତିକ ମାନଦଣ୍ଡରେ ବିଚାର କଲେ, ସେହି ଜୟଯାତ୍ରା ଏତେ ଧୀର ମନ୍ଥର, ଏତେ ଅସନ୍ତୋଷଜନକ ଯେ, ତାହା ଦ୍ୱାରା ଜାତି ବା ରାଜ୍ୟ ବିଶେଷ ଲାଭବାନ୍ ହେବ ବୋଲି ବିଶ୍ୱାସ ହେଉ ନାହିଁ । ସାଧାରଣ ଭାବରେ ଏହି ଅତୀତ ଓ ବର୍ତ୍ତମାନ ପରିସ୍ଥିତିକୁ ବିଚାର କଲେ, ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ—ଏହା ମୂଳରେ ଜାତୀୟ ଜୀବନର ଆଳସ୍ୟ, ଜଡ଼ତା, ଉଦ୍‌ଯୋଗ କର୍ମର ଅଭାବ ପ୍ରଭୃତି ମୁଖ୍ୟତଃ ବିଦ୍ୟମାନ । ଯେପର୍ଯ୍ୟନ୍ତ ଆମେ ଆଳସ୍ୟ, ନିଷ୍ଚେଷ୍ଟତା ପରିହାର ନ କରିବା—ଘୋରତର ଉଦ୍‌ଯୋଗ କର୍ମରେ ମାତି ନ ଉଠିବା, ସେପର୍ଯ୍ୟନ୍ତ ଆମର ସର୍ବାଙ୍ଗୀନ ଉନ୍ନତି ଏକ ପ୍ରକାର ଅସମ୍ଭବ ।

ଆଜକୁ ପ୍ରାୟ ବୟାଅଶୀ ବର୍ଷ ପୂର୍ବେ ଓଡ଼ିଶାର ତତ୍‌କାଳୀନ ସ୍ୱଦେଶପ୍ରେମୀ ମନୀଷୀମାନେ ଏହି କଥା ଉପଲବ୍ଧି କରିଥିଲେ । ତାହାର ବିଭିନ୍ନ ଉଦାହରଣ

ମଧ୍ୟରୁ ଏଠାରେ ଗୋଟିଏ ମାତ୍ର ଉଲ୍ଲେଖ କରାଯାଉଛି । ସ୍ୱର୍ଗୀୟ କାମପାଳ ମିଶ୍ର (୧୮୭୪—୧୯୨୭) ସେତେବେଳେ ଜଣେ ସଂସ୍କୃତପ୍ରେମୀ, ଦୂରଦ୍ରଷ୍ଟା 'ବ୍ୟକ୍ତି ଭାବରେ ପ୍ରତିଷ୍ଠା ଅର୍ଜନ କରିଥିଲେ । ବି.ଏ. ପାଶ୍ କଲା ପରେ ସେ ସରକାରୀ କର୍ମରେ ଯୋଗ ଦେଇଥିଲେ ଏବଂ କିଛିକାଳ ପରେ ତାଙ୍କର ମସ୍ତିଷ୍କ ବିକୃତି ଘଟିବାରୁ ସରକାରୀ କର୍ମ ଓ ସାହିତ୍ୟ ସାଧନାରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ । ତାଙ୍କର ସୀତାବିବାହ, ବସନ୍ତ ଲତିକା, ହରିଶ୍ଚନ୍ଦ୍ର ପ୍ରଭୃତି ନାଟକ ଆମ ସାହିତ୍ୟକୁ ନିଃସନ୍ଦେହରେ ସମୃଦ୍ଧ କରିଛି । ପ୍ରାୟ କୋଡ଼ିଏ ବର୍ଷ ବୟସରେ କାମପାଳ ଯେତେବେଳେ ରେଭେନ୍ସା କଲେଜରେ ଅଧ୍ୟୟନ କରୁଥିଲେ, ସେତିକିବେଳେ 'ଅପୂର୍ବସ୍ୱପ୍ନ' ନାମକ ଏକ କ୍ଷୁଦ୍ର କାବ୍ୟ ରଚନା କରି ପ୍ରକାଶ କରିଥିଲେ । ଚଉତିରିଶି ପୃଷ୍ଠାର ଏହି କାବ୍ୟଗ୍ରନ୍ଥଟି କଟକ ଅରୁଣୋଦୟ ପ୍ରେସରୁ ୧୮୯୭ ମସିହାରେ ପ୍ରକାଶିତ ହୋଇଥିଲା । ମୂଲ୍ୟ ଥିଲା ମାତ୍ର ଦୁଇଅଣା । କିନ୍ତୁ ତତ୍କାଳୀନ ପରିସ୍ଥିତିରେ ଏହି କ୍ଷୁଦ୍ର କାବ୍ୟଟି ଥିଲା ଅମୂଲ୍ୟ ଓ ଅତୁଳନୀୟ । ସ୍ୱଦେଶ ଓ ସ୍ୱଜାତି ସମ୍ପର୍କରେ ଜଣେ ଶିକ୍ଷିତ ଯୁବକର ସ୍ୱପ୍ନହିଁ ଏଥିରେ ଚମତ୍କାର ଭାବରେ ରୂପାୟିତ ହୋଇଛି । ଜନସମାଜର ଆଳସ୍ୟ, ଜଡ଼ତା ଓ ଉଦ୍ୟୋଗ କର୍ମହୀନତା କିପରି ଦେଶୋନ୍ନତିର ପ୍ରତିବନ୍ଧକ ହୋଇଛି, ତାହାର ସୂଚନା ପ୍ରଦାନ କରାଯାଇଛି । ସଂକ୍ଷେପରେ କାବ୍ୟର କଥାବସ୍ତୁ ହେଲା – ଥରେ ଜୋଛନା-ତାରକିତ ରଜନୀରେ କବି ନିଦ୍ରାଗତ ଥିଲାବେଳେ ଏକ ଅପୂର୍ବ ସ୍ୱପ୍ନ ଦେଖିଛନ୍ତି । ସ୍ୱପ୍ନରେ କବି ଯାଇ ପହଞ୍ଚିଛନ୍ତି ସୁନ୍ଦର ଅରଣ୍ୟ-ଘେରା କୈଳାସ ପର୍ବତରେ । ସେଠାରେ ମନ ଆନନ୍ଦରେ ଭ୍ରମଣ କରୁଥିଲାବେଳେ ସେ ସଙ୍ଗୀତ ଗାନରତା ଉର୍ବଶୀଙ୍କୁ ଭେଟିଛନ୍ତି । ଉର୍ବଶୀ କବିଙ୍କୁ ସାଙ୍ଗରେ ନେଇ କୈଳାସ ପର୍ବତର ଶୋଭା ବୁଲାଇ ଦେଖାଇଛନ୍ତି ଏବଂ ଶିବ-ପାର୍ବତୀଙ୍କର ଦର୍ଶନ କରାଇ ଦେଇଛନ୍ତି । ତତ୍ପରେ ଉର୍ବଶୀ ଏକ ମଣିମୟପୁରରେ କବିଙ୍କୁ ଏକାକୀ ଛାଡ଼ି ଦେଇ କୁଆଡ଼େ ଉଭେଇ ଯାଇଛନ୍ତି । କବି ସେଠାରେ ଜଣେ କ୍ରନ୍ଦନରତା ରମଣୀଙ୍କୁ ଦେଖି ତାଙ୍କୁ କାନ୍ଦିବାର କାରଣ ପଚାରିଛନ୍ତି । ରମଣୀଠାରୁ କୌଣସି ଉତ୍ତର ନ ପାଇ କବି ବ୍ୟଥିତ ଚିତ୍ତରେ ବୁଲୁ ବୁଲୁ ଗୋଟିଏ ପୁଷ୍କରିଣୀ ପାଖରେ ପାର୍ବତୀଙ୍କର ସାକ୍ଷାତ ପାଇଛନ୍ତି । ପାର୍ବତୀ ହିଁ ସେଠାରେ କବିଙ୍କୁ ସେହି କ୍ରନ୍ଦନଶୀଳା ରମଣୀର ପରିଚୟ ଦେଇ କହିଛନ୍ତି—

ନାନା ଦେଶ ନାରୀଗଣ ମଧ୍ୟେ ତୋର
ଉତ୍କଳ-ଜନନୀ ସେହି
କାନ୍ଦେ ଅବିରତ, ତୁନି କରିବାକୁ
ଜଗତେ ନାହାନ୍ତି କେହି ॥

× × ×

ଦେଖିଲେ ସୁତର କିଂଶତ ବିପଦ
ତାର ସନ୍ତାପ-ସାଗରେ
ଜାତ ହୋଇ ମହାତରଙ୍ଗ ସକଳ
ବାଧଇ ପ୍ରତିପଦରେ ।
ଆଳସ୍ୟ କାରଣ କେତେ ଅପମାନ
ସହୁଛ ଦେଖି ତୁମ୍ଭଙ୍କୁ
ସହି ନ ପାରଇ ଜନନୀ ପରାଣ
କାନ୍ଦଇ ନିତି ନିତିକୁ ।।

× × ×

ଉନ୍ନତି-ସୋପାନ କଲେ ଆରୋହଣ
କି ହେବ ବୋଲି କହୁଣ
ବଙ୍ଗ ସୁତ ତାର କାଟୁଛନ୍ତି କାଳ
ହୋଇ ଉଦ୍ୟମ-ବିହୀନ ।।
କେହି କେହି ଅବା ନିନ୍ଦନ୍ତି ଭାଗ୍ୟକୁ
ହୋଇ ନିଜେ ଅଳସୁଆ
ହୃଦ ଗମ୍ଭୀରତା ସହିତେ ଦିଅନ୍ତି
ଉପଦେଶ ନୂଆ ନୂଆ ।।

× × ×

ସତେ କି ଘୁଞ୍ଚିବ ତୋହର ଉତ୍କଳ
ଜନନୀ ମନୋବେଦନା
କୋଳେ ଆଉଜାଇ ସୁସୁତ ସତେ କି
ସୁଖୀ ହେବ ସୁଲୋଚନା ।।

ଉମାଙ୍କଠାରୁ ଏହା ଶୁଣି କବି ଅତିଶୟ ବ୍ୟଥିତ ହୋଇ ଉତ୍କଳ ଜନନୀଙ୍କୁ ପୁଣି ଥରେ ଭେଟିବା ପାଇଁ ବାହାରିଛନ୍ତି; ଏତିକିବେଳେ ରାତ୍ରି ପ୍ରଭାତ ହୋଇଛି ଏବଂ କବିଙ୍କର ସ୍ୱପ୍ନ ଭାଜି ଯାଇଛି ।

ଏହି କ୍ଷୁଦ୍ର କାବ୍ୟଟିର ମର୍ମବାଣୀ କେବଳ ତତ୍କାଳୀନ ନୁହେଁ, ବର୍ତ୍ତମାନର ଜାତୀୟ ଜୀବନ ପକ୍ଷରେ ମଧ୍ୟ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । କବିଙ୍କ ପ୍ରତି ଉମାଙ୍କ ଉକ୍ତିର

ଶେଷ ପଙ୍‌କ୍ତିରେ ତାହା ଧ୍ୱନିତ ହୋଇଛି । ଉତ୍କଳ-ଜନନୀଙ୍କୁ ସୁଖୀ କରିବାପାଇଁ ଉତ୍କଳ-ସନ୍ତାନମାନଙ୍କୁ ଆଳସ୍ୟ ଓ ନିଶ୍ଚେଷ୍ଟତା ଛାଡ଼ି ଉଦ୍‌ଯୋଗ-କର୍ମରେ ବ୍ରତୀ ହେବାକୁ ପଡ଼ିବ । ଜାତିର ଉନ୍ନତି ଓ ଅଗ୍ରଗତି ପାଇଁ ଏହାଛଡ଼ା ଅନ୍ୟ ପନ୍ଥା ନାହିଁ । ସେଥିପାଇଁ ପ୍ରାୟ ବୟାଅଶୀ ବର୍ଷ ତଳେ ରଚିତ ଏହି ପୁରୁଣା ବହିଟିର ପ୍ରାସଙ୍ଗିକତା ଏବଂ ଉପଯୋଗିତା ଆଜିର ନୂଆ ପାଠକଙ୍କ ନିକଟରେ ଯଥେଷ୍ଟ ବେଶୀ ।

ଏ ବହିଟି ବାମଣ୍ଡାଧିପ ସୁଢ଼ଳଦେବଙ୍କୁ ଉତ୍ସର୍ଗ କରାଯାଇଛି । ପ୍ରାରମ୍ଭରେ ବହି ଉପରେ କବି ମଧୁସୂଦନ ରାଓଙ୍କର ସଂକ୍ଷିପ୍ତ ମନ୍ତବ୍ୟ ସ୍ଥାନ ଲାଭ କରିଛି । "ଅଳ୍ପ ବୟସରେ ପ୍ରଥମୋଦ୍ୟମରେ" କାମପାଳ ଯେଉଁ କୃତିତ୍ୱ ଦେଖାଇ ଅଛନ୍ତି, ତାହା ତାଙ୍କର "ଶକ୍ତିମତ୍ତା ଏବଂ ଭାବୀ ଯଶ ଓ ଗୌରବର ପରିଚାୟକ" ବୋଲି କବି ମଧୁସୂଦନ ଉଲ୍ଲେଖ କରିଛନ୍ତି । ଦୂରଦ୍ରଷ୍ଟା କାମପାଳ ବହିର ଭୂମିକାରେ ବିଜ୍ଞ ଜନ-ସୁଲଭ ବିନୟ ପ୍ରକାଶ କରିଛନ୍ତି "ମୋର ସାଂସାରିକ ଜ୍ଞାନ ଅତି ସାମାନ୍ୟ ଓ ବିଦ୍ୟା ଅପରିପକ୍ୱ । ଏପରି ଅବସ୍ଥାରେ କାବ୍ୟ'ରଚନା କରି ପ୍ରକୃତ ହାସ୍ୟାସ୍ପଦ ଅଟେ । ଯେଉଁ ସମୟରେ ଯେ ରୁଚି ତଦନୁଯାୟୀ କାର୍ଯ୍ୟ କରି ସର୍ବଥା ବିଧେୟ । କିନ୍ତୁ ମୁଁ ପୁରାତନ ରୁଚି ଅନୁଧାବନ କରି ଅନେକ ସ୍ଥଳ ଦୂଷଣୀୟ କରିଅଛି । ଆଶା କରେଁ ଏ ସବୁ ଦୋଷ ସହୃଦୟ ପାଠକେ କ୍ଷମା କରିବେ ।". ପୁରାତନ ଭଙ୍ଗୀରେ. କାବ୍ୟଟି ରଚିତ ହୋଇଛି ସତ୍ୟ, କିନ୍ତୁ ଏହାର ଭାବସଂପଦ ଚିର ନୂତନ । ସେହି ଭାବ ସର୍ବକାଳର ପାଠକକୁ ଉଦ୍‌ବୁଦ୍ଧ ଓ ଅନୁପ୍ରାଣିତ କରିପାରେ ।

# ଉତ୍କଳ ଦୁର୍ଦ୍ଦଶା ନାଟକ (୧୯୦୪)

ଆମ ରାଜ୍ୟର ସୀମାନ୍ତ ଅଞ୍ଚଳ ତଥା ବିଚ୍ଛିନ୍ନାଞ୍ଚଳରେ ମାତୃଭାଷାରେ କେତେକ ଉଲ୍ଲେଖଯୋଗ୍ୟ ସାରସ୍ୱତ କାର୍ଯ୍ୟକ୍ରମ ଅନୁସୃତ ହୋଇଛି ଏବଂ ବର୍ତ୍ତମାନ ମଧ୍ୟ ହେବାରେ ଲାଗିଛି । ଏକପ୍ରକାର କୋଣଠେଲା ହୋଇ ମଧ୍ୟ ସେ ଅଞ୍ଚଳର ବିଭିନ୍ନ କବି ଓ ଲେଖକ ସାହିତ୍ୟ ସୃଷ୍ଟିରେ ନିଷ୍ଠାପର ଭାବରେ ମନୋନିବେଶ କରି ଆସିଛନ୍ତି । ଦୁଃଖର କଥା—ଆମର ସଂସ୍କୃତବିଦ୍ ପଣ୍ଡିତ, ଗବେଷକ ଏବଂ ସାହିତ୍ୟର ଇତିହାସ ଲେଖକମାନେ ତାହାର ଖବର ବିଶେଷ ରଖୁ ନ ଥିବାର ଦେଖାଯାଉଛି—ସମୀକ୍ଷକମାନେ ସେହି ସାହିତ୍ୟ ସୃଷ୍ଟିର ଆଶାନୁରୂପ ଆଲୋଚନା କରୁ ନ ଥିବାର ଜଣା ପଡ଼ୁଛି । ଉଦାହରଣ ସ୍ୱରୂପ, ମେଦିନୀପୁର ଦାପଲ ଗ୍ରାମର ବହୁ ଓଡ଼ିଆ ଯାତ୍ରା-ସୁଆଙ୍ଗର ଲେଖକ ସ୍ୱର୍ଗୀୟ କୃପାସିନ୍ଧୁ ମିଶ୍ର ( ଊନବିଂଶ ଶତାବ୍ଦୀ ) କିମ୍ବା ଶ୍ରୀକାଖୋଲ ଟିକିଲିର ବହୁ କାବ୍ୟ-କବିତା-ଗଳ୍ପ ଉପନ୍ୟାସର ଲେଖକ ଶ୍ରୀ ଜଗନ୍ନାଥ ଦେବବର୍ମା ( ଜନ୍ମ-୧୯୨୭ ) । ଆମର କେତେଜଣ ସାହିତ୍ୟ ପ୍ରେମୀ ବା ସାହିତ୍ୟର ଛାତ୍ର-ଗବେଷକ ଏମାନଙ୍କର ସାହିତ୍ୟସୃଷ୍ଟି ସହିତ ପରିଚିତ ? କିଏ କେବେ ଏମାନଙ୍କର ସାରସ୍ୱତ ସମ୍ପଦର ମୂଲ୍ୟାଙ୍କନ କରିଛି କି ? ଏହି ଆଲୋଚକ ବାରମ୍ବାର ମତ ପ୍ରକାଶ କରିଛି ଯେ ଓଡ଼ିଆ ସାହିତ୍ୟ କେବଳ କଟକ-ଭୁବନେଶ୍ୱରର ସାହିତ୍ୟ ନୁହେଁ, ଏହା ସମଗ୍ର ଭୌଗୋଳିକ ଓ ରାଜନୈତିକ ଓଡ଼ିଶା, ଓଡ଼ିଶାର ସମସ୍ତ ବିଚ୍ଛିନ୍ନାଞ୍ଚଳ ଏବଂ ପ୍ରବାସୀ ଓଡ଼ିଆ ଭୂମିର ସାହିତ୍ୟ । ଆମ ସାହିତ୍ୟକୁ ଏହି ଦୃଷ୍ଟିରୁ ଗ୍ରହଣ ତଥା ବିଚାର ନ କଲେ, ଜାତୀୟ ସାଂସ୍କୃତିକ ସଂହତି କ୍ଷୁଣ୍ଣ ଓ ଖଣ୍ଡିତ ହୋଇ ପଡ଼ିବ ଏବଂ ତାହାର ପରିଣତି ହେବ ଭୟାବହ । ପ୍ରସଙ୍ଗକ୍ରମେ ଏହି ଆଲୋଚକ ଏଠାରେ ଉଲ୍ଲେଖ କରିବାକୁ ଚାହେଁ ଯେ, ଶାନ୍ତି-ନିକେତନ ଓ କଲିକତାର ବିଭିନ୍ନ ପ୍ରବୀଣ ଗବେଷକ ଓ ସଂସ୍କୃତବିଦ୍ ପଣ୍ଡିତଙ୍କୁ ସେ ଜାଣେ, ଯେଉଁମାନେ ପୂର୍ବବଙ୍ଗ ଓ ପଶ୍ଚିମବଙ୍ଗ ମଧ୍ୟରେ ସାଂସ୍କୃତିକ ଆଦାନ

'ପ୍ରଦାନ ଉପରେ ବରାବର ଗୁରୁତ୍ୱ ଆରୋପ କରି ଆସୁଛନ୍ତି ଏବଂ ତାହାରି ଭିତ୍ତିରେ ସେମାନେ ପୁଣି ଦୁଇ ବଙ୍ଗର ଏକତ୍ରୀକରଣ ସ୍ୱପ୍ନ ଦେଖୁଛନ୍ତି ।

ରାଜ୍ୟର ଉତ୍ତର, ପଶ୍ଚିମ ଓ ଦକ୍ଷିଣ ସୀମାନ୍ତରେ ତଥା ବିଚ୍ଛିନ୍ନାଞ୍ଚଳମାନଙ୍କରେ ଆମର କେତେକ କବି-ଲେଖକ ଥିଲେ ଏବଂ ବର୍ତ୍ତମାନ ମଧ୍ୟ ଅଛନ୍ତି, ଜାତୀୟ ସାହିତ୍ୟ ପ୍ରତି ଯେଉଁମାନଙ୍କର ଶୁଭଦାନ ଆଦୌ ନଗଣ୍ୟ ବା ଅବହେଳାଯୋଗ୍ୟ ନୁହେଁ । ଉତ୍କଳଭାରତୀଙ୍କର ମଙ୍ଗଳଘଟ ସେମାନେ ସାଧ୍ୟମତେ ନିଜ ନିଜର ତୀର୍ଥ-ଜଳ ଦ୍ୱାରା ପୂର୍ଣ୍ଣ କରିଛନ୍ତି । ଏହି 'ପୁରୁଣା ବହି : ନୂଆ ପାଠକ' ଆଲୋଚନା ସିରିଜ୍‌ରେ ବର୍ତ୍ତମାନ ସେହିପରି ଜଣେ ସ୍ୱଳ୍ପଜ୍ଞାତ ସାହିତ୍ୟ-ସ୍ରଷ୍ଟାଙ୍କର ଗୋଟିଏ ଉଚ୍ଚକୋଟୀର ସୃଷ୍ଟି ଉପରେ ଆଲୋକପାତ କରାଯାଉଛି । ସ୍ରଷ୍ଟା ସ୍ୱଳ୍ପଜ୍ଞାତ ହେଲେ ବି ଶକ୍ତିଶାଳୀ ପ୍ରତିଭାଧର; ସୃଷ୍ଟି ତାଙ୍କର ଉଚ୍ଚକୋଟୀର ହେଲେ ବି ସ୍ୱଳ୍ପଜ୍ଞାତ ଅନାଲୋଚିତ ।

ପଶ୍ଚିମ ସୀମାନ୍ତରେ କଳାହାଣ୍ଡି ଜିଲ୍ଲାର ଖଡ଼ିଆଲ ଆମର ଏକ ସାଂସ୍କୃତିକ ପୀଠ କହିଲେ ଚଳେ । ଖଡ଼ିଆଲ ରାଜବଂଶରେ ସାହିତ୍ୟ ସୃଷ୍ଟି ଓ ଚର୍ଚ୍ଚାର ସମୃଦ୍ଧ ପରମ୍ପରା ରହିଛି । ଊନବିଂଶ ଶତାବ୍ଦୀ ଏବଂ ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଖଡ଼ିଆଲ ସେଣ୍ଟ୍ରାଲ ପ୍ରଭିନ୍‌ସ ( ମଧ୍ୟପ୍ରଦେଶ )ର ଅନ୍ତର୍ଗତ ଥିଲା । ତେଣୁ ସେଠାରେ ହିନ୍ଦୀ ଭାଷାର ପ୍ରାଧାନ୍ୟ ରହିବା ସ୍ୱାଭାବିକ । କିନ୍ତୁ ଖଡ଼ିଆଲସ୍ଥ ଚୌହାନ ରାଜବଂଶରେ ଓଡ଼ିଆ ଭାଷାରେ ସାରସ୍ୱତ କାର୍ଯ୍ୟକ୍ରମ ଅବ୍ୟାହତ ରହିଥିଲା । ଏହି ବଂଶର ବ୍ରଜରାଜ ସିଂହଦେଓ ( ୧୮୫୧-୧୯୦୭ ) ଥିଲେ ଜଣେ ନିଷ୍ଠାପର ସାହିତ୍ୟ ସାଧକ । * ସେ କବିବର ରାଧାନାଥଙ୍କ ସମସାମୟିକ ସ୍ରଷ୍ଟା ଥିଲେ ହେଁ ଭଞ୍ଜ-କାବ୍ୟଧାରାରେ ଅନୁପ୍ରାଣିତ ହୋଇଥିଲେ । ତେଣୁ ସେ 'ଦ୍ୱିତୀୟ ଉପେନ୍ଦ୍ର ଭଞ୍ଜ' ନାମରେ କୀର୍ତ୍ତିତ ହୋଇଛନ୍ତି । ଊନବିଂଶ ଶତାବ୍ଦୀ ଶେଷ ଭାଗରେ ତାଙ୍କର ବିଭିନ୍ନ କାବ୍ୟ କବିତା କଟକ ପ୍ରିଣ୍ଟିଂ କମ୍ପାନୀରୁ ପ୍ରକାଶିତ ହୋଇଥିଲା । ତାଙ୍କର 'ବ୍ରଜବଧୂ ବିଳାସ' ବି-ଆଦ୍ୟାନୁପ୍ରାସରେ ଲିଖିତ ବାଇଶ ଛାନ୍ଦ-ବିଶିଷ୍ଟ କୃଷ୍ଣଲୀଳାତ୍ମକ କାବ୍ୟ । ପାଞ୍ଚ-ଛାନ୍ଦ ବିଶିଷ୍ଟ 'ଶୋଭା ବଲ୍ଲରୀ' ବାର ଛାନ୍ଦ-ବିଶିଷ୍ଟ 'ରତ୍ନପ୍ରଭା' ଏବଂ ତେଇଶ ଛାନ୍ଦ-ବିଶିଷ୍ଟ 'ରୂପମଞ୍ଜରୀ' ତାଙ୍କର କାଳ୍ପନିକ କାବ୍ୟତ୍ରୟୀ । କବିସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ 'ଚିତ୍ରକାବ୍ୟ ବନ୍ଧୋଦୟ' ଅନୁସରଣରେ ସେ ଏଗାର ଛାନ୍ଦର 'ପ୍ରବନ୍ଧ ଚିତ୍ରକାବ୍ୟ' ମଧ୍ୟ ରଚନା କରିଛନ୍ତି । ଏଥିରେ ବୃକ୍ଷବନ୍ଧ, ଗୁପସର ବନ୍ଧ, ମଣ୍ଡପବନ୍ଧ, ଗୁନ୍ଦୁଆ ବନ୍ଧ, ଲେଖନ ବନ୍ଧ, ବହିତ୍ର ବନ୍ଧ, ପିକଦାନୀ ବନ୍ଧ ପ୍ରଭୃତି ବାସ୍ତରୀ ଗୋଟି ବନ୍ଧର ପଦ୍ୟ ସ୍ଥାନ ଲାଭ କରିଛି । ଏହା ବ୍ୟତୀତ ବ୍ରଜରାଜ ବିଭିନ୍ନ ସଙ୍ଗୀତ ଓ ଚଉତିଶା ରଚନା କରିଛନ୍ତି—ସଂସ୍କୃତରୁ ସରଳ ଭାଷାରେ ଭାଗବତର

ନବାକ୍ଷରୀ ବୃତ୍ତରେ 'ସତ୍ୟନାରାୟଣ ବ୍ରତକଥା' ଅନୁବାଦ କରିଛନ୍ତି । ଆନନ୍ଦର କଥା, ଏବେ ରାଜ୍ୟ ସାଂସ୍କୃତିକ ବ୍ୟାପାର ବିଭାଗ ତରଫରୁ 'ବ୍ରଜରାଜ ଗ୍ରନ୍ଥାବଳୀ' ପ୍ରକାଶିତ ହୋଇ ପଶ୍ଚିମ ସୀମାନ୍ତରେ ଜାତୀୟ ସାହିତ୍ୟର ଏହି ଜାଗ୍ରତ ପ୍ରହରୀଙ୍କୁ ଉପଯୁକ୍ତ ଗୌରବମୟ ଆସନରେ ଆସୀନ କରାଯାଇଛି ।

ବ୍ରଜରାଜ ସିଂହଦେଓଙ୍କର ତିନି ପୁତ୍ର ମଧ୍ୟରୁ ପ୍ରଥମ ଦୁଇ ଜଣ ବୀରବିକ୍ରମ ଦେବ ଏବଂ ଶିବନାରାୟଣ ଦେବ ପିତୃଦେବଙ୍କ ସାହିତ୍ୟ-ସାଧନା ଦ୍ୱାରା ଅନୁପ୍ରାଣିତ ହୋଇଥିଲେ । ଶିବନାରାୟଣ ଜଣେ କବି ଓ ସଙ୍ଗୀତଜ୍ଞ । ତାଙ୍କର କେତେକ କବିତା ପ୍ରକାଶିତ ହୋଇ ପାଠକ-ସମାଜରେ ସମାଦର ଲାଭ କରିଛି । ୧୯୦୬ ମସିହାରେ ରାଧାନାଥ ଗ୍ରନ୍ଥାବଳୀର ପ୍ରଥମ ପ୍ରକାଶକ ଥିଲେ ଏହି ଶିବନାରାୟଣ ଦେବ । ବୀରବିକ୍ରମ ଦେବ ଆପଣା ସାନ ଭାଇଙ୍କର ସୃଜନିକ ଗୁଣ ଓ ମହତ୍ତ୍ୱ ଉପଲବ୍ଧି କରି ନିଜର 'ଭ୍ରାତୃସ୍ନେହ ନାଟକ' (୧୯୦୯) ଶିବନାରାୟଣଙ୍କୁ ଉତ୍ସର୍ଗ କରିଥିଲେ ।

କେବଳ ବୟସ ନୁହେଁ, ସାହିତ୍ୟ ସାଧନା ଓ କବିଖ୍ୟାତିରେ ବୀରବିକ୍ରମ ଦେବ (୧୮୭୫-୧୯୧୧) ଥିଲେ ଶିବନାରାୟଣଙ୍କର ଅଗ୍ରଜ । ସେ ଥିଲେ ସ୍ୱଳ୍ପାୟୁ; ମାତ୍ର ଛତିଶ ବର୍ଷର ଜୀବନ-କାଳ ମଧ୍ୟରେ ସାଧନା ବଳରେ ସେ ଆମର ସାଂସ୍କୃତିକ ଇତିହାସରେ ଅକ୍ଷୟ ଅକ୍ଷର-କୀର୍ତ୍ତି ରଖିଯାଇଛନ୍ତି । କବି, ନାଟ୍ୟକାର, ଶିଳ୍ପୀ ଓ ସଙ୍ଗୀତଜ୍ଞ ଭାବରେ ତାଙ୍କର କୃତିତ୍ୱ ଉଲ୍ଲେଖଯୋଗ୍ୟ । ପିତା ବ୍ରଜରାଜ ଏବଂ ମାତା ବଣାଇ ରାଜବଂଶର ଧନେଶ୍ୱରୀପ୍ରିୟା ଦେବୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୀରବିକ୍ରମ ଶିକ୍ଷାଦୀକ୍ଷା ଲାଭକରି କର୍ମ-ଜୀବନରେ ପ୍ରବେଶ କରିଥିଲେ । କେବଳ ରାଜକାର୍ଯ୍ୟ ନୁହେଁ (୧୯୦୭-୧୧ ମାତ୍ର ଚାରି ବର୍ଷ ତାଙ୍କର ରାଜତ୍ୱ-କାଳ), ଖଡ଼ିଆଳର ଯାବତୀୟ ସାଂସ୍କୃତିକ କର୍ମରେ ସେ କାୟମନୋବାକ୍ୟରେ ଅଂଶ ଗ୍ରହଣ କରିଥିଲେ । ପ୍ରଥମେ ବାମଣ୍ଡାର ପ୍ରାତଃସ୍ମରଣୀୟ ରାଜା ବାସୁଦେବ ସୁଢ଼ଳ ଦେବଙ୍କ କନ୍ୟା ନୀଳାମୋହିନୀ ଦେବୀଙ୍କୁ ସେ ବିବାହ କରିଥିଲେ । ଅଳ୍ପକାଳ ପରେ ନୀଳାମୋହିନୀ ଦେବୀଙ୍କର ବିୟୋଗ ହୋଇଯିବାରୁ ସେ ପୁଣି ବଣାଇ ରାଜବଂଶରୁ ଦୋଳାନନ୍ଦପ୍ରିୟା ଦେବୀଙ୍କୁ ବିବାହ କରିଥିଲେ । ଦୁଇଟି ପୁତ୍ର ଓ ଦୁଇଟି କନ୍ୟା ଜାତ ପରେ ଶ୍ରୀମତୀ ଦୋଳାନନ୍ଦପ୍ରିୟା ମଧ୍ୟ ପରଲୋକଗତା ହୋଇଥିଲେ । ପରେ ପରେ ଦୁଇଟି ସ୍ତ୍ରୀଙ୍କୁ ହରାଇ ବୀରବିକ୍ରମ ସଂସାର ପ୍ରତି ବୀତସ୍ପୃହ ହୋଇ ପଡ଼ିଥିଲେ ଏବଂ ରାଜ-ଐଶ୍ୱର୍ଯ୍ୟକୁ ପାଦରେ ଏଡ଼ାଇ ଦେଇ ସନ୍ନ୍ୟାସ ଅବଲମ୍ବନ କରିଥିଲେ । ପିତା ବ୍ରଜରାଜ ଏବଂ ଖଡ଼ିଆଳର ଜନସାଧାରଣ ବହୁ କଷ୍ଟରେ ତାଙ୍କୁ ସନ୍ନ୍ୟାସ ବ୍ରତରୁ ନିବୃତ୍ତ କରାଇଥିଲେ । କାଳେ ପୁତ୍ର ପୁଣି ସଂସାର-ବିରାଗୀ ହୋଇଉଠିବ, ସେଥିପାଇଁ ବ୍ରଜରାଜ ବୌଦରାଜ-କନ୍ୟା ଶଶୀକଳା ଦେବୀଙ୍କ ସହିତ ବୀରବିକ୍ରମଙ୍କର ପୁଣି ବିବାହ

କରାଇ ଦେଇଥିଲେ । ୧୯୦୭ ମସିହାରେ ବ୍ରଜରାଜଙ୍କ ମୃତ୍ୟୁ ପରେ ବୀରବିକ୍ରମ ରାଜସିଂହାସନ ହୋଇଥିଲେ ଏବଂ ଖଡ଼ିଆଲର ବିଭିନ୍ନ ଲୋକହିତକର କାର୍ଯ୍ୟରେ ମନୋନିବେଶ କରିଥିଲେ । ସେହି ଲୋକହିତକର କାର୍ଯ୍ୟ ମଧ୍ୟରେ କେତେକ ଘାଟ, ବନ୍ଧବାଡ଼, ସ୍କୁଲ, ଡାକଘର, ଡାକ୍ତରଖାନା ଏବଂ ଖଡ଼ିଆଲରେ 'ବିକ୍ରମ ଥିଏଟର' ପ୍ରତିଷ୍ଠା ବିଶେଷ ଉଲ୍ଲେଖଯୋଗ୍ୟ । ପ୍ରାୟ କୋଡ଼ିଏ ବର୍ଷ ବୟସରୁ ବୀରବିକ୍ରମ ଦେବ ନିୟମିତ ସାହିତ୍ୟ-ସାଧନା ଆରମ୍ଭ କରିଥିଲେ ଏବଂ ନାଟକ, ନାଟ୍ୟାଲୋଚନା, ଭଜନ, କୋଇଲି, ଚଉତିଶା, ଚଉପଦୀ (ଓଡ଼ିଶୀ ସଙ୍ଗୀତ) ଆଦିର ବିଂଶାଧିକ ଗ୍ରନ୍ଥ ରଚନା କରିଥିଲେ । ହିନ୍ଦୀ ଭାଷାରେ ମଧ୍ୟ ସେ 'ଗଜଶାସ୍ତ୍ର' (୧୯୦୬) ଏବଂ 'ରାଜକୁମାର ଶିକ୍ଷା' (୧୯୦୭) ରଚନା କରିଥିଲେ । ମୃତ୍ୟୁ ପୂର୍ବରୁ ସେ ତୁଳସୀ ଦାସଙ୍କ ପ୍ରସିଦ୍ଧ 'ରାମଚରିତ ମାନସ'ର ଓଡ଼ିଆ ଅନୁବାଦ କରିଥିଲେ—ଯାହାକି ଏପର୍ଯ୍ୟନ୍ତ ଅପ୍ରକାଶିତ ରହିଛି । ୧୯୧୧ ମସିହାରେ ବୀରବିକ୍ରମ ରାଜା ପଞ୍ଚମ ଜର୍ଜଙ୍କ ଦିଲ୍ଲୀ ଦରବାରରେ ଯୋଗଦାନ କରି ସମ୍ମାନିତ ହୋଇଥିଲେ । ଦିଲ୍ଲୀ ରହଣି କାଳରେ ସେ ନିଉମୋନିଆ ରୋଗରେ ଆକ୍ରାନ୍ତ ହୋଇ ପଡ଼ିଥିଲେ ଏବଂ ସେହି ରୋଗ ଘେନି ନିଜ ରାଜ୍ୟକୁ ବାହୁଡ଼ିବା ପରେ ପରେ ଖଡ଼ିଆଲ ଗଡ଼ରେ ତାଙ୍କର ପରଲୋକ ହୋଇଯାଇଥିଲା ।

ବୀରବିକ୍ରମ ଦେବ ଥିଲେ ମୁଖ୍ୟତଃ ଜଣେ ନାଟ୍ୟକାର । ପ୍ରାୟ ଦଶଖଣ୍ଡି ନାଟକ ସେ ରଚନା କରିଥିବାର ଜଣାପଡ଼ିଛି । ସୁହାସିନୀ ପ୍ରହସନ (୧୯୦୩), ଉତ୍କଳ ଦୁର୍ଦ୍ଦଶା ନାଟକ (୧୯୦୪), ବାଲ୍ୟବିବାହ ନାଟକ (୧୯୦୫), ବୃଦ୍ଧ ବିବାହ ନାଟକ (୧୯୦୫), ବ୍ୟଭିଚାରର ଦୋଷ ପ୍ରଦର୍ଶକ ନାଟକ (୧୯୦୬), ଶୈଳବାଳା ନାଟକ (୧୯୦୮), ଭାତୃସ୍ନେହ ନାଟକ (୧୯୦୯), ହରିଶ୍ଚନ୍ଦ୍ର ନାଟକ (୧୯୧୧) ପ୍ରଭୃତି 'ବିକ୍ରମ ଥିଏଟରରେ' ଅଭିନୀତ ହେବା ସଙ୍ଗେ ସଙ୍ଗେ ପୁସ୍ତିକାକାରରେ ପ୍ରକାଶ ଲାଭ କରିଛି । ନାଟକ ସମ୍ପର୍କରେ ଦୁଇଟି ଆଲୋଚନା ପୁସ୍ତିକା ମଧ୍ୟ ବୀରବିକ୍ରମ ରଚନା କରିଛନ୍ତି । 'ନାଟକ ରଚନା ପ୍ରଣାଳୀ' (୧୯୦୩) ଏବଂ 'ଅଭିନୟ ପ୍ରକାଶିକା' (୧୯୧୧) ତାଙ୍କର ଗଭୀର ନାଟ୍ୟତତ୍ତ୍ୱ-ଜିଜ୍ଞାସାର ପରିଚାୟକ । ପ୍ରଥମ ପୁସ୍ତିକାଟି ସମ୍ପର୍କରେ ମନ୍ତବ୍ୟ ପ୍ରଦାନ କରି କବିବର ରାଧାନାଥ ରାୟ ଲେଖିଛନ୍ତି—"ଲେଖକ ମହାଶୟ ଭିନ୍ନ ଭିନ୍ନ ଭାଷାର ନାଟକାନୁଶୀଳନ, ନାଟକ ସମ୍ବନ୍ଧୀୟ ସାହିତ୍ୟ ଏବଂ ସଂସ୍କୃତ ଅଳଙ୍କାର ଶାସ୍ତ୍ରାଲୋଚନା ଏବଂ ନାନା ସ୍ଥାନରେ ନାଟକାଭିନୟ ସନ୍ଦର୍ଶନ ଦ୍ୱାରା ଯେଉଁ ଅଭିଜ୍ଞତା ଲାଭ କରିଅଛନ୍ତି, ତତ୍ସମୁଦାୟ ସୁପ୍ରଣାଳୀକ୍ରମେ ଏଥିରେ ଲିପିବଦ୍ଧ କରିଅଛନ୍ତି । ଉତ୍କଳୀୟ ସାହିତ୍ୟ ସେବକମାନଙ୍କ ପକ୍ଷରେ ଏ ପୁସ୍ତକ ଶିକ୍ଷାପ୍ରଦ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ।" ଦ୍ୱିତୀୟ ପୁସ୍ତିକାଟି ସଙ୍ଗୀତପ୍ରିୟ ବ୍ୟକ୍ତିମାନଙ୍କୁ ଉତ୍ସର୍ଗ କରି ବୀରବିକ୍ରମ ଦେବ ଲେଖିଛନ୍ତି—"ଉତ୍କଳ

ପ୍ରଦେଶରେ ସଙ୍ଗୀତ ବିଦ୍ୟାର ପ୍ରଚାର ବହୁଳ ଦେଖାଯାଏ । କିନ୍ତୁ ଅଦ୍ୟାପି ଅଭିନୟ ବା ମୁଦ୍ରାର ସଂକଳନ ପୁସ୍ତିକାକାରରେ ହେବାର ଦେଖାଯାଇ ନାହିଁ । ଅତଏବ ମୁଁ ସେହି ଅଭାବ ମୋଚନାର୍ଥେ ଏହି 'ଅଭିନୟ ପ୍ରକାଶିକା' ନାମ୍ନୀ ପୁସ୍ତିକା ସଂକଳିତ ଓ ମୁଦ୍ରିତ କରି ସଙ୍ଗୀତପ୍ରିୟ ବ୍ୟକ୍ତିଗଣଙ୍କୁ ଉତ୍ସର୍ଗ କଲି ।"

ଏହା ବ୍ୟତୀତ ଚଉତିଶା ରୀତିରେ 'କପର୍ଦ୍ଦି ଜଣାଣ' (୧୮୯୭), ଶିବସ୍ତୁତି 'ସ୍ତବକରାଜ' (୧୮୯୭), 'କୃପାମୟୀ ଜଣାଣ' ଚଉତିଶା (୧୯୦୩), 'ବସନ୍ତ କୋକିଳ' ଚଉତିଶା (୧୯୦୫), 'କନକଗୌରୀ କୋଇଲି' (୧୯୦୫) ପ୍ରାୟ ଶହେ ଗୋଟି ସଙ୍ଗୀତର ସମାହାର 'ସଙ୍ଗୀତ କୁସୁମାଞ୍ଜଳି' (୧୯୦୬) ପ୍ରଭୃତି ବୀରବିକ୍ରମଦେବଙ୍କର କେତେକ କ୍ଷୁଦ୍ର କ୍ଷୁଦ୍ର ରଚନା ପ୍ରକାଶିତ ହୋଇଛି ।

ଏଠାରେ ବୀରବିକ୍ରମଙ୍କର 'ଉତ୍କଳ ଦୁର୍ଦ୍ଦଶା ନାଟକ' ଆମର ଆଲୋଚ୍ୟ । ନାଟକଟି ୧୯୦୪ ମସିହାରେ ପ୍ରଥମେ କଟକ ଏଡ୍‌ୱାର୍ଡ୍ ପ୍ରେସ୍‌ରେ ମୁଦ୍ରିତ ହୋଇଥିଲା ଏବଂ ସେହି ବର୍ଷ କଟକଠାରେ ଧରାକୋଟ ରାଜା ମଦନମୋହନ ସିଂହଦେବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ସ୍ୱଦେଶପ୍ରେମୀ ସୁଧୀମଣ୍ଡଳୀଙ୍କ ମଧ୍ୟରେ ଏଥିରୁ ପ୍ରାୟ ୬୦୦ ଖଣ୍ଡ ବଣ୍ଟନ କରାଯାଇ ଥିଲା । ୧୯୦୫ ମସିହାରେ ଗଞ୍ଜାମର ରମ୍ଭାସ୍ଥ ମର୍ଦ୍ଦରାଜ ପ୍ରେସ୍‌ରୁ 'ପ୍ରଜାବନ୍ଧୁ'ର ମ୍ୟାନେଜର ଜୟକୃଷ୍ଣ ଚ୍ୟାଉପଟ୍ଟନାୟକଙ୍କ ଦ୍ୱାରା ଏହାର ଦ୍ୱିତୀୟ ମୁଦ୍ରଣ ପ୍ରକାଶ ପାଇଥିଲା । ନାଟକଟିର ଜନପ୍ରିୟତା ଲକ୍ଷ୍ୟ କରି ଦ୍ୱିତୀୟ ସଂସ୍କରଣ ପ୍ରକାଶ କରୁଥିବାର ସୂଚାଇ ଶ୍ରୀ ଚ୍ୟାଉପଟ୍ଟନାୟକ ଭୂମିକାରେ ଲେଖିଥିଲେ—"ଯୁବରାଜ ମହୋଦୟ ହିନ୍ଦୀ ଭାଷା ପ୍ରଚଳିତ ରାଜ୍ୟ ମଧ୍ୟରେ ବାସ କରି ସୁଦ୍ଧା ଆପଣାର ପିତୃଦେବଙ୍କ ପରି ନିରନ୍ତର ଉତ୍କଳ ସାହିତ୍ୟର ଚର୍ଚ୍ଚା କରୁଥିବା ହେତୁ ଉତ୍କଳବାସୀମାନଙ୍କର ଚିର କୃତଜ୍ଞତାଭାଜନ ହୋଇଅଛନ୍ତି ।" ଖଡ଼ିଆଲ 'ବିକ୍ରମ ଥିଏଟର'ରେ ଏହି ନାଟକଟି ବିଭିନ୍ନ ସମୟରେ ଅଭିନୀତ ହୋଇଥିବାର ଜଣାପଡ଼େ ।

ମାତ୍ର ଛଅଗୋଟି ଦୃଶ୍ୟ-ବିଶିଷ୍ଟ 'ଉତ୍କଳ ଦୁର୍ଦ୍ଦଶା ନାଟକ'କୁ ଏକାଙ୍କିକା ବା ଶ୍ରେଷ୍ଠ ନାଟକ ବୋଲିବା ଯଥାର୍ଥ ହେବ । ଏହାକୁ ଏକ ପୂର୍ଣ୍ଣାଙ୍ଗ ନାଟକ ବୋଲିଯାଇ ନ ପାରେ; ପୂର୍ଣ୍ଣାଙ୍ଗ ନାଟକ-ସୁଲଭ କଥାବସ୍ତୁ ମଧ୍ୟ ଏଥିରେ ସ୍ଥାନଲାଭ କରି ନାହିଁ । ଏହାର ପ୍ରଥମ ଦୃଶ୍ୟକୁ ସଂସ୍କୃତ ନାଟକର 'ପ୍ରସ୍ତାବନା' ଭାବରେ ଗ୍ରହଣ କରାଯାଇପାରେ । ଏହି ଦୃଶ୍ୟରେ ଜଣେ ଯୋଗୀ ଉନ୍ନତିପ୍ରାପ୍ତ ଉତ୍କଳମାତାର ତତ୍କାଳୀନ ଦୁର୍ଦ୍ଦଶା ସୂଚାଇ ପ୍ରକାଶ କରିଛନ୍ତି—"ଅଦ୍ୟ ସେହି ଦୁଃଖଦାୟିନୀ

ଅଭିନୟ ଦେଖାଇବାର ସ୍ଥିର କରାଯାଇଛି ।" ତତ୍ପରେ ଯୋଗୀ-ମୁଖରେ ପ୍ରଦତ୍ତ ଗୀତଟି ତାତ୍ପର୍ଯ୍ୟପୂର୍ଣ୍ଣ—

ସହିବ କେ ଦେଖି ଦୁଃଖ ଏ ଉତ୍କଳର
ଅଙ୍ଗ ପ୍ରତ୍ୟଙ୍ଗ ବିଭଙ୍ଗ ହୋଇ ହେଲାଣି ଉତ୍ସଙ୍ଗ
ଜଣେ ନାହିଁ କହିବାକୁ ପ୍ରବୋଧ-ଗିର ॥

× × × ×

କାହିଁ ଧନ ବିଦ୍ୟା ବୁଦ୍ଧି କାହିଁ ସେ କୁଳ ପ୍ରସିଦ୍ଧି
ପରସ୍ପର ଦ୍ୱେଷ କଲା କି ନାରଖାର ।
କାହିଁ ଶୌର୍ଯ୍ୟ ମାନ ଓଜ ଦକ୍ଷତାଭିମାନ ଧୈର୍ଯ୍ୟ
ସେ ସବୁ ଯାଇ ଖ୍ରୀରୁଦ୍ଧ କଲାଣି ଘର ।

ଉତ୍କଳୀୟମାନଙ୍କ ମଧ୍ୟରେ 'ପରସ୍ପର ଦ୍ୱେଷ' 'ଖ୍ରୀରୁଦ୍ଧ' ସାଙ୍ଗକୁ ମଦ୍ୟ, ଭୁବିଦ୍ୟା, ଅନୈକ୍ୟ ଆଦି ପ୍ରବେଶ କରି ସେମାନଙ୍କ ଭାଗ୍ୟ-ବିପର୍ଯ୍ୟୟର କାରଣ ହୋଇଛି ବୋଲି ଯୋଗୀ ବ୍ୟକ୍ତ କରିଛନ୍ତି ଏବଂ ସେଥିପାଇଁ "ଆପଣାର ଦୁଃଖ ଦଶାମାନ ରାଜରାଜେଶ୍ୱରଙ୍କ ଛାମୁରେ ଜଣାଇ ଜନନୀକି ଦୁଃଖରୁ ମୁକ୍ତ କରିବା ସକାଶେ" ସେମାନଙ୍କୁ ଆହ୍ୱାନ ଜଣାଇଛନ୍ତି ।

ଦ୍ୱିତୀୟ ଦୃଶ୍ୟରେ ଏକ ଶ୍ମଶାନ ମଧ୍ୟରେ ବିରାଜିତା ଉତ୍କଳମାତା ଗଦ୍ୟ ସଲାପ ଓ ସଙ୍ଗୀତ ମଧ୍ୟରେ ଆପଣାର ଦୁଃଖ ଦୁର୍ଦ୍ଦଶା ବ୍ୟକ୍ତ କରି ସଜ୍ଞାଶୂନ୍ୟା ହୋଇ ପଡ଼ିଛନ୍ତି । ଏଠାରେ ନାଟ୍ୟକାର ନିର୍ଲଜ୍ଜତା ଓ ଆଶା ନାମକ ଦୁଇଟି ଚରିତ୍ରର ଅବତାରଣା କରିଛନ୍ତି । ସେମାନେ ଆସି ଉତ୍କଳମାତାଙ୍କ ସଜ୍ଞା ଫେରାଇ ଆଣିବାକୁ ଯତ୍ନ କରିଛନ୍ତି । ତୃତୀୟ ଦୃଶ୍ୟରେ ଉତ୍କଳ-ଦୁର୍ଦ୍ଦୈବ ଏବଂ ତାହାର ସେନାପତି ସର୍ବନାଶଙ୍କ ମଧ୍ୟରେ ଉକ୍ତି-ପ୍ରତ୍ୟୁକ୍ତି ନାଟକରେ ଚମତ୍କାରିତା ସୃଷ୍ଟି କରିଛି । ରାକ୍ଷସରାଜା ଉତ୍କଳଦୁର୍ଦ୍ଦୈବ ମୁଖରେ ଗୀତ—

"ଦେଖାଇବି ଏବେ ଉତ୍କଳେ ପ୍ରତାପ କରି ସର୍ବ ଗର୍ବ ଚୂର
ଧୈର୍ଯ୍ୟ ଶୌର୍ଯ୍ୟ ମାନ ମହତ୍ତ୍ୱ ବିନାଶି ଦାସତ୍ୱ କରିବି ସାର ।

× × ×

ଅତିବୃଷ୍ଟି ଅନାବୃଷ୍ଟି ସେନା ପେଷି ନାଶିବ ସମସ୍ତ ଶସ୍ୟ
ନାନା ଚର୍ମ ଠେକା ଟିକସ ଭିଆଇ କରିବ ଅଦ୍ଭୁତ ଦୃଶ୍ୟ ॥
ବିଧର୍ମୀ ଓଡ଼ିଆ ଡରୁଆ ବୋଲିଣ ଡକାଇବ ଆନ ମୁଖେ
ଖୁସାମୋଦ ସଙ୍ଗେ ସନ୍ତୋଷକୁ ଦେଇ କାଳ କଟାଇବ ସୁଖେ ॥"

ଏ ଦୁଇ ଜଣ ନିଜର ଜମାଦାର ବା କର୍ମଗୃହୀମାନଙ୍କଠାରୁ କାର୍ଯ୍ୟର ବିବରଣୀ ଗ୍ରହଣ କରିଛନ୍ତି ।

ଚତୁର୍ଥ ଦୃଶ୍ୟରେ ଉତ୍କଳଦୁର୍ଦ୍ଦୈବଙ୍କର ପ୍ରଥମ କର୍ମଗୃହୀ ରୂପେ ଆସିଛି—ନଷ୍ଟଭ୍ରଷ୍ଟ ସଙ୍କୀର୍ଣ୍ଣ ଧର୍ମ । ସେ 'ବ୍ୟଭିଚାର କର୍ମରେ' ନୁହଁ 'ଦେବାଦେବୀ ଭୂତପ୍ରେତ ଅର୍ଚ୍ଚନାରେ' ଉତ୍କଳୀୟମାନଙ୍କ ଆଗ୍ରହ ବଢ଼ାଇ ଦେଇଥିବା କଥା ପ୍ରକାଶ କରିଛି । ତତ୍ପରେ ସନ୍ତୋଷ, ନିରୁଦ୍ୟମ, ଅପବ୍ୟୟ, ଫେସନ୍, ସିଫାରସ୍ (ସୁପାରିଶ), ସ୍ୱାର୍ଥପରତା, ଭୟ, ରୋଗ, ଆଳସ୍ୟ, ମଦିରା ପ୍ରଭୃତି କର୍ମଗୃହୀଗଣ ଜଣକ ପରେ ଜଣେ ଆସି ଉତ୍କଳଦୁର୍ଦ୍ଦୈବ ସମ୍ମୁଖରେ ଏହି ରାଜ୍ୟରେ ଘଟାଇଥିବା ଘୋର ଅନିଷ୍ଟ-କାର୍ଯ୍ୟ ସମୂହର ଜବାନବନ୍ଦୀ ପେଶ୍ କରିଛନ୍ତି । ଉଦାହରଣ ସ୍ୱରୂପ—ଆଳସ୍ୟ ନିଜ ଗୀତରେ ପ୍ରକାଶ କରିଛି—

"ଅଙ୍ଗେ ପରିଶ୍ରମ ହେବ ବୋଲି ମୁଁ କେବେ
ହସ୍ତ ଚରଣ ପ୍ରଚାଳନ କରେ ଲବେ ॥
ବାନର ପରି ବୃଥାରେ ନୋହି ଚଞ୍ଚଳ
ନିଶ୍ଚିନ୍ତେ ଶଯ୍ୟାରେ ଶୋଇଥିବାର ଭଲ ॥"

ସେହିପରି ମଦିରା ଆପଣା ବୃନ୍ଦାବନୀ ପରମ୍ପରା ଦର୍ଶାଇ କହିଛି—"ମହାରାଜ, ମତେ ଅଧିକ ଶ୍ରମ କାର୍ଯ୍ୟ ସାଧନ ନିମନ୍ତେ କରିବାକୁ ପଡ଼ିଲା ନାହିଁ । କାରଣ ହିନ୍ଦୁ ଶାସ୍ତ୍ରରେ ଲେଖାଅଛି—ନ ମାଂସଭକ୍ଷଣେ ଦୋଷୋ ନ ମଦ୍ୟେ ନ ଚ ମୈଥୁନେ, ପ୍ରବୃତ୍ତିରେଷାଭୂତାନାଂ ନିବୃତ୍ତିସ୍ତୁ ମହାଫଳା । ମହାରାଜ, ଏହିହେତୁ ଅନାୟାସେ ସେ କାର୍ଯ୍ୟସାଧନ କଲି ।" ତାହାପରେ ଉତ୍କଳଦୁର୍ଦ୍ଦୈବର ପ୍ରଶ୍ନର ଉତ୍ତରରେ ସେ ବ୍ୟକ୍ତ କରିଛି—

"ଦେଖ ନାଶିଲି ଦେଶ କି କୌଶଳରେ ।
ଦ୍ରାକ୍ଷା ଆଦି ରସେ ମିଶି ଚପଳରେ ॥
ଅଭକ୍ଷ୍ୟ ପଦ ପ୍ରଦତ୍ତ କରି କଲି ନର-ହିତ
ପୁଣି ବୈଦ୍ୟମତେ ମିଳି ଔଷଧରେ ॥

ଗୁପଚେ କୁଳୀନ ଲୋକେ ପିଆଇଣ ଗୁଟୁକେ ଗୁଟୁକେ
ଲୁତ ମରାଇଲ ଲଜ୍ଜା-ମସ୍ତକରେ ॥”

ଉତ୍କଳମାତା ଏହିପରି ଦୁର୍ଦ୍ଦଶାଗ୍ରସ୍ତ ଥିଲାବେଳେ ପଞ୍ଚମ ଦୃଶ୍ୟରେ ନାଟ୍ୟକାର ନିଜର ଅଭିନବ ପରିକଳ୍ପନା ଦ୍ୱାରା ଉତ୍କଳୀୟମାନଙ୍କର ଏକ ପ୍ରହସନଧର୍ମମୂଳକ ସଭାର ଆୟୋଜନ କରାଇଛନ୍ତି । ଏହି ସଭାରେ କଟକବାସୀ, ଗଞ୍ଜାମବାସୀ ଦୁଇଜଣ ସଭ୍ୟ, ସମ୍ବଲପୁରବାସୀ ଏଡିଟର, ବାଲେଶ୍ୱରବାସୀ କବି, ରାଞ୍ଚିବାସୀ ଓ ଖୋର୍ଦ୍ଧାବାସୀ ଦେଶୀ ମହାଶୟଗଣ ଏକତ୍ର ହୋଇଛନ୍ତି । ପ୍ରଥମେ ସଭାପତି ସୂଚାଇ ଦେଇଛନ୍ତି—“ଆଜି ସଭାର ମୁଖ୍ୟ ଉଦ୍ଦେଶ୍ୟ ଏହିକି, ଶୁଣାଯାଏ ଆମ୍ଭମାନଙ୍କ ଉପରେ ଉତ୍କଳ-ଦୁର୍ଦ୍ଦୈବର ଆକ୍ରମଣ ହେବ । ଏହି କାରଣରୁ ଆପଣମାନଙ୍କର ଉଚିତ ଯେ, ସମସ୍ତେ ଏକତ୍ରିତ ହୋଇ ଏପରି ଉପାୟ ବିଚାରନ୍ତୁ, ଯହିଁରେ ଆମ୍ଭେମାନେ ଏହି ଭାବୀ ଆପଦରୁ ରକ୍ଷା ପାଇବୁଁ । ଯେଉଁପରି ହେଲେ ମଧ୍ୟ ସ୍ୱଦେଶ ରକ୍ଷାକରିବା ଆମ୍ଭମାନଙ୍କର ମୁଖ୍ୟ କର୍ମ ଅଟେ ।” ସଭାରେ ଉପସ୍ଥିତ ସଭ୍ୟମାନେ ଦେଶର ଅବସ୍ଥା ସୁଧାରିବା ପାଇଁ ବିଭିନ୍ନ ପ୍ରସ୍ତାବର ବିଚାର-ଆଲୋଚନା କରିଛନ୍ତି । ଉତ୍କଳଦୁର୍ଦ୍ଦୈବ ହସ୍ତରୁ ଆତ୍ମରକ୍ଷା ପାଇଁ ଉତ୍କଳୀୟମାନେ ନାରୀବେଶ ଧାରଣ କରିବାର ଯେଉଁ ପ୍ରସ୍ତାବ ବାଲେଶ୍ୱରବାସୀ କବି ଆଗତ କରିଛନ୍ତି, ତାହା ହାସ୍ୟୋଦ୍ଦୀପକ ହେଲେ ବି ବେଶ୍ ବ୍ୟଙ୍ଗାତ୍ମକ । ଗଞ୍ଜାମବାସୀ ସଭ୍ୟ ସ୍ୱଦେଶୀ ଭାବ-ପ୍ରଣୋଦିତ ଏକ ସାର୍ବଜନୀନ ସମ୍ମେଳନ ପ୍ରତିଷ୍ଠା କରିବାର ପ୍ରସ୍ତାବ ଦେଇଛନ୍ତି । ଏତିକବେଳେ ରାଜଦ୍ରୋହ ପ୍ରବେଶ କରି ସରକାରଙ୍କ ବିରୁଦ୍ଧରେ ସମସ୍ତେ ସେଠାରେ ଏକତ୍ର ହୋଇଥିବାରୁ ସେମାନଙ୍କୁ ଧରିନେଇ ଯିବାକୁ ବାହାରିଛନ୍ତି । ସଭା ପଣ୍ଡ ହୋଇ ଯାଇଛି ।

ନାଟକର ଶେଷ ଦୃଶ୍ୟରେ ଉତ୍କଳଭାଗ୍ୟ ପୂର୍ବରୁ ସଂଜ୍ଞାହୀନା ଉତ୍କଳମାତାଙ୍କୁ ଜଗାଇବା ପାଇଁ ଚେଷ୍ଟା କରିଛନ୍ତି । ତାଙ୍କ ମୁଖରେ ଦିଆଯାଇଥିବା ଗଦ୍ୟ ସଂଳାପ ଓ ଗୀତ ମଧ୍ୟରେ ଗଭୀର ସ୍ୱଦେଶପ୍ରେମ ଭାବ ଅନୁରଞ୍ଜିତ—“ଉତ୍କଳଭ୍ରାତୃଗଣ, ଉଠ, ଅରେ ହେଲେ ଦେଖ, ଜନନୀଙ୍କ ଦୁରାଶୟ ଦୁଃଖରୁ ମୁକ୍ତ କରିବାର ଚେଷ୍ଟା କର । ଦେଖ, ବିଦ୍ୟାର ସୂର୍ଯ୍ୟ ପଶ୍ଚିମରୁ ଉଦୟ ହୋଇ ଚାଲିଆସୁଛି । ବର୍ତ୍ତମାନ ଶୋଇବାର ସମୟ ନୁହେଁ । ଇଂରାଜୀ ରାଜତ୍ୱ ହେଲାପରେ ମଧ୍ୟ ନ ଉଠିବ ତ, ଆଉ କେବେ ଉଠିବ ? × × × ଦେଶ ବିଦେଶରୁ ନୂଆ ନୂଆ ବିଦ୍ୟା ଆଉ କାରିଗରି ଆସିଲା । ତେବେ ହେଲେ ମଧ୍ୟ ତୁମ୍ଭର ସେହି ସିଧାସାଧା କଥା ! ଭାଙ୍ଗଘୋଟା, ଅହିଫେନ, ଗ୍ରାମ୍ୟଗୀତ, ସେହି ବାଲ୍ୟ ବିବାହ, ଭୂତପ୍ରେତର ପୂଜା, ଜନ୍ମ-ପତ୍ରିକାର ବିଧି, ଅଳ୍ପରେ ସନ୍ତୋଷ, ଗଳ୍ପ କଥାରେ ପ୍ରୀତି ଆଉ ସତ୍ୟାନାଶର ବାଟ !” ଇତ୍ୟାଦି । ଉତ୍କଳମାତାଙ୍କର ଚେତା ନ ଫେରିବାରୁ ଶେଷରେ

ଉତ୍କଳଭାଗ୍ୟ ଦୁଃଖ ଓ ହତାଶାରେ ଆତ୍ମହତ୍ୟା କରିବାକୁ ବାହାରିଛନ୍ତି—"ମାତଃ, ମୁଁ ତୋହର ଋଣରୁ ମୁକ୍ତ ହେଉଛି । ମୋର ହସ୍ତରେ ବୀରବର କାର୍ଯ୍ୟ ହୋଇ ପାରିଲା ନାହିଁ । ଏହି ହେତୁ ଆତ୍ମଘାତୀ ହୋଇ ମରୁଛି । ( କଟାର ଉପରକୁ ଉଠାଇ ) ହେ ସର୍ବାନ୍ତର୍ଯ୍ୟାମୀ ପରମେଶ୍ୱର, ଜନ୍ମଜନ୍ମାନ୍ତରେ ମୋତେ ଉତ୍କଳମାତା ସଦୃଶ ମାତା ମିଳୁଥାଉ ! ଜନ୍ମଜନ୍ମାନ୍ତରେ ଭୁବନେଶ୍ୱର ଓ ଜଗମୋହନ କୋଠାରେ ମୋର ନିବାସ ଥାଉ ।" ଏତିକବେଳେ ସହସା ଜଣେ ଇଂରାଜୀ ବ୍ୟକ୍ତି ପ୍ରବେଶ କରି ଉତ୍କଳ-ଭାଗ୍ୟଙ୍କୁ ବାଧା ଦେଇଛନ୍ତି—"ହାଁ, ହାଁ, ଐସା ମତ୍ କରୋ (ଉତ୍କଳଭାଗ୍ୟ ହସ୍ତରୁ କଟାର ଛଡ଼ାଇ) ଉତ୍‌କଲ୍-ଭାଗ୍ୟ, କ୍ୟା ତୁମ୍ ନହିଁ ଜାନତା ଯେ ଉତ୍‌କଲ୍‌ମାତା ଦୁଃଖକେ ସବ୍‌ବ ବେହୋସ ହେ । ଗଭର୍ଣ୍ଣମେଣ୍ଟକେ ହୁକୁମ୍ ହୋ ଗୟା, ଅବ ଉତ୍‌କଲ୍‌ମାତାକା ଦୁଖ୍ ନ ରହେଗା ।" ଇତ୍ୟାଦି ଇତ୍ୟାଦି ।

ନାଟକର କଥାବସ୍ତୁ କାଳ୍ପନିକ ହେଲେହେଁ, ଏକ ଐତିହାସିକ ପୃଷ୍ଠଭୂମି ଉପରେ ପ୍ରତିଷ୍ଠିତ । ଗତ ଶତାବ୍ଦୀର ଶେଷଭାଗ ଏବଂ ଚଳିତ ଶତାବ୍ଦୀର ପ୍ରଥମ ଭାଗରେ (୧୯୩୬ ମସିହା ପୂର୍ବର) ଓଡ଼ିଶାର ରାଜନୈତିକ ଓ ସାଂସ୍କୃତିକ ପରିସ୍ଥିତି ବୀରବିକ୍ରମ ଦେବଙ୍କୁ ଏହି ନାଟକ ରଚନା ପାଇଁ ପ୍ରରୋଚିତ କରିଛି । ସେତେବେଳେ ପ୍ରାକୃତିକ ଓଡ଼ିଶା ଖଣ୍ଡ ବିଖଣ୍ଡ ହୋଇ ପଡ଼ିରହିଛି—ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଏକ ସ୍ୱପ୍ନ ମାତ୍ର—ଉତ୍କଳ ସମ୍ମିଳନୀର ଶୈଶବାବସ୍ଥା । ଆମ ଜାତୀୟ ଜୀବନର ସେହି ବିପର୍ଯ୍ୟସ୍ତ କାଳରେ ପଶ୍ଚିମ ସୀମାନ୍ତ ଖଡ଼ିଆଳରୁ ଗଭୀର ସ୍ୱଦେଶ ପ୍ରେମରେ ଉଦବୁଦ୍ଧ ହୋଇ ଜଣେ ବ୍ୟକ୍ତି ଏଭଳି ନାଟକ ରଚନାର ଦୁଃସାହସ କରିପାରେ ଏବଂ ନାଟକ ଜରିଆରେ ଓଡ଼ିଆ ଜାତିର ପ୍ରେମକୁ ଉଦ୍‌ବ୍ୟକ୍ତ କରିପାରେ, ଆଜି ପ୍ରାୟ ପଞ୍ଚସ୍ତରୀ ବର୍ଷପରେ ସେକଥା ଭାବିଲେ ବିସ୍ମିତ ହେବାକୁ ପଡ଼େ । ନାଟକର କଥାବସ୍ତୁ ମଧ୍ୟରେ ଇଂରାଜୀ ଶାସନ ପ୍ରତି ଆନୁଗତ୍ୟ ସୂଚିତ ହୋଇଛି ସତ୍ୟ,; କିନ୍ତୁ ତୋଷାମୋଦ ବା ସ୍ତୁତିବାଣୀ ସ୍ଥାନ ଲାଭକରି ନାହିଁ । ତାହା ହୋଇଥିଲେ, ନାଟ୍ୟକାର ଉତ୍କଳ ମାତାଙ୍କ ମୁଖରେ କୁହାଇ ନ ଥାନ୍ତେ—"ମୋର ବିଶ୍ୱାସ ଥିଲା କି, ଇଂରାଜ ରାଜତ୍ୱରେ ମୋର ଦୁଃଖିନୀ ଝିଅକୁ ପୁସ୍ତକ ପଠନରେ ପ୍ରସନ୍ନ କରି ସୁଖରେ କାଳ ଯାପନ କରି ନେବି ବୋଲି । ମାତ୍ର ଏହା ମଧ୍ୟ ବିଧାତାକୁ ସୁହାଇଲା ନାହିଁ ।" ଇଂରାଜ ଶାସନରେ ଉତ୍କଳମାତା ସୁପ୍ତ, ଅଚେତନ—ଉତ୍କଳଭାଗ୍ୟ ଜୀବିତ ମାତ୍ର । ଏହି ସ୍ଥିତାବସ୍ଥା ହିଁ ଉତ୍କଳର ତତ୍କାଳୀନ ଦୁର୍ଦ୍ଦଶା ଏବଂ ସେଥିପ୍ରତି ଉତ୍କଳୀୟମାନଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ନାଟ୍ୟକାରଙ୍କର ଉଦଗ୍ର ପ୍ରୟାସ ।

କିନ୍ତୁ ଯେଉଁ ଉତ୍କଳୀୟମାନଙ୍କ ଦୃଷ୍ଟି ଆକର୍ଷଣ କରାଯିବ, ସେମାନେ ଯେ ଉଦ୍ୟମହୀନ, ଆଳସ୍ୟପରାୟଣ, ଧର୍ମଭୀରୁ, ସ୍ୱାର୍ଥପର ଏବଂ ଅଳ୍ପରେ ସନ୍ତୁଷ୍ଟ !

ସେଥିପାଇଁ ନାଟ୍ୟକାର ଜାତୀୟ ପ୍ରେମିକୁ ଉଦ୍ବୁଦ୍ଧ କରିବାପାଇଁ ଦ୍ୱିଧାବୋଧ କରି ନାହାନ୍ତି—ଉନ୍ନତିର ପ୍ରତିବନ୍ଧକ ଉତ୍କଳୀୟମାନଙ୍କର ଦୋଷଦୁର୍ବଳତା ପଦାରେ ପକାଇବାକୁ ପଶ୍ଚାତପଦ ହୋଇ ନାହାନ୍ତି । ନାଟକର ଚତୁର୍ଥ ଓ ପଞ୍ଚମ ଦୃଶ୍ୟରେ ଏହାର ସ୍ୱାଦ୍ୟ ଚିହ୍ନ ବିଦ୍ୟମାନ । ଉଦାହରଣ ସ୍ୱରୂପ—ପଞ୍ଚମ ଦୃଶ୍ୟରେ ରାଜବିଦ୍ରୋହ ସଭାସ୍ଥଳକୁ ଆସୁଥିବାର ଜାଣି ଜଣେ ଦେଶୀ ସଭ୍ୟ ସ୍ୱଗତୋକ୍ତି କରିଛନ୍ତି—"ଆବା, ମୁଁ ଯେତେବେଳେ ଘରୁ ବାହାରିଥିଲି, ଗୋଟିଏ ଛିଙ୍କ ପଡ଼ିଥିଲା । ଏବେ କି କରେ ? (ଟେବୁଲ୍ ତଳରେ ଲୁଚିବାର ଚେଷ୍ଟାକରଣ)" । ପରେ ରାଜବିଦ୍ରୋହ ଆସି ଧରିନେବାକୁ ବାହାରିବାରୁ ସଭ୍ୟଜଣକ ସେହି ଟେବୁଲ ତଳୁ କାନ୍ଦି କାନ୍ଦି କହିଛନ୍ତି—"ମୁଁ ନୁହେଁ, ମୁଁ ନୁହେଁ । ମୁଁ ତାମାସା ଦେଖିବାକୁ ଆସିଥିଲି ।" ଏହି ଭୟ, ଜଡ଼ତା, ନିରୁଦ୍ୟମ, ଆଳସ୍ୟ, ସ୍ୱାର୍ଥପରତା ଆଦି ଏବେ ପ୍ରାୟ ପଞ୍ଚସ୍ତରୀ ବର୍ଷ ପରେ ଆମ ଜାତୀୟ ଜୀବନରୁ ସମ୍ପୂର୍ଣ୍ଣ ବିଦୂରିତ ହୋଇଛି କି ? ଉତ୍କଳ ଭାଗ୍ୟ ଉନ୍ନତ ହୋଇଛି କି, ଉତ୍କଳ ଦୁର୍ଦ୍ଦଶାମୁକ୍ତ ହୋଇପାରିଛି କି ? ସେଥିପାଇଁ ସାମ୍ପ୍ରତିକ କାଳ ଲାଗି ମଧ୍ୟ ଏହି ନାଟକଟିର ପ୍ରାସଙ୍ଗିକତା ତଥା ଉପଯୋଗିତା ରହିଥିବାର ମନେ ହେଉଛି ।

ନାଟକଟି ଚରିତ୍ର-ବହୁଳ । ଏହି କ୍ଷୁଦ୍ର ନାଟକଟିରେ ପ୍ରାୟ ତିରିଶଗୋଟି ଚରିତ୍ରର ସମାବେଶ କରାଯାଇଛି । ତନ୍ମଧ୍ୟରୁ ନାରୀ ଚରିତ୍ର ମାତ୍ର ଚାରିଗୋଟି । ଉତ୍କଳମାତା, ଦୁର୍ଦ୍ଦୈବ ଆଦି ଦୁଇଟି ବା ତିନିଟି ମୁଖ୍ୟ ଚରିତ୍ର, ବାକି ସମସ୍ତ ଚରିତ୍ର ଗୌଣ । ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ-ପଞ୍ଚଦଶ ଶତାବ୍ଦୀର ଇଂରାଜୀ 'ମରାଲିଟି ପ୍ଲେ' (Morality play) ସଦୃଶ 'ଉତ୍କଳ ଦୁର୍ଦ୍ଦଶା ନାଟକ'ରେ କେତେକ ଚରିତ୍ର ବିଦେହୀ ରୂପକ କଳ୍ପନା ଭାବରେ ସ୍ଥାନ ପାଇଛି । ଆଶା, ନିର୍ଲଜ୍ଜତା, ନିର୍ଲୋଭ, ନିରୁଦ୍ୟମ, ସ୍ୱାର୍ଥପରତା, ଭୟ ଆଳସ୍ୟ, ଅନ୍ଧକାର ଆଦି ଅମୂର୍ତ୍ତ ଗୁଣ ବା ଦୋଷମୂଳକ ଚରିତ୍ର ଏହାର ଉଦାହରଣ । ମୁଖ୍ୟ ତଥା ଗୌଣ ଚରିତ୍ର ମୁଖରେ ନାଟ୍ୟକାର ବିଭିନ୍ନ ରାଗରାଗିଣୀଯୁକ୍ତ ପ୍ରାୟ କୋଡ଼ିଏ ଗୋଟି ସଙ୍ଗୀତ ସମାବେଶ କରିଛନ୍ତି । ଏହା ଆମ ଲୋକନାଟ୍ୟ ଯାତ୍ରାର ପ୍ରଭାବ ବୋଲି ମନେହୁଏ । ଗ୍ରନ୍ଥାରମ୍ଭରେ ପୁଣି ଖାରବେଳନ ଦେବ 'ଉତ୍କଳ ଦୁର୍ଦ୍ଦଶା'କୁ ନାଟ୍ୟରାସକ, ଲାସ୍ୟରୂପକ ଓ ବୀଥୀ ଅଭିଧାରେ ଚିହ୍ନିତ କରିଛନ୍ତି । ସଂସ୍କୃତ ଅଳଙ୍କାର ଶାସ୍ତ୍ର ଅନୁଯାୟୀ ନାଟ୍ୟରାସକ ଏକାଙ୍କ ତଥା ସାଙ୍ଗୀତିକ ତାଳଲୟଯୁକ୍ତ ହେବା ବିଧେୟ । ବୀଥୀ ମଧ୍ୟ ଏକାଙ୍କ ହୋଇଥାଏ । କିନ୍ତୁ ନାଟକଟିରେ କୌଣସି ନୃତ୍ୟ ସଂଯୋଜନା ହୋଇ ନ ଥିବାରୁ, ନାଟ୍ୟକାର ଏହାକୁ 'ଲାସ୍ୟରୂପକ' ବୋଲି କାହିଁକି କହିଛନ୍ତି, ବୁଝାଯାଉ ନାହିଁ ।

'ଉତ୍କଳ ଦୁର୍ଦ୍ଦଶା ନାଟକ'ର ଗଦ୍ୟ ସଂଳାପ ସ୍ଥଳ ବିଶେଷରେ ଦୀର୍ଘ ହେଲେ ମଧ୍ୟ ସାବଲୀଳ ଓ ଚରିତ୍ରୋପଯୋଗୀ ହୋଇଛି । ସଂଳାପର ଭାଷାରେ ପଶ୍ଚିମ ଓଡ଼ିଶାର କେତେକ ଆଞ୍ଚଳିକ ବୈଶିଷ୍ଟ୍ୟ ପ୍ରକଟିତ ହେବା ସ୍ୱାଭାବିକ । ତାହା କିନ୍ତୁ ନାଟକଟିର ସାମୂହିକ ଭାବପ୍ରକାଶରେ ଆଞ୍ଚ ଆଣୁ ନାହିଁ । ଶୁଦ୍ଧ ସଂସ୍କୃତ ସହିତ ଦେଶଜ ଶବ୍ଦକୁ କୌଶଳର ସହିତ ମିଶାଇ ନାଟ୍ୟକାର ଆପଣା କୃତିତ୍ୱର ପରିଚୟ ଦେଇଛନ୍ତି । ଉଦାହରଣ ସ୍ୱରୂପ—ଷଷ୍ଠ ଦୃଶ୍ୟରେ ଉତ୍କଳଭାଗ୍ୟଙ୍କ ସଂଳାପରୁ କିୟଦଂଶ ଏଠାରେ ଉଦ୍ଧାର କରାଯାଉଛି—"ହା ବିଧାତା, ତୋହର ବିଚିତ୍ର ଲୀଳା ! ଯେ କାଲି ରାଜ୍ୟ କରୁଥିଲା, ଆଜି ସେ ପାଣ୍ଡୋଇ ବନାଉଛି ! କାଲି ଯେ ହାତୀ ପିଠିରେ ବସି ବୁଲୁଥିଲା, ଆଜି ସେ ବିନା ପାଣ୍ଡୋଇରେ ବନେ ବନେ ବୁଲୁଛି ! କାଲି ଯେମାନଙ୍କର ଗୃହ ବାଳକ ବାଳିକାଙ୍କ କୋଲାହଳରେ କର୍ଣ୍ଣ ସ୍ତବ୍ଧ କରୁଥିଲା, ଆଜି ସେମାନଙ୍କ ଗୃହରେ ପାଣି ଟିକିଏ ଦେବାକୁ ଜଣେ ନାହିଁ ! କାଲି ଯେମାନଙ୍କର ଗୃହ ବିପୁଳ ଐଶ୍ୱର୍ଯ୍ୟରେ ପୁରି ରହିଥିଲା, ଆଜି ସେମାନଙ୍କ ଗୃହରେ ଦୀପ ଜାଳିବାକୁ ତେଲ ଟିକିଏ ନାହିଁ ! ହାୟ, ଯେଉଁ ଉତ୍କଳମାତାର ଗର୍ଭରେ କବିସୂର୍ଯ୍ୟ, ଉପେନ୍ଦ୍ର ଭଞ୍ଜ ପ୍ରଭୃତି କବିମାନେ ଜନ୍ମ ହୋଇଥିଲେ, ସେହି ଉତ୍କଳମାତାର ଏହି ଦଶା !" ଇତ୍ୟାଦି, ଇତ୍ୟାଦି ।

ବୀରବିକ୍ରମ ଦେବ ନିଃସନ୍ଦେହରେ ଜଣେ ଶକ୍ତିଶାଳୀ ପ୍ରତିଭାଧର ନାଟ୍ୟକାର । ଆଲୋଚ୍ୟ 'ଉତ୍କଳ ଦୁର୍ଦ୍ଦଶା ନାଟକ' ଏବଂ ତାଙ୍କର ଆଉ ଆଉ ନାଟକରୁ ଏହାର ସ୍ପଷ୍ଟ ପ୍ରମାଣ ମିଳେ । ନାଟକ ରଚନାରେ ସେ ଉଭୟ ସଂସ୍କୃତ ତଥା ପାଶ୍ଚାତ୍ୟ ନାଟ୍ୟରୀତି ଅନୁସରଣ କରିଥିବାର ଜଣାପଡ଼େ । ତାଙ୍କର ନାଟ୍ୟାଲୋଚନା ଗ୍ରନ୍ଥ 'ନାଟକ ରଚନା ପ୍ରଣାଳୀ' (୧୯୦୩) ପ୍ରମାଣ ଦିଏ ଯେ—ସେ ଏହି ଉଭୟ ନାଟ୍ୟରୀତି ବିଷୟରେ ଅବହିତ ଥିଲେ । ଅଭିଜ୍ଞ, ବହୁଶାସ୍ତ୍ରଦର୍ଶୀ, ପ୍ରତିଭାଶାଳୀ ଥିଲେହେଁ, ଆପଣା ସର୍ଜନାଶକ୍ତି ଓ କବିଖ୍ୟାତି ବିଷୟରେ ସେ ସନ୍ଦିହାନ ଥିଲେ । ସେଇଥିପାଇଁ ବୋଧହୁଏ ନାଟ୍ୟକାର ରାମଶଙ୍କର ରାୟଙ୍କୁ ନିଜର 'ଶୈଳବାଳା ନାଟକ' (୧୯୦୮) ଉତ୍ସର୍ଗ କରି ସେ ପ୍ରକୃତ ଶିଳ୍ପୀସୁଲଭ ବିନୟ ଓ ନମ୍ରତା ଆଚରଣ ପୂର୍ବକ ଲେଖିଥିଲେ—"ଆପଣ ଉତ୍କଳର ସର୍ବପ୍ରଧାନ ନାଟକ ଲେଖକ ଅଟନ୍ତି । ଆପଣଙ୍କ ଉପଦେଶରୁ ମୁଁ ନାଟକ ଲେଖିବାର ଆରମ୍ଭ କରିଅଛି । ନାଟକ ଲେଖିବାରେ ପ୍ରବୀଣ ଲେଖକ ସୁଖ୍ୟାତି ଲାଭ କରିପାରେ, ଏହା ଜାଣିଶୁଣି ମଧ୍ୟ ମୁଁ ଏହି ମହତ କାର୍ଯ୍ୟରେ ବ୍ରତୀ ହୋଇଅଛି ।"

●

# 'ଚନ୍ଦ୍ରଗୁପ୍ତ'

ଯେତେବେଳେ ବିଭେଦ, ବୈଷମ୍ୟ, ବିଭାଜନ-ଜିଘାଂସା ଜାତୀୟ ଜୀବନରେ ଉପଦଂଶ ଭଳି ପ୍ରକଟ ହୋଇପଡ଼େ—ଯେତେବେଳେ ତୁଚ୍ଛ ଅହମିକା, କ୍ଷୁଦ୍ର ସ୍ୱାର୍ଥ ସମାଜକୁ କାମଳଗ୍ରସ୍ତ ରୋଗୀ ପରି ଏକଦେଶଦର୍ଶୀ ଓ ସଂକୀର୍ଣ୍ଣମନା କରି ପକାଏ, ସେତେବେଳେ ଦୂରଦ୍ରଷ୍ଟା ମନୀଷୀମାନେ ଆବିର୍ଭୂତ ହୋଇ ନିଜ ନିଜ ବାଟରେ ସେହି ଗ୍ଳାନିକର ପରିସ୍ଥିତିର ଆଶୁ ପରିବର୍ତ୍ତନ ପାଇଁ ଉଦ୍ୟମ କରିଥାଆନ୍ତି—ତୁଚ୍ଛତା ଓ କ୍ଷୁଦ୍ର ସ୍ୱାର୍ଥର ଉର୍ଦ୍ଧ୍ୱକୁ ଉଠି ଜାତୀୟ ସଂହତି ପ୍ରତିଷ୍ଠା ପାଇଁ ଜାତିକୁ ଆହ୍ୱାନ ଦେଇ ଥାଆନ୍ତି ।

ଗତ ଶତାବ୍ଦୀ ଶେଷ ଭାଗ ଏବଂ ଚଳିତ ଶତାବ୍ଦୀର ପ୍ରଥମ ଭାଗରେ ଓଡ଼ିଶା ସେହିପରି ଏକ ଦୁର୍ଗତି ବା ଦୁରବସ୍ଥାର ସମ୍ମୁଖୀନ ହୋଇଥିଲା । ଓଡ଼ିଶା ସେତେବେଳେ ସ୍ୱତନ୍ତ୍ର ପ୍ରଦେଶ ହୋଇ ନ ଥିଲା—ବିଭିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଭାରତର ଭିନ୍ନ ଭିନ୍ନ ପ୍ରାଦେଶିକ ସରକାରଙ୍କ ଶାସନାଧୀନରେ ରହିଥିଲା । ଶିକ୍ଷା, ସଂସ୍କୃତି, ଶିଳ୍ପ, ବାଣିଜ୍ୟ, କ୍ଷାତ୍ର ଶକ୍ତି ଆଦି କ୍ଷେତ୍ରରେ ଓଡ଼ିଶା ଅନୁନ୍ନତ ଅବସ୍ଥାରେ ପଡ଼ି ରହିଥିଲା । ଏକ ସମୃଦ୍ଧ ଐତିହ୍ୟମଣ୍ଡିତ ଜାତି ସମସ୍ତ ପୁରୁଷକାର ହରାଇ ଯେପରି ଦ୍ରୁତ ଅବଲୁପ୍ତି ପଥରେ ଗତି କରୁଥିଲା ! ସେହି ଦୁଃସମୟରେ ଜାତୀୟ ସଂହତି ପ୍ରତିଷ୍ଠା ଲକ୍ଷ୍ୟରେ ଉତ୍କଳୀୟମାନଙ୍କ ମନପ୍ରାଣରେ ସ୍ୱାଭିମାନ ଓ ସ୍ୱଦେଶପ୍ରେମ ଜାଗରୂକ କରାଇବା ପାଇଁ ଯେଉଁ ଅଳ୍ପ କେତେଜଣ ସଂସ୍କୃତିପ୍ରେମୀ ମନୀଷୀ ସାରସ୍ୱତ କାର୍ଯ୍ୟକ୍ରମ ଜରିଆରେ ଉଦ୍ୟମ କରିଥିଲେ, ସେମାନଙ୍କ ମଧ୍ୟରୁ ସ୍ୱର୍ଗୀୟ ବାଲକୃଷ୍ଣ କର (୧୮୮୭—୧୯୫୭) ଅନ୍ୟତମ । ତାଙ୍କର 'ଚନ୍ଦ୍ରଗୁପ୍ତ' ନାଟକ (୧୯୨୬) ସେତେବେଳେ ସେହି ମହତ୍ ଉଦ୍ଦେଶ୍ୟ ଘେନି ରଚିତ ଓ ଅଭିନୀତ ହୋଇଥିଲା ।

'ଚନ୍ଦ୍ର ଗୁପ୍ତ' ବ୍ୟତୀତ ବାଲକୃଷ୍ଣ ସେକସ୍‌ପିଅରଙ୍କ 'କିଙ୍ଗ୍ ଲିୟର୍' ନାଟକର ମର୍ମାନୁବାଦ 'ଶିବ ଦାସ' (୧୯୩୭) ରଚନା କରିଥିଲେ । ନାଟ୍ୟକାର ଭାବରେ ବାଲକୃଷ୍ଣଙ୍କର କୃତିତ୍ୱ ଏହି ଦୁଇଟି ନାଟକ ମଧ୍ୟରେ ସୀମାବଦ୍ଧ । 'ଚନ୍ଦ୍ରଗୁପ୍ତ' ୧୯୨୬

ମସିହାରେ କଟକ ଉତ୍କଳ ସାହିତ୍ୟ ପ୍ରେସରୁ ମୁଦ୍ରିତ ହୋଇ ପ୍ରକାଶ ଲାଭ କରିଥିଲେହେଁ ସ୍ୱୟଂ ବାଳକୃଷ୍ଣଙ୍କ ଭାଷାରେ "ଏହା ପ୍ରାୟ ସାତ ଆଠ ବର୍ଷ ତଳର ଲେଖା । ସେତେବେଳେ କନକା ରଙ୍ଗମଞ୍ଚରେ ବଙ୍ଗଳା ଓ ବଙ୍ଗଳାରୁ ଅନୂଦିତ ଓଡ଼ିଆ ନାଟକ ଅଭିନୀତ ହେଉଥିବା ଦେଖି ଉକ୍ତ ରଙ୍ଗମଞ୍ଚ ପାଇଁ ଖଣ୍ଡିଏ ନୂତନ ନାଟକ ଲେଖିବାର ପ୍ରୟାସ ହୋଇଥିଲା । ନାଟକଟି ଉକ୍ତ ପ୍ରୟାସର ଫଳ । ରାଜକନକା ସ୍କୁଲର ଛାତ୍ରମାନଙ୍କ ଦ୍ୱାରା ଏହା ଉକ୍ତ ରଙ୍ଗମଞ୍ଚରେ ସୁଚାରୁ ରୂପେ ପ୍ରଥମ ବାର ଅଭିନୀତ ହୋଇଥିବାରୁ ସେମାନେ ମୋର ଅଶେଷ ଧନ୍ୟବାଦର ପାତ୍ର ।" ବାଳକୃଷ୍ଣ କିଛିକାଳ ରାଜକନକା ହାଇସ୍କୁଲର ସହକାରୀ ପ୍ରଧାନ ଶିକ୍ଷକ ରୂପେ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ କନକା ରାଜ-ପରିବାରରେ ଗୃହ-ଶିକ୍ଷକତା ମଧ୍ୟ କରୁଥିଲେ । ସେହି ଅବକାଶରେ ୧୯୧୮-୧୯ ବେଳକୁ 'ଚନ୍ଦ୍ରଗୁପ୍ତ' ନାଟକ ରଚିତ ଓ ଅଭିନୀତ ହୋଇଥିଲା ।

ଏହାର ପ୍ରାୟ ଚାଳିଶ ବର୍ଷ ପୂର୍ବରୁ ସ୍ୱର୍ଗୀୟ ରାମଶଙ୍କର ରାୟ ଯେଉଁ ପରିସ୍ଥିତି ଦ୍ୱାରା ପ୍ରରୋଚିତ ହୋଇ ନାଟକ ରଚନାର ସୂତ୍ରପାତ କରିଥିଲେ, ଚନ୍ଦ୍ରଗୁପ୍ତ ନାଟକ ରଚନା ବେଳକୁ ସେହି ପରିସ୍ଥିତି କେତେକ ପରିମାଣରେ ସୁଧୁରି ଯାଇଥିଲା । ତେଣୁ 'ବଙ୍ଗଳା ଓ ବଙ୍ଗଳାରୁ ଅନୂଦିତ ଓଡ଼ିଆ ନାଟକ ଅଭିନୀତ ହେଉଥିବାର ଦେଖି × × ଖଣ୍ଡିଏ ନୂତନ ନାଟକ ଲେଖିବାର ପ୍ରୟାସ ହୋଇଥିଲା' ବୋଲି ବାଳକୃଷ୍ଣ ଯାହା ଉଲ୍ଲେଖ କରିଛନ୍ତି, ତହିଁରେ ଗୁରୁତ୍ୱ ଆରୋପ କରିବାର ବିଶେଷ କାରଣ ଥିଲା ପରି ଲାଗେ ନାହିଁ ।

'ଚନ୍ଦ୍ରଗୁପ୍ତ' ନାଟକ ରଚନା ପାଇଁ ଏହା ଗୌଣ କାରଣ ହୋଇପାରେ । ମୁଖ୍ୟ କାରଣ ହେଉଛି—ସମାଜ-ଜୀବନରୁ ସକଳ ପ୍ରକାର ବିଭେଦ ଓ ବିଭାଜନ-କ୍ରିୟା ବିଲୋପ କରି ଜାତୀୟ ସଂହତି ପ୍ରତିଷ୍ଠା ପାଇଁ ଉଦ୍‌ବୋଧନ ଦେବା ।

'ଚନ୍ଦ୍ରଗୁପ୍ତ' ନାଟକ ମଧ୍ୟରେ ବାଳକୃଷ୍ଣଙ୍କର ଏହି ବକ୍ତବ୍ୟ ହିଁ ସୁପ୍ରକଟ । ଖ୍ରୀଷ୍ଟପୂର୍ବ ଚତୁର୍ଥ ଓ ତୃତୀୟ୍‌ ଶତକରେ ଭାରତର ରାଜନୀତିକ ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା । ବହୁ କ୍ଷୁଦ୍ର କ୍ଷୁଦ୍ର ପଡୋଶୀ ରାଜ୍ୟ ନିଜ ନିଜ ଭିତରେ ସଂଘର୍ଷରେ ବ୍ୟାପୃତ ଥିବାରୁ ଭାରତର ସାମୂହିକ ଜାତୀୟ ଐକ୍ୟ ପ୍ରତିଷ୍ଠିତ ହୋଇ ପାରିନଥିଲା । ଫଳରେ ପାରସିକ, ଗ୍ରୀକ୍ ଆଦି ବହିଃଶତ୍ରୁ ଏ ଦେଶରେ ସହଜରେ ପ୍ରବେଶ କରି ଶାସକ ଭାବରେ ନିଜ ନିଜକୁ ଅଧିଷ୍ଠିତ କରାଇ ପାରୁଥିଲେ । ଆକୁମାରୀ ହିମାଚଳ ଏକ-ଶାସନାଧୀନରେ ରଖି ସର୍ବଭାରତୀୟ ଐକ୍ୟ ଓ ସଂହତି ସ୍ଥାପନ ପାଇଁ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଭଳି ଦୂରଦ୍ରଷ୍ଟା ନାୟକଙ୍କର ଆବଶ୍ୟକ

ପଡ଼ୁଥିଲା । ଚନ୍ଦ୍ରଗୁପ୍ତ ସେହି ମହତ୍ତ୍ୱ ଲକ୍ଷ୍ୟ ସାଧନରେ ସମର୍ଥ ହୋଇଥିଲେ । ବୈଷମ୍ୟ ଓ ବିଭାଜନ ଦୂରୀକରଣ ପୂର୍ବକ ସଂହତି ଓ ସଂଘବଦ୍ଧତା ପ୍ରତିଷ୍ଠା କରି ଭାରତ ଇତିହାସରେ ସେ ଏକ ଗୌରବଦୀପ୍ତ ଅଧ୍ୟାୟ ଉନ୍ମୋଚନ କରିଥିଲେ ।

ଚଳିତ ଶତାବ୍ଦୀ ଆଦ୍ୟ ଭାଗରେ ଓଡ଼ିଶାର ରାଜନୈତିକ ପରିସ୍ଥିତି ଖ୍ରୀଷ୍ଟପୂର୍ବ ଚତୁର୍ଥ ଓ ତୃତୀୟ ଶତକର ଭାରତୀୟ ରାଜନୀତିକ ପରିସ୍ଥିତିଠାରୁ ପ୍ରାୟ ଭିନ୍ନ ନ ଥିଲା । ସେତେବେଳେ ଆମର ଜାତୀୟ ଏକତା ବିଶେଷ ଭାବେ ଲୋଡ଼ା ପଡ଼ୁଥିଲା । ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଭଳି ମହାନାୟକଙ୍କର ଆବଶ୍ୟକ ଥିଲା । ତାହା ହିଁ ଉପଲବ୍ଧି କରି ବାଳକୃଷ୍ଣ କର ଏ ନାଟକ ରଚନା ତଥା ଅଭିନୟରେ ମନୋନିବେଶ କରିଥିଲେ । ସେ ଲକ୍ଷ୍ୟ କଲେ ଏକ କଦର୍ଯ୍ୟ ବିଚ୍ଛିନ୍ନତାବାଦ ସେତେବେଳେ ସମାଜ-ଜୀବନକୁ କବଳିତ କରି ବସିଛି । କ୍ଷୁଦ୍ର କ୍ଷୁଦ୍ର ଗୋଷ୍ଠୀଗତ ସ୍ୱାର୍ଥ, ସଂକୀର୍ଣ୍ଣ ଜାତିଆଣ ଭାବ ଏବଂ ଆତ୍ମଘାତୀ କାପୁରୁଷତା ସାମୂହିକ ଜାତୀୟ ପ୍ରଗତିର ପଥରୁଦ୍ଧ କରିଛି । ଏଠାରେ କରଣ ସମାଜ ବା ବ୍ରାହ୍ମଣ ସମିତି ପ୍ରତି ଯେତେ ଉତ୍ସାହ ଉଦ୍ଦୀପନା ପ୍ରକାଶ ପାଉଛି, ଉତ୍କଳ ସମ୍ମିଳନୀ ବିଷୟରେ ସେପରି ପ୍ରକାଶିତ ହେଉ ନାହିଁ । ସାମାଜିକ କୁସଂସ୍କାର, ଅନ୍ଧବିଶ୍ୱାସ ଅଥବା ଶାସନଗତ ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ବିଦ୍ରୋହ କରିବା ଦୂରେ ଥାଉ, ଅନେକ ପ୍ରତିବାଦ କରିବାକୁ ମଧ୍ୟ ଭୟ କରୁଛନ୍ତି । ତେଣୁ ବାଳକୃଷ୍ଣ 'ଚନ୍ଦ୍ରଗୁପ୍ତ' ନାଟକ ମଧ୍ୟରେ ପ୍ରତିପାଦିତ କରିବାକୁ ଚାହିଁଲେ—ଜାତୀୟ ପ୍ରଗତିପାଇଁ ଚାଣକ୍ୟ ଓ ଚନ୍ଦ୍ରଗୁପ୍ତଙ୍କ ମିଳନ ସଦୃଶ ବ୍ରାହ୍ମଣର ବୁଦ୍ଧିକୌଶଳ ସହିତ କ୍ଷତ୍ରିୟର ବାହୁବଳ ସମ୍ମିଳିତ ହେବା ଆବଶ୍ୟକ—ଚନ୍ଦ୍ରଗୁପ୍ତ ଗ୍ରୀକ୍ ଯୁଦ୍ଧ-ବିଦ୍ୟା ଶିକ୍ଷା କଲା ପରି ଆମକୁ ଆତ୍ମସନ୍ତୋଷ ଓ ସୀମାବଦ୍ଧ ପିଞ୍ଜରେ ତୃପ୍ତ ନରହି ଅପରଠାରୁ ଗୁଣ ଗ୍ରହଣ କରିବା ପାଇଁ ପଡ଼ିବ । ନନ୍ଦରାଜାଙ୍କ ଅନ୍ୟାୟ ଓ ଅପଶାସନ ବିରୁଦ୍ଧରେ ଚନ୍ଦ୍ରଗୁପ୍ତ ଯେପରି ନିର୍ଭୀକ ଭାବରେ ଦଣ୍ଡାୟମାନ ହୋଇଥିଲେ, ଆମକୁ ସେହିପରି ସକଳ ପ୍ରକାର ଅନ୍ୟାୟ, ଅତ୍ୟାଚାର ଓ କୁଶାସନକୁ ସାହସର ସହିତ ସମ୍ମୁଖୀନ ହେବାପାଇଁ ପଡ଼ିବ । ସର୍ବୋପରି ଦୁର୍ଦ୍ଧର୍ଷ, ଚାଣକ୍ୟ ଓ ଚନ୍ଦ୍ରଗୁପ୍ତଙ୍କ ଭଳି ଆମର ସମାଜସେବୀ ନେତୃସ୍ଥାନୀୟ ବ୍ୟକ୍ତିବୃନ୍ଦ ସଂକୀର୍ଣ୍ଣ ବ୍ୟକ୍ତିଗତ ସ୍ୱାର୍ଥର ଊର୍ଦ୍ଧ୍ୱକୁ ଉଠି ଦେଶ ଓ ଦଶର ସ୍ୱାର୍ଥ ପ୍ରତି ସର୍ବଦା ଧ୍ୟାନ ଦେବା ଆବଶ୍ୟକ ।

ଏ ଦେଶର ଆଦିବାସୀ ଏକଲବ୍ୟ କ୍ଷତ୍ରିୟ-ସୁଲଭ ଅସ୍ତ୍ରବିଦ୍ୟା ଆୟତ୍ତ କରିପାରେ—କେଉଁ ଅପାଙ୍କ୍ତେୟା ଇତରାର ପୁତ୍ର 'ଐତରେୟ ବ୍ରାହ୍ମଣ' ରଚନା କରିପାରେ । ସେହି ପରମ୍ପରାରେ ବାଳକୃଷ୍ଣ ଏ କାମଳଗ୍ରସ୍ତ ଦୃଷ୍ଟିକୋଣ-ସମ୍ପନ୍ନ ଜାତିକୁ ଦର୍ଶାଇ ଦେଲେ—ଉଚ୍ଚ ନୀଚ ଜାତିଆଣ ଭାବ ନିରର୍ଥକ, ଜଣେ ଦାସୀପୁତ୍ର

ହୋଇ ମଧ୍ୟ ଚନ୍ଦ୍ରଗୁପ୍ତ ଆପଣା ସାଧନା ବଳରେ ବୃହତ୍ତର ସିଦ୍ଧିର ଅଧିକାରୀ ହୋଇ ପାରନ୍ତି, କୌଳିନ୍ୟ ଆଭିଜାତ୍ୟ ଲାଭ କରିପାରନ୍ତି । ଏ ଦେଶର ବ୍ରାହ୍ମଣ-କ୍ଷତ୍ରିୟ ହିନ୍ଦୁ-ଗ୍ରୀକ୍ ଉଚ୍ଚ-ନୀଚ ସମସ୍ତେ ଜାତି-ବର୍ଣ୍ଣ-ଧର୍ମ ନିର୍ବିଶେଷରେ ସହିତ ଓ ଏକତାବଦ୍ଧ ନ ହେଲେ, ଦେଶର ଉନ୍ନତି ଅସମ୍ଭବ ହୋଇପଡ଼ିବ । ଚନ୍ଦ୍ରଗୁପ୍ତ ନାଟକର ତୃତୀୟ ଅଙ୍କ ଷଷ୍ଠ ଦୃଶ୍ୟରେ ସନ୍ନିବେଶିତ ଗୋଟିଏ ସଙ୍ଗୀତରେ ସେହି ଭାବ ଚମତ୍କାର ଭାବରେ ବିଳସିତ···

ମିଶ ହେ ମିଶ ହିନ୍ଦୁ ଅହିନ୍ଦୁ,
ମିଶ ଗଙ୍ଗା ଯମୁନା
ଏକ ଆକାଶ ତଳେ ରୁ ରହି
ଭେଦ-ଜ୍ଞାନ ରଖନା ॥

ମିଶ ଗିରିସ ଭାରତ କୋଳେ
ଜାତିରେ ସବେ ପିରତି ଭୋଳେ
ଏକ ଈଶ୍ୱର ଏକ ପରାଣ
ନୋହୁ ଦୁଇ କାମନା ॥

ମିଶି ଯା ଅଙ୍ଗ କଳିଙ୍ଗ ସଙ୍ଗେ
ନାଚରେ ଆଜି ବିବିଧ ରଙ୍ଗେ
ତୁଟୁ ବିବାଦ ଲାଗୁ ପିରତି,
ଯାଉ ସବୁ ଭାବନା ॥

ବାଳକୃଷ୍ଣ ବେଶ୍ ଇତିହାସ-ସଚେତନ ଥିଲେ । ମୂଳ ଐତିହାସିକ ଘଟଣା ଓ କିମ୍ବଦନ୍ତୀର କୌଣସି ଅଦଳ ବଦଳ ନକରି ଅଧିକତଃ ଦୁର୍ଧରା-ସୁରମା-ଚନ୍ଦ୍ରଗୁପ୍ତଙ୍କ ପ୍ରଣୟ ପ୍ରସଙ୍ଗ ସ୍ୱକଳ୍ପନାରୁ ସଂଯୋଜିତ କରି ସେ ଏହି ସଫଳ ଐତିହାସିକ ନାଟକଟି ରଚନା କରିଛନ୍ତି । ତାଙ୍କ ପୂର୍ବରୁ ଉକ୍ତ ଐତିହାସିକ ବିଷୟ ଘେନି ବଙ୍ଗଳା ସାହିତ୍ୟରେ ନାଟ୍ୟକାର ଦ୍ୱିଜେନ୍ଦ୍ରଲାଲ ରାୟ (୧୮୬୩—୧୯୧୩) ଚନ୍ଦ୍ରଗୁପ୍ତ ନାଟକ, ଏବଂ ପରେ ହିନ୍ଦୀ ସାହିତ୍ୟରେ ନାଟ୍ୟକାର ଜୟଶଙ୍କର ପ୍ରସାଦ (୧୮୮୯-୧୯୩୭) ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ନାଟକ ରଚନା କରିଥିଲେ । ବୋଲିବା ବାହୁଲ୍ୟ ଯେ, ଏହି ତିନିଗୋଟି ନାଟକ ମଧ୍ୟରେ ବିଷୟବସ୍ତୁଗତ ସାଦୃଶ୍ୟ ଥିଲେ ହେଁ, ବକ୍ତବ୍ୟ ବା ଆଭିମୁଖ୍ୟରେ ଥିବା ସ୍ୱତନ୍ତ୍ରତା ସୁସ୍ପଷ୍ଟ । ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କର ସମକାଳୀନ ରାଜନୀତିକ ଘଟଣାବଳୀ, ସାମାଜିକ ଓ ସାଂସ୍କୃତିକ ପରିସ୍ଥିତି ବିଷୟରେ ଇତିହାସ ଅସ୍ପଷ୍ଟ ନୁହେଁ । ଗ୍ରୀକ୍ ପର୍ଯ୍ୟଟକ ମେଘାସ୍ଥିନିସ୍ଙ୍କ ଭାରତ ବିବରଣୀ

'ଇଣ୍ଡିକା', ଚାଣକ୍ୟଙ୍କର ରାଜନୀତିକ ଗ୍ରନ୍ଥ 'ଅର୍ଥଶାସ୍ତ୍ର' ପ୍ରଭୃତିରୁ ସେହି ସୁଦୂର ଅତୀତର ଯେଉଁ ଚିତ୍ର ମିଳେ, ବାଳକୃଷ୍ଣ ତାହା ଆବଶ୍ୟକ ଅନୁଯାୟୀ ଚନ୍ଦ୍ରଗୁପ୍ତ ନାଟକରେ ବିନ୍ୟସ୍ତ କରିଛନ୍ତି । ଜାତି ବିଭାଗ ସେତେବେଳକୁ ଭାରତରେ ପ୍ରଚଳିତ ହୋଇ ସାରିଥିଲା । ମେଗାସ୍ଥିନିସ୍ ଭାରତୀୟ ସମାଜ ଯେଉଁ ସାତଭାଗରେ ବିଭକ୍ତ ଥିବା କଥା ଉଲ୍ଲେଖ କରିଛନ୍ତି, ତନ୍ମଧ୍ୟରେ ବ୍ରାହ୍ମଣମାନେ ଥିଲେ ଶ୍ରେଷ୍ଠ ସ୍ଥାନୀୟ । ସେମାନେ ରାଷ୍ଟ୍ର ତଥା ସମାଜକୁ ଉପଯୁକ୍ତ ଉପଦେଶ-ପରାମର୍ଶ ଆଦି ପ୍ରଦାନ କରୁଥିବାରୁ, ମେଗାସ୍ଥିନିସ୍‌ଙ୍କ ବିବରଣୀ ଅନୁଯାୟୀ, କୌଣସି କର ବା ରାଜସ୍ୱ ଦେଉ ନଥିଲେ । ଚନ୍ଦ୍ରଗୁପ୍ତ ନାଟକରେ ଚାଣକ୍ୟ ଚରିତ୍ରଟି ଏହି ଆଭିମୁଖ୍ୟରୁ ଚିତ୍ରଣ କରାଯାଇଛି । ଚାଣକ୍ୟ ବ୍ରାହ୍ମଣର ହୋମଯଜ୍ଞାଦି ସାତ୍ତ୍ୱିକ କ୍ରିୟାକର୍ମ ପାଶୋରି ଦେଇଛନ୍ତି ସତ୍ୟ—ପ୍ରତିଶୋଧପରାୟଣ ହୋଇ କ୍ଷତ୍ରିୟର ଅପମାନ ସହି ନପାରି ବ୍ରାହ୍ମଣର କର୍ତ୍ତବ୍ୟ ହରାଇଛନ୍ତି ସତ୍ୟ, ତଥାପି ଶିଷ୍ୟ କାମନ୍ଦକଙ୍କ ମତରେ—"ଆପଣ ବ୍ରାହ୍ମଣର ସ୍ୱକର୍ତ୍ତବ୍ୟ ତ୍ୟାଗ କରି ଚତୁଃବର୍ଣ୍ଣର ପ୍ରଭୂତ ଉପକାର ସାଧନ କରିଅଛନ୍ତି । ବ୍ୟକ୍ତିଗତ କର୍ତ୍ତବ୍ୟ ତ୍ୟାଗ କରି ଜାତୀୟ ମହାକର୍ତ୍ତବ୍ୟରେ ଦୀକ୍ଷିତ ହୋଇଅଛନ୍ତି ।" (ପଞ୍ଚମ ଅଙ୍କ ଚତୁର୍ଥ ଦୃଶ୍ୟ) ଏବଂ ଚନ୍ଦ୍ରଗୁପ୍ତ-ଜନନୀ ମୁରାଙ୍କ ଉକ୍ତି ଅନୁଯାୟୀ "ଚିରଦିନ ବ୍ରାହ୍ମଣ କ୍ଷତ୍ରିୟର ରକ୍ଷାକର୍ତ୍ତା । ବ୍ରାହ୍ମଣ କୁଳାବତଂଶ ଆପଣ ଆଜି ଭାରତକୁ ପାପର ଆକ୍ରମଣରୁ ରକ୍ଷା କରିଅଛନ୍ତି । ସେ ଉପକାରର ପ୍ରତ୍ୟୁପକାର ଏ କ୍ଷୁଦ୍ର ନାରୀ-ପ୍ରାଣରେ ଅସମ୍ଭବ—ଚନ୍ଦ୍ରଗୁପ୍ତ ଜୀବନରେ ଅସମ୍ଭବ" (ପଞ୍ଚମ ଅଙ୍କ ଷଷ୍ଠ ଦୃଶ୍ୟ) । ଚାଣକ୍ୟଙ୍କର ଯୁଦ୍ଧବିଦ୍ୟା ଓ ରାଜନୀତିରେ ଥିବା ନିପୁଣତା ଅର୍ଥଶାସ୍ତ୍ରରୁ ହିଁ ପ୍ରତିପାଦିତ ହୋଇଥାଏ । ଅର୍ଥଶାସ୍ତ୍ରର ପ୍ରଥମ ଅଧିକରଣ (ରାଜବୃତ୍ତି ବିଷୟକ), ପଞ୍ଚମ ଅଧିକରଣ (ରାଜକର୍ମଚାରୀ, ପାତ୍ରମନ୍ତ୍ରୀଙ୍କ ଆଚରିତ ବ୍ୟବହାର ବିଷୟକ), ଅଷ୍ଟମ ଅଧିକରଣ (ରାଜା ଓ ପାତ୍ରମନ୍ତ୍ରୀଙ୍କ ବିଳାସ ବ୍ୟସନ ବିଷୟକ), ଦଶମ ଅଧିକରଣ (ଯୁଦ୍ଧ ବ୍ୟାପାର), ଦ୍ୱାଦଶ, ତ୍ରୟୋଦଶ ଓ ଚତୁର୍ଦ୍ଦଶ ଅଧିକରଣ (ଶକ୍ତିଶାଳୀ ଶତ୍ରୁ, ଦୁର୍ଗଜୟ, ଶତ୍ରୁ ପ୍ରବଞ୍ଚନା ବିଷୟାଦି) ପ୍ରଭୃତିରୁ ତାଙ୍କର ମେଧା ଓ ମନୀଷାର ପରିଚୟ ମିଳେ । ବାଳକୃଷ୍ଣ ବିଶ୍ୱସ୍ତ ଭାବରେ ଏହି ପ୍ରାଚୀନ ଶାସ୍ତ୍ର ଓ ଅନ୍ୟାନ୍ୟ ବିବରଣୀ ଅନୁସରଣରେ ଚାଣକ୍ୟ ଚରିତ୍ର ଚିତ୍ରଣ କରିଛନ୍ତି ।

ଚନ୍ଦ୍ରଗୁପ୍ତ, ଆଲେକ୍‌ଜାଣ୍ଡାର, ପୁରୁରାଜ ପ୍ରଭୃତି ଐତିହାସିକ ଚରିତ୍ର ମଧ୍ୟ ଯଥାଯଥ ଚିତ୍ରଣ କରାଯାଇଛି । ଆଲେକଜାଣ୍ଡାରଙ୍କ ଉକ୍ତିରେ ଭାରତର ଜୟଗାନ କେବଳ ନାଟ୍ୟକାରଙ୍କ ସ୍ୱଦେଶପ୍ରେମର ପରିଚାୟକ ନୁହେଁ, ଇତିହାସ ଓ କିମ୍ବଦନ୍ତୀ-ସମର୍ଥିତ ମଧ୍ୟ । ଦୁର୍ଦ୍ଧରା, ଶାନ୍ତି, ସୁରମା ଆଦି କାଳ୍ପନିକ ଚରିତ୍ରଗୁଡ଼ିକ ଜୀବନ୍ତ ଭାବରେ ଚିତ୍ରିତ ହେବା ସଙ୍ଗେ ସଙ୍ଗେ ନାଟକର ଅଭିନୟୋପଯୋଗିତା ବୃଦ୍ଧି

କରିଛନ୍ତି । ନାଟକୀୟ ଦ୍ୱନ୍ଦ୍ୱ, ଅଙ୍କ ଓ ଦୃଶ୍ୟ ବିଭାଗ, ପ୍ରଚ୍ଛନ୍ନତା ଓ ବିସ୍ମୟ, ରଙ୍ଗରସ ଆଦି ବିଭବମାନ ଚନ୍ଦ୍ରଗୁପ୍ତ ନାଟକରେ ସୁବିନ୍ୟସ୍ତ କରାଯାଇଛି ।

ପ୍ରାୟ ଷାଠିଏ ବର୍ଷତଳେ ରଚିତ ଏହି ପୁରୁଣା ବହିଟି ସାମ୍ପ୍ରତିକ କାଳ ପାଇଁ ନିଜର ପ୍ରାସଙ୍ଗିକତା ଓ ଉପଯୋଗିତା ହରାଇ ନାହିଁ । ସ୍ୱତନ୍ତ୍ର ପ୍ରଦେଶ ହେଲା ପରେ (୧୯୩୬) ଏବଂ ସ୍ୱାଧୀନତା ଲାଭ ପରେ (୧୯୪୭) ମଧ୍ୟ ଆମେ ଏ ହତଭାଗ୍ୟ ରାଜ୍ୟକୁ କି ଅବସ୍ଥାରେ ଦେଖୁଛୁଁ ? ଏ ଅଭିଶପ୍ତ ଜାତିକୁ ବିଚ୍ଛିନ୍ନତାବାଦ, କାପୁରୁଷତା ଓ ସଙ୍କୀର୍ଣ୍ଣ ସ୍ୱାର୍ଥପରତାରୁ ଉଦ୍ଧାର ପାଇଥିବାର ଦେଖୁଛୁଁ କି ? ଆମର ଜାତୀୟ ସଂହତି ସୁପ୍ରତିଷ୍ଠିତ ହୋଇଛି କି ? ଚନ୍ଦ୍ରଗୁପ୍ତ ନାଟକର ମର୍ମବାଣୀ ଏବେ ମଧ୍ୟ ଜାତିର କର୍ଣ୍ଣ-କୁହରରେ ପ୍ରବେଶ କରାଇବାର ଆବଶ୍ୟକତା ଅଛି । ଏବେ ଆଧୁନିକ ଓଡ଼ିଆ ନାଟକର ଶତବାର୍ଷିକୀ ପାଳନ ଉପଲକ୍ଷେ ଏହାର ପୁନରାଭିନୟ ଓ ନବ ମୂଲ୍ୟାୟନ ଲୋଡ଼ା ପଡ଼ୁଛି ।

## ପୁଚ୍ଛାଗ୍ର

୧୯୪୪।୪୫ ମସିହାରେ ଏହି ଆଲୋଚକ ଯେତେବେଳେ ବାଲେଶ୍ୱର ଜିଲ୍ଲା ଦୋଳସାହି ହାଇସ୍କୁଲର ଛାତ୍ର ଥିଲା, ସେତେବେଳେ ସେ ବାଳକୃଷ୍ଣଙ୍କର ଚନ୍ଦ୍ରଗୁପ୍ତ ନାଟକରେ ଦୁର୍ଧର ଭୂମିକାରେ ଅଭିନୟ କରିବାର ସୁଯୋଗ ପାଇଥିଲା । ଆଲୋଚକର ଏହି କଦର୍ଯ୍ୟ ରୂପ ସେତେବେଳେ ନାଟ୍ୟର ବେଶ-ପୋଷାକରେ କପରି ଦେଖା ଯାଉଥିଲା, ତାହା ଜାଣିବାର ଉପାୟ ନାହିଁ କିମ୍ବା ତାହାର ମନେ ପଡ଼ୁନାହିଁ । ଅଭିନୟର ଆଲୋକ ଚିତ୍ର ଗୃହୀତ ହୋଇ ନଥିଲା । କିନ୍ତୁ ସେ ଦୁର୍ଧର ଭୂମିକାରେ ଯେ ଅନୁପ୍ରାଣିତ ହୋଇ ଅଭିନୟ କରିଥିଲା, ତାହା ଏବେ ମଧ୍ୟ ତାହାର ମନେ ପଡ଼ୁଛି । 'ଚନ୍ଦ୍ରଗୁପ୍ତ' ନାଟକ-ବାଳକୃଷ୍ଣ ଏହି ଆଲୋଚକର ତରୁଣ ଜରିଆରେ ପ୍ରାଣରେ ସେତେବେଳେ ବୀର-ପୂଜା ଓ ଶୌର୍ଯ୍ୟ-ପ୍ରେମ ପ୍ରତି ଏକ ପ୍ରବଣତା ସୃଷ୍ଟି କରି ପାରିଥିଲେ ।

●

# 'ଫୁଲମଣି ଓ କରୁଣାର ବିବରଣ'

ରାମଶଙ୍କର ରାୟଙ୍କର 'ସୌଦାମିନୀ' (୧୮୭୮) ଉପନ୍ୟାସର ସାତବର୍ଷ ପୂର୍ବରୁ ଏବଂ ଉମେଶଚନ୍ଦ୍ର ସରକାରଙ୍କର 'ପଦ୍ମମାଳୀ' (୧୮୮୮/୮୯) ଉପନ୍ୟାସର ସତର ବର୍ଷ ପୂର୍ବରୁ ଓଡ଼ିଆ ଭାଷାରେ ପ୍ରଚଳିତ ଅର୍ଥରେ ଏକ ପୂର୍ଣ୍ଣାଙ୍ଗ ଉପନ୍ୟାସ ପ୍ରକାଶ ଲାଭ କରିଥିଲା । ଏହି ଉପନ୍ୟାସଟି ମୌଳିକ ରଚନା ନୁହେଁ, ଏକ ବଙ୍ଗଳା ଉପନ୍ୟାସର ଅନୁବାଦ ।

"୧୮୭୧ ମସିହାରେ ଖ୍ରୀଷ୍ଟିୟାନ୍ ପାଦ୍ରୀ ରେଭରେଣ୍ଡ୍ ଜେ: ଷ୍ଟିବନସ୍ ବଙ୍ଗଳା କାହାଣୀ (କେତେକ ସମାଲୋଚକଙ୍କ ମତରେ ପ୍ରଥମ ବଙ୍ଗଳା ଉପନ୍ୟାସ) 'ଫୁଲମନ ଓ କରୁନାର ବିବରନ୍'ର ଉତ୍କଳୀୟ ଅନୁବାଦ ପ୍ରକାଶ କରିଥିଲେ । ଏହି ଗଳ୍ପଟି ୧୮୫୨ରେ ଜନୈକା ଇଂରେଜ ମହିଳା ଶ୍ରୀମତୀ ହାନା କ୍ୟାଥେରିନ୍ ମ୍ୟଲେନସ୍ (୧୮୨୬—୬୧) ରଚନା କରିଥିଲେ । ଖ୍ରୀଷ୍ଟିୟାନ୍ ପ୍ରଚାର ସାହିତ୍ୟ ରୂପେ ଏହାର ସୃଷ୍ଟି ହୋଇଥିଲା ଏବଂ ଓଡ଼ିଆ ସମେତ ବାରଟି ଭାରତୀୟ ଭାଷାରେ ଅନୂଦିତ ହୋଇଥିଲା । ଏଥିରେ ବଙ୍ଗଳା ପଲ୍ଲୀ ଅଞ୍ଚଳର ବାସ୍ତବ କାହାଣୀ ଚିତ୍ରିତ ହୋଇଛି; ଅଧିକାଂଶ ପାତ୍ରପାତ୍ରୀ ସମାଜର ନିମ୍ନସ୍ତରର ବ୍ୟକ୍ତି ଏବଂ ଖ୍ରୀଷ୍ଟଧର୍ମାବଲମ୍ବୀ । ଫୁଲମନ ଆଦର୍ଶ ଖ୍ରୀଷ୍ଟିୟାନ୍ ରମଣୀ; କରୁନା ଖ୍ରୀଷ୍ଟିୟାନ୍ ହୋଇ ମଧ୍ୟ ଧର୍ମନୀତି ଅନୁଯାୟୀ ଜୀବନଯାପନ କରେ ନାହିଁ । ଏହି ଦୁଇଟି ଚରିତ୍ରର ବୈସାଦୃଶ୍ୟ ମଧ୍ୟରେ ଲେଖିକା ଖ୍ରୀଷ୍ଟିୟାନ୍ ସମାଜ, ବିଶେଷତଃ ମହିଳାମାନଙ୍କୁ ନୀତି-ଉପଦେଶ ପ୍ରଦାନ କରିଛନ୍ତି । କାହାଣୀ ମଧ୍ୟରେ ବାରମ୍ବାର ବାଇବେଲରୁ ଉଦ୍ଧୃତିମାନ ଦିଆଯାଇଛି । ଗଳ୍ପ-ଗୁମ୍ଫନ ଓ ଚରିତ୍ର-ଚିତ୍ରଣ ବାସ୍ତବତା ଉପରେ ପ୍ରତିଷ୍ଠିତ ଥିବାରୁ 'ଫୁଲମନ ଓ କରୁନାର ବିବରନ୍' ସେ ସମୟରେ ଭାରତୀୟ ସାହିତ୍ୟରେ ଏକ ଉଲ୍ଲେଖଯୋଗ୍ୟ ସୃଷ୍ଟି ।" ※

---

※ ଓଡ଼ିଆ ଉପନ୍ୟାସ—ପ୍ରକାଶକ ଜଗନ୍ନାଥ ରଥ, କଟକ(୧୯୭୮)—ପୃଷ୍ଠା ୧୧୮/୧୯

ପ୍ରାୟ ଦଶବର୍ଷ ତଳେ ଓଡ଼ିଆ ଉପନ୍ୟାସ ସମ୍ପର୍କରେ ଏହି ଆଲୋଚକ ଯେତେବେଳେ ଅନୁସନ୍ଧାନ ଚଳାଇଥିଲି, ସେତେବେଳେ ଉକ୍ତ ଉପନ୍ୟାସର ମୂଳ ବଙ୍ଗଳା ଗ୍ରନ୍ଥଟି ପାଇଥିଲି; ବହୁ ଖୋଜାଖୋଜି କରି ମଧ୍ୟ ଅନୂଦିତ ଓଡ଼ିଆ ଗ୍ରନ୍ଥ ପାଇପାରି ନ ଥିଲି । ତେଣୁ ସେହି ବଙ୍ଗଳା ଗ୍ରନ୍ଥ ଅବଲମ୍ବନରେ ସେ ଆପଣା ଗବେଷଣା-ପ୍ରବନ୍ଧରେ ଉପନ୍ୟାସଟି ସମ୍ପର୍କରେ ପୂର୍ବରୁ ଉଦ୍ଧାର କରାଯାଇଥିବା ଅନୁଚ୍ଛେଦରେ ସଂକ୍ଷିପ୍ତ ମନ୍ତବ୍ୟ ପ୍ରକାଶ କରିଥିଲି । ସୁଖର କଥା, ଏବେ କଟକ ସରକାରୀ ସାନ୍ଧ୍ୟ କଲେଜର ଇତିହାସ ଅଧ୍ୟାପକ ଶ୍ରୀ ରବୀନ୍ଦ୍ର କୁମାର ଦାସଙ୍କ ସହାୟତାରେ ଉପନ୍ୟାସର ଅନୂଦିତ ଓଡ଼ିଆ ଗ୍ରନ୍ଥଟି ମିଳିଗଲି । ଏହି ଅବକାଶରେ ତେଣୁ ଅଧ୍ୟାପକ ଦାସ ଆମର ବିଶେଷ ଧନ୍ୟବାଦାର୍ହ ।

'ଫୁଲମଣି ଓ କରୁଣାର ବିବରଣ' ଓଡ଼ିଆ ଅନୁବାଦଟି କଟକର 'ଓଡ଼ିଶା ମିସନ୍ ପ୍ରେସ୍'ରୁ ଡବ୍ଲ୍ୟୁ: ବ୍ରୁକ୍ସଙ୍କ ଦ୍ୱାରା ମୁଦ୍ରିତ ହୋଇ ପ୍ରକାଶ ଲାଭ କରିଥିଲା । ସମ୍ଭବତଃ ଏହା ଗ୍ରନ୍ଥଟିର ଦ୍ୱିତୀୟ ମୁଦ୍ରଣ । ଏପରି ସମ୍ଭାବନାର କାରଣ ରହିଛି । ୧୮୫୭-୫୮ ମସିହାରେ କଟକର ଓଡ଼ିଶା ମିସନ୍ ପ୍ରେସରୁ ଯେଉଁ ଓଡ଼ିଆ ବହିଗୁଡ଼ିକ ପ୍ରକାଶ ପାଇଥିବାର ତାଲିକା ମିଳୁଛି, ତନ୍ମଧ୍ୟରେ 'ଫୁଲମଣି ଓ କରୁଣା' ଅନ୍ତର୍ଭୁକ୍ତ ହୋଇଛି । ୨୧୦ ପୃଷ୍ଠାର ଏହି ପୁସ୍ତକଟି ୫୦୦ କପି ମୁଦ୍ରିତ ହୋଇଥିଲା ବୋଲି ୧୮୫୭-୫୮ର ବାର୍ଷିକ 'ଓଡ଼ିଶା ମିସନ୍ ରିପୋର୍ଟସ୍'ର ୨୭ ପୃଷ୍ଠାରେ ଉଲ୍ଲେଖ କରାଯାଇଛି । ସେହି ରିପୋର୍ଟସ୍‌ର ୨୪ ପୃଷ୍ଠାରେ ବୋଲାଯାଇଛି —"ଆମର ଭର୍ଣ୍ଣାକ୍ୟୁଲାର ସାହିତ୍ୟରେ 'ଫୁଲମଣି ଓ କରୁଣା' ଅନ୍ୟ ଏକ ଚମତ୍କାର ସଂଯୋଜନ । ଏହା ସ୍କୁଲ-ପାଠ୍ୟ ବାହାରେ ପଠିତ ହେଉଛି ।" ତେଣୁ ଏହି ଗ୍ରନ୍ଥର ପ୍ରଥମ ସଂସ୍କରଣ ୧୮୫୭।୫୮ ମସିହାରେ ପ୍ରକାଶ ପାଇଥିବାର ମନେହୁଏ । ପ୍ରଥମ ସଂସ୍କରଣରେ ମାତ୍ର ୫୦୦ କପି ଛପାଯାଇ ଥିବାରୁ ଦଶ-ବାର ବର୍ଷ ମଧ୍ୟରେ ଗ୍ରନ୍ଥଟି ନିଃଶେଷ ହୋଇ ଯାଇଥିବ; ତେଣୁ ୧୮୭୧ ମସିହାରେ ଏହାର ଦ୍ୱିତୀୟ ମୁଦ୍ରଣ କରାଯାଇଥିବ—ଏହା ସହଜରେ ଅନୁମେୟ । ଦୁର୍ଭାଗ୍ୟର ବିଷୟ—ଏବେ ଆମର ହସ୍ତଗତ ହୋଇଥିବା ଗ୍ରନ୍ଥର ଆଦ୍ୟ (ଇନର୍) ପୃଷ୍ଠାଗୁଡ଼ିକ ନଷ୍ଟହୋଇ ଯାଇଥିବାରୁ ଏହା ପ୍ରଥମ କିମ୍ବା ଦ୍ୱିତୀୟ କେଉଁ ମୁଦ୍ରଣର ଗ୍ରନ୍ଥ, ଜାଣିବାର କୌଣସି ଉପାୟ ନାହିଁ ।

'ଫୁଲମଣି ଓ କରୁଣାର ବିବରଣ' ଗ୍ରନ୍ଥର ଅନୁବାଦକ ରେଭରେଣ୍ଡ଼ ଜେ: ଷ୍ଟିବନ୍‌ସଙ୍କ ବିଷୟରେ ଯେଉଁ ସ୍ୱଳ୍ପ ତଥ୍ୟ ମିଳୁଛି, ତହିଁରୁ ଜଣାପଡେ ଯେ—ସେ ୧୮୩୮ରୁ ୧୮୪୨ ପର୍ଯ୍ୟନ୍ତ ପ୍ରାୟ ପାଞ୍ଚବର୍ଷ କାଳ ଗଞ୍ଜାମ ବ୍ରହ୍ମପୁରର ଖ୍ରୀଷ୍ଟୀୟ ମଣ୍ଡଳୀ ସହିତ ସଂଶ୍ଳିଷ୍ଟ ଥିଲେ । ମଝିରେ ଅଳ୍ପ କିଛିଦିନ ମେଦିନୀପୁରରେ କାର୍ଯ୍ୟ କରି ତତ୍ପରେ ଦୀର୍ଘକାଳ କଟକରେ ରହିଥିଲେ । ୧୮୪୭ରେ ସେ କଟକରେ ସ୍ଥାପିତ

'ଓଡ଼ିଶା ମିସନ୍ ଏକାଡେମୀ' ନାମକ ପରମାର୍ଥ ବିଦ୍ୟାଳୟର ଅଧ୍ୟକ୍ଷ ହୋଇଥିଲେ । ଦୀର୍ଘକାଳ ଓଡ଼ିଶାରେ ରହିବା ଫଳରେ ଷ୍ଟବନ୍ସ ସାହେବ ଓଡ଼ିଆ ଭାଷା ମାଧ୍ୟମରେ ଶିକ୍ଷା କରିଥିଲେ । ଓଡ଼ିଆରେ 'ଭ୍ରମନାଶକ' ଏବଂ 'ଜାତି ମୀମାଂସା' ନାମରେ ଦୁଇଖଣ୍ଡି ମୌଳିକ ଗ୍ରନ୍ଥ ସେ ରଚନା କରିଥିଲେ । *

୧୮୫୨ ମସିହାରେ ପ୍ରକାଶିତ ମୂଳ ରଚନାଟି କେତେକ ସମୀକ୍ଷକଙ୍କ ମତରେ ବଙ୍ଗଳା ସାହିତ୍ୟର ପ୍ରଥମ ଉପନ୍ୟାସ ରୂପେ ବିବେଚିତ ହେଉଛି; କାରଣ ଏଥିରେ କାହାଣୀର ମୌଳିକତା, ଚରିତ୍ର ଚିତ୍ରଣରେ ପାଟବ ଏବଂ ଭାଷାର ପ୍ରାଞ୍ଜଳତା ପରିଲକ୍ଷିତ ହୁଏ । ଅନ୍ୟ କେତେକ ସମୀକ୍ଷକଙ୍କ ମତରେ ପ୍ରଥମ ବଙ୍ଗଳା ଉପନ୍ୟାସ ରୂପେ ଚିହ୍ନିତ 'ଆଲାଲେର ଘରେର ଦୁଲାଲ' (୧୮୫୮) ପ୍ରକାଶ ପାଇବାର ଛଅ ବର୍ଷ ପୂର୍ବରୁ ଜଣେ ବିଦେଶିନୀ ମହିଳାଙ୍କ ଦ୍ୱାରା ରଚିତ ହୋଇ ଏହା ଏକ ବିସ୍ମୟକର ସୃଷ୍ଟି ରୂପେ ଆତ୍ମପ୍ରକାଶ କରିଥିଲା । ପରେ ପରେ ଏହା ପୁଣି ବିଭିନ୍ନ ବାରଟି ଭାରତୀୟ ଭାଷାରେ ଅନୂଦିତ ହୋଇ ପ୍ରକାଶ ପାଇଥିଲା । ଏଠାରେ ପ୍ରଶ୍ନ ହୋଇପାରେ— ବଙ୍ଗଳାର ପଲ୍ଲୀ ଜୀବନର ଏକ ନିର୍ଦ୍ଦିଷ୍ଟ ଧର୍ମଭିତ୍ତିକ ଚିତ୍ର ପ୍ରଦାନ କରୁଥିବା ଏହି ଉପନ୍ୟାସଟି ସେତେବେଳେ ବିଭିନ୍ନ ଭାରତୀୟ ଭାଷା— ବିଶେଷ କରି ଓଡ଼ିଆ ଭାଷାରେ ଅନୂଦିତ ହୋଇ ପ୍ରକାଶ ପାଇବାର କି କାରଣ ଥିଲା ?

ଏହାର ବିଭିନ୍ନ କାରଣ ଏଠାରେ ନିରୂପଣ କରାଯାଇ ପାରେ । ପ୍ରଥମତଃ ଭାରତୀୟମାନଙ୍କୁ ଧର୍ମାନ୍ତରିତ କରିବା ଉଦ୍ଦେଶ୍ୟରେ ସେତେବେଳେ ମିସନାରୀମାନଙ୍କ ପ୍ରଚାର-କାର୍ଯ୍ୟ ଭର୍ଣ୍ଣାକ୍ୟୁଲାର ବା ଭାରତୀୟ ଭାଷାମାନଙ୍କ ମାଧ୍ୟମରେ ହିଁ କରାଯାଉଥିଲା । ଭାରତ ବିଶେଷତଃ ଓଡ଼ିଶାରେ ସେ ସମୟରେ ଇଂରାଜୀ ଶିକ୍ଷା ଚେର ଧରି ନ ଥିବାରୁ ଖ୍ରୀଷ୍ଟଧର୍ମ ପ୍ରଚାର ପାଇଁ ଏହା ଥିଲା ଏକ ଉତ୍କୃଷ୍ଟ ପ୍ରଭାବଶାଳୀ ଉପାୟ । ଏ ଦେଶୀୟ ଭାଷାମାନଙ୍କରେ ଖ୍ରୀଷ୍ଟୀୟ ସାହିତ୍ୟ ସୃଷ୍ଟି ପାଇଁ ମିସନାରୀମାନେ ତେଣୁ ମାଧ୍ୟମରେ କାର୍ଯ୍ୟ କରିଥିଲେ । ଓଡ଼ିଶାରେ ଏହା ଏକ ସାଧାରଣ ନୀତି ହିସାବରେ ଗୃହୀତ ହୋଇ ଥିବାର ବିଭିନ୍ନ ବିବରଣୀ ଓ ପାଦ୍ରୀମାନଙ୍କ ଅଭିଭାଷଣରୁ ଜଣାପଡ଼େ । **

---

* ଓଡ଼ିଶାରେ ବାପ୍‌ଟିଷ୍ଟ ମିସନେରୀ ସୋସାଇଟିର କାର୍ଯ୍ୟ—ଶ୍ରୀ ପ୍ରଫୁଲ୍ଲ କୁମାର ପାତ୍ର, ଓଡ଼ିଶା ମିସନ୍ ପ୍ରେସ୍, କଟକ (୧୯୪୩)—ପୃଷ୍ଠା ୧୭୦

** ଏ ସମ୍ପର୍କରେ ବିଶେଷତଃ The Calcutta Christian Observer—December, 1849 ଦ୍ରଷ୍ଟବ୍ୟ ।

ଦ୍ୱିତୀୟତଃ କଥା ସାହିତ୍ୟ ଏକ ଗଣତାନ୍ତ୍ରିକ କଳା ଏବଂ ଜନ-ଜୀବନରେ ଏହାର ବଳିଷ୍ଠ ଆବେଦନ ରହିଥିବା ବିଷୟରେ ଚତୁର ବିଦେଶୀ ମିସନାରୀମାନେ ସଚେତନ ଥିଲେ । ତେଣୁ ସେମାନେ ଖ୍ରୀଷ୍ଟଧର୍ମ ପ୍ରଚାର ଓ ପ୍ରସାରର ପଥ ସହଜ ଓ ସୁଗମ କରିବା ପାଇଁ ଉକ୍ତ ଉପନ୍ୟାସଟିକୁ ବିଭିନ୍ନ ଭାରତୀୟ ଭାଷାରେ ତର୍ଜମା କରିଥିଲେ । ଏ ଦିଗରେ ଖୁବ୍ ସମ୍ଭବ ସପ୍ତଦଶ ଶତାବ୍ଦୀର ବିଖ୍ୟାତ କଥାଗ୍ରନ୍ଥ 'ଦି ପିଲଗ୍ରୀମ୍‌ସ ପ୍ରୋଗ୍ରେସ୍' (୧୬୭୮) ସେମାନଙ୍କ ସମକ୍ଷରେ ଏକ ଆଦର୍ଶ ହୋଇ ରହିଥିଲା । ଜନ୍ ବୁନୟାନ୍ (୧୬୨୮-୮୮) କାରା-ପ୍ରାଚୀର ମଧ୍ୟରେ ଏହି ଜନପ୍ରିୟ କାହାଣୀଟି ରଚନା କରି ପ୍ରମାଣ କରି ଦେଇଥିଲେ ଯେ ସାଧାରଣ ଜନତା ନିକଟରେ କଥାଗ୍ରନ୍ଥର ବଳିଷ୍ଠ ଧର୍ମୀୟ ଆବେଦନ ରହିଛି । ତୃତୀୟତଃ ସେତେବେଳେ ଭାରତ—ବିଶେଷ କରି ଓଡ଼ିଶାର ସ୍ତ୍ରୀ ଲୋକମାନଙ୍କୁ ଖ୍ରୀଷ୍ଟଧର୍ମ ପ୍ରତି ଆକୃଷ୍ଟ କରିବା ପାଇଁ ଉପନ୍ୟାସଟିର ଅନୁବାଦ ଲୋଡ଼ା ପଡ଼ିଥିଲା । ଏହି ଉପନ୍ୟାସରେ ଭାରତୀୟ ଖ୍ରୀଷ୍ଟିୟାନ ନାରୀଙ୍କର ଜୀବନ-ଚିତ୍ର ହିଁ ପ୍ରଧାନ ଉପଜୀବ୍ୟ ବିଷୟ । ମୂଳ ଗ୍ରନ୍ଥର ବଙ୍ଗଳା ଶିରୋନାମା ତଳେ ଇଂରାଜୀରେ ଉପନ୍ୟାସର ଏହିପରି ସୂଚନାତ୍ମକ ପରିଚୟ ଦିଆଯାଇଛି—'The History of Phulmani and Karuna, a book for native Christian Women' । ଓଡ଼ିଶାରେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିବା ନାରୀଙ୍କ ସଂଖ୍ୟା ସେତେବେଳେ ଅର୍ଥାତ୍ ଊନବିଂଶ ଶତାବ୍ଦୀର ପ୍ରଥମ ପାଦରେ ଅତି ନଗଣ୍ୟ ଥିଲା । ୧୮୩୦ ମସିହାରେ ଦୁଇଜଣ ଓଡ଼ିଆ ହିନ୍ଦୁ ସ୍ତ୍ରୀ ଲୋକଙ୍କର ଧର୍ମାନ୍ତରୀକରଣ ଘେନି ତଉଦ୍ୱାର କୁଞ୍ଜବର ମଠର ସାଧୁ ସୁନ୍ଦର ଦାସ (୧୭୭୪ ?—୧୮୩୮) ଏବଂ ମିସନାରୀମାନଙ୍କ ମଧ୍ୟରେ ବିବାଦ ଏହି ପ୍ରସଙ୍ଗରେ ଉଲ୍ଲେଖଯୋଗ୍ୟ । ତେଣୁ ବହୁ ସଂଖ୍ୟକ ଓଡ଼ିଆ ନାରୀଙ୍କ ମେଳରେ ଖ୍ରୀଷ୍ଟଧର୍ମର ବାଣୀ ପ୍ରଚାର କରିବା ଏବଂ ସେମାନଙ୍କ ସମକ୍ଷରେ ଖ୍ରୀଷ୍ଟିୟାନ୍ ନାରୀ-ଜୀବନର ସୁନ୍ଦର ଚିତ୍ର ଉପସ୍ଥାପନ କରିବାର ଆବଶ୍ୟକତା ଉପଲବ୍ଧି କରାଯାଇଥିଲା ।

'ଫୁଲମଣି ଓ କରୁଣାର ବିବରଣ' ଉପନ୍ୟାସର କଥାବସ୍ତୁ ସଂକ୍ଷେପରେ ଏହିପରି—ବଙ୍ଗାଳୀ-ଖ୍ରୀଷ୍ଟିୟାନ୍‌ମାନଙ୍କର ଏକ ଗ୍ରାମରେ ଲେଖିକାଙ୍କର ଫୁଲମଣି ଓ କରୁଣାଙ୍କ ସହିତ ପରିଚୟ ହେଲା । ଫୁଲମଣି ଅଶିକ୍ଷିତା ଗାଉଁଲି ସ୍ତ୍ରୀ ଲୋକ ହେଲେହେଁ ଧର୍ମପ୍ରାଣା ଓ ସଚ୍ଚରିତ୍ରା । ତାହାର ସ୍ୱାମୀ ପ୍ରେମଚନ୍ଦ୍ର, ପାଦ୍ରୀ ସାହେବଙ୍କ ପାଖରେ ହରକରା କାର୍ଯ୍ୟ କରେ । ସୁନ୍ଦରୀ, ସତ୍ୟବତୀ, ସାଧୁ ଓ ପ୍ରିୟନାଥ ନାମରେ ତାହାର ଦୁଇ ଝିଅ ଏବଂ ଦୁଇ ପୁଅ । ପରିବାରର ଆର୍ଥିକ ସ୍ୱଚ୍ଛଳତା ନ ଥିଲା । ତଥାପି ଫୁଲମଣି ନିଜ ଗୋଡ଼ରେ ଠିଆ ହେବାକୁ ଚେଷ୍ଟା କରିଛି ଏବଂ ପିଲାମାନଙ୍କୁ ତଦନୁଯାୟୀ ଗଢ଼ିଛି । ବହୁ ବାଧା, ପ୍ରତିବାଦ ମଧ୍ୟରେ ବଡ଼ ଝିଅ ସୁନ୍ଦରୀକୁ କଲିକତା ପଠାଇଛି ଜଣେ ଡାକ୍ତର ସାହେବଙ୍କ ଘରେ ଆୟା କାମ କରିବା ପାଇଁ ।

କଲିକତାରେ ଡାକ୍ତର ସାହେବଙ୍କ ମାଳୀର ଭଦ୍ର, ଧାର୍ମିକ ପୁତ୍ର ଚନ୍ଦ୍ରକାନ୍ତକୁ ଭଲ ପାଇ ସୁନ୍ଦରୀ ବିବାହ କରିଛି ଏବଂ ତାହାର ଦାମ୍ପତ୍ୟ ଜୀବନ ସୁଖମୟ ହୋଇଛି । ଫୁଲମଣି ଓ କରୁଣା ଚରିତ୍ର ମଧ୍ୟରେ ବୈପରୀତ୍ୟ ରହିଛି । କରୁଣା ଧାର୍ମିକା ଓ କର୍ମତତ୍ପରା ନୁହେଁ । କେତେଗୁଡ଼ିଏ ମନ୍ଦ ଅଭ୍ୟାସ ଯୋଗୁ ସ୍ୱାମୀ ଓ ଦୁଇପୁତ୍ରଙ୍କ ସହ ସେ ଅତି ଦୁଃଖ-ଦାରିଦ୍ର୍ୟ ମଧ୍ୟରେ କାଳ କଟାଉଥିଲା । ସ୍ୱାମୀ ତାହାର ମଦ୍ୟପ, ବେଶ୍ୟାସକ୍ତ; ସେ ଜୁଆ ଖେଳେ ଏବଂ କରୁଣା ସହିତ ଦୁର୍ବ୍ୟବହାର କରେ । କରୁଣା ନିଜର ଦୁଇ ପୁଅଙ୍କୁ ମଣିଷ କରି ଗଢ଼ିବା ପାଇଁ ମୂଳରୁ କୌଣସି ଚେଷ୍ଟା କରି ନ ଥିଲା । ଫଳରେ ବଡ଼ ପୁଅ ବଂଶୀ ନିଜ ବାପପରି ଚରିତ୍ରଭ୍ରଷ୍ଟ ହୋଇ ନାନା କୁକାର୍ଯ୍ୟ କରିବାରେ ଲଗିଲା ଏବଂ ଦିନେ ଚୋରି କରିବାକୁ ଯାଇ ଦୈବାତ୍ ପୋଖରୀରେ ପଡ଼ି ବୁଡ଼ିମଲା । ଲେଖିକା ଓ ଫୁଲମଣିଙ୍କ ପ୍ରଭାବରେ କରୁଣାର ଚରିତ୍ରଗତ ପରିବର୍ତ୍ତନ ଘଟିଲା ଏବଂ ସେ ଜଣେ ସଚ୍ଚା ଖ୍ରୀଷ୍ଟିୟାନ୍‌ରେ ପରିଣତ ହେଲା । ତାହାର ସାନ ପୁଅ ନବୀନ ଲେଖିକାଙ୍କ ଘରେ ଚାକର ରୂପେ ଭଲରେ ରହିଛି ଏବ ତାହାର ଦୁଶ୍ଚରିତ୍ର ସ୍ୱାମୀର ମଧ୍ୟ ପରିବର୍ତ୍ତନ ଆସିଛି । ସେହି ଖ୍ରୀଷ୍ଟିୟାନ ଗ୍ରାମରେ ଆଉ ଗୋଟିଏ ଦମ୍ପତିର ଜୀବନ-ଚିତ୍ର ଉପନ୍ୟାସରେ ପ୍ରଦାନ କରିଯାଇଛି । ଫୁଲମଣିର ବଡ଼ ଝିଅ ସୁନ୍ଦରୀର ପଢ଼ା-ସାଙ୍ଗ ରାଣୀ ମଧୁକୁ ବିବାହ କରିଥିଲା । ମଧୁ , କରୁଣାର ସ୍ୱାମୀ ପରି ଥିଲା ମଦ୍ୟପ ଓ ଅସତ୍ ଚରିତ୍ରର ବ୍ୟକ୍ତି । ସେ ଅକାଳରେ ମରିଯିବାରୁ ଲେଖିକା ଓ ଫୁଲମଣି ଦୁହେଁ ବିଧବା ରାଣୀ ପ୍ରତି ସାହାଯ୍ୟ ସହାନୁଭୂତି ପ୍ରକାଶ କରିଛନ୍ତି । ଶେଷରେ ରାଣୀ କଲିକତାର ଜଣେ ଶିକ୍ଷିତ ଖ୍ରୀଷ୍ଟିୟାନ୍ ଯୁବକଙ୍କୁ ବିବାହ କରି ସୁଖରେ ରହିଛି ।

ଫୁଲମଣିର ପରିବାରକୁ ନେଇ ଉପନ୍ୟାସର ମୁଖ୍ୟ କାହାଣୀ ବା ମେନ୍ ପ୍ଲଟ୍ ସଂଗଠିତ ହୋଇଛି । କରୁଣା ପରିବାରକୁ ନେଇ ଗୋଟିଏ ଏବଂ ରାଣୀ ପରିବାରକୁ ନେଇ ଆଉ ଗୋଟିଏ — ଏହିପରି ଦୁଇଟି ଗୌଣ ଗଳ୍ପ ବା ସବ୍‌ପ୍ଲଟ୍ ମୁଖ୍ୟ । କାହାଣୀ ସହିତ ସଂଯୋଜିତ ହୋଇଛି । ଏହା ବ୍ୟତୀତ ସେହି ଖ୍ରୀଷ୍ଟିୟାନ୍ ଗ୍ରାମର ପ୍ୟାରୀ ନାମକ ଜଣେ ଧାର୍ମିକା ବୃଦ୍ଧା ଏବଂ ଲେଖିକାଙ୍କର ମୁସଲମାନୀ ଆୟା, ଉପନ୍ୟାସର କଥାବସ୍ତୁରେ ଗୌଣ ହେଲେ ମଧ୍ୟ ଉଲ୍ଲେଖଯୋଗ୍ୟ ସ୍ଥାନ ଅଧିକାର କରିଛନ୍ତି । ମୃତ୍ୟୁ ପୂର୍ବରୁ ପ୍ୟାରୀ ଉଦ୍‌ବୋଧନୀପକ କଥାବାର୍ତ୍ତା ଦ୍ୱାରା ମୁସଲମାନୀ ଆୟାକୁ ଖ୍ରୀଷ୍ଟଧର୍ମ ପ୍ରତି ଆକୃଷ୍ଟ କରାଇଛି । ଗଳ୍ପ-ଗୁମ୍ଫନ ତଥା ଘଟଣା-ବିନ୍ୟାସରେ ଲେଖିକା ସ୍ୱାଭାବିକତା ଏବଂ କାର୍ଯ୍ୟ-କାରଣର ସଙ୍ଗତି ରକ୍ଷା କରିଛନ୍ତି । ଫଳରେ କଥାବସ୍ତୁରେ ଗତି ଓ ଚମତ୍କାରିତା ପ୍ରକଟିତ ହୋଇଛି । ଏପରି କି, ଉପନ୍ୟାସର ବିଭିନ୍ନ ସ୍ଥାନରେ ଖ୍ରୀଷ୍ଟଧର୍ମର ପ୍ରଚାରାତ୍ମକ ଆଭିମୁଖ୍ୟ ପ୍ରକାଶ ପାଇଥିଲେ ମଧ୍ୟ, ସେହି ଗତି ଓ ଚମତ୍କାରିତା ବିଶେଷ ବ୍ୟାହତ ହୋଇ ନାହିଁ ।

ଉପନ୍ୟାସର ସ୍ଥାନ ବଡ଼ ବିଭିନ୍ନ ଘଟଣା ସନ୍ନିବେଶିତ ହୋଇଛି । କିନ୍ତୁ ଏହାକୁ ଘଟଣାପ୍ରଧାନ ଅଥବା ବର୍ଣ୍ଣନା-ପ୍ରଧାନ ଉପନ୍ୟାସ ବୋଲିଯାଇ ପାରିବ ନାହିଁ । ଊନବିଂଶ ଶତାବ୍ଦୀ ଆଦ୍ୟ ଭାଗରେ ଇଂରାଜୀ ସାହିତ୍ୟରେ ମୁଖ୍ୟତଃ ଚରିତ୍ର-ପ୍ରଧାନ ଉପନ୍ୟାସ ରଚିତ ହେଉଥିଲା—ଏ ବିଷୟରେ ଲେଖିକା ଶ୍ରୀମତୀ ମ୍ୟାଲେନ୍ସ ନିଶ୍ଚୟ ଅବହିତ ଥିଲେ । 'ଫୁଲମଣି ଓ କରୁଣାର ବିବରଣ' ଉପନ୍ୟାସକୁ ସେହି ରୀତିରେ ସେ ଚରିତ୍ରପ୍ରଧାନ କରିଛନ୍ତି । ଏଥିରେ ବିଂଶାଧିକ ଚରିତ୍ର ସନ୍ନିବେଶିତ କରାଯାଇଛି । ତନ୍ମଧ୍ୟରେ ଫୁଲମଣି, କରୁଣା, ରାଣୀ, ସୁନ୍ଦରୀ, ପ୍ରେମଚନ୍ଦ୍ର ଓ କରୁଣାର ସ୍ୱାମୀ ପ୍ରଭୃତି ମୁଖ୍ୟଚରିତ୍ର । ଲେଖିକା ( ନୂଆ ମାଜିଷ୍ଟ୍ରେଟ୍‌ଙ୍କ ବିବି ) ସମଗ୍ର କାହାଣୀ ମଧ୍ୟରେ 'ସୂତ୍ରଧର' ରୂପେ କାର୍ଯ୍ୟ କରିଛନ୍ତି—ଉପନ୍ୟାସର ବିଭିନ୍ନ ଘଟଣା ସହିତ ତାଙ୍କର ସଂଯୋଗ ସ୍ଥାପିତ ହୋଇଛି; ତାଙ୍କୁ ମଧ୍ୟ ଗୋଟିଏ ମୁଖ୍ୟ ଚରିତ୍ର ହିସାବରେ ଗ୍ରହଣ କରାଯାଇପାରେ । ପ୍ୟାରୀ, ମୁସଲମାନୀ ଆୟା, ସତ୍ୟବତୀ, ମଧୁ, ବଂଶୀ, ନବୀନ, ଚନ୍ଦ୍ରକାନ୍ତ, ସରଦାର ବେହେରା, ବୈଦ୍ୟ, କଲିକତାର ଖ୍ରୀଷ୍ଟିୟାନ୍ ଶିକ୍ଷିତ ଯୁବକ ପ୍ରଭୃତି ବାକି ପ୍ରାୟ ପନ୍ଦରଗୋଟି ଗୌଣ ଚରିତ୍ର । କରୁଣା, ସୁନ୍ଦରୀ, ମୁସଲମାନୀ ଆୟା, କରୁଣାର ସ୍ୱାମୀ ପ୍ରମୁଖ ବର୍ତ୍ତୁଳ ଚରିତ୍ର; ଏମାନଙ୍କର ଚାରିତ୍ରିକ ବିବର୍ତ୍ତନ ଚମତ୍କାର ଭାବରେ ପ୍ରଦର୍ଶିତ ହୋଇଛି । ନାରୀ ଚରିତ୍ର ଚିତ୍ରଣ ପ୍ରତି ଲେଖିକା ବିଶେଷ ଧ୍ୟାନ ଦେଇଥିଲେ ପରି ଜଣାପଡ଼େ । ଚରିତ୍ରଗୁଡ଼ିକର ବାହ୍ୟ ଆଚରଣ ସହିତ ହୃଦୟବୃତ୍ତି ଓ ମନସ୍ତାତ୍ତ୍ୱିକ ଚିତ୍ର ସେ ଚମତ୍କାର ଭାବରେ ଅଙ୍କନ କରିଛନ୍ତି । ଏ କ୍ଷେତ୍ରରେ ଇଂରାଜୀ ଔପନ୍ୟାସିକା ଜେନ୍ ଅଷ୍ଟେନ୍‌ଙ୍କ (୧୭୭୫-୧୮୧୭) ସହ ତାଙ୍କୁ ତୁଳନା କରାଯାଇପାରେ । ଶ୍ରୀମତୀ ଅଷ୍ଟେନ୍‌ଙ୍କ ଭଳି ଶ୍ରୀମତୀ ମ୍ୟାଲେନ୍ସ ଗ୍ରାମ୍ୟଜୀବନର ବାସ୍ତବ ଚିତ୍ର ପ୍ରଦାନ କରିବା ସଙ୍ଗେ ସଙ୍ଗେ ନାରୀ-ଚରିତ୍ର ବିଶ୍ଳେଷଣରେ ଗଭୀର ଅନ୍ତର୍ଦୃଷ୍ଟିର ପରିଚୟ ଦେଇଛନ୍ତି । ବସ୍ତୁତଃ ଫକୀରମୋହନଙ୍କ ଉପନ୍ୟାସରେ ଗ୍ରାମ୍ୟ ଜୀବନର ରୂପାୟନ ଓ ଚରିତ୍ରଚିତ୍ରଣର ପୃଷ୍ଠଭୂମିରେ 'ଫୁଲମଣି ଓ କରୁଣାର ବିବରଣ' ସଗୌରବ ଦଣ୍ଡାୟମାନ—ଏ କଥା ଅସ୍ୱୀକାର କରିହେବ ନାହିଁ ।

ଉପନ୍ୟାସର ଘଟଣା-ସ୍ଥଳ ହେଉଛି—ସୁଖଶାଳା ନାମକ ବଙ୍ଗଳାର ଏକ ପଲ୍ଲୀଗ୍ରାମ । ବଙ୍ଗଳା ଓ ଓଡ଼ିଶାର ଗ୍ରାମ୍ୟ ସମାଜ ମଧ୍ୟରେ ବୈସାଦୃଶ୍ୟ ଅପେକ୍ଷା ସାଦୃଶ୍ୟ ଅଧିକ ଥିବାରୁ ଏଥିରେ ଯେଉଁ ସାମାଜିକ ରୀତିନୀତି, ଧ୍ୟାନଧାରଣା, ଚାଲିଚଳଣି ଆଦିର ବର୍ଣ୍ଣନା ରହିଛି, ତାହା ଓଡ଼ିଆ ପାଠକ-ସମାଜ ନିକଟରେ ଅସ୍ୱାଭାବିକ ବା ଅପରିଚିତ ବୋଲି ମନେ ହେଉ ନାହିଁ । ଉଦାହରଣ ସ୍ୱରୂପ—ମଧୁର ମୃତ୍ୟୁ ପରେ ପ୍ରତିବେଶୀମାନଙ୍କର କଥାବାର୍ତ୍ତା—"ଜଣେ କହିଲା, ମଧୁ କେବଳ ମଦ୍ୟପାନ ଦ୍ୱାରା ନଷ୍ଟ ହେଲା । ଆଉ ଜଣେ କହିଲା, ତାହା ନୋହେ, ତାହାର

ପୀଡ଼ା ହେଲା ଉତ୍ତାରେ ସେ ଏକ ଠେକା ଦହି କଣି ଖାଇଥିଲା, ତହିଁରେ ତାହାର ମୃତ୍ୟୁ ହେଲା । ପୁଣି ଜଣେ ବୁଢ଼ୀ କହିଲା, ତୁମ୍ଭେମାନେ କି ଜାଣ ? ବୈଦ୍ୟ ତ ରୋଗ ଦୂର କରିଥିଲା, ମାତ୍ର ମେମ୍‌ସାହେବ ସେଠାରେ ଥିବାରୁ ଝଡ଼ାଫୁଙ୍କା କିଛି କରା ନ ଗଲା; ଏହି ନିମନ୍ତେ ଭୂତ ତାହାକୁ ମାଡ଼ିବସି ମାରି ପକାଇଲା ।" ମଧୁର ସ୍ତ୍ରୀ ରାଣୀ ପ୍ରସବ-ବେଦନା ଭୋଗୁଥିଲାବେଳେ ଗ୍ରାମ୍ୟ ସ୍ତ୍ରୀ ମାନଙ୍କର ଗଢଣାଢ ଦେଖି ଲେଖିକାଙ୍କର ମନ୍ତବ୍ୟ—"ଯଦ୍ୟପି ଏହିସବୁ ଲୋକମାନେ ନାମରେ ଖ୍ରୀଷ୍ଟିୟାନ, ତଥାପି ଏମାନଙ୍କ ମଧ୍ୟରେ ଏକ ଅମୂଳକ ଧର୍ମ ଦେଖିବାକୁ ପାଇଲୁଁ । ଅମୂଳକ ଧର୍ମ ଏହାକୁ ବୋଲି—ଯଥା : କୌଣସି କର୍ମ କରିବାବେଳେ ଯେବେ କେହି ଛିଙ୍କଇ, ତେବେ ଲୋକମାନେ ସେହି କର୍ମ କରିବାକୁ ପ୍ରବୃତ୍ତ ନ ହୁଅନ୍ତି । ଯେବେ ଯାତ୍ରା ସମୟରେ ଝିଟିପିଟିର ରବ ଶୁଣନ୍ତି, ତେବେ ସେଦିନ ଯାତ୍ରା ନ କରନ୍ତି । ସକାଳେ ହଟି ମାଙ୍କଡ଼ ମୁଖ ନ ଦେଖନ୍ତି ଓ ତାହାର ନାମ ଉଚ୍ଚାରଣ ନ କରନ୍ତି, ଚନ୍ଦ୍ର ଗ୍ରହଣ ସମୟରେ କୌଣସି ଦ୍ରବ୍ୟ ନ କାଟନ୍ତି, ରୋଗ ହେଲେ ବେକରେ ଗୋଟିଏ ମନ୍ତ୍ରଯୁକ୍ତ ତେଉଁରିଆ ବାନ୍ଧନ୍ତି, ଇତ୍ୟାଦି ।" ଫୁଲମଣିର ଝିଅ ସୁନ୍ଦରୀର ଉକ୍ତି— "ମେମ୍ ସାହେବ, ଏ ଦେଶୀୟ ଲୋକମାନେ କନ୍ୟାମାନଙ୍କୁ ଗୃହର ବାହାରେ ଯିବାକୁ ନ ଦିଅନ୍ତି । ସେମାନେ କହନ୍ତି, କନ୍ୟାମାନେ ସର୍ବଦା ପର୍ଦାର ଭିତରେ ତାଲଗୃହ ଦେଇ ରହିବେ; ମାତ୍ର ମନ-ରୂପ ତାଲାଗୃହ ଭଲ, ତାହାପରି ଅନ୍ୟ କୌଣସି ଗୃହ କେଉଁଠାରେ ନ ମିଳିବ ।" ସେହିପରି ଗ୍ରାମ୍ୟ ଜୀବନର ଅପରିଚ୍ଛନ୍ନତା, ମାଦକଦ୍ରବ୍ୟ ସେବନ, ସ୍ତ୍ରୀ-ପୁରୁଷଙ୍କ ମଧ୍ୟରେ ମିଥ୍ୟା ଲଜ୍ଜା, ଗାଳିଗୁଲଜ ଓ ଅଭଦ୍ର ଭାଷାର ପ୍ରୟୋଗ, ଡଲିଆ କର୍ମଚାରୀଙ୍କର ଲାଞ୍ଚମିଛ ପ୍ରଭୃତିର ଯଥାଯଥ ଚିତ୍ର ଉପନ୍ୟାସ ମଧ୍ୟରେ ପ୍ରଦାନ କରାଯାଇଛି ଏବଂ ବିଭିନ୍ନ ସ୍ଥାନରେ ଧର୍ମୀୟ ଦୃଷ୍ଟିକୋଣରୁ ସମାଜ-ସଂସ୍କାରର ଇଙ୍ଗିତ ଦିଆଯାଇଛି ।

'ଫୁଲମଣି ଓ କରୁଣାର ବିବରଣ' ମଧ୍ୟରେ ଖ୍ରୀଷ୍ଟଧର୍ମ ପ୍ରଚାରର ଆଭିମୁଖ୍ୟ ସୁପ୍ରକଟ । ବହୁ ସ୍ଥଳରେ କଥା କଥାକେ ଖ୍ରୀଷ୍ଟଧର୍ମ ଗ୍ରନ୍ଥରୁ ଉଦ୍ଧୃତିମାନ ଦିଆଯାଇଛି ଏବଂ ଲେଖିକାଙ୍କର ଧର୍ମ ସମ୍ବନ୍ଧୀୟ ମନ୍ତବ୍ୟ ବା ଉପଦେଶ ପ୍ରକାଶିତ ହୋଇଛି । ଉଦାହରଣ—

"ଯେ ସକଳ ଶାଖାରେ ଫଳ ନ ଧରଇ, ତାହା ପିତା କାଟି ପକାନ୍ତି; ଆଉ ଫଳବନ୍ତ ଶାଖାସବୁ ଯେମନ୍ତ ଆହୁରି ଫଳ ଧରଇ, ଏନିମନ୍ତେ ତାକୁ ପରିଷ୍କାର କରନ୍ତି ।" —ଯୋହନ ୧୫ ପର୍ବ ୨ ପଦ—ଉପନ୍ୟାସର ୨୨ ପୃଷ୍ଠା ।

"ସମସ୍ତ ମିଥ୍ୟାବାଦୀମାନେ ଅଗ୍ନି ଓ ଗନ୍ଧକ ପ୍ରଜ୍ୱଳିତ ହ୍ରଦରେ ନିକ୍ଷିପ୍ତ ହୋଇବେ ।" —ପ୍ରକାଶିତ ୨୧ ପର୍ବ ୮ ପଦ—ଉପନ୍ୟାସର ୨୬ ପୃଷ୍ଠା ।

"ଯେ' କାର୍ଯ୍ୟ ନ କରିବ, ସେ ଅନ୍ନ ନ ଖାଉ ।" —ଥେସଲନି ୩ ପର୍ବ ୧୦ ପଦ—ଉପନ୍ୟାସର ୪୪ ପୃଷ୍ଠା ।

କରୁଣା ଉଦ୍ଦେଶ୍ୟରେ ପ୍ରେମଗୃନ୍ଥ-ଲିଖିତ ଧର୍ମ ପୁସ୍ତକର ତେରଗୋଟି କଥା—ଖ୍ରୀଷ୍ଟିୟାନ ସ୍ତ୍ରୀ ଲୋକମାନଙ୍କର ବ୍ୟବହାର୍ଯ୍ୟର ଧାରା—ଇଶ୍ୱରଙ୍କ ପ୍ରତି, ପରିବାର ପ୍ରତି ଏବଂ ପ୍ରତିବେଶୀ ପ୍ରତି କର୍ତ୍ତବ୍ୟ—ଉପନ୍ୟାସର ୧୫୪।୫୫ ପୃଷ୍ଠା ।

ମୁସଲମାନୀ ଆୟାପ୍ରତି ବୁଢ଼ୀ ପ୍ୟାରୀର ଉକ୍ତି ମଧ୍ୟରେ ଇସଲାମ୍ ଓ ଖ୍ରୀଷ୍ଟଧର୍ମର ତୁଳନା —"ହେ ଆୟା ! ତୁମ୍ଭମାନଙ୍କ କୋରାନରେ ଏମନ୍ତ ଲେଖା ଅଛି, ତୁମ୍ଭେମାନେ ଧର୍ମକର୍ମ କର, ତେଣୁ ସ୍ୱର୍ଗପ୍ରାପ୍ତ ହେବ; ମାତ୍ର ଯେବେ ପାପ କର, ତେବେ ନରକରେ ପଡ଼ିବ । ଏହି ଉପାୟ ଭିନ୍ନ ମୁସଲମାନଙ୍କର ମଧ୍ୟରେ ପରିତ୍ରାଣ ପାଇବାର ଆଉ କୌଣସି ଉପାୟ ନାହିଁ । ଏଣୁ ଆୟା, ତୁମ୍ଭେ ବୁଝି ଦେଖ, ଏମନ୍ତ କଠିଣ ଆଜ୍ଞା ଧରି ଇଶ୍ୱର ଯେବେ ଆମ୍ଭମାନଙ୍କର ବିଚାର କରନ୍ତି, ତେବେ କେ ତାହାଙ୍କର ସମ୍ମୁଖରେ ନିର୍ଦ୍ଦୋଷୀ ହେବ ? × × × ଯୀଶୁଖ୍ରୀଷ୍ଟ ଇଶ୍ୱରଙ୍କର ପୁତ୍ର, ସେ ସ୍ୱୟଂ ଇଶ୍ୱର ଓ ଦୟାର ସାଗର; ପୁଣି ସେ ଜାଣିଲେ, ସକଳ ମନୁଷ୍ୟମାନେ ପାପିଷ୍ଠ ସ୍ୱଭାବ ହେତୁରୁ ଇଶ୍ୱରଙ୍କ ଆଜ୍ଞା ପାଳନ କରିବାକୁ ନ ପାରି ନରକରେ ପତିତ ହୋଇବେ, ଏଣୁ ଯେମନ୍ତ ଆପଣା ପ୍ରାଣ ଦେଇ ପାପୀମାନଙ୍କର ପ୍ରାୟଶ୍ଚିତ୍ତ କରିବାକୁ ପାରନ୍ତି, ଏହି ଅଭିପ୍ରାୟରେ ସେ ସ୍ୱର୍ଗରୁ ଓହ୍ଲାଇ ମନୁଷ୍ୟ ଦେହ ଧାରଣ କଲେ । ସେ ସ୍ୱୟଂ ଧାର୍ମିକ ହୋଇ ଅଧାର୍ମିକମାନଙ୍କ ବଦଳରେ ପ୍ରାଣଦଣ୍ଡ ଭୋଗିଲେ ।" ଇତ୍ୟାଦି—ଉପନ୍ୟାସର ୧୦୫।୭ ପୃଷ୍ଠା ।

ଫୁଲମଣିର ସୁଖଶାନ୍ତିମୟ ପାରିବାରିକ ଜୀବନ କଥା ଜାଣିଲା ପରେ ଲେଖିକାଙ୍କ ମନରେ ପ୍ରତିକ୍ରିୟା—"ହାୟ ହାୟ ! ବଙ୍ଗଳା ଦେଶରେ ଯଦ୍ୟପି ଏହି ପରିବାର ପରି ସକଳ ଖ୍ରୀଷ୍ଟିୟାନ ଲୋକ ଧାର୍ମିକ ହୁଅନ୍ତେ, ତେବେ ଦେବପୂଜକମାନଙ୍କ ମଧ୍ୟରେ ଆମ୍ଭମାନଙ୍କର ଧର୍ମ ଅବଶ୍ୟ ସୁଗ୍ରାହ୍ୟ ହୁଅନ୍ତା । ମାତ୍ର ଦୁଃଖର ବିଷୟ ଏହି ଯେ ଅନେକ ଭଣ୍ଡ ଖ୍ରୀଷ୍ଟିୟାନମାନେ ହିନ୍ଦୁ ଓ ମୁସଲମାନଙ୍କ ପରି ମନ୍ଦ ଆଚାର ବ୍ୟବହାର କରି ଖ୍ରୀଷ୍ଟ ନାମରେ କଳଙ୍କ ଦିଅନ୍ତି ।"—ଉପନ୍ୟାସର ୩୩ ପୃଷ୍ଠା ।

କରୁଣା ପ୍ରତି ଲେଖିକାଙ୍କର ଉକ୍ତି—"ପାପ ମନର ରୋଗ; ଖ୍ରୀଷ୍ଟ ତାହାର ବୈଦ୍ୟ ଅଟନ୍ତି । ତୁମ୍ଭେ ତାହାଙ୍କୁ ବିଶ୍ୱାସ କଲେ ପାପରୁ ମୁକ୍ତ ହେବ ।"—୧୩୭ ପୃଷ୍ଠା ।

କରୁଣାର ସ୍ୱାମୀର ପରିବର୍ତ୍ତନ ଦେଖି ଲେଖିକାଙ୍କର ମନ୍ତବ୍ୟ—"ହେ ସ୍ତ୍ରୀମାନେ ! ତୁମ୍ଭେମାନେ ମନ ଦେଇ ଶୁଣ । ଯେଉଁ ଲୋକ ପ୍ରତିଦିନ ମତୁଆଲା

ହୋଇ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତେ ବାଟରେ ପଡ଼ିଥାଏ, ଏତେବେଳେ ସେହି ଲୋକ କିଛି ମଦ୍ୟପାନ ନ କରି ବେଳ ଥାଉଁ ଥାଉଁ ଘରକୁ ଫେରି ଆଇଲା । କି ନିମନ୍ତେ ଏମନ୍ତ କଲା ? ତାହା ବୋଲି ଶୁଣ; ତାହାର ସ୍ତ୍ରୀ ଧନ ଧନ ପର୍ଯ୍ୟନ୍ତେ ତାହାର ଗୃହ ସୁନ୍ଦର କରି ତାହାକୁ ପ୍ରେମର ବାକ୍ୟ କହିଥିଲା ।"—୧୬୨ ପୃଷ୍ଠା ।

ଉପନ୍ୟାସର ସମାପ୍ତିରେ ଲେଖିକା—"ବର୍ତ୍ତିମାନ ପାଠକମାନଙ୍କ ପ୍ରତି ଆମ୍ଭର ଗୋଟିଏ ନିବେଦନ ଅଛି । ତୁମ୍ଭେମାନେ ଯେଉଁ ସକଳ ଲୋକମାନଙ୍କର ବିବରଣ ପଢ଼ିଅଛ, ସେମାନେ ତୁମ୍ଭମାନଙ୍କ ଦେଶର ଲୋକ, ସେମାନେ ତୁମ୍ଭମାନଙ୍କ ପରି ପୂର୍ବରେ ହିନ୍ଦୁ ଥିଲେ, ଆଉ ତୁମ୍ଭମାନଙ୍କ ଆଗ୍ଭର ବ୍ୟବହାର ଓ ରୀତି ପରି ସେମାନଙ୍କ ଆଗ୍ଭର ବ୍ୟବହାର ଓ ରୀତି ଥିଲା, ମାତ୍ର ପଶ୍ଚାତ୍ତ ସେମାନେ ଖ୍ରୀଷ୍ଟଧର୍ମ ଗ୍ରହଣ କଲେ । ଚେଷ୍ଟା କଲେ ତୁମ୍ଭେମାନେ ଅନାୟାସରେ ଫୁଲମଣିର ଅନୁଗାମୀ ହେବାକୁ ପାର; ଯେହେତୁ ସେ କୌଣସି ଆଶ୍ଚର୍ଯ୍ୟ କର୍ମ ନ କଲା । ଏଣୁ ଯାହାର ମନ ଖ୍ରୀଷ୍ଟ ପ୍ରତି ନିତାନ୍ତ ଆସକ୍ତ ଅଛି; ସେ ଅବଶ୍ୟ ତାହାର ପରି ସୁବ୍ୟବହାର କରିବାକୁ ପାରିବ । ଏହି ହେତୁ ଆମ୍ଭେ ତୁମ୍ଭମାନଙ୍କୁ ବିନୟ କରି ବୋଲୁଁ; ଫୁଲମଣି ଯେମନ୍ତ ଖ୍ରୀଷ୍ଟର ଅନୁକାରୀ ଥିଲା, ତେମନ୍ତ ତୁମ୍ଭେମାନେ ହିଁ ତାହାର ଅନୁକାରୀ ହୁଅ । ସେ ଦରିଦ୍ରମାନଙ୍କ ପ୍ରତି କି ରୂପେ ଦୟା କରୁଥିଲା ଓ ଅନ୍ୟ ଲୋକମାନଙ୍କର ପାରମାର୍ଥିକ ମଙ୍ଗଳ କେମନ୍ତ ଚେଷ୍ଟା କଲା, ତାହା ତୁମ୍ଭେମାନେ ବିବେଚନା କରି ତାହାର ପଶ୍ଚାଦ୍ଗାମୀ ହୁଅ । ବିଶେଷରେ ହେ ସ୍ତ୍ରୀଗଣ ! ସେ ଯେରୂପେ ଆପଣା ସ୍ୱାମୀକୁ ପ୍ରେମ କରି ତାହାର ଗୃହ ପରିଷ୍କାର କରି ରଖିଲା ଓ ସକଳର ପ୍ରତି ସରଳ ଆଚରଣ କରି କେବଳ ମିଷ୍ଟ ବାକ୍ୟ କହିଲା, ତେମନ୍ତ ତୁମ୍ଭେମାନେ କର । ହେ ମାତାଗଣ ! ଫୁଲମଣି ଯେରୂପେ ଆପଣା ସନ୍ତାନମାନଙ୍କୁ ସୁଶିକ୍ଷା ଦେଇ ସେମାନଙ୍କ ନିମନ୍ତେ ନିତ୍ୟ ନିତ୍ୟ ପ୍ରାର୍ଥନା କଲା ଓ ସେମାନଙ୍କର ସାକ୍ଷାତରେ ସର୍ବଦା ସଦ୍‌ବ୍ୟବହାର କଲା, ତେମନ୍ତ ତୁମ୍ଭେମାନେ କର । ଆଉ ବୃଦ୍ଧା ପ୍ୟାରୀର ଆଚରଣ ବିସ୍ମରଣ ନ କର । ସେ ନିତି ନିତି ଧର୍ମପୁସ୍ତକ ପାଠ ଓ ପ୍ରାର୍ଥନା କଲା, ଏ ବିଷୟରେ ତୁମ୍ଭେମାନେ ତାହାର ଅନୁକାରିଣୀ ହୁଅ । ମଧୁର ଭୟାନକ ମୃତ୍ୟୁ ସ୍ମରଣ କରି ତୁମ୍ଭେମାନେ ସାବଧାନ ଓ ସତର୍କ ହୋଇଥାଅ, ଯେହେତୁ କେଉଁ ଦଣ୍ଡରେ ମୃତ୍ୟୁ ଆସିବ, ତାହା ତୁମ୍ଭେମାନେ ନ ଜାଣ । ଆଉ କରୁଣା ଆପଣା ସନ୍ତାନକୁ ଶିକ୍ଷା ନ ଦେବାରୁ ତାହାର ମୃତ ଦେହ ଉପରେ ପଡ଼ି ସେ ଯେମନ୍ତ ବିଳାପ କଲା, ତାହାଇ ତୁମ୍ଭମାନଙ୍କ ମନରେ ଥାଉ । ଆଉ ତୁମ୍ଭେମାନେ ଯେବେ କରୁଣାର ପରି ଦୋଷୀ ହୋଇ ଏ ପର୍ଯ୍ୟନ୍ତେ ଆପଣା ସନ୍ତାନମାନଙ୍କୁ ଧର୍ମୋପଦେଶ ଦେଇ ନ ଥାଅ, ତେବେ ଆମ୍ଭେ ବିନୟ କରି, ସେହି କୁପଥରୁ ଶୀଘ୍ର ଫେର ! ଆଉ କରୁଣା ଯେମନ୍ତ ଶେଷରେ କଲା, ତେମନ୍ତ ତୁମ୍ଭେମାନେ ହିଁ ଯୀଶୁଖ୍ରୀଷ୍ଟଙ୍କ ଚରଣ ଧରି

ତାହାଙ୍କର ସତ୍ୟ ଶିଷ୍ୟ ହୁଅ । ସେ କହନ୍ତି, ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସକଳ, ତୁମ୍ଭେମାନେ ଆମ୍ଭର ନିକଟକୁ ଆସ, ଆମ୍ଭେ ତୁମ୍ଭମାନଙ୍କୁ ବିଶ୍ରାମ ଦେବା ।

ଉକ୍ତ ପରାମର୍ଶ ଅନୁସାରେ ଯେବେ ତୁମ୍ଭେମାନେ ଚାଲ, ତେବେ ଏହି କ୍ଷୁଦ୍ର ପୁସ୍ତକ ରଚନା କରିବାର ତୁମ୍ଭମାନଙ୍କ ପକ୍ଷରେ ବୃଥା ନୋହିବ; ଆଉ ରଚନା ସମୟରେ ଯେ ସକଳ ପ୍ରାର୍ଥନା ପାଠକମାନଙ୍କ ନିମନ୍ତେ ଈଶ୍ୱରଙ୍କ ସିଂହାସନ ସମ୍ମୁଖରେ କରାଯାଇଅଛି, ତାହା ସଫଳ ହୋଇବ । ଇତି ।"

ବୋଲିବା ବାହୁଲ୍ୟ ଯେ—ଏହି ଧର୍ମୀୟ ପ୍ରଚାର ତଥା ଉପଦେଶାତ୍ମକତା ଫଳରେ ଉପନ୍ୟାସଟିର କଳାଗତ ମୂଲ୍ୟ କେତେକ ପରିମାଣରେ କ୍ଷୁଣ୍ଣ ହୋଇଛି । କିନ୍ତୁ ଆମକୁ ମନେରଖିବାକୁ ହେବ—ଆଧୁନିକ ଯୁଗର ଫଳିତ ସାହିତ୍ୟରୂପେ ଉପନ୍ୟାସ ବରାବର ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇ ଆସିଛି; ତନ୍ମଧ୍ୟରୁ ଧର୍ମ, ନୈତିକତା ବା ଆଧ୍ୟାତ୍ମିକତାର ପ୍ରଚାର ଉଦ୍ଦେଶ୍ୟ ଅନ୍ୟତମ । ମାର୍କିନ୍ କଥାକାର ନାଥନିଏଲ୍ ହଥର୍ଣ୍ଣଙ୍କର 'ଦି ସ୍କାରଲେଟ୍ ଲେଟର' (୧୮୫୦) ଉପନ୍ୟାସ ଏବଂ ଆମ ସାହିତ୍ୟରେ ଶ୍ରୀ କମଳାକାନ୍ତ ଦାସ (୧୯୦୭—)ଙ୍କର କେତୋଟି ଉପନ୍ୟାସ ଏହାର ଦୃଷ୍ଟାନ୍ତ ରୂପେ ଗୃହୀତ ହୋଇପାରେ ।

ଉପନ୍ୟାସଟିର ଅନୁବାଦ ବା ତର୍ଜମା-କ୍ରିୟା ମୋଟାମୋଟି ସନ୍ତୋଷଜନକ ହୋଇଛି । ଏଥିରେ ବଙ୍ଗଳା ଗ୍ରାମ୍ୟ ଜୀବନର ଚିତ୍ର ଅଙ୍କିତ ହୋଇଥିଲେ ହେଁ, ଅନୁବାଦକ ଷ୍ଟିବନସ୍ ସାହେବ ଏହାକୁ ଉତ୍କଳୀୟ ପାଠକ-ସମାଜ ନିକଟରେ ଅଧିକ ଗ୍ରାହ୍ୟ କରାଇବା ପାଇଁ କେତେକ ସ୍ଥଳରେ ଓଡ଼ିଶା ବିଷୟକ ସୂଚନା ଦେଇଛନ୍ତି । ଉଦାହରଣ ସ୍ୱରୂପ—ସାଧୁର କୁସଙ୍ଗ ଦୋଷ ଖାଳନ ପାଇଁ ତାକୁ ଘେନି ଫୁଲମଣି ଓ ପ୍ରେମଚାନ୍ଦ ପ୍ରାର୍ଥନା କରିବାକୁ ଗଲାବେଳେ ଲେଖିକା କହିଛନ୍ତି—"ହେ ଓଡ଼ିଶା ଦେଶୀୟ ଖ୍ରୀଷ୍ଟିୟାନ ପିତାମାତା ସକଳ ! ତୁମ୍ଭେମାନେ ଯାଇ ତେମନ୍ତ କର ।"—୧୧ ପୃଷ୍ଠା । ପୀଡ଼ିତା ଲେଖିକାଙ୍କୁ ଦେଖିବାପାଇଁ ଆସି, ସାଧୁ ଓ ସତ୍ୟବତୀ ଘରକୁ ବାହୁଡ଼ିବା ପାଇଁ ବିଳମ୍ବ କଲାରୁ ଫୁଲମଣି ସେମାନଙ୍କୁ ଖୋଜିବାକୁ ଅଇଲା ଏବଂ ପିଲା ଦୁହେଁ ଲେଖିକାଙ୍କୁ ଅସୁସ୍ଥ ଅବସ୍ଥାରେ ବ୍ୟସ୍ତ କରୁଥିବାର ଆଶଙ୍କା କରି ସେମାନଙ୍କୁ ଘରକୁ ଘେନିଯିବା ପାଇଁ ବାହାରିଲା । ସେତିକିବେଳେ ଉପନ୍ୟାସରେ ଉଲ୍ଲେଖ କରାଯାଇଛି - 'ଫୁଲମଣିର ଏପରି ବ୍ୟବହାର ଦ୍ୱାରା ଓଡ଼ିଶା ଦେଶସ୍ଥ ସ୍ତ୍ରୀମାନେ ଶିକ୍ଷା ପାଇବାକୁ ଯୋଗ୍ୟ; ବିଶେଷରେ ଅନେକ ଲୋକ ସାହେବମାନଙ୍କ କି ଅବା ଆପଣା ଆପଣା ପ୍ରତିବାସୀମାନଙ୍କର ଘରେ ଅସମୟରେ ଉପସ୍ଥିତ ହୋଇ ସେମାନଙ୍କୁ ବୃଥା ବ୍ୟସ୍ତ କରନ୍ତି । "—୧୩୪ ପୃଷ୍ଠା ।

ସାଧାରଣତଃ ପ୍ରଚଳିତ ଗ୍ରାମ୍ୟ ଭାଷା ବ୍ୟବହାରରେ ଅନୁବାଦକ ବିସ୍ମୟକର କୃତିତ୍ୱ ପ୍ରଦର୍ଶନ କରିଛନ୍ତି, ଯଥା—ଚିଟାଉ, ଗୁଆକାଠି, ମୁଚୁଳା, ଛେପ ପକାଇବା, ଫୁଲମଣି ଆପେ ଆପଣାର ହଜିଲା ଧନକୁ ଖୋଜିବାକୁ ଅଇଲା, ନାସ ଶୁଙ୍ଘାଇ, ପୁଡ଼ା (ପୁସ୍ତା), ଘୁମୁ, ନାହୁଡ଼, ଚୁଡ଼ୁଚୁଡ଼ା (ଭଜା), ବଇନା, ଭୁକ ହୋଇଯିବା, ଗାଣ୍ଡିଆ, ଗୋବର ହାଣ୍ଡି, ବେଢ଼ା, ଟାଣ କଥା, ଟଳମଳ ହେବା, ଧର୍ମକୁ କରୁପ ଭାବ ବିଷୟ ଜ୍ଞାନ କରନ୍ତି, ଗୁହ୍ନୁଆ, ଶୁଣିବାକୁ ବଡ଼ ବାଞ୍ଛା କଲୁଁ, କୁଦା ମାରି ବୁଲିବା, ଆମ୍ଭେ ଗୋଟାଏ ହେଁସ ବିଛାଇ ତାକୁ ଇଲିସି ମାଛର ତରକାରି ଓ ଭଲ ଆମ୍ବିଳ ଓ ଭାତ ଆଣିଦେଲୁଁ, ଖରକା ପ୍ରଭୃତି । ଓଡ଼ିଆ ଭାଷାର ବିଭିନ୍ନ ରୂଢ଼ି ପ୍ରୟୋଗ ଏବଂ ବିଶେଷ ବିଶେଷ ବାକ୍ ଭଙ୍ଗୀ ସେ ଆୟତ୍ତ କରିଥିବା ପରି ଜଣାପଡ଼େ । ତଥାପି ଉପନ୍ୟାସର ସ୍ଥାନେ ସ୍ଥାନେ ଭାଷା ବିନ୍ୟାସରେ ବିକୃତି ଓ ଅସ୍ୱାଭାବିକତା ପରିଲକ୍ଷିତ ହୁଏ । ଉଦାହରଣ—ଗପ୍ପ (ଗପ), ପେଟ୍ଟୁକ (ପେଟୁ), ତାହା ଆମ୍ଭେ କହି, ହାଁ (ହଁ); ସତ୍ୟବତୀର ମୁଣ୍ଡରେ ତେଲ ଲଗାଇ ଉତ୍ତମରୂପେ ବାଳ ବନାଇଲେ, ହେବାକୁ ପାରେ (ହୋଇପାରେ), ଆପଣ ବଙ୍ଗଳା ପଢିବାକୁ ନ ପାର, କରୁଣାର ଗୃହର ଉଦ୍ଦେଶ୍ୟ (ଠିକଣା) ପାଇଲୁ, ପ୍ରତିଜ୍ଞାନୁସାରେ (ପ୍ରତିଶ୍ରୁତି ଅନୁଯାୟୀ), ଅପାରକ (ଅପାରଗ), ଫୁଲମଣିର ଘର ଓ କରୁଣାର ଘର ଏ ଦୁଇର କେତେ ବିଶେଷ (ପାର୍ଥକ୍ୟ) ଦେଖିଲୁଁ, ତୁମ୍ଭେ ତାହାକୁ ବାଡ଼ିମାର (ପିଟ), ଏହା କ୍ଷୁଦ୍ର ବିଷୟ ଥିଲା ପ୍ରମାଣ (ସତ୍ୟ), ଅମ୍ଭେ ଦୁହେଁ ମେଳ ହୋଇ (ଏକତ୍ର) ଆନନ୍ଦିତ ହେବାକୁ ପାରି, ପାଦ୍ରୀ ସାହେବ ତହିଁ ରାଣୀକି ବିବାହ କଲେ (ଦେଲେ), କରୁଣାର ମନ ଅତିଶୟ ପ୍ରେମିକ—ଆଉ ସେ ଯେବେ ସତ୍ୟ ଖ୍ରୀଷ୍ଟିୟାନ୍ ହେବ ତେବେ ବୋଧ ହୁଅଇ ଅନେକ ଲୋକର ପରି ଖ୍ରୀଷ୍ଟର ପ୍ରତି ତାହାର ପ୍ରେମ କେତେବେଳେ ଶୀତଳ ନୋହିବ, ଇତ୍ୟାଦି । ଏହିପରି କେତେକ ଦୋଷତ୍ରୁଟି ବାଦ୍ ଦେଲେ, ଉପନ୍ୟାସର ଗଦ୍ୟଶୈଳୀ ବଳିଷ୍ଠ ଓ ପ୍ରଭାବଶାଳୀ ବୋଲିବାକୁ ହେବ । ପଲ୍ଲୀଗ୍ରାମର ଜୀବନ-ଯାହାକୁ ଅନୁବାଦକ ଯଥାସମ୍ଭବ ଉପଯୋଗୀ ଲୋକ ପ୍ରଚଳିତ ଗ୍ରାମ୍ୟ ଭାଷାରେ ପରିବେଷଣ କରିଛନ୍ତି । ଏହା ହିଁ ଖୁବ୍ ସମ୍ଭବ ଫକୀରମୋହନଙ୍କ କଥା ସାହିତ୍ୟର ପଥିକୃତ୍ ଗଦ୍ୟରୀତି ।

ପ୍ରସଙ୍ଗ କ୍ରମେ ଏଠାରେ ଏହା ଉଲ୍ଲେଖଯୋଗ୍ୟ ଯେ—ଊନବିଂଶ ଶତାବ୍ଦୀରେ ଓଡ଼ିଆ ଗଦ୍ୟଶୈଳୀର ରୂପାୟନରେ ଖ୍ରୀଷ୍ଟିୟାନ ପାଦ୍ରୀମାନଙ୍କର ଶୁଭଦାନ ଊଣା ନୁହେଁ । ବିଶେଷତଃ ରେଭରେଣ୍ଡ ଆମସ୍ ସଟନ୍ (ପଦାର୍ଥ ବିଦ୍ୟାସାର—୧୮୩୨, ଓଡ଼ିଆ ବ୍ୟାକରଣ ଓ ଅଭିଧାନ—୧୮୪୧, ଇତିହାସ ସାର ସଂଗ୍ରହ—୧୮୪୬), ରେଭରେଣ୍ଡ ଲେସି (ଓଡ଼ିୟା ବ୍ୟାକରଣ ସାର—୧୮୫୫) ଏବଂ ଉପସ୍ଥିତ ଅନୁବାଦକ ରେଭରେଣ୍ଡ ଷ୍ଟିବନସ୍ଙ୍କ ନାମ ଏ ସମ୍ପର୍କରେ ଚିର ସ୍ମରଣୀୟ ।

ସମଗ୍ର ଉପନ୍ୟାସଟି ଆତ୍ମକଥା ଢଙ୍ଗରେ ଲିଖିତ । ଅର୍ଥାତ୍ ନିଜେ ଲେଖିକା ପ୍ରଥମ ପୁରୁଷରେ ସମସ୍ତ କଥା ବର୍ଣ୍ଣନା କରିଯାଇଛନ୍ତି । ପରବର୍ତ୍ତୀ କାଳରେ ଏହି ଆତ୍ମ-ଜୀବନୀମୂଳକ ରଚନା ଶୈଳୀ ବିଭିନ୍ନ ଓଡ଼ିଆ ଉପନ୍ୟାସରେ ଅନୁସୃତ ହୋଇଛି (ଯଥା: ଗୋବିନ୍ଦ ତ୍ରିପାଠୀଙ୍କର 'ପଦଚାରୀର ଆତ୍ମକଥା'—୧୯୬୦, କାହ୍ନୁଚରଣଙ୍କର 'ଅଦେଖା ହାତ'—୧୯୪୬) । ବିଭିନ୍ନ ଦୃଶ୍ୟ, ଘଟଣାଦିର ଚମତ୍କାର କଳାନୁଗ ବର୍ଣ୍ଣନା ଏହି ଉପନ୍ୟାସର ଏକ ବୈଶିଷ୍ଟ୍ୟ । ଜଣେ ସୁଦକ୍ଷ ଶିଳ୍ପୀ ଭାବରେ ଲେଖିକା ସବୁ ବିଷୟରେ ସାବଲୀଳ ବର୍ଣ୍ଣନା ଦେଇଛନ୍ତି । ଉଦାହରଣ—"ଫୁଲମଣିର ଘରକୁ ଯିବାବେଳେ ନଦୀ କୂଳ ଦେଇ ଯିବାକୁ ହେଲା, ତହିଁରେ ଆମ୍ଭେ ସେହି ନଦୀର ବିଷୟ ଧ୍ୟାନ କରୁ କରୁ ଗଲୁଁ । ଏହିପ୍ରକାରେ ମନ ମଧ୍ୟରେ ଭାବିଲୁଁ, ଯେମନ୍ତ ଗଙ୍ଗା ଅତି ଉଚ୍ଚ ହିମାଳୟ ପର୍ବତରୁ ଓହ୍ଲାଇ ଆସୁଅଛି, ତେମନ୍ତ ଧର୍ମାତ୍ମା ସ୍ୱର୍ଗରୁ ଓହ୍ଲାଇ ମନୁଷ୍ୟମାନଙ୍କ ମନରେ ଅଧିଷ୍ଠାନ କରନ୍ତି । ନଦୀର ନିର୍ଝର ଯେମନ୍ତ କେତେବେଳେ ଶୁଷ୍କ ନ ହୁଅଇ, ସେହିପରି ଧର୍ମାତ୍ମା ମନୁଷ୍ୟର ଅନ୍ତଃକରଣରେ ଝର ସ୍ୱରୂପ ହୋଇ ଅନନ୍ତ ଜୀବନ ପର୍ଯ୍ୟନ୍ତେ ଉଚ୍ଛୁଳି ଉଠଇ । ନଦୀର ଜଳ ଦ୍ୱାରା ଶରୀର ପରିଷ୍କାର ହୁଅଇ ପ୍ରମାଣ, ତଥାପି ଅନ୍ତଃକରଣରେ କିଛିମାତ୍ର ସଲଗ୍ନ ନ ହୁଅଇ, ଏଣୁ ତହିଁରେ ସ୍ନାନ କଲେ ମନୁଷ୍ୟର ପାପରୂପ ମଳିନ ପରିଷ୍କାର ନ ହୁଅଇ; ମାତ୍ର ଅନ୍ତର୍ଯ୍ୟାମୀ ପବିତ୍ର ଆତ୍ମା ସର୍ବପ୍ରକାର ପାପ ମନୁଷ୍ୟର ଅନ୍ତଃକରଣରୁ ପରିଷ୍କାର କରନ୍ତି । ପୁନର୍ବାର ନଦୀର ଜଳଦ୍ୱାରା ଯେମନ୍ତ ଭୂମି ଉର୍ବରା ହୁଅଇ, ତେମନ୍ତ ଧର୍ମାତ୍ମା ଦ୍ୱାରା ଖ୍ରୀଷ୍ଟିୟାନ ଲୋକମାନଙ୍କର ଧର୍ମକ୍ଷେତ୍ର ଉର୍ବରା ହୋଇ ସୁକର୍ମ ରୂପ ଫଳ ଉତ୍ପନ୍ନ କରଇ । × × × ଗଙ୍ଗାର ସ୍ରୋତ ଯେମନ୍ତ ସକଳ ବାଧାକୁ ଘୁଞ୍ଚାଇ ବେଗବାନ୍ ହୁଅଇ ତେମନ୍ତ ମନୁଷ୍ୟର ଅନ୍ତଃକରଣରେ ଯେ ମହା ବାଧା ଅର୍ଥାତ୍ ପାପର ପ୍ରତି ଅନୁରାଗ, ତାହା ଧର୍ମାତ୍ମା ଦମନ କରି ମନକୁ ଈଶ୍ୱରଙ୍କ ବଶୀଭୂତ କରାନ୍ତି । ଅବଶେଷରେ ଯେମନ୍ତ ନଦୀର ସ୍ରୋତ କାହିଁରେ ବାଧିତ ନ ହୋଇ ମହାସାଗରରେ ଯାଇ ମିଶଇ, ତେମନ୍ତ ଧର୍ମାତ୍ମା ମନୁଷ୍ୟର ଅନ୍ତଃକରଣରେ ଧର୍ମକୁ ସିଦ୍ଧ କରି ଅନନ୍ତ ଜୀବନରୂପ ସୁଖ-ସାଗରରେ ସେମାନଙ୍କୁ ପହଞ୍ଚାଇ ଦିଅନ୍ତି ।"—୨୪/୨୫ ପୃଷ୍ଠା । ସନ୍ଧ୍ୟାବେଳେ ଲେଖିକା ଖ୍ରୀଷ୍ଟିୟାନ ଗ୍ରାମରୁ ଫେରିବାବେଳେ "ଆମ୍ଭେ ପିଲାମାନଙ୍କ ହାତରେ ଗୋଟିଏ ଗୋଟିଏ ସୁକା ଦେଲୁଁ; ତହିଁରେ ସେମାନେ ବଡ଼ ସନ୍ତୁଷ୍ଟ ହୋଇ ଗ୍ରାମର ସବୁ କୁକୁରମାନଙ୍କୁ ତଡ଼ି ଦେଉଁ ଦେଉଁ ପ୍ରାନ୍ତ ଭାଗ ପର୍ଯ୍ୟନ୍ତେ ଆମ୍ଭ ସଙ୍ଗରେ ଗଲେ ।"—୩୫ ପୃଷ୍ଠା ।

ଉପନ୍ୟାସର ମଝେ ମଝେ ସଂଳାପମାନ ସନ୍ନିବେଶିତ ହୋଇଛି । ଏହାଦ୍ୱାରା ବର୍ଣ୍ଣନାର ଏକାନୁସ୍ୱୀ ବା ଏକସ୍ୱରୀ ଭାବ ଦୂର ହୋଇପାରୁଛି ଏବଂ କାହାଣୀର

ନାଟକୀୟତା ପ୍ରକଟିତ ହେଉଛି । ଉଦାହରଣ—"ସତ୍ୟବତୀ ତାହା ଆମ୍ଭଙ୍କୁ ଦେଖାଇ କହିଲା, ମେମ୍ ସାହେବ, ବାବା ଏହି ମିର୍ଜାଇ ପିନ୍ଧିଲେ ଠିକ୍ ବାବୁପରି ଦେଖାଯାନ୍ତି ।

ତାହାର ବଡ଼ ଭଉଣୀ କହିଲା—ସତ୍ୟବତୀ, ବାବା କି ବାବୁ ନୁହନ୍ତି ? ତାହାଙ୍କୁ ଅବଶ୍ୟ ବାବୁ ବୋଲିବାକୁ ହେବ । X X ଆମ୍ଭର ବୋଧ ହୁଅଇ ଯେ ଧାର୍ମିକ ଓ ଶିଷ୍ଟାଚାରୀ ହୋଇ ଧନୀ ଓ ଦରିଦ୍ର ସମସ୍ତଙ୍କ ପ୍ରତି ଦୟା କରଇ, ଏମନ୍ତ ଲୋକକୁ ହିଁ ଯଥାର୍ଥ ବାବୁ ବୋଲିଯାଏ । ତୁମ୍ଭେମାନେ କୁହ ଦେଖି, ଆମ୍ଭମାନଙ୍କର ପିତା ଏହିପ୍ରକାର ବାବୁ ଅଟନ୍ତି କି ନାହିଁ ?

ସାଧୁ ଓ ସତ୍ୟବତୀ ଦୁହେଁ ଉତ୍ତର କଲେ—ହଁା ଅବଶ୍ୟ ଅବଶ୍ୟ; ଆମ୍ଭମାନଙ୍କ ପିତା ଯେମନ୍ତ ଭଲ, ତେମନ୍ତ ଆଉ କୌଣସି ମନୁଷ୍ୟକୁ ନ ଦେଖି ।"
—୧୭୦ ପୃଷ୍ଠା ।

ଉପନ୍ୟାସର ଗଦ୍ୟ ଶୈଳୀରେ ମଝିରେ ମଝିରେ ପଦ୍ୟର ସମାବେଶ ଦ୍ୱାରା ମଧ୍ୟ ବର୍ଣ୍ଣନାର ଏକସ୍ୱରୀ ଭାବ ଦୂରୀଭୂତ ହେଉଛି । ଲକ୍ଷ୍ୟ କରିବାର ବିଷୟ—ଆମର ପ୍ରାଚୀନ କଥା-ସାହିତ୍ୟରେ ତଥା ଫକୀରମୋହନଙ୍କ କଥା-ଗ୍ରନ୍ଥମାନଙ୍କରେ ରଚନା ଶୈଳୀରେ ଏହି ରୀତି ଅବଲମ୍ବିତ ହୋଇଛି । ଉଦାହରଣ—ମୃତ୍ୟୁ ଶଯ୍ୟାରେ ବୃଦ୍ଧା ପ୍ୟାରୀ ତୁଣ୍ଡରେ—

ଯୀଶୁର ପ୍ରେମ ତୁଳଣା ଦେବା ଯହିଁରେ
ଖୋଜିଲେ ନ ମିଳେ ଏମନ୍ତ କୌଣସି କାହିଁରେ ।

—୧୦୭ ପୃଷ୍ଠା ।

କରୁଣାର ପରିବର୍ତ୍ତନ ଲକ୍ଷ୍ୟକରି ଲେଖିକାଙ୍କର ଏ ଦେଶୀୟ ଜଣେ କବିଙ୍କ ଉକ୍ତି ସ୍ମରଣ—

ଧାର୍ମିକ ଲୋକର ଏହି ନିଶ୍ଚୟ ଅଟଇ
ଦୁଃଖ ପାଇଲେ ତାହାର ସୁଖ ଜନ୍ମ ହୋଇ ।

ତାହାର ଦୃଷ୍ଟାନ୍ତ ଏହି କରି ହେ ବିଚାର
ସ୍ଥିର ଦୃଷ୍ଟି କରି ଦେଖ ଆକାଶମଣ୍ଡଳ ।

ଆଗେ ଘୋର ମେଘ ପଛେ ଦିନ ଏହି ତା'ର ଚିହ୍ନ
ସୁନା ରୂପା ଅଗ୍ନି ଦ୍ୱାରା ପରୀକ୍ଷା ଯେସନ । —୧୪୪ ପୃଷ୍ଠା ।

ଉପନ୍ୟାସ ମଧ୍ୟରେ ଲେଖିକାଙ୍କର ବାରମ୍ବାର ପାଠକ-ସମ୍ବୋଧନ ପ୍ରବଣତା ପରିଲକ୍ଷିତ ହୁଏ । ମନେହୁଏ—ଏହା ସେ ଯୁଗର ଔପନ୍ୟାସିକମାନଙ୍କ ରଚନା-ରୀତିର ଏକ ବୈଶିଷ୍ଟ୍ୟ । ଭଲ ବ୍ୟବହାର ଦ୍ୱାରା କରୁଣା ନିଜର ଦୁଷ୍ଟ ସ୍ୱାମୀକୁ ବଶୀଭୂତ କରିଥିବାରୁ ଲେଖିକାଙ୍କର ଉକ୍ତି—"ହେ ପାଠକମାନେ ! ତୁମ୍ଭମାନଙ୍କ ମଧ୍ୟରେ କାହାର ସ୍ୱାମୀ ଯେବେ ଅଶିଷ୍ଟ ଥାଏ, ତେବେ ସେ କରୁଣାର ଅନୁକାରିଣୀ ହେଉ ।" ଅନୁରୂପ ପାଠକ-ସମ୍ବୋଧନ ରୀତି ରାମଶଙ୍କର, ଫକୀରମୋହନ, ବଙ୍କିମଚନ୍ଦ୍ର, ଚାର୍ଲସ୍ ଡିକେନ୍‌ସ୍ ପ୍ରମୁଖଙ୍କ ଉପନ୍ୟାସରେ ଅନୁସୃତ ହୋଇଛି ।

ଏକ ଅନୂଦିତ କୃତି ହେଲେ ହେଁ 'ଫୁଲମଣି ଓ କରୁଣାର ବିବରଣ' ଆତ୍ମିକ ତଥା ଆଙ୍ଗିକ ଦୃଷ୍ଟିରୁ ଆମର ପ୍ରଥମ ପୂର୍ଣ୍ଣାଙ୍ଗ ଉପନ୍ୟାସ ରୂପେ ବିବେଚିତ ହୋଇପାରେ । ଓଡ଼ିଆ ଉପନ୍ୟାସ ସାହିତ୍ୟର ଇତିହାସରେ ଏହାର ଏକ ଉଲ୍ଲେଖଯୋଗ୍ୟ ସ୍ଥାନ ରହିଛି ।

●

# 'କାବ୍ୟ କୁସୁମ'

ବିରାଟ ସେତୁବନ୍ଧ ନିର୍ମାଣରେ ଶ୍ରୀରାମଚନ୍ଦ୍ରଙ୍କର କୃତିତ୍ୱ ସମସ୍ତଙ୍କୁ ଜଣା; କିନ୍ତୁ ଗୁଣ୍ଡୁଚିମୂଷାର ଭୂମିକା ଅନେକ ପାସୋରି ଦେଇ ଥାଆନ୍ତି । ଆମ ସାହିତ୍ୟରେ କବି ରାଧାନାଥ ଆଧୁନିକ ଭାବଧାରାର ଭଗୀରଥ ଭାବରେ କୀର୍ତ୍ତିତ ହୋଇଛନ୍ତି; କିନ୍ତୁ ତାଙ୍କର ସମକାଳୀନ କେତେକ ସାହିତ୍ୟ-ସ୍ରଷ୍ଟା ଯେ ସେ ଦିଗରେ ଉଲ୍ଲେଖଯୋଗ୍ୟ କୃତିତ୍ୱ ପ୍ରଦର୍ଶନ କରିଛନ୍ତି, ତାହା ସମୀକ୍ଷକମାନେ ସାଧାରଣତଃ ଗୁରୁତ୍ୱ ସହ ବିଚାର କରନ୍ତି ନାହିଁ—'ଗୌଣ କବି' ବା 'ଅନ୍ୟାନ୍ୟ ଅପ୍ରଧାନ କବି' ଭାବରେ ସେହି ସାହିତ୍ୟ ସ୍ରଷ୍ଟାମାନଙ୍କର ସାମାନ୍ୟ ସୂଚନା ଦେଇ ସେମାନେ କର୍ତ୍ତବ୍ୟ ସାଙ୍ଗ କରନ୍ତି । ସାହିତ୍ୟ, ଶିଳ୍ପ, କଳାଦି କ୍ଷେତ୍ରରେ ପ୍ରଚାରର ସୁବିଧା ସୁଯୋଗ ଅନେକ ସମୟରେ ବିଭ୍ରାଟ ସୃଷ୍ଟି କରିଥାଏ—ପାଠକ ବା ସମୀକ୍ଷକମାନଙ୍କର ବିଚାରଧାରାକୁ ପକ୍ଷପାତ-ପ୍ରବଣ । କରି ପକାଇଥାଏ । ତେଣୁ କେତେକ ସ୍ରଷ୍ଟା ପ୍ରତିଭାଧର ହୋଇ ମଧ୍ୟ ଅଜ୍ଞାତ ବା ସ୍ୱଳ୍ପଜ୍ଞାତ ଭାବରେ ରହିଯାଆନ୍ତି । ଆଧୁନିକ ଯୁଗର ସେହି ସ୍ୱଳ୍ପଜ୍ଞାତ କବି-ପ୍ରତିଭା ମଧ୍ୟରେ ଚତୁର୍ଭୁଜ ପଟ୍ଟନାୟକ ଅନ୍ୟତମ ।

କବି ଚତୁର୍ଭୁଜ ପଟ୍ଟନାୟକଙ୍କର ଜନ୍ମ ଓ ମୃତ୍ୟୁ-ମସିହା ନିର୍ଦ୍ଦିଷ୍ଟ ଭାବରେ ଜଣା ପଡ଼ି ନାହିଁ । ବାଲେଶ୍ୱର ଜିଲ୍ଲା ଭଦ୍ରକ ସହରସ୍ଥ ପୁରୁଣା ବଜାରର ଜମିଦାର ଦଧିବାମନ ପଟ୍ଟନାୟକଙ୍କର ସେ ପୁତ୍ର ଥିଲେ । ୧୮୭୧ ମସିହାରେ ସେ କଟକରୁ ଏଫ୍. ଏ. ପାଶ୍ କରି ଉଚ୍ଚଶିକ୍ଷା ପାଇଁ କଲିକତା ଯାଇଥିଲେ । କଲିକତାରୁ ୧୮୭୭ ମସିହାରେ ବି. ଏ. ପାଶ୍ କରି ପ୍ରଥମେ ସେ ବାଲେଶ୍ୱର ଜିଲ୍ଲା ସ୍କୁଲ୍ ସମୂହର ଡେପୁଟୀ ଇନ୍ସପେକ୍ଟର ଭାବରେ କିଛି କାଳ କାର୍ଯ୍ୟ କରିଥିଲେ । ତତ୍ପରେ ୧୮୮୩ ମସିହାଠାରୁ କଟକସ୍ଥ ଓଡ଼ିଶା କମିଶନରଙ୍କ ଅଫିସ୍‌ରେ ସରକାରୀ ଅନୁବାଦକ ହୋଇଥିଲେ । ସେ ଜଣେ ବହୁ ଭାଷାଭିଜ୍ଞ ପଣ୍ଡିତ ବ୍ୟକ୍ତି ଥିଲେ । ସୁବକ୍ତା ହିସାବରେ ମଧ୍ୟ ତାଙ୍କର ଖ୍ୟାତି ଥିଲା । କବି ପଟ୍ଟନାୟକ ସେତେବେଳେ ଓଡ଼ିଶାରେ ସୁପ୍ରଚଳିତ ବ୍ରାହ୍ମ ଧର୍ମ ଗ୍ରହଣ କରିଥିଲେ ଏବଂ ସେହି ଧର୍ମର ପ୍ରସାର ପାଇଁ କେତେକ ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରିଥିଲେ । ଓଡ଼ିଶା ବ୍ରାହ୍ମ ସମାଜର ମୁଖପତ୍ର ରୂପେ

ସେତେବେଳେ ଯେଉଁ 'ସେବକ' (୧୮୮୩) ଏବଂ 'ସଂସ୍କାରକ' (୧୮୮୪) ପତ୍ରିକା ଦୁଇଟି ପ୍ରକାଶ ପାଉଥିଲା, ସେଗୁଡ଼ିକ ସହିତ ସେ ଘନିଷ୍ଠ ଭାବରେ ସଂପୃକ୍ତ ଥିଲେ । ସ୍କୁଲ ସମୂହର ଡେପୁଟି ଇନ୍‌ସପେକ୍ଟର ରୂପେ କିଛିକାଳ କାର୍ଯ୍ୟ କରିଥିବାରୁ ସେ ଓଡ଼ିଆରେ ପାଠ୍ୟପୁସ୍ତକ ବିଶେଷ ନ ଥିବାର ଅନୁଭବ କରିଥିଲେ ଏବଂ କବି ରାଧାନାଥଙ୍କ ପରି ସାହିତ୍ୟ-ସାଧନାର ପ୍ରଥମ ପର୍ବରେ ବିଭିନ୍ନ ପାଠ୍ୟ ପୁସ୍ତକ ରଚନାରେ ହାତ ଦେଇଥିଲେ । ରାଧାନାଥ ସେତେବେଳେ ଶିକ୍ଷା ବିଭାଗର ଜଏଣ୍ଟ୍ ଇନ୍‌ସପେକ୍ଟର (୧୮୭୭—୯୨) । ଚତୁର୍ଭୁଜଙ୍କ ଦ୍ୱାରା ଲିଖିତ ଓ ସଂକଳିତ ପାଠ୍ୟପୁସ୍ତକଗୁଡ଼ିକ ମଧ୍ୟରେ ବାଳ-ବୋଲି, ବାଳ-ବୋଧିନୀ, କ୍ଷେତ୍ରତତ୍ତ୍ୱର ପ୍ରଶ୍ନୋତ୍ତର, ଜ୍ଞାନୋଦୟ, ସ୍ୱାସ୍ଥ୍ୟସାଧନ ପ୍ରଭୃତି ଉଲ୍ଲେଖଯୋଗ୍ୟ । ଏଗୁଡ଼ିକ ସେତେବେଳେ ବିଭିନ୍ନ ଶ୍ରେଣୀର ପାଠ୍ୟପୁସ୍ତକ ରୂପେ ଗୃହୀତ ହୋଇଥିଲା ।

କିନ୍ତୁ ଯେଉଁଥିପାଇଁ ଚତୁର୍ଭୁଜ ଆଜି ଆମମାନଙ୍କର ବିଶେଷ ସ୍ମରଣୀୟ ଏବଂ ଶ୍ରଦ୍ଧାର୍ଘ୍ୟର ଯୋଗ୍ୟ, ତାହା ହେଉଛି ତାଙ୍କର କବି-ପ୍ରତିଭା ଓ ସାହିତ୍ୟ-ସାଧନା । ତାଙ୍କ ସାଧନାର ସିଦ୍ଧି କବି ରାଧାନାଥଙ୍କ ସିଦ୍ଧି ସଦୃଶ ପର୍ଯ୍ୟାପ୍ତ ହୋଇ ନ ପାରେ ମାତ୍ର ତାହା ବିଶେଷତ୍ୱପୂର୍ଣ୍ଣ ଓ ଉଚ୍ଚକୋଟୀର ଥିବାରୁ ବିଶେଷ ଉଲ୍ଲେଖନୀୟ । ଓଡ଼ିଶାର 'ଲିରିକାଲ୍ ବାଲାଡ୍‌ସ' ରୂପେ ଚିହ୍ନିତ ରାଧାନାଥ-ମଧୁସୂଦନଙ୍କର 'କବିତାବଳୀ' (୧୮୭୬) ପ୍ରକାଶର ପ୍ରାୟ ସମକାଳରେ କବି ଚତୁର୍ଭୁଜ ବିଭିନ୍ନ କବିତା ରଚନା କରିଥିଲେ, ଯହିଁରେ ଆଧୁନିକ ଚିନ୍ତା ଓ ଚେତନାର ସୁନ୍ଦର ପରିପ୍ରକାଶ ଘଟିଛି । ତାଙ୍କର ସେହି ସବୁ କବିତାର ଏକ ସଞ୍ଚୟନ 'କାବ୍ୟକୁସୁମ' ନାମରେ ୧୮୭୯-୮୦ ମସିହାବେଳକୁ ପ୍ରଥମେ ପ୍ରକାଶଲାଭ କରିଥିଲା । 'କାବ୍ୟ-କୁସୁମ'ର ସେହି ପ୍ରଥମ ସଂସ୍କରଣ ବର୍ତ୍ତମାନ ଦୁଷ୍ପ୍ରାପ୍ୟ । ୧୮୮୩ ମସିହାରେ ବାଲେଶ୍ୱରସ୍ଥ ଉତ୍କଳ ପ୍ରିଣ୍ଟିଂ କମ୍ପାନୀ ପ୍ରେସ୍‌ରୁ ଏହାର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଥିଲା । 'କାବ୍ୟ କୁସୁମ' ବ୍ୟତୀତ କବି ଚତୁର୍ଭୁଜଙ୍କର 'ଭଜନମାଳା' (୧୮୮୩) ଏବଂ 'ଜୀବନ ଚଉତିଶା' (୧୮୯୨) ଅନ୍ୟ ଦୁଇଟି କାବ୍ୟସଞ୍ଚୟନ । ୧୮୮୩ ମସିହାରେ ମଧ୍ୟ ଚତୁର୍ଭୁଜ ଏକ ଅଭିଧାନ ସଂକଳନ କରି 'ଶବ୍ଦନିଧି' ନାମରେ ପ୍ରକାଶ କରିଥିଲେ ।

ପ୍ରାୟ ପଚିଶ ପୃଷ୍ଠାର ବହି 'କାବ୍ୟ-କୁସୁମ'ରେ ସର୍ବମୋଟ ଏଗାର ଗୋଟି କବିତା ସ୍ଥାନ ପାଇଛି । ବହି ଶେଷରେ କବିତାଗୁଡ଼ିକ ଉପରେ ସଂକ୍ଷିପ୍ତ ଟୀକା-ଟିପ୍ପଣୀ ପ୍ରଦାନ କରାଯାଇଛି । ଏହି ଏଗାର ଗୋଟି କବିତା ମଧ୍ୟରେ ସଂବୋଧି ଗୀତି (O i ), ଗାଥା କବିତା (Ballad), ସାଧାରଣ ଗୀତି କବିତା (Lyric) ପ୍ରଭୃତି ଆଧୁନିକ କାବ୍ୟ-ଶୈଳୀର ସଫଳ ପ୍ରୟୋଗ କରାଯାଇଛି । ଭାବ ବା ବିଷୟବସ୍ତୁ ଦିଗରୁ ମଧ୍ୟ କବିତାଗୁଡ଼ିକରେ ନୂତନତ୍ୱ ରହିଛି । ସର୍ବୋପରି ସାମ୍ପ୍ରତିକ

ସମାଜ-ଜୀବନ ପାଇଁ କେତେକ କବିତାର ଯଥେଷ୍ଟ ପ୍ରାସଙ୍ଗିକତା ତଥା ଉପଯୋଗିତା ରହିଥିବାର ଦେଖାଯାଏ ।

ସ୍ୱାଧୀନତା-ପ୍ରାପ୍ତି ପରେ ଆମ ଦେଶରେ ମୁଖ୍ୟତଃ ଶିକ୍ଷିତ ଲୋକଙ୍କ ମଧ୍ୟରେ ସରକାରୀ, ଅର୍ଦ୍ଧ ସରକାରୀ ବା ବେସରକାରୀ ଚାକିରି ପ୍ରତି ଯେପରି ଅତିଶକ୍ତ ମୋହ ବା ଆସକ୍ତି ପ୍ରକାଶ ପାଉଥିବାର ଦେଖାଯାଉଛି, ସ୍ୱାଧୀନତା ପୂର୍ବରୁ ଇଂରେଜ ଶାସନ କାଳରେ ସେପରି ପ୍ରକାଶ ପାଉ ନ ଥିଲା । ଗୋଟିଏ ସ୍ୱାଧୀନ ଜାତି ପକ୍ଷରେ ଏହି ଅତ୍ୟଧିକ ଚାକିରି ମନୋବୃତ୍ତି ଯେ କ୍ଷତିକାରକ, ତାହା ଫେଡ଼ି କହିବା ଲୋଡ଼ା ନାହିଁ । ନିଜେ ସରକାରୀ ଚାକିରି କରିଥିଲେ ହେଁ କବି ଚତୁର୍ଭୁଜ ତାହାର ଭୟାବହତା ହୃଦୟଙ୍ଗମ କରି 'ଧିକ ଚାକିରି' କବିତାରେ ଲେଖିଛନ୍ତି—

ଚାକିରିରେ ନାହିଁ ମୋହର ମନ  
ଚିନ୍ତାରେ ଅସ୍ଥିର ପ୍ରାଣ-ପବନ,  
ଲାଗନ୍ତେ ନିର୍ଜନ ବନେ ଅନଳ  
ଯେସନ୍ତେ ପଶୁପକ୍ଷୀ କରେ ଚହଲ ।  
ଚିନ୍ତା ପରେ ଚିନ୍ତା ଦୁଃଖ ଅପାର  
ଫିଟିଛି କି ପୂର୍ବ ପାପର ଦ୍ୱାର ?  
କରମ ଦୋଷ ମୋ, ଧିକ ଚାକିରି  
ଯା ଯୋଗୁଁ ହୋଇଲି ମୁଁ ହତଶିରୀ ।

ପିଞ୍ଜରାବଦ୍ଧ ପକ୍ଷୀ ଏବଂ କାରାଗାରର କଏଦୀଠାରୁ ମଧ୍ୟ ଚାକିରିର ଦୀନ ହୀନ ଅବସ୍ଥା । ଏହାର ଉଲ୍ଲେଖ କରି କବି ଶେଷରେ ଗାଇଛନ୍ତି—

ଜୀବିକା ବିବିଧ ଅଛି ନରର  
ଅବସର ହୁଏ ସର୍ବଜନର ।

ଅବିଶ୍ରାନ୍ତ ଦୀପ୍ତେ ଭାସ୍କର କର  
ଅସ୍ତାଚଳେ ତାର ନିଦ୍ରା ସୁନ୍ଦର ।

ଶୁକ୍ଳ ପକ୍ଷେ ବିଧୁ ଅନ୍ଧାର ନାଶେ  
କୃଷ୍ଣ ପକ୍ଷେ ରମେ ରେବତୀ ପାଶେ ।

ବିଶ୍ରାମ ନ ପାଏ ଚାକିରି ମାତ୍ର  
ଜୀବିତରେ ମୃତ ତାହାର ଗାତ୍ର ।

କରମ ଦୋଷ ମୋ, ଧିକ ଚାକିରି  
ଯା ଯୋଗୁଁ ହୋଇଲି ମୁଁ ହତଶିରୀ ।

ପ୍ରସଙ୍ଗକ୍ରମେ ଏଠାରେ ଉଲ୍ଲେଖନୀୟ ଯେ—ଗୃହକର ପ୍ରତି ଅନୁରୂପ ଦୃଷ୍ଟିଭଙ୍ଗୀ ଘେନି ପରବର୍ତ୍ତୀ କାଳରେ ଝଡ଼ଖଣ୍ଡ ସୁପରିଚିତ କବି ଶିବନାରାୟଣ ଦେବ ଦୁଇଟି ଚମତ୍କାର କବିତା ରଚନା କରିଛନ୍ତି—'ଗୃହକର ବୃଦ୍ଧି' ଏବଂ 'ଗୃହକର ବିଜୟ' (ଝଡ଼ଖଣ୍ଡ କୁସୁମ—ଗୀତମଞ୍ଜୁଷା, ଦ୍ୱିତୀୟ ଭାଗ, ୧୯୫୫ ଗ୍ରନ୍ଥର ଅନ୍ତର୍ଭୁକ୍ତ) । କବିତା ଯୋଡ଼ିକରେ ବ୍ୟଙ୍ଗାତ୍ମକ ସ୍ୱର ସୁସ୍ପଷ୍ଟ । ଏଠାରେ 'ଗୃହକର ବିଜୟ' କବିତାରୁ କିୟଦଂଶ ପାଠକମାନଙ୍କର କୌତୂହଳ ନିବୃତ୍ତି ପାଇଁ ଉଦ୍ଧାର କରାଯାଉଛି—

ଭାଇ, ଗୃହଁ ଯେବେ ନିଜ ହିତକୁ
ଯେଉଁଠା-ତା ହେଲେହେଁ ଧରିଥାଅ ଆଣ୍ଟେ
ଖାଉନ୍ଦର ଦ୍ରବ୍ୟ ଚିତ୍ତକୁ ॥

ସଭସ୍ତେ ଅଭସ୍ତେ ଅନ୍ଧାରେ ଆଲୋକେ
ଯେତେ ନିନ୍ଦା ଗାଇ ହସୁଥାନ୍ତୁ ଲୋକେ
ମହତ ଗୌରବ ପଳାଉ ପଛକେ
ସହ ଜୋତା ଲାତ-ଘାତକୁ ॥

ହିତ ସତ୍ୟବାଦୀ ପଥେ ଦେଇ କଣ୍ଟା
ଅକଣ୍ଟକ କର ନିଜ ସ୍ୱାର୍ଥ ପନ୍ଥା
ଲଭୁଁ କିଛି କିଛି ଦିଅ ଟଣ୍ଡ ବଣ୍ଟା
ମିତ ଓ ମିତର ମିତକୁ ॥ ଇତ୍ୟାଦି

'ନିରାଶା ଓ ଆଶା' କବି ଚତୁର୍ଭୁଜଙ୍କର ଅନ୍ୟ ଏକ ଉଚ୍ଚକୋଟୀର ଗୀତି କବିତା । 'ଧିକ ଗୃହକର' କବିତାର ପରବର୍ତ୍ତୀ ପର୍ଯ୍ୟାୟ ରୂପେ ଏହାକୁ ଗ୍ରହଣ କରାଯାଇ ପାରେ । ଜୀବନରେ କବି ଜଣେ ମହତ ବ୍ୟକ୍ତି ହେବେ ଏବଂ ବିଶ୍ୱଜନଙ୍କୁ ସେବା କରିବେ ବୋଲି ଭାବିଥିଲେ । ସେ ଭାବନା ବୃଥା ହେଲା । କବି କେବଳ ଗ୍ରାସାଚ୍ଛାଦନ ଆୟୋଜନରେ କାଳ କଟାଇ ଦେଲେ । ତାଙ୍କର ସକଳ ଉଚ୍ଚାଶା ପଣ୍ଡ ହେବାରୁ କ୍ଷୋଭ ପ୍ରକାଶ କରି ଲେଖିଛନ୍ତି—

ଉଦର ପାଳନ ଯାହାର ଧର୍ମ
ଉଚ୍ଚାଶା ସାଧନ ନୁହେଁ ତା କର୍ମ ।

କର୍ଦ୍ଦମେ ଆବୃତ ଭୁଡ଼ିକା ମୀନ
ଊର୍ଦ୍ଧ୍ୱ ଗମନରେ ସଦା ହିଁ କ୍ଷୀଣ ।

ଉତ୍କଳ ଦେଶରେ ହୋଇଛୁ ଜାତ
ଉତ୍କଳୀୟ ନାମେ ସଦା ଆଖ୍ୟାତ ।
ଯାବତ ଶୋଣିତ ଦେହେଁ ରହିବ
ଯାବତ ନିଶ୍ୱାସ ପ୍ରାଣ ରଖିବ
ତାବତ ଉତ୍କଳ ଉପକାରାର୍ଥ
ତ୍ୟଜିବ ବହିନ ସକଳ ସ୍ୱାର୍ଥ ।
ପରମେଶେ ଦେଇ ମନ ଅଧୀନ
ଉତ୍କଳ ସେବନେ ଯାପିବା ଦିନ ।

ସଂପ୍ରତି ଆମ ସମାଜ-ଜୀବନର ବହୁ କ୍ଷେତ୍ରରେ ଦେଶସେବା ବା ଜନସେବା ନାମରେ ଆତ୍ମସେବା ବା ଅହଂ-ପୂର୍ତ୍ତି ପ୍ରବଳ ହୋଇଥିବାର ଦେଖାଯାଏ । ତ୍ୟାଗ, ପରାର୍ଥପରତା କ୍ରମଶଃ ଜାତିପ୍ରାଣରୁ ଲୋପ ପାଉଥିବାର ପରିଲକ୍ଷିତ ହୁଏ । ଯେଉଁ ଜାତି ମରିବା ଶିଖି ନାହିଁ, ସେ ବଞ୍ଚିବ କପରି ? ତ୍ୟାଗ ଦ୍ୱାରା ଭୋଗ କରିବା ହିଁ ଭାରତୀୟ ପରଂପରା । କବି ଚତୁର୍ଭୁଜ ଏହି କଥା ହୃଦୟଙ୍ଗମ କରିଥିଲେ ଏବଂ ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ 'ନିରାଶା ଓ ଆଶା' କବିତାଟି ରଚନା କରିଥିଲେ । ସାମ୍ପ୍ରତିକ କାଳ ପାଇଁ ଏ କବିତାର ପ୍ରାସଙ୍ଗିକତା ଅତ୍ୟଧିକ ବୋଲି ମନେହୁଏ । କବିତାଟିର ଶେଷରେ ଚତୁର୍ଭୁଜ କହିଛନ୍ତି —

ମୁହିଁ ହୀନଜନ ଦୁଃଖୀ ପାମର
ଊର୍ଦ୍ଧ୍ୱ ଗମନରେ ସଦା କାତର ।
ପ୍ରତିଷ୍ଠା ଶୃଙ୍ଗରେ ନ ପାରେଁ ଚଢ଼ି
ଶୃଙ୍ଗ ମୂଳରେ ମୁଁ ରହିବି ପଡ଼ି ।
ପଶ୍ଚାତେ ଆସିବେ ସାଧୁ ସଜ୍ଜନ
ପର-ଉପକାରୀ ନର-ରତନ
ମୋର ପୃଷ୍ଠେ ଚଢ଼ି ଶୃଙ୍ଗକୁ ଯିବେ
ପ୍ରତିଷ୍ଠା ଲଭିଣ ସୁଖୀ ହୋଇବେ ।

ପରବର୍ତ୍ତୀ କାଳରେ ଉତ୍କଳ ପଣ୍ଡିତ ଗୋପବନ୍ଧୁ ଦାସଙ୍କର ସେହି ସୁପରିଚିତ "ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଚାଲି ଯାଆନ୍ତୁ ପିଠିରେ" କବିତାଂଶ ମଧ୍ୟରେ ଏହି ଭାବର ଅନୁରଣନ ଶୁଣିବାକୁ ମିଳେ ।

'କାବ୍ୟ-କୁସୁମ'ର 'କାକ' ଏବଂ 'ଦ୍ୱିତୀୟ ଶିବାଜୀ ପ୍ରତି' ଦୁଇଟି ଚମତ୍କାର ସମ୍ବୋଧଗୀତି । ଉଭୟ କବିତାରେ ସମ୍ବୋଧିତଙ୍କର ମହତ୍ତ୍ୱ ପ୍ରତିପାଦନ କରାଯାଇଛି ।

ସେହିପରି 'ମୁକୁନ୍ଦ ପଣ୍ଡିତ', 'ସାବିତ୍ରୀ ପ୍ରତାପ' ଏବଂ 'ଦୁର୍ଭିକ୍ଷ' ଗୋଟିଏ ଗୋଟିଏ ସଫଳ ଗାଥାକବିତା ହିସାବରେ ଗ୍ରହଣୀୟ । ରାମଶଙ୍କରଙ୍କର ସୁପରିଚିତ 'ପ୍ରେମତରଙ୍ଗ ଗାଥା' (୧୮୭୮) ରଚନାର ପ୍ରାୟ ସମକାଳରେ ଏହି ଗାଥାକବିତା ସମୂହ ରଚିତ ହୋଇଥିଲା । ତେଣୁ ଆଧୁନିକ ସାହିତ୍ୟର ପ୍ରାଥମିକ ଗାଥା କବିତା ଭାବରେ ଏଗୁଡ଼ିକର ମୂଲ୍ୟାୟନ କରାଯାଇପାରେ । କବି ଚତୁର୍ଭୁଜଙ୍କର 'ମୁକୁନ୍ଦ ପଣ୍ଡିତ' ଗାଥାକବିତାଟି ମହାଭାରତର ଧର୍ମବକ ଉପାଖ୍ୟାନ ସ୍ମରଣ କରାଇଦିଏ । ଯାଜପୁରର ବିଜ୍ଞ, ବୃଦ୍ଧ ବିପ୍ର ମୁକୁନ୍ଦ ପଣ୍ଡିତ ଆପଣାର ଚାରି ପୁଅଙ୍କୁ ଶିକ୍ଷିତ କରାଇବା ମାନସରେ ନ୍ୟାୟଶାସ୍ତ୍ର ପଢ଼ିବା ପାଇଁ ରାମଙ୍କୁ ନବଦ୍ୱୀପ, ଶ୍ରୁତି ଅଧ୍ୟୟନ ପାଇଁ ଶ୍ୟାମଙ୍କୁ କାଶୀ, ଜ୍ୟୋତିଷ ପଢ଼ିବା ପାଇଁ ଗୋବିନ୍ଦଙ୍କୁ କାଞ୍ଚି ଏବଂ ପୁରାଣ ପଢ଼ିବା ପାଇଁ ଦାମକୁ ପୁରୀ ପଠାଇଥିଲେ । ପଢ଼ା ସାରି ବାର ବର୍ଷ ପରେ ପୁତ୍ରମାନେ ବାହୁଡ଼ି ଆସିବାରୁ ମୁକୁନ୍ଦ ପଣ୍ଡିତ ସେମାନଙ୍କୁ ଏହି କେତୋଟି ପ୍ରଶ୍ନ ପଚାରିଥିଲେ—

> କେ ସୁଖୀ କହି ହେ ମାୟା ସଂସାରେ ?
> ମନୁଷ୍ୟ ଭ୍ରମଇ କାହା ଆଶାରେ ?
> କେ ସାଧୁ ନାମରେ ହୁଏ ବିଖ୍ୟାତ ?
> ସାଧୁତା କାହାକୁ କହନ୍ତି ତାତ ?
> ବାଲ୍ୟ ଯଉବନ ବାର୍ଦ୍ଧକ୍ୟ ବେଳେ
> କି ରୂପେ ବଞ୍ଚିବ ମନୁଷ୍ୟ ମେଳେ ?
> ଜୀବନ କର୍ତ୍ତବ୍ୟ ପାଳନ କରି
> କି ରୂପେ ଲଭିବ ମୁକତିପଦ ହରି ?

ଚାରିଜଣ ପୁଅ ନିଜ ନିଜ ଦୃଷ୍ଟିକୋଣରୁ ପ୍ରଶ୍ନଗୁଡ଼ିକର ସନ୍ତୋଷଜନକ ଉତ୍ତର ଦେଇଛନ୍ତି । ମୁକୁନ୍ଦ ପଣ୍ଡିତ ଏଥିରେ ସନ୍ତୁଷ୍ଟ ହୋଇ ବାନପ୍ରସ୍ଥ ଅବଲମ୍ବନ କରିଛନ୍ତି ।

୧୮୭୭-୭୯ ମସିହା ମଧ୍ୟରେ ମାନ୍ଦ୍ରାଜ ଓ ବମ୍ବେ ଅଞ୍ଚଳରେ ଯେଉଁ ଦୁର୍ଭିକ୍ଷ ପଡ଼ିଥିଲା, ତାହା ହିଁ 'ଦୁର୍ଭିକ୍ଷ' ଗାଥା କବିତାର ଉତ୍ସମୂଳ । ଦୁଇ ସର୍ଗ ବିଶିଷ୍ଟ ଏହି କବିତାରେ ଦୁର୍ଭିକ୍ଷ ଓ ମୃତ୍ୟୁ ଶିବଙ୍କଠାରୁ ବର ପାଇ ଦାକ୍ଷିଣାତ୍ୟରେ ଶକ୍ତି ବିସ୍ତାର କରିଥିବା ବିଷୟ ବୋଲାଯାଇଛି । କବିଙ୍କର ସମ୍ବୋଧ ଗୀତି ଓ ଗାଥା କବିତା ଗୁଡ଼ିକରେ ଭାରତୀୟ ପ୍ରାଚ୍ୟ ଭାବଧାରା ସହିତ ପାଶ୍ଚାତ୍ୟ ଶୈଳୀର ମଧୁର ସମନ୍ୱୟ ସାଧିତ ହୋଇଥିବାର ଦେଖାଯାଏ ।

କବିଙ୍କର 'ସୁଦଶା ପାଣ୍ଡୁ' ଓ 'ମଧ୍ୟାହ୍ନ ଚନ୍ଦ୍ରା' ଦୁଇଟି ବର୍ଣ୍ଣନାତ୍ମକ କବିତା । ସ୍ଥାନ ବା ଦୃଶ୍ୟ ବର୍ଣ୍ଣନାରେ ଚତୁର୍ଭୁଜ କଳାପାଟବର ପରିଚୟ ଦେଇଛନ୍ତି ।

ସୁଦଶା ପାଣ୍ଡ ହେଉଛନ୍ତି ବାଲେଶ୍ୱର ଜିଲାର ବାଲିଆପାଳ ଥାନା ଅନ୍ତର୍ଗତ ଏକ ଦୀର୍ଘ ପ୍ରାନ୍ତର । ସୁଦଶାକୁ କବି ଦେବୀ ଭାବରେ ବର୍ଣ୍ଣନା କରିଛନ୍ତି । ବିଶେଷ ବିଶେଷ ସ୍ଥାନୀୟ ବା ଆଞ୍ଚଳିକ ଦୃଶ୍ୟ ତଥା ଘଟଣାକୁ ସାହିତ୍ୟ ଜରିଆରେ ସୁପରିଚିତ କରାଇବାର ଦୃଷ୍ଟିକୋଣ କବି ରାଧାନାଥଙ୍କ ପରି ଚତୁର୍ଭୁଜ ମଧ୍ୟ ପ୍ରକାଶ କରିଛନ୍ତି ।

'କାବ୍ୟ କୁସୁମ'ର ସର୍ବପ୍ରଥମ କବିତା 'ଉତ୍କଳର ସୁଖୋଦୟ' ଶୈଳୀ ଦୃଷ୍ଟିରୁ ବିଶେଷ ଉଲ୍ଲେଖନୀୟ । କବି ଚତୁର୍ଭୁଜ ଏଥିରେ ଆଳାପମୟୀ ନାଟକୀୟ ଶୈଳୀ ଗ୍ରହଣ କରିଛନ୍ତି । ଏଥିରେ ଆମର ପାରମ୍ପରିକ ଦାସ୍କିଆ ଓ ସୁଆଙ୍ଗର ପ୍ରଭାବ ପଡ଼ିଥିବା ମନେହୁଏ । କିୟଦଂଶର ଉଦାହରଣ—

୧ମ ଓ ୨ୟ ବାଳକ—କେ ଗୋ ବସିଅଛ ଦୀନ ବେଶରେ ?

ଦାରିଦ୍ର୍ୟ—ଦରିଦ୍ରତା ମୁହିଁ ପୀଡ଼ିତ-କାରୀ ।

୩ୟ ଓ ୪ର୍ଥ ବାଳକ—କି ଅବା ପାଞ୍ଚୁଛ ମନ ଭିତରେ ?

ଦାରିଦ୍ର୍ୟ—ଉତ୍କଳ ଦେଶରୁ ହେବି ଅନ୍ତରୀ ।

ସର୍ବେ ମିଳି—ଉତ୍କଳ ଦେଶରେ ବଢ଼ିଲା ସୁଖ
ଦରିଦ୍ରତା ଯହିଁ ହେଲା ବିମୁଖ । ଇତ୍ୟାଦି, ଇତ୍ୟାଦି ।

କେବଳ ପାଶ୍ଚାତ୍ୟ-ଅଭିମୁଖୀନତାକୁ ଆଧୁନିକତା ବୋଲିଯାଇ ନ ପାରେ । ପ୍ରାଚ୍ୟ-ପ୍ରବଣତା ବା ନିଜସ୍ୱ ପରମ୍ପରାର ନବୀକରଣ ମଧ୍ୟ ଆଧୁନିକତାର ଅନ୍ତର୍ଗତ । ପରମ୍ପରା ଓ ପୁରୋଦୃଷ୍ଟିର ସାର୍ଥକ ସମନ୍ୱୟରେ ସାରସ୍ୱତ ପ୍ରଗତି ସାଧିତ ହୋଇଥାଏ । କବି ରାଧାନାଥଙ୍କ ଭଳି କବି ଚତୁର୍ଭୁଜ ଏ ବିଷୟ ଭଲ ଭାବରେ ହୃଦୟଙ୍ଗମ କରିଥିଲେ । ସେଥିପାଇଁ ସେ ଆମ ସାହିତ୍ୟରେ ଆଧୁନିକତାର ପ୍ରବର୍ତ୍ତିକ-ମାନଙ୍କ ମଧ୍ୟରେ ଅନ୍ୟତମ ପ୍ରତିଭାଶାଳୀ ଶିଳ୍ପୀ ।

# 'ଅଠର ଶହ ସତର'

ଭାରତୀୟ ଉପନ୍ୟାସର ଅନ୍ୟତମ ପ୍ରାଣ-ପ୍ରତିଷ୍ଠାତା ଫକୀରମୋହନ ସେନାପତିଙ୍କ ପରେ ପଣ୍ଡିତ ଗୋଦାବରୀଶ ମିଶ୍ର (୧୮୮୬—୧୯୫୬) ଅଳ୍ପସଂଖ୍ୟକ ଉପନ୍ୟାସ ଲେଖିଛନ୍ତି । ଫକୀରମୋହନଙ୍କ ପରେ ଏ ଦିଗରେ ବିଶେଷ କୃତିତ୍ୱ ଅର୍ଜନ କରି ନ ଥିଲେ ମଧ୍ୟ ଗୋଦାବରୀଶ ଓଡ଼ିଆ ଉପନ୍ୟାସ-ସାହିତ୍ୟର ଅଭିବୃଦ୍ଧି ଓ ଅଗ୍ରଗତିରେ ସହାୟତା କରିଛନ୍ତି, ଏଥିରେ ସନ୍ଦେହ ନାହିଁ ।

ଶିକ୍ଷାବିତ୍, ସମାଜସେବୀ, ରାଜନୀତିଜ୍ଞ ଏବଂ ସାହିତ୍ୟସ୍ରଷ୍ଟା ଭାବରେ ପଣ୍ଡିତ ଗୋଦାବରୀଶଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ରହିଛି । ତାଙ୍କର ବହୁମୁଖୀ ପ୍ରତିଭାର ପ୍ରଭାବ ଏପର୍ଯ୍ୟନ୍ତ ଜାତୀୟ ଜୀବନର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛି । ସାହିତ୍ୟସ୍ରଷ୍ଟା ହିସାବରେ ଗୋଦାବରୀଶ ଛାତ୍ରଜୀବନରୁ କବିତା, ନାଟକାଦି ରଚନା ଆରମ୍ଭ କରିଥିଲେ । ଉଚ୍ଚକୋଟୀର ଗାଥା କବିତା ରଚନାରେ ତାଙ୍କର ସଫଳତା ଅବିସମ୍ବାଦିତ । ପରବର୍ତ୍ତୀ କାଳରେ ସେ ଉପନ୍ୟାସ ରଚନାରେ ହାତ ଦେଲେ । ଏ ଯୁଗର 'ଗଦ୍ୟ ମହାକାବ୍ୟ' ରୂପେ ପରିଗଣିତ ଉପନ୍ୟାସ ରଚନା ପାଇଁ ସାଧାରଣତଃ ଯେଉଁ ବିପୁଳ ଅନୁଭୂତି ଓ ଅଭିଜ୍ଞତା ଲୋଡ଼ା, ଗୋଦାବରୀଶ ସେତେବେଳକୁ ତାହା ହାସଲ କରିଥିଲେ । ତାଙ୍କର 'ଅଭାଗିନୀ', 'ଘଟାନ୍ତର' ଏବଂ 'ନିର୍ବାସିତ' ଉପନ୍ୟାସମାନ ବିଭିନ୍ନ ପାଶ୍ଚାତ୍ୟ ଗ୍ରନ୍ଥ ଅବଲମ୍ବନରେ ରଚିତ ହେଲେହେଁ, ସ୍ୱଦେଶୀୟ ପ୍ରକୃତି ଓ ପରିବେଶ ଧାରଣ କରିଛନ୍ତି । ଏ ଦିଗରେ କବି ରାଧାନାଥ୍ ରାୟ ନିଜର ବିଭିନ୍ନ କାବ୍ୟ ସୃଷ୍ଟିରେ ଯେଉଁ ରୀତି ଅବଲମ୍ବନ କରିଥିଲେ, ଗୋଦାବରୀଶ ଏହି ଉପନ୍ୟାସଗୁଡ଼ିକ ରଚନାରେ ସେହି ରୀତି ହିଁ ଅନୁସରଣ କରିଛନ୍ତି । ଏପରି ଅନବଦ୍ୟ ଭାଷା ଓ ଭଙ୍ଗୀରେ ରଚିତ ହୋଇଛି ଯେ, ଏଗୁଡ଼ିକ ତାଙ୍କର ନିଜସ୍ୱ ମୌଳିକ ସୃଷ୍ଟି ବୋଲି ଜଣା ଯାଉଛନ୍ତି । 'ଅଠର ଶହ ସତର' (୧୯୪୬ ?) ଗୋଦାବରୀଶଙ୍କର ମୌଳିକ ଉପନ୍ୟାସ । କେହି କେହି ମନେ କରନ୍ତି ଯେ—ଏହା ଚାର୍ଲସ୍ ଡିକେନ୍‌ସଙ୍କର 'ଏ ଟେଲ୍ ଅବ୍ ଟୁ ସିଟିଜ୍' (୧୮୫୯) ଅନୁସରଣରେ ରଚିତ । ମାତ୍ର ଏହା ଏକ କଷ୍ଟ କଳ୍ପନା ।

ଭାରତବର୍ଷର ଅନ୍ୟାନ୍ୟ ସାହିତ୍ୟ ଭଳି ଓଡ଼ିଆ ସାହିତ୍ୟରେ ମଧ୍ୟ ଆଧୁନିକ କାଳରେ ଅର୍ଥାତ୍ ଊନବିଂଶ ଶତାବ୍ଦୀରେ ଉପନ୍ୟାସ ରଚନାର ସୂତ୍ରପାତ ହୋଇଥିଲା । ତଥାପି ପ୍ରାୟ ଏକ ହଜାର ବର୍ଷର ପ୍ରାଚୀନ ଓଡ଼ିଆ ସାହିତ୍ୟରେ ପଦ୍ୟ ତଥା ଗଦ୍ୟ—ଉଭୟ ପ୍ରକାର ରଚନାରେ ଉପନ୍ୟାସର ଲକ୍ଷଣ ଯେ ଅନ୍ତତଃ ପ୍ରକାଶ ପାଇଥିଲା, ତାହା ପ୍ରମାଣ କରିବା ପାଇଁ ଦୃଷ୍ଟାନ୍ତର ଅଭାବ ନାହିଁ । ଗଦ୍ୟରେ ନାରାୟଣାନନ୍ଦ ଅବଧୂତଙ୍କର 'ରୁଦ୍ର ସୁଧାନିଧି' (ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀ), ବ୍ରଜନାଥ ବଡ଼ଜେନାଙ୍କର 'ଚତୁର ବିନୋଦ କଥା' (ଅଷ୍ଟାଦଶ ଶତାବ୍ଦୀ) ଏବଂ ପଦ୍ୟରେ ପ୍ରତାପ ରାୟଙ୍କର 'ଶଶିସେଣା' (ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀ), ବନମାଳୀ ଦାସଙ୍କର 'ଚୃଟ ଇଚ୍ଛାବତୀ' (ସପ୍ତଦଶ ଶତାବ୍ଦୀ), ରାମଚନ୍ଦ୍ର ପଟ୍ଟନାୟକଙ୍କର 'ହାରାବତୀ' (ଅଷ୍ଟାଦଶ ଶତାବ୍ଦୀ) ପ୍ରଭୃତି ରଚନା ଏହାର ଦୃଷ୍ଟାନ୍ତ । ଊନବିଂଶ ଶତାବ୍ଦୀ ଶେଷ ଭାଗରେ ରାମଶଙ୍କର ରାୟ, ଉମେଶଚନ୍ଦ୍ର ସରକାର, ଗୋପାଳବଲ୍ଲଭ ଦାସ, ସର୍ବୋପରି ଫକୀରମୋହନ ସେନାପତି ଗଦ୍ୟରେ 'ଉପନ୍ୟାସ' ନାମଧାରୀ ଯେଉଁ ସାହିତ୍ୟ ସୃଷ୍ଟି କଲେ, ତାହା ଅନେକାଂଶରେ ଏହି ଐତିହାସିକ କ୍ରମବିକାଶର ଫଳ—ବୋଲି ଯାଇପାରେ । ଉକ୍ତ ଲେଖକମାନଙ୍କ ଦ୍ୱାରା ରଚିତ ପ୍ରାଥମିକ ଉପନ୍ୟାସମାନଙ୍କରେ ରୋମାନସ୍ ଧର୍ମର ପ୍ରାବଲ୍ୟ ପରିଲକ୍ଷିତ ହୁଏ । 'ସୌଦାମିନୀ' (୧୮୭୮), 'ପଦ୍ମମାଳୀ' (୧୮୮୮), 'ବିବାସିନୀ' (୧୮୯୧), 'ଭୀମା ଭୂୟାଁ' (୧୮୯୮), 'ଲଛମା' (୧୯୦୧) ପ୍ରଭୃତି ରଚନା ମଧ୍ୟରେ ଦୁଃସାହସିକ ଏଡ଼ଭେଞ୍ଚର୍, ବୀରତ୍ୱପୂର୍ଣ୍ଣ କାର୍ଯ୍ୟ, ରୋମାଞ୍ଚକର ଘଟଣା, ଅଭିଜାତ ଶ୍ରେଣୀର ପ୍ରେମୋପାଖ୍ୟାନ, ରହସ୍ୟମୟ କୁହେଳିକାଛନ୍ନ ପରିବେଶ, ଐତିହାସିକ କିମ୍ବଦନ୍ତୀମୂଳକ କଥାବସ୍ତୁ ପ୍ରଭୃତି ରୋମାନସ୍-ସୁଲଭ ବିଭବ ସୁପରିସ୍ଫୁଟ । ବିଶ୍ୱର ବିଭିନ୍ନ ସାହିତ୍ୟରେ ରୋମାନସ୍, ଉପନ୍ୟାସର ଅଗ୍ରଦୂତ ବା ପଥପ୍ରଦର୍ଶକ ରୂପେ ଆବିର୍ଭୂତ ହୋଇଛି । ଓଡ଼ିଆ ସାହିତ୍ୟରେ ମଧ୍ୟ ଏହାର ବ୍ୟତିକ୍ରମ ଘଟି ନାହିଁ । 'ଫୁଲମଣି ଓ କରୁଣାର ବିବରଣ' (୧୮୬୭-୬୮) ଉପନ୍ୟାସକୁ ଅନୂଦିତ କୃତି ହିସାବରେ ବାଦ୍ ଦେଲେ, ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ' (୧୮୯୭), ଉପନ୍ୟାସର ସାଧାରଣ ପ୍ରଚଳିତ ସଂଜ୍ଞା ଓ ସ୍ୱରୂପ ବହନ କରି ପ୍ରଥମ ଉଲ୍ଲେଖଯୋଗ୍ୟ ରଚନା ।

ଐତିହାସିକ ବା କିମ୍ବଦନ୍ତୀମୂଳକ କଥାବସ୍ତୁ ଘେନି ରୋମାନ୍ସଧର୍ମୀ ଉପନ୍ୟାସ ରଚନାର ପରମ୍ପରା ପରବର୍ତ୍ତୀ କାଳରେ ଅବ୍ୟାହତ ରହିଥିଲା । ତାରିଣୀ ଚରଣ ରଥ (୧୮୮୩—୧୯୨୨), ରାମଚନ୍ଦ୍ର ଆଚାର୍ଯ୍ୟ (୧୮୯୩ - ୧୯ ୧), ଚକ୍ରଧର ମହାପାତ୍ର (୧୯୦୭—) ପ୍ରମୁଖ ଲେଖକମାନେ ସେହି ପରମ୍ପରା ସଫଳତାର ସହିତ ବଜାୟ ରଖିଥିଲେ । ପଣ୍ଡିତ ଗୋଦାବରୀଶ ପରେ ପରେ ସେମାନଙ୍କର ସପାଙ୍କ୍ତେୟ ହୋଇ 'ଅଠର ଶହ ସତର' ଉପନ୍ୟାସଟି ରଚନା କଲେ ।

'ଅଠର ଶହ ସତର' ଉପନ୍ୟାସର କଥାବସ୍ତୁ ଆମ ଜାତୀୟ ଇତିହାସର ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟରୁ ଗୃହୀତ ହୋଇଛି । ସେହି ଅଧ୍ୟାୟଟି 'ପାଇକ ବିଦ୍ରୋହ' ନାମରେ ସୁପରିଚିତ । ଚଳିତ ଶତାବ୍ଦୀର ତୃତୀୟ, ଚତୁର୍ଥ ଓ ପଞ୍ଚମ ଦଶକରେ ଦେଶର ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମିରେ ଅନୁରୂପ କଥାବସ୍ତୁ ଘେନି ଗଳ୍ପ-ଉପନ୍ୟାସ, ନାଟକ, କାବ୍ୟକବିତାମାନ ରଚିତ ହୋଇଥିବାର ଦେଖାଯାଏ । ଜାତୀୟ ଇତିହାସ ଓ କିମ୍ବଦନ୍ତୀରୁ ଗୌରବମୟ କାହାଣୀ ଶୁଣାଇ ପାଠକସମାଜକୁ ନିଜର ଲୁପ୍ତ ସ୍ୱାଧୀନତା ସମ୍ପର୍କରେ ସଚେତନ କରାଇବା ସଙ୍ଗେ ସଙ୍ଗେ ଦେଶାତ୍ମବୋଧରେ ଉଦ୍‌ବୁଦ୍ଧ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ପଣ୍ଡିତ ଗୋଦାବରୀଶ ସ୍ୱାଧୀନତା ସଂଗ୍ରାମର ଜଣେ ସୈନିକ ହିସାବରେ ସେହି ଉଦ୍ଦେଶ୍ୟ ପରିପୂର୍ତ୍ତି ପାଇଁ ଉପନ୍ୟାସ ସୃଷ୍ଟିରେ ଉକ୍ତ କଥାବସ୍ତୁ ଗ୍ରହଣ କରିଥିବାର ମନେହୁଏ । ଏଠାରେ ଉଲ୍ଲେଖଯୋଗ୍ୟ ଯେ—ପଣ୍ଡିତ ଗୋପବନ୍ଧୁ ଦାସ ପ୍ରତିଷ୍ଠିତ ସତ୍ୟବାଦୀ ଜାତୀୟ ବନବିଦ୍ୟାଳୟରେ ଗୋଦାବରୀଶ ଅନ୍ୟତମ ଶିକ୍ଷକ ହିସାବରେ କାର୍ଯ୍ୟ କରୁଥିଲା ବେଳେ (୧୯୧୩—୧୯) ସତ୍ୟବାଦୀ ଲେଖକ-ଗୋଷ୍ଠୀ ସାହିତ୍ୟ-ସୃଷ୍ଟିରେ ଏହି ଦେଶାତ୍ମବୋଧକ ଆଭିମୁଖ୍ୟ ଗ୍ରହଣ କରିଥିଲେ ।

ସିପାହୀ ବିଦ୍ରୋହର ଚାଳିଶ ବର୍ଷ ପୂର୍ବରୁ ୧୮୧୭ ମସିହାରେ 'ପାଇକ ବିଦ୍ରୋହ' ସଂଘଟିତ ହୋଇଥିଲା । ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କରିବା ପରଠାରୁ ଏହି ବିଦ୍ରୋହାଗ୍ନି କୁହୁଳିବାରେ ଲାଗିଥିଲା । ତତ୍‌କାଳୀନ ଖୋର୍ଦ୍ଧା ରାଜା ମୁକୁନ୍ଦ ଦେବଙ୍କ ପ୍ରତି ଇଂରେଜ ଶାସକଙ୍କର ଦୁର୍ବ୍ୟବହାର, ରାଜାଙ୍କର ପ୍ରଧାନ ମନ୍ତ୍ରୀ ଜୟି ରାଜଗୁରୁଙ୍କୁ ସର୍ବସାଧାରଣଙ୍କ ସମକ୍ଷରେ ଫାଶୀଦଣ୍ଡ, ପାଇକମାନଙ୍କର ପାରମ୍ପରିକ ଜାଗିର ଜମି ଉଚ୍ଛେଦ, ଅଣଓଡ଼ିଆ ସରକାରୀ ଅମଲା—କିରାଣୀମାନଙ୍କ ଶୋଷଣ-ଅତ୍ୟାଚାର, ଲୁଣ କାରବାରରେ ସରକାରଙ୍କର ଏକଚାଟିଆ ନୀତି, ନୂଆ ଶାସନରେ ପ୍ରାଚୀନ କାଳରୁ ପ୍ରଚଳିତ କଉଡ଼ିର ମୁଦ୍ରା-ମୂଲ୍ୟ ହ୍ରାସ, ଖୋର୍ଦ୍ଧା ରାଜାଙ୍କ ସେନାପତି ବକ୍‌ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର, ରୋଡ଼ଙ୍ଗ କିଲ୍ଲାର ମାଲିକାନାରୁ ବଞ୍ଚିତ ହେବା ଇତ୍ୟାଦି ବିଭିନ୍ନ ପ୍ରତ୍ୟକ୍ଷ ଓ ପରୋକ୍ଷ କାରଣ ପାଇକ ବିଦ୍ରୋହର ପୃଷ୍ଠଭୂମିରେ ବିଦ୍ୟମାନ । * ପଣ୍ଡିତ ଗୋଦାବରୀଶ ଆପଣା ଉପନ୍ୟାସରେ ଊଣାଧିକେ ବିଦ୍ରୋହର ଏହି ସବୁ

---

* ଖୋର୍ଦ୍ଧା ଇତିହାସ—ଶ୍ରୀ କେଦାରନାଥ ମହାପାତ୍ର, ଶାରଦା ପ୍ରେସ, ଭୁବନେଶ୍ୱର (୧୯୬୯)—ପୃଷ୍ଠା ୨୯୧-୯୪ ଏବଂ **History of Orissa, Vol. VI by Sri P. Mukherjee, Utkal University, Bhubaneswar (1964)—Pages 120-58.**

କାରଣ ଦର୍ଶାଇଛନ୍ତି ! ମୁଖ୍ୟତଃ 'ଅଶାନ୍ତିର କାରଣ' ଅଧ୍ୟାୟରେ ଏଗୁଡ଼ିକ ଲିପିବଦ୍ଧ ହୋଇଛି । ବିଦ୍ରୋହର ପରିଚାଳନା, କାର୍ଯ୍ୟକାରିତା ଏବଂ ପରିଣତି ମଧ୍ୟ ମୋଟାମୋଟି ଐତିହାସିକ ତଥ୍ୟାନୁଯାୟୀ ଉପନ୍ୟାସରେ ବର୍ଣ୍ଣିତ ହୋଇଛି । ବକ୍‌ସି ଜଗବନ୍ଧୁ ବିଦ୍ୟାଧର, ରାଜା ମୁକୁନ୍ଦଦେବ, ମେଜର ଫ୍ଲେଚର୍‌, କୃଷ୍ଣଚନ୍ଦ୍ର ସିଂହ, ଚରଣ ପଟ୍ଟନାୟକ ପ୍ରଭୃତି ଉପନ୍ୟାସର ଐତିହାସିକ ଚରିତ୍ର । କିନ୍ତୁ ଆମକୁ ମନେ ରଖିବାକୁ ହେବ ଯେ—'ଅଠର ଶହ ସତର' ଇତିହାସ ନୁହେଁ, ଉପନ୍ୟାସ—ଏକ ସାହିତ୍ୟ ସୃଷ୍ଟି । ଶୁଷ୍କ ଇତିହାସକୁ ରସୋତ୍ତୀର୍ଣ୍ଣ କରିବାପାଇଁ ଯେଉଁ କଳା-କୌଶଳ ଲୋଡ଼ା, ଗୋଦାବରୀଶ ତାହା ଆୟତ୍ତ କରିଥିଲେ । ସେଥିପାଇଁ ସେ ମୂଳ ଐତିହାସିକ କଥାବସ୍ତୁ ମଧ୍ୟରେ ବିଭିନ୍ନ କାଳ୍ପନିକ ଘଟଣା ଗୁମ୍ଫିତ କରିଛନ୍ତି—କେତେକ କପୋଳକଳ୍ପିତ ଚରିତ୍ର ସନ୍ନିବେଶିତ କରିଛନ୍ତି । ଏହାଦ୍ୱାରା ମୂଳ କଥାବସ୍ତୁର ଗୌରବ କ୍ଷୁଣ୍ଣ ନ ହୋଇ ବରଂ ବର୍ଦ୍ଧିତ ହୋଇଛି । ଉଦାହରଣ ସ୍ୱରୂପ—କମଳା ଏବଂ ଗଣପତି ରାୟ ଓରଫ୍‌ ମଦନମୋହନ ଜଗଦ୍ଦେବଙ୍କର ପ୍ରେମୋପାଖ୍ୟାନ କାଳ୍ପନିକ ହେଲେହେଁ— ଚମ୍ପା, ସନାତନ ଦାସ ପ୍ରଭୃତି ଚରିତ୍ର କପୋଳକଳ୍ପିତ ହେଲେହେଁ, କାହାଣୀର ଗତି ଓ ଚମତ୍କାରିତା ସୃଷ୍ଟିରେ ସହାୟତା କରିଛନ୍ତି । ଇତିହାସ, ଅତୀତରେ ଘଟିଥିବା ସତ୍ୟ ଘଟଣା ଏବଂ ଉପନ୍ୟାସ କାଳ୍ପନିକ କାହାଣୀ; ତେଣୁ 'ଐତିହାସିକ ଉପନ୍ୟାସ' କଥାଟି ଅର୍ଥହୀନ ଜଣାଗଲେ ମଧ୍ୟ ଏହି ଦୃଷ୍ଟିରୁ ଯୁକ୍ତିଯୁକ୍ତ ମନେ ହୋଇଥାଏ । ଇତିହାସର ସତ୍ୟ ଏବଂ ଉପନ୍ୟାସର କାଳ୍ପନିକତା—ଏ ଦୁଇଟିର ସୁନ୍ଦର ସମନ୍ୱିତ ରୂପ ହିଁ ଐତିହାସିକ ଉପନ୍ୟାସ ।

'ପାଇକ ବିଦ୍ରୋହ' ବିଫଳତାରେ ପର୍ଯ୍ୟବସିତ ହୋଇଥିଲା । ଦୀର୍ଘ ପ୍ରସ୍ତୁତି ଭାରତବର୍ଷର ବିଭିନ୍ନ ସ୍ଥାନରେ ସଂଘଟିତ ତତ୍‌କାଳୀନ ସାନବଡ଼ ବିଦ୍ରୋହ ଅନୁରୂପ ପରିଣତି ଲାଭ କରିଥିବାର ଦେଖାଯାଏ । କାରଣ—"ଏଗୁଡ଼ିକ ସ୍ଥାନୀୟ ସମସ୍ୟାକୁ ନେଇ ସଂଘଟିତ ହୋଇଥିଲା ଓ ପରସ୍ପରଠାରୁ ବିଚ୍ଛିନ୍ନ ଥିଲା । ଆଧୁନିକ ଜାତୀୟତାବାଦୀ ମନୋଭାବ, ଉପନିବେଶ ଚରିତ୍ର ଓ ସ୍ୱରୂପ ସଂପର୍କରେ ଆଧୁନିକ ଚିନ୍ତା ଓ ବୁଝାମଣା, କିମ୍ବା ନୂତନ ସାମାଜିକ ସମ୍ପର୍କକୁ ଭିତ୍ତି କରି ନୂତନ ସମାଜର ପ୍ରତିଷ୍ଠା ପ୍ରଭୃତି ଏହି ବିଦ୍ରୋହର ଲକ୍ଷ୍ୟ ନ ଥିଲା । ସେଗୁଡ଼ିକର ନେତୃତ୍ୱ ଥିଲା ପାରମ୍ପରିକ ଏବଂ ବିଦ୍ରୋହର ନେତା ଓ ଦଳପତିମାନେ ଚତୁର୍ଦ୍ଦିଗରେ ଘଟି ଯାଉଥିବା ପରିବର୍ତ୍ତନ ପ୍ରତି ଆଦୌ ସଚେତନ ନ ଥିଲେ । × × × ତେବେ ବିଦେଶୀ ଶାସନ ବିରୁଦ୍ଧରେ ସଂଘର୍ଷ କରିବା ଲାଗି ସେମାନେ ଯେଉଁ ଆହ୍ୱାନ ଦେଲେ ଓ ତଦ୍ୱାରା ସ୍ଥାନେ ସ୍ଥାନେ ଯେଉଁ ଉଜ୍ଜ୍ୱଳ ପରମ୍ପରା ସୃଷ୍ଟି କରି ଦେଇଗଲେ, ତାହା ହେଉଛି

ଦେଶ ପ୍ରତି ସେମାନଙ୍କର ବିରାଟ ଅବଦାନ । * ଉପନ୍ୟାସର 'ନୂତନ ପନ୍ଥା' ଓ 'ଯବନିକା' ଶୀର୍ଷକ ଅଧ୍ୟାୟରେ ଗୋଦାବରୀଶ ମଧ୍ୟ ଏହିପରି ସୂଚନା ଦେଇଛନ୍ତି । ଶେଷୋକ୍ତ ଅଧ୍ୟାୟରେ ସମବେତ ଖୋରଧାବାସୀଙ୍କ ସମକ୍ଷରେ ବକ୍ସି ଜଗବନ୍ଧୁଙ୍କ ତୁଣ୍ଡରେ ସେ ବ୍ୟକ୍ତ କରାଇଛନ୍ତି—"ଆମର ଏ ଉଦ୍ୟମ ପଣ୍ଡ ହୋଇଗଲା । ଇଂରେଜର ମାୟା ଜାଲରେ ଆମେ କେହି ପଶି ପାରିଲେ ନାହିଁ । ଆମର ବୀର ପୁରୁଷମାନେ କଥାରେ ଭୁଲିଗଲେ, ଠିକ୍ ବେଳେ ନିଆଁକୁ ଡେଇଁଲେ ନାହିଁ । × × × ଆମେ ରାଜ୍ୟଟାକୁ ଭିତରେ ଭିତରେ ଗଢ଼ିବାର ବାଟ ଫିଟେଇ ଦେଇଯିବା । ତା'ପରେ କାମ ଆପେ ଆପେ ହବ ।"

ଉପନ୍ୟାସଟି ଘଟଣା-ପ୍ରଧାନ । ଚରିତ୍ର ଚିତ୍ରଣ ପାଇଁ ଯେତିକି ସୁଯୋଗ ମିଳିଛି, ଗୋଦାବରୀଶ ତାହାର ସଦ୍‌ବ୍ୟବହାର କରିଛନ୍ତି । ସଦାଶିବ କବିଚନ୍ଦ୍ର, ସନାତନ ଦାସ, ବକ୍ସି ଜଗବନ୍ଧୁ, ଗଣପତି ରାୟ, ଚମ୍ପା, କମଳା ପ୍ରଭୃତି ପ୍ରାୟ ସମସ୍ତ ମୁଖ୍ୟ ଚରିତ୍ରରେ ଗୁଣାଧିକେ ଅସାଧାରଣତ୍ୱ ପ୍ରକଟିତ ହୋଇଥିବାର ଦେଖାଯାଏ । ସେମାନେ ଯେପରି ସାଧାରଣ ନରନାରୀଙ୍କଠାରୁ ଟିକିଏ ଦୂରତ୍ୱ ରକ୍ଷା କରି ଚାଲିଛନ୍ତି ! ଚରିତ୍ରଗୁଡ଼ିକର କାର୍ଯ୍ୟକଳାପରେ ରହସ୍ୟ, ପ୍ରଚ୍ଛନ୍ନତା ବହୁ ସ୍ଥଳରେ ଆରୋପ କରାଯାଇଛି । ଚରିତ୍ର ଚିତ୍ରଣର ଏହି ରୀତି ରୋମାନ୍ସ-ସୁଲଭ । ବକ୍ସି ଜଗବନ୍ଧୁ ପାଇକ ବିଦ୍ରୋହର 'ଚାଳକ' ହିସାବରେ ଶୌର୍ଯ୍ୟ, ସାହସ, ଧୈର୍ଯ୍ୟ, ଗାମ୍ଭୀର୍ଯ୍ୟାଦି ଗୁଣର ପରିଚୟ ଦେଇଛନ୍ତି । ବ୍ୟକ୍ତିଗତ ସ୍ୱାର୍ଥର ଊର୍ଦ୍ଧ୍ୱରେ ରହି ସେ ଗଭୀର ଦେଶାତ୍ମବୋଧରେ ଉଦ୍‌ବୁଦ୍ଧ ହୋଇଥିବାର ଉପନ୍ୟାସରେ ଚିତ୍ରିତ ହୋଇଛି । ବାବାଜୀ ସନାତନ ଦାସ ଓ ଚମ୍ପା ଚରିତ୍ର ଦୁଇଟି ଗୋଦାବରୀଶଙ୍କର ଅପୂର୍ବ ସୃଷ୍ଟି । ଚରିତ୍ର ଯୋଡ଼ିକ କୂଟତ୍ୱର ସହ ଚିତ୍ରିତ ହୋଇଥିବାରୁ ପାଠକ-ଚିତ୍ତରେ ଗଭୀର ରେଖାପାତ କରିବା ପାଇଁ ସମର୍ଥ । ସନାତନ ପାଇକ ବିଦ୍ରୋହର ଦୂତ ଓ ଚାରଣ ଭାବରେ ଆବିର୍ଭୂତ ହୋଇଛି । ସ୍ୱଦେଶ ପ୍ରେମାତ୍ମକ ଗୀତ ଗାଇ ଗାଇ ସେ ଚାରିଆଡ଼େ ଜାଗରଣ ସୃଷ୍ଟି କରିଛି । "ସେ ଘର ଛାଡ଼ି ବାବାଜୀ ହୋଇଛି ସତ; କିନ୍ତୁ ବାବାଜୀଙ୍କ ମେଳକୁ କିମ୍ବା ମେଳା ମହୋତ୍ସବକୁ ଯାଏ ନାହିଁ । ମୁଣ୍ଡରେ ଜଟା ବଢ଼ାଇ ନାହିଁ, ଦେହରେ ଭସ୍ମ ବୋଲି ହୁଏ ନାହିଁ, ଚିଲମ ଟାଣେ ନାହିଁ, ଦରଖଣ୍ଡିଆ ହିନ୍ଦୀ କହେ ନାହିଁ । ଫଳରେ ତାକୁ କିଏ ବାବାଜୀ ଓ ଆଉ କିଏ ବାଇଆ ବୋଲି କହନ୍ତି । ଦୀର୍ଘ ତିରିଶ ବର୍ଷ କାଳ ସେ ଗୋଟାଏ ଲକ୍ଷ୍ୟରେ କାର୍ଯ୍ୟ କରି ଆସିଛି । ଯେଉଁମାନେ ତାକୁ ଚିହ୍ନନ୍ତି, ଜାଣନ୍ତି ଯେ ସେ ଜନ୍ମଭୂମି ହିତରେ ଜୀବନ ଢାଳି ଦେଇଛି; ସେ ସାଧାରଣ ସାଧୁ, ସନ୍ଥ, ସନ୍ନ୍ୟାସୀ ନୁହେଁ, ଜଣେ

---

* ଭାରତର ସ୍ୱାଧୀନତା ସଂଗ୍ରାମ—ବିପିନ ଚନ୍ଦ୍ର ପ୍ରମୁଖ, ନେସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ, ନୂଆ ଦିଲ୍ଲୀ (୧୯୮୪)—ପୃଷ୍ଠା ୪୫

ସ୍ୱଦେଶ-ବତ୍ସଳ ବ୍ୟକ୍ତି । କେତେବେଳେ ସଦାଶିବଙ୍କ ଉପଦେଶରେ କାର୍ଯ୍ୟ କରିଛି, କେତେବେଳେ ବକ୍ସିଙ୍କ ଇଙ୍ଗିତ ମାନିଛି, କେତେବେଳେ ଅବା ଜଜାର ସିଂ ଚଟିଘରୁ ପରାମର୍ଶ ଶୁଣିଛି ।"—('ପାଉଁଶ ଉଖୁରା ହେଲା' ଅଧ୍ୟାୟରୁ) ସେହିପରି 'କଲଙ୍କିନୀ' ଚମ୍ପାର ଜୀବନ ସଂଗ୍ରାମ, ପ୍ରତିହିଂସାପରାୟଣତା ଏବଂ କରୁଣ ପରିଣତି ଉପନ୍ୟାସରେ ଚମତ୍କାର ଭାବରେ ଚିତ୍ରିତ ହୋଇଛି । ଏହା ଫକୀରମୋହନଙ୍କ 'ଛ ମାଣ ଆଠ ଗୁଣ୍ଠ' ଉପନ୍ୟାସର ଚମ୍ପା ଚରିତ୍ର ବିଷୟ ସ୍ମରଣ କରାଇ ଦିଏ । ମାତ୍ର ତିନି ଗୋଟି ନାରୀ ଚରିତ୍ର 'ଅଠର ଶହ ସତର'ରେ ସନ୍ନିବେଶିତ ହୋଇଛି । କିନ୍ତୁ ପାଇକ ବିଦ୍ରୋହର ପୃଷ୍ଠ ଭୂମିରେ ନାରୀମାନଙ୍କର ଯେ ଏକ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଥିଲା, ଗୋଦାବରୀଶ ତାହାର ସୂଚନା ଦେଇଛନ୍ତି ।

ଉପନ୍ୟାସଟିରେ ସାମୂହିକ ଭାବରେ ଯେଉଁ ପାଇକ ଷଡ଼ଯନ୍ତ୍ର ଗୋଷ୍ଠୀର ଚିତ୍ର ଗୋଦାବରୀଶ ଅଙ୍କନ କରିଛନ୍ତି, ତାହା ଅତି ମନୋଜ୍ଞ ଓ ତଥ୍ୟମୂଳକ ହୋଇଛି । ସେଥିସକାଶେ ବିଶେଷତଃ 'ବୀରଭୋଗ୍ୟା ବସୁନ୍ଧରା' ଅଧ୍ୟାୟଟି ପାଠ କରିବା ପାଇଁ ଏହି ଆଲୋଚକ ପାଠକମାନଙ୍କୁ ଅନୁରୋଧ କରୁଛି । ସେହିପରି ଖୋରଧାର ବିଭବ ବର୍ଣ୍ଣନା ବେଶ୍ କଳାତ୍ମକ ହୋଇଛି—"ଖୋରଧା ଶସ୍ୟଶ୍ୟାମଳ ରାଜ୍ୟ । ତାର ଧୋଇ ମରୁଡ଼ି ନାହିଁ । ଇନ୍ଦ୍ର ଦେବତା ସେଠାରେ ଯେଉଁ ବର୍ଷା ଢାଳନ୍ତି, ଶତ ଶତ କ୍ଷୁଦ୍ର ଧାରାରେ ତାହା ବହି, ପ୍ରାନ୍ତର ପଥରେ କୁଳୁକୁଳୁ ତାନରେ ବହି ଲାଗିଛି । ତାର ପଥର ଟାଙ୍ଗୀରୁ ସୁନ୍ଦା ସହସ୍ର ସହସ୍ର ଅମୃତ ନିସ୍ୟନ୍ଦ ଝର ଉଠୁଛି । ତାର ବନ ପର୍ବତରେ ଫୁଲର ମାଧୁରୀ ଓ ଫଳର ମଧୁରତା ନିତ୍ୟ କ୍ରୀଡ଼ା କରୁଛି । ତାର ଗଗନରେ ସୂର୍ଯ୍ୟ ଉଦୟ ହେଲା ବେଳେ, ଶୁଖିଲା ପତ୍ରଆଳୁ ଅନାଇ ଶୁଷ୍କ ବଦନରେ ନଦରୁ ଉଠେ ନାହିଁ, ଚନ୍ଦ୍ରିକାର ତରଳ ଦର୍ପଣରେ ମୁହଁ ଦେଖି ହସି ହସି ଅଗ୍ରସର ହୁଏ ଏବଂ ସନ୍ଧ୍ୟାରେ ପୁଣି ପ୍ରତୀଚୀ ଭୂଧର ପଛରେ ବୁଡ଼ିଗଲା ବେଳେ, ଶାଳ, ଶିଂଶୁ, ଚୂତ ଆଦି ତରୁଶିଖରମାନଙ୍କରେ ନିଜର କନକ ବିଭବ ଦେଖୁଥିବାବେଳେ ଆଖି ବୁଜି ହୋଇ ପଡ଼େ ।"
—('କେବଳ ନରକଙ୍କାଳ' ଅଧ୍ୟାୟରୁ) ଉପନ୍ୟାସର ବିଭିନ୍ନ ଘଟଣା ବର୍ଣ୍ଣନାରେ ଲେଖକ କୃତିତ୍ୱ ପ୍ରଦର୍ଶନ କରିଛନ୍ତି । ତାହା ଦ୍ୱାରା କଥାବସ୍ତୁର ଗତି ଓ ଚମତ୍କାରିତା ସୃଷ୍ଟି ହୋଇଛି । 'ଗଣପତିଙ୍କ ବିଗ୍ରହ' ଓ 'ଘନଘଟା' ଶୀର୍ଷକ ଅଧ୍ୟାୟ ଦୁଇଟି ଏହାର ପ୍ରକୃଷ୍ଟ ଉଦାହରଣ ।

ପଣ୍ଡିତ ଗୋଦାବରୀଶ ବ୍ୟକ୍ତିଗତ ଜୀବନରେ ଜଣେ ବିପ୍ଳବୀ ଥିଲେ । ଦେଶର ସ୍ୱାଧୀନତା ଆନ୍ଦୋଳନରେ ଅଂଶ ଗ୍ରହଣ କରିବା ସଙ୍ଗେ ସଙ୍ଗେ, ସାମାଜିକ ଜୀବନର ବିଭିନ୍ନ କୁସଂସ୍କାର, ଅଜ୍ଞାନତା, ଅନ୍ଧବିଶ୍ୱାସ ବିରୁଦ୍ଧରେ ତାଙ୍କୁ ବିଦ୍ରୋହ କରିବା ପାଇଁ ପଡ଼ିଛି । ତେଣୁ ବିପ୍ଳବୀର ଅଦ୍ଭୁତ ଜୀବନଚର୍ଯ୍ୟା ସମ୍ପର୍କରେ ଅଭିଜ୍ଞ

ଆଉ ସେ ଚମତ୍କାର ଭଙ୍ଗୀରେ ଉଲ୍ଲେଖ କରିଛନ୍ତି— "ବିଦ୍ରୋହୀ, ବିପ୍ଳବୀମାନଙ୍କ ଲାଗି ପୃଥିବୀର କୌଣସି ସ୍ଥାନ ବିପଦସଙ୍କୁଳ ନୁହେଁ । ସେମାନେ ନଈକୁ ଡେଇଁ ପାରନ୍ତି, ସାପଗାତରେ ହାତ ପୂରାଇବାକୁ ତିଆର ହୁଅନ୍ତି, ଉପରୁ ପାହୁଗୁଣି ଖସୁଥିବା ବେଳେ ଟିକିଏ ଭରଣ୍ଡିରେ ହସି 'ହସି ମୃଣ୍ଡ ଭର୍ତ୍ତି' କରି ଦିଅନ୍ତି, ବାଘ ପାଟିକି ତଣ୍ଟି ଦେଖାଇ ଠିଆ ହୁଅନ୍ତି, ଶତ୍ରୁର ଗୁଳି ଆଗରେ ଛାତି ଦେଖାଇବାକୁ ପଛାନ୍ତି ନାହିଁ । ଆଗ୍ନେୟଗିରିର ଶୃଙ୍ଗ ଉପରେ ତାଙ୍କର ଘର କହିଲେ ଚଳେ, ହାବେଳିବାଣର କାଣ୍ଡ ଧରି ସେମାନେ ଏକ ସ୍ଥାନରୁ ଯାଇ ଅନ୍ୟ ଅଭିପ୍ରେତ ସ୍ଥାନରେ ପହଞ୍ଚିବାକୁ ବ୍ୟଗ୍ର ।"—('ଚକେ ଗଲେ ବାରହାତ' ଅଧ୍ୟାୟରୁ )

ଏହିପରି ଲେଖକଙ୍କର ବହୁ ସୂକ୍ତି ବା ବ୍ୟଞ୍ଜନାତ୍ମକ ବାକ୍ୟ ଉପନ୍ୟାସର ମର୍ଯ୍ୟାଦା ବୃଦ୍ଧି କରିଛି । ଏଠାରେ ତହିଁରୁ ଆଉ ଦୁଇଟି ଦୃଷ୍ଟାନ୍ତ ପାଠକମାନଙ୍କ ପାଇଁ ଉଦ୍ଧାର କରା ଯାଉଛି: (୧) "ବଡ଼ ଲୋକମାନେ ବିଦେଶୀ ଶାସନର ବାହୁଗ୍ରସ୍ତ ତଳେ ଅଗସ୍ତି ଗଛରେ ପାନଲତା ପରି ନିରାଲମ୍ବରେ ବଢ଼ନ୍ତି । ସେମାନେ କେବଳ ନିଜକୁ ଚିହ୍ନନ୍ତି । ତାଙ୍କର ବିଦେଶୀ ସ୍ୱଦେଶୀ ଭେଦ ନ ଥାଏ ।"—('ଜକାରସିଂ ଚଟିଘର' ଅଧ୍ୟାୟରୁ) । (୨) "ଆଦର୍ଶ ଓ ଅର୍ଥ ମଧ୍ୟରେ ପ୍ରତିଯୋଗିତା ହୁଏ ନାହିଁ । ସେ ଘଟଣାରେ ଆଦର୍ଶ ପବନ ପରି ଚତୁର୍ଦ୍ଦିଗରେ ବ୍ୟାପିଗଲା; ଅର୍ଥଲାଳସା ମୁହଁ ଘୋଡ଼ାଇ ଚୋରଙ୍କ ପରି ଛପି ଛପି ଗ୍ରେଷାଇ ଗ୍ରେଷାଇ ଗଲା ମାତ୍ର ।"—('ପୁଣି ଭଡ଼ା ହେଲେ' ଅଧ୍ୟାୟରୁ)

ଆଧୁନିକ ଓଡ଼ିଆ ଗଦ୍ୟ ଶୈଳୀର ବିକାଶ ଓ ଅଭିବୃଦ୍ଧିରେ ଗୋଦାବରୀଶଙ୍କର ନିଶ୍ଚିତ ଦାନ ରହିଛି । ପରିମାଣ ଦୃଷ୍ଟିରୁ ତାଙ୍କର ଗଦ୍ୟ ରଚନା, ପଦ୍ୟ ରଚନାଠାରୁ ବୋଧହୁଏ ବିପୁଳ । ଏହି ବିପୁଳ ଗଦ୍ୟ ସୃଷ୍ଟି ମଧ୍ୟରେ ଉପନ୍ୟାସ ବ୍ୟତୀତ ଦୁଇଟି ନାଟକ, ଗୁଡ଼ିଏ ଗଳ୍ପ, ପ୍ରବନ୍ଧ, ଅଭିଭାଷଣ ଆଦି ଅନ୍ତର୍ଭୁକ୍ତ । ପ୍ରାଞ୍ଜଳତା ଏବଂ ସରଳ ସର୍ବଜନବୋଧ ମାର୍ଜିତ ଭାଷା ଗୋଦାବରୀଶଙ୍କ ଗଦ୍ୟଶୈଳୀର ପ୍ରଧାନ ବିଶେଷତ୍ୱ । ଗ୍ରାମ୍ୟତା ବା ଇତରତା ସେହି ଶୈଳୀରେ ବିରଳ କହିଲେ ଚଳେ । ଏ କ୍ଷେତ୍ରରେ ଗୋଦାବରୀଶ ଦୁଇଜଣ ବିଶିଷ୍ଟ ଲେଖକଙ୍କ ପ୍ରଭାବରେ ପ୍ରଭାବିତ ହୋଇଥିବାର ମନେ ହୁଏ । ଆପଣା ଆତ୍ମଜୀବନ-ଚରିତ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' (୧୯୫୮) ଗ୍ରନ୍ଥର ଗୋଟିଏ ସ୍ଥାନରେ ଗୋଦାବରୀଶ ସୂଚାଇଛନ୍ତି ଯେ—'ଉତ୍କଳ ସାହିତ୍ୟ' ପତ୍ରିକାର ସମ୍ପାଦକ ବିଶ୍ୱନାଥ କରଙ୍କଠାରୁ ସେ ସାହିତ୍ୟ ରଚନା ଶିକ୍ଷା କରିଥିଲେ । ପୁଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ସାହିତ୍ୟାଦର୍ଶ ତାଙ୍କୁ ଅନୁପ୍ରାଣିତ କରିଥିବା ସ୍ୱତଃସିଦ୍ଧ ବିଷୟ । ବିଶ୍ୱନାଥ ତଥା ଗୋପବନ୍ଧୁ ଉଭୟଙ୍କ ଗଦ୍ୟ ରଚନାର ମାର୍ଜିତ, ପ୍ରାଞ୍ଜଳ, ସରଳ ଓ ସାବଲୀଳ

ଶୈଳୀ ଗୋଦାବରୀଶ ଅନୁସରଣ କରିଥିବାର ଜଣାପଡ଼େ । ଏହି ଗଦ୍ୟ ଶୈଳୀ ଯୋଗୁ ତାଙ୍କର କଥାସାହିତ୍ୟ ଅନେକାଂଶରେ ଜନପ୍ରିୟତା ଅର୍ଜନ କରିଛି । ପରବର୍ତ୍ତୀ କାଳରେ ସ୍ୱର୍ଗୀୟ ଗୋଦାବରୀଶ ମହାପାତ୍ର, ଶ୍ରୀ ରାଧାନାଥ ରଥ, ଡକ୍ଟର ହରେକୃଷ୍ଣ ମହତାବ, ଶ୍ରୀମତୀ ସରଳା ଦେବୀ, ଶ୍ରୀ ହର୍ଷ ମିଶ୍ର ପ୍ରମୁଖ ଲେଖକ-ଲେଖିକାମାନେ ଉକ୍ତ ଶୈଳୀ ଦ୍ୱାରା ପ୍ରଭାବିତ ହୋଇଥିବାର ଦେଖାଯାଏ ।

# କବିତାର ସ୍ୱର-ତ୍ରୟୀ

କାବ୍ୟ-ସୃଷ୍ଟିର ମୂଲ୍ୟ ନିରୂପଣ କରେ ସମାଲୋଚକ । କିନ୍ତୁ ସ୍ୱୟଂ କବି ଯେତେବେଳେ ସମାଲୋଚକ ସାଜେ, ତାର ସମାଲୋଚନା ମଧ୍ୟ ହୋଇ ଉଠେ ଏକ ଅନନ୍ୟ ସୃଷ୍ଟି । ସେ ସୃଷ୍ଟିରେ ମନନ ସଙ୍ଗେ ସଙ୍ଗେ ମିଶିଥାଏ ହୃଦୟ ଏବଂ ଯୁକ୍ତିର ପ୍ରତ୍ୟେକ ପଦପାତରେ ତାଳ ଦିଏ କବିତ୍ୱ । ସେଥିରେ ସମାଲୋଚକ ଆମର ମସ୍ତିଷ୍କ—ଚାଳନ ଓ ହୃଦୟ—ଲାଳନ ଉଭୟ କାର୍ଯ୍ୟ କରି ଥାଆନ୍ତି । ସମାଲୋଚକ ରବୀନ୍ଦ୍ରନାଥ ଥିଲେ ଜଣେ ଏଇ ଧରଣର ସ୍ରଷ୍ଟା ଏବଂ ବର୍ତ୍ତମାନ କବି ଏଲିଅଟ୍ ଜଣେ ଏଇ ଧରଣର ସମାଲୋଚକ ।

ପୂର୍ବରୁ ଏଲିଅଟ୍‌ଙ୍କ ଏଇ ସମାଲୋଚକ—ମନର ପରିଚୟ ମିଳିଥିଲା ବିଶେଷତଃ ତାଙ୍କର The Use of Poetry and the Use of Criticism (୧୯୩୩) ଗ୍ରନ୍ଥରୁ । ସେଥିରେ ଆଲୋଚନାର ଅଧିକାଂଶ ସ୍ଥାନରେ ସେ ହୋଇଛନ୍ତି ବ୍ୟକ୍ତିନିଷ୍ଠ । ଶୁଷ୍କ ସମାଲୋଚନାକୁ ରସାଣିତ କରିଛନ୍ତି ନିଜର ସରସ ଅନୁଭୂତି ଓ ଗଭୀର ଅଭିଜ୍ଞତା ଦ୍ୱାରା । ବୋଧହୁଏ ଅନେକ ପ୍ରତିଭାବାନ୍ ସାହିତ୍ୟିକଙ୍କ ପରି ଏଲିଅଟ୍ ବିଶ୍ୱାସ କରନ୍ତି ଯେ ସାହିତ୍ୟ—ସମାଲୋଚନା ବସ୍ତୁନିଷ୍ଠ ନ ହୋଇ ବ୍ୟକ୍ତିନିଷ୍ଠ ହେବା ଦରକାର । କାରଣ ସାହିତ୍ୟ ଜିନିଷଟା ବିଜ୍ଞାନ ବା ଦର୍ଶନ ନୁହେଁ ଏବଂ ବିଜ୍ଞାନ—ଦର୍ଶନ ପ୍ରଭୃତିରେ ହିଁ ନୈର୍ବ୍ୟକ୍ତିକ ଗବେଷଣାଗାର ସମାଲୋଚନା ଆବଶ୍ୟକ । ସାହିତ୍ୟ—ସମାଲୋଚନାରେ ରହିବ କଳାର ବିନ୍ୟାସ, ଶିଳ୍ପୀ ତୂଳିକାର ପରଶ । ତେଣୁ ଏହା 'କିପରି ଯୁକ୍ତିସଙ୍ଗତ', 'କେତେ ଦୂର ଠିକ୍' ପ୍ରଭୃତି ବିଚାର ବଡ଼ କଥା ନୁହେଁ, ବଡ଼ କଥା ହେଉଛି—ଏହା କିପରି ଶିଳ୍ପୀ-ସୁଲଭ, କେତେଦୂର ସରସ ସୁନ୍ଦର !

ଏହି ଦୃଷ୍ଟିରୁ ଏଲିଅଟ୍‌ଙ୍କ ସାହିତ୍ୟ – ସମାଲୋଚନା ତାଙ୍କର କବିତା ପରି ଗୋଟିଏ ସ୍ୱତନ୍ତ୍ର ସୃଷ୍ଟି । ଆଲୋଚ୍ୟ ପୁସ୍ତିକାଟି ମଧ୍ୟ ଏଥିର ବ୍ୟତିକ୍ରମ ନୁହେଁ ।

ଏଥିରେ ଏଲିଅଟ୍ ନିଜ ବ୍ୟକ୍ତିଗତ ଅନୁଭୂତି ଉପରେ ନିର୍ଭର କରି କହିଛନ୍ତି ଯେ —କବିତାରେ ସାଧାରଣତଃ ତିନୋଟି ସ୍ୱରର ସନ୍ଧାନ ମିଳେ । ପ୍ରଥମଟି ହେଉଛି— କବି ଯେତେବେଳେ ନିଜେ ନିଜକୁ କିଛି କହେ ବା ଅନ୍ୟ କାହାରିକୁ କିଛି କହେନା, ତାହାର ସ୍ୱର । ଦ୍ୱିତୀୟଟି ହେଉଛି—କବି କୌଣସି ଦର୍ଶକ-ମଣ୍ଡଳୀକୁ ସମ୍ବୋଧନ କରି କହିବାର ସ୍ୱର ଏବଂ ତୃତୀୟଟି ହେଉଛି – କବି ଯେତେବେଳେ ନିଜର ବକ୍ତବ୍ୟ କୌଣସି କାଳ୍ପନିକ ଚରିତ୍ର ଜରିଆରେ ଅନ୍ୟ କୌଣସି କାଳ୍ପନିକ ଚରିତ୍ରକୁ ସମ୍ବୋଧନ କରି କହେ, ତାହାର ସ୍ୱର । କବିତାରେ ଅନେକ ସମୟରେ ଏଇ ତିନୋଟିଯାକ ସ୍ୱର ଏକତ୍ର ଶୁଣିବାକୁ ମିଳେ । ବିଶେଷତଃ ନାଟକୀୟ କବିତାରେ ତୃତୀୟ ସ୍ୱର ଏବଂ ଅ-ନାଟକୀୟ କବିତାରେ ପ୍ରଥମ ଓ ଦ୍ୱିତୀୟ ସ୍ୱରର ପ୍ରାଧାନ୍ୟ ଦେଖାଯାଏ । ଏଲିଅଟ୍‌ଙ୍କ ମତରେ କବିତାରେ କବି ଯଦି ନିଜକୁ ନିଜେ କିଛି ନ କହେ, ତେବେ ତାହା କବିତା ହୋଇ ପାରିବ ନାହିଁ । କବିର ଏଇ ବ୍ୟକ୍ତିଗତ କଥା—ଯାହା ସେ ଆମ ପାଇଁ କହେନା, ତାହା ଲୁଚି ଛପି ଶୁଣିବା ହିଁ ଆମର ଏକ ଆନନ୍ଦ । ଅବଶ୍ୟ କବିର ସ୍ୱର ଯେତେବେଳେ ଅତିମାତ୍ରାରେ ବ୍ୟକ୍ତିସର୍ବସ୍ୱ ହୋଇପଡ଼େ, ତାହା ଆଉ କବିତା ହୋଇ ରହେନା । ତେଣୁ କବିତାରେ ଏଇ ତିନୋଟିଯାକ ସ୍ୱରର ସମତା ରହିବା ଉଚିତ ।

ମୋଟାମୋଟି ଏଇ ହେଲା ଏଲିଅଟ୍‌ଙ୍କ ବକ୍ତବ୍ୟ । ଏଥିରେ ଏଲିଅଟ୍ ସମ୍ପୂର୍ଣ୍ଣ ନୂଆ କଥା କିଛି କହି ନାହାନ୍ତି । ଏ ମତର ସୂଚନା ତାଙ୍କର କେତେକ ପୂର୍ବ ପ୍ରବନ୍ଧରେ ରହିଛି । ତଥାପି ଏଠାରେ ତାଙ୍କର ବାହାଦୁରି ହେଉଛି—ପୁରୁଣା କଥାକୁ ନୂଆ କରି କହିବା ଏବଂ କଥାଟାକୁ ଅଙ୍ଗେ ନିଭେଇଲା ପରି ପରି କହିବା । ଏଲିଅଟ୍ କବିତା ଓ କାବ୍ୟ-ନାଟିକା ଉଭୟ ଲେଖନ୍ତି । କାବ୍ୟ ସୃଷ୍ଟିରେ ଏଇ ତିନୋଟି ସ୍ୱର ସେ ଯଥାର୍ଥ ଅନୁଭବୀ ରୂପେ ଧରି ପାରିଛନ୍ତି ।

ମାତ୍ର ଚବିଶ ପୃଷ୍ଠାର ପୁସ୍ତିକାଟିର ମୂଲ୍ୟ—ଭାରତୀୟ ମୁଦ୍ରାରେ ତିନିଟଙ୍କା —ଆମ ପକ୍ଷରେ ଖୁବ୍ ବେଶୀ । ବିଲାତି ଜିନିଷ କି ନା ! *

(୧୯୫୪)

●

* The Three Voices of Poetry—T. S. Eliot, Cambridge University Press (1953)